NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

FRIDAY
15 MAY 2026
ଶୁକ୍ରବାର
୧୫ ମେ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 356 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୩୫୬ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

## ୩୦ରୁ ଓଡ଼ିଶାରେ
# ଏସ୍ଆଇଆର୍

**ଭୁବନେଶ୍ୱର,୧୪।୫/ଏନ୍ଏନ୍ଏସ୍:**

ଆସନ୍ତା ମେ ୩୦ରୁ ଓଡ଼ିଶାରେ ଏସ୍ଆଇଆର୍ ବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହେବ। ନିର୍ବାଚନ କମିଶନ ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକାର ତୃତୀୟ ପର୍ଯ୍ୟାୟ ଏସ୍ଆଇଆର କାର୍ଯ୍ୟକ୍ରମ ଆରମ୍ଭ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଏବେ ଜନଗଣନା ପାଇଁ ଚାଲିଥିବା ଘର ଗଣନା ପ୍ରକ୍ରିୟା ସହ ସମନ୍ୱୟ ରକ୍ଷା କରି ଏହି ଏସ୍ଆଇଆର ନିମନ୍ତେ ନିର୍ବାଚନ ଆୟୋଗଙ୍କ ଦ୍ୱାରା କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରାଯାଇଛି। କେବଳ ପ୍ରତିକୂଳ ପାଣିପାଗ ଓ ଜନଗଣନାର ସ୍ଥିତିକୁ ଦୃଷ୍ଟିରେ ରଖି ହିମାଚଳ ପ୍ରଦେଶ, ଜମ୍ମୁ କାଶ୍ମୀର ଓ ଲଦାଖକୁ ଏହି ପର୍ଯ୍ୟାୟରୁ ବାଦ୍ ଦିଆଯାଇଥିବାବେଳେ ଓଡ଼ିଶାରେ ଏହି ଏସ୍ଆଇଆର ପ୍ରକ୍ରିୟାକୁ ବ୍ୟାପକସ୍ତରରେ କରିବା ନିମନ୍ତେ ପ୍ରାୟ ୩୮ହଜାରରୁ ଅଧିକ ବିଏଲ୍ଓ ଘରକୁ ଘର ଯାଇ ଯାଞ୍ଚ କରିବେ ବୋଲି ଜଣାପଡ଼ିଛି।

**ଦେଶର ୧୬ ରାଜ୍ୟ ଓ ୩ କେନ୍ଦ୍ରଶାସିତ ଅଞ୍ଚଳରେ ହେବ ତୃତୀୟ ପର୍ଯ୍ୟାୟ ଏସ୍ଆଇଆର**

**ନିର୍ବାଚନ କମିଶନ କଲେ ଘୋଷଣା**

ରାଜ୍ୟରେ ଏହି ଏସ୍ଆଇଆର ଅଭିଯାନ ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତ କରାଯାଇଛି। ରାଜ୍ୟରେ ପ୍ରାୟ ୩୮୧୨୩ ଜଣ ବୁଥସ୍ତରୀୟ ଅଧିକାରୀ (ବିଏଲଓ) ନିୟୋଜିତ ହୋଇଛନ୍ତି, ଯେଉଁମାନେ ସିଧାସଳଖ ଲୋକଙ୍କ ଘରକୁ ଯାଇ ଭୋଟରଙ୍କ ତଥ୍ୟ ଯାଞ୍ଚ କରିବେ। ଏହି ସରକାରୀ ପ୍ରକ୍ରିୟାରେ ସ୍ୱଚ୍ଛତା ରକ୍ଷା କରିବା ନିମନ୍ତେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ୨୭୭୨୩ ଜଣ ବୁଥସ୍ତରୀୟ ଏଜେଣ୍ଟ (ବିଏଲ୍ଏ) ମଧ୍ୟ କ୍ଷେତ୍ରସ୍ତରରେ ସକ୍ରିୟ ରହିବେ। ନିର୍ବାଚନ ଆୟୋଗ ସମସ୍ତ ରାଜନୈତିକ ଦଳଙ୍କୁ ପ୍ରତ୍ୟେକ ବୁଥ୍ରେ ଜଣେ ଲେଖାଏଁ ବିଏଲ୍ଏ ନିଯୁକ୍ତ କରିବାକୁ ଅନୁରୋଧ କରିଛନ୍ତି, ଯାହାଦ୍ୱାରା କୌଣସି ଅଯୋଗ୍ୟ ଭୋଟର ତାଲିକାରେ ରହିବେ ନାହିଁ କିମ୍ବା କୌଣସି ଯୋଗ୍ୟ ଭୋଟର ପଞ୍ଜିକରଣରୁ ବାଦ୍ ପଡ଼ିବେ ନାହିଁ, ତାହା ସୁନିଶ୍ଚିତ ହୋଇପାରିବ।

ନିର୍ବାଚନ ଆୟୋଗଙ୍କ ଦ୍ୱାରା ଓଡ଼ିଶାରେ ଏହି ଏସଆଇଆର ନିମନ୍ତେ ▶▶ ୬

## ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି
# ଲୋକଙ୍କ ପାଖରେ ପହଞ୍ଚିବ ସରକାରଙ୍କ ଉପଲବ୍ଧି
## ନିରାଡ଼ମ୍ବର ଭାବେ ପାଳନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର,୧୪।୫/ଏନ୍ଏନ୍ଏସ୍:**



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଯେହେତୁ ବର୍ତ୍ତମାନ ପଶ୍ଚିମ-ଏସିଆ ପରିସ୍ଥିତି ଯୋଗୁ ସମଗ୍ର ଦେଶ ଏକ ସଂକଟମୟ ପରିସ୍ଥିତି ଦେଇ ଗତି କରୁଛି, ସେଥିପାଇଁ ଏହି ଉତ୍ସବକୁ ନିରାଡ଼ମ୍ବର ଭାବେ ପାଳନ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବ୍ୟାପକ ଉତ୍ସବ ପାଳନ ବଦଳରେ ୨ ବର୍ଷର ଉପଲବ୍ଧି ଉପରେ ଅଧିକ ଫୋକସ କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସରକାରଙ୍କ ଏହି ଉପଲବ୍ଧି ହେଉଛି ଲୋକଙ୍କ ପାଇଁ, ତେଣୁ ଏହି ସଫଳତା ଯେପରି ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିବ ସେଥିପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିପାଇଁ ପ୍ରିଣ୍ଟ, ଇଲେକ୍ଟ୍ରୋନିକ୍ସ, ସାମାଜିକ ଗଣମାଧ୍ୟମରେ ସରକାରଙ୍କ ଉପଲବ୍ଧିର ପ୍ରସାର ସହିତ ପୁସ୍ତିକା ପ୍ରକାଶନ କରାଯିବ। ଏଥିସହିତ କାର୍ଯ୍ୟକାରୀ ହୋଇଥିବା ପ୍ରତ୍ୟେକ ଜନକଲ୍ୟାଣକାରୀ ଯୋଜନା ମାଧ୍ୟମରେ ସାଧାରଣ ଲୋକ କିଭଳି ଉପକୃତ ହେଉଛନ୍ତି ତାର ଚିତ୍ର ସର୍ବସାଧାରଣଙ୍କୁ ଆଣିବା ପାଇଁ ବୈଠକରେ ଗୁରୁତ୍ୱାରୋପ ହୋଇଥିଲା।

ବୈଠକରୁ ଜଣାଯାଇଛି, ଆଗାମୀ ଜୁନ୍ ୧୨ ତାରିଖରେ ରାଜ୍ୟ ସରକାରଙ୍କର ୨ ବର୍ଷ ପୂର୍ତ୍ତି ପାଳନ କରାଯିବ। ଏଥିପାଇଁ ଜୁନ୍ ୧୨ରୁ ୨୧ ପର୍ଯ୍ୟନ୍ତ ଉଭୟ ରାଜ୍ୟ ଓ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ବିଭାଗର ସଫଳତାକୁ ସନ୍ନିବେଶିତ କରି ଶକ୍ତି ଓଡ଼ିଶା, ସମୃଦ୍ଧ କୃଷି ଓଡ଼ିଶା, ସୁସ୍ଥ ଓଡ଼ିଶା, ନିର୍ମାଣ ଓଡ଼ିଶା, ଉତ୍କର୍ଷ ଓଡ଼ିଶା, ଜନଶକ୍ତି ଓଡ଼ିଶା ଏବଂ କୌଶଳ ଓଡ଼ିଶା ଆଦି ଏହି ୭ଟି ଥିମ୍ରେ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ। ଏଥିସହିତ

**ଜୁନ୍ ୧୨ରୁ ୨୧ ପର୍ଯ୍ୟନ୍ତ ହେବ ପାଳନ**

**ସରକାରୀ ଯୋଜନାର ପ୍ରସାର ଉପରେ ଦିଆଯିବ ଫୋକସ୍**

୨୦୨୬ରୁ ୨୦୩୬ ପର୍ଯ୍ୟନ୍ତ ସରକାରଙ୍କ ଲକ୍ଷ୍ୟ ଏବଂ ଆଭିମୁଖ୍ୟଗୁଡ଼ିକ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ୍ ରହିବ। ବିଭାଗୀୟ ମନ୍ତ୍ରୀମାନେ ୨ ବର୍ଷ ମଧ୍ୟରେ ନିଜ ନିଜ ବିଭାଗରେ ହାସଲ ହୋଇଥିବା ସଫଳତା ବିଷୟରେ ସାମ୍ବାଦିକ ସମ୍ମିଳନୀ କରିବା ସହିତ ବିଭାଗଗୁଡ଼ିକର ସଫଳତା ସମ୍ପର୍କିତ ଲିଫଲେଟ୍, ପୁସ୍ତିକା ପ୍ରକାଶନ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ମାଧ୍ୟମରେ ରାଜ୍ୟର ସମୃଦ୍ଧି ଓ ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ ଆମର ଯେଉଁ ଆଭିମୁଖ୍ୟ ରହିଛି, ତାହା ଲୋକଙ୍କ ପାଖରେ ପହଞ୍ଚାଇବାରେ ଆମେ ସଫଳ ହେବୁ ବୋଲି ▶▶ ୬

# ଭିଜିଲାନ୍ସ ଜାଲରେ କନିଷ୍ଠ ଯନ୍ତ୍ରୀ

**ଭଦ୍ରକ,୧୪।୫/ଏନ୍ଏନ୍ଏସ୍:**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୁରୁବାର ଭଦ୍ରକ କମାଣ୍ଡ ଏରିଆ ଡେଭେଲପମେଣ୍ଟ (ସିଏଡି) ଡିଭିଜନର କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ମହାନ୍ତିଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଥିଲା। ଭଦ୍ରକ ଗ୍ରାମାଞ୍ଚଳ ଥାନା ଆରଡ଼ି ଛକ ସ୍ଥିତ ତାଙ୍କ ବାସଭବନ ସହିତ ନରିପୁର ସ୍ଥିତ ଅଫିସ, ଭୁବନେଶ୍ୱର, କେନ୍ଦୁଝର ଓ ବାଲେଶ୍ୱରରେ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉ ବେଳେ ତାଙ୍କର ୨ଟି କୋଠା, ୭ଟି ପ୍ଲଟ୍ ଓ ଅନ୍ୟାନ୍ୟ ସମ୍ପତ୍ତି ଠାବ କରିଛି ଭିଜିଲାନ୍ସ।

**୨ କୋଠା, ୭ ପ୍ଲଟ୍ ଠାବ**

**ନଗଦ ୧.୭୩ ଲକ୍ଷ ଜବତ**



ଭଦ୍ରକ ସହରର ସମରାଇପୁରରେ କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ମହାନ୍ତିଙ୍କର ଏକ ତିନି ମହଲା କୋଠା ଅଛି। ଏହା ପ୍ରାୟ ୩ ହଜାର ୫୦୦ ବର୍ଗଫୁଟ ଜାଗାରେ ନିର୍ମାଣ ହୋଇଛି। ସେହିପରି ବାଲେଶ୍ୱର ଜିଲ୍ଲା ବସ୍ତାର ନରସିଂହଡିହାରେ ତାଙ୍କର ଏକ ୨ ମହଲା କୋଠା ଅଛି। ଏହା ୨ ହଜାର ୬୦୦ ବର୍ଗଫୁଟ୍ ଜାଗାରେ ନିର୍ମିତ ହୋଇଛି। ଶ୍ରୀ ମହାନ୍ତିଙ୍କର ୭ଟି ପ୍ଲଟ୍ ଠାବ କରିଛି ଭିଜିଲାନ୍ସ। ଏହି ପ୍ଲଟ୍‌ଗୁଡ଼ିକ ମଧ୍ୟରୁ ଭଦ୍ରକ ସହରରେ ୨ଟି ଥିବା ବେଳେ ଗୋଟିଏ ଭୁବନେଶ୍ୱର ଉପକଣ୍ଠରେ, ୩ଟି ବସ୍ତା ସହରରେ ଓ ଗୋଟିଏ ରାସଗୋବିନ୍ଦପୁରର ଅମର୍ଦାରେ ରହିଛି। ରେଡ୍ ବେଳେ ଶ୍ରୀ ମହାନ୍ତିଙ୍କ ▶▶ ୬

## ଉତ୍ତର ପ୍ରଦେଶରେ ପ୍ରାଣଘାତୀ କାଳବୈଶାଖୀ
# ମୃତ୍ୟୁ ସଂଖ୍ୟା ୧୧୪କୁ ବୃଦ୍ଧି

**ଲକ୍ଷ୍ନୌ, ୧୪।୫/ଏଜେନ୍ସି:**

ଉତ୍ତର ପ୍ରଦେଶର ପ୍ରୟାଗରାଜ ଓ ଅଯୋଧ୍ୟା ସମେତ ପ୍ରାୟ ୩୦ଟି ଜିଲ୍ଲାରେ ବୁଧବାର ସୃଷ୍ଟି ହୋଇଥିବା ଘୂର୍ଣ୍ଣିଝଡ (ଅପ୍ରତ୍ୟାଶିତ କାଳବୈଶାଖୀ) ଯୋଗୁଁ ପ୍ରାୟ ୧୧୪ ଜଣଙ୍କର ମୃତ୍ୟୁ ହୋଇଛି। ଗୁରୁବାର ସୁଦ୍ଧା ସାମ୍ନାକୁ ଆସିଥିବା ସରକାରୀ ସୂଚନାନୁସାରେ ପ୍ରୟାଗରାଜରେ ସର୍ବାଧିକ ୨୧ଜଣ, ଭଦୋହୀ ପ୍ରାନ୍ତରେ ୧୭ ଜଣ, ମିର୍ଜାପୁରରେ ୧୫ଜଣ ଏବଂ ଫତେହପୁର ଜିଲ୍ଲାରେ ୧୦ଜଣଙ୍କ ମୃତ୍ୟୁ ହୋଇଛି। ଏସବୁ ଅଞ୍ଚଳରେ ପବନର ବେଗ ଘଣ୍ଟାପ୍ରତି ୮୦ କିମିରୁ ୧୦୦ କିମି ମଧ୍ୟରେ ଥିଲା। ସେହିପରି ବରେଲୀର ବାମିୟାନା ଗ୍ରାମର ଜଣେ ବ୍ୟକ୍ତି ଟିଣ

**୩୦ ଜିଲ୍ଲା ପ୍ରଭାବିତ**

**ବରେଲୀରେ ଉଡ଼ିଯାଇ ଜଣେ ଗୁରୁତର**

ଛପର ସହିତ ପବନରେ ଉଡ଼ିଯାଇଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିବାର ଦେଖିବାକୁ ମିଳିଛି। ମାତ୍ରାଧିକ ପବନ ଯୋଗୁ ଏହି ବ୍ୟକ୍ତିଜଣକ ୫୦ ଫୁଟ୍ ଉଚ୍ଚକୁ ଉଡିଯାଇଥିବା ବେଳେ ପ୍ରାୟ ୧୦୦ ଫୁଟ୍ ଦୂରରେ ଯାଇ ଏକ ବିଲରେ ପଡିଥିଲେ। ଯଦିଓ ସେ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି କିନ୍ତୁ ଏହି ଘଟଣାରେ ତାଙ୍କ ହାତ, ଗୋଡ ଏବଂ ପିଠି ହାଡରେ ଗୁରୁତର ଆଘାତ ଲାଗିଛି। ଏତଦ୍‌ବ୍ୟତୀତ ପ୍ରାୟ ୫୯ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଥିବା ବେଳେ ୧୧୪ରୁ ଅଧିକ ଗୃହପାଳିତ ପଶୁଙ୍କର ମୃତ୍ୟୁ ଘଟିଛି। ପ୍ରାୟ ୮୭ଟି ଘର ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବେ ନଷ୍ଟ ହୋଇଯାଇଛି। ଝଡ଼ ପବନର ତୀବ୍ର ବେଗ ଯୋଗୁଁ ବହୁ ▶▶ ୬

## ମହଙ୍ଗା ପଡ଼ିଲା ଗଞ୍ଜେଇ ମାଫିଆଙ୍କ ସହ ସମ୍ପର୍କ
# ଆଇଆଇସିଙ୍କ ବଦଳି, ହୋମ୍‌ଗାର୍ଡ ବହିଷ୍କୃତ

**ବରଗଡ଼,୧୪।୫/ଏନ୍ଏନ୍ଏସ୍:**

**ଏଏସ୍ଆଇ ଓ କନ୍‌ଷ୍ଟେବଲ ନିଲମ୍ବିତ**

ବରଗଡ଼ ଜିଲ୍ଲା ଝାରବନ୍ଧରେ ୧୯ କ୍ୱିଣ୍ଟାଲ ଗଞ୍ଜେଇ ଜବତ ଘଟଣାରେ ସ୍ଥାନୀୟ ପୁଲିସ ମାଫିଆଙ୍କ ସହ ଡିଲ୍ କରୁଥିବା କଥା ସାମ୍ନାକୁ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଝାରବନ୍ଧ ଥାନା ଆଇଆଇସି ଶୁକ୍ରା ମାଡ଼ିଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ଏଏସ୍ଆଇ କୌଶିକ ସାହୁ ଓ କନ୍‌ଷ୍ଟେବଲ ଚିତ୍ତରଞ୍ଜନ ପଣ୍ଡାଙ୍କୁ ନିଲମ୍ବନ କରାଯାଇଥିବା ବେଳେ ହୋମଗାର୍ଡ ଦେବାର୍ଚ୍ଚନ ନିଆଳଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି। ଆଇଆଇସି ଶୁକ୍ରା ମାଡ଼ିଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ବରଗଡ଼ ସାଇବର ଥାନା ଆଇଆଇସି ସଞ୍ଜୟ କୁମାର ପରିଡ଼ାଙ୍କୁ ଅବସ୍ଥାପିତ କରାଯାଇଛି। ଆଇଆଇସି ଶ୍ରୀ ମାଡ଼ିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସୁପାରିସ କରାଯିବ ବୋଲି ଆଇଜି ହିମାଂଶୁ କୁମାର ଲାଲ କହିଛନ୍ତି।

ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଉତ୍ତର ପ୍ରଦେଶ ନମ୍ବର ଥିବା ଏକ ଟ୍ରକ୍‌କୁ ଯାଞ୍ଚ କଲା ବେଳେ ଝାରବନ୍ଧ ପୁଲିସ ସେଥିରୁ ୬୭ ବସ୍ତା ଗଞ୍ଜେଇ ଜବତ କରିଥିଲା। ସେଥିରେ ମୋଟ୍ ▶▶ ୬

# ଓଡ଼ିଶାକୁ ମିଳିବ ୫ ଜାତୀୟ ପଞ୍ଚାୟତ ପୁରସ୍କାର
## ସର୍ବୋତ୍ତମ ଜିଲ୍ଲା ପଞ୍ଚାୟତ ପୁରସ୍କାର ବର୍ଗରେ କୋରାପୁଟ ଜିଲ୍ଲା ପରିଷଦ ପ୍ରଥମ

**ନୂଆଦିଲ୍ଲୀ,୧୪।୫/ଏନ୍ଏନ୍ଏସ୍:**

କେନ୍ଦ୍ର ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ପଞ୍ଚାୟତ ପୁରସ୍କାର ୨୦୨୫ ଘୋଷଣା କରାଯାଇଛି। ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ଏବଂ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ଅଧୀନରେ ଓଡ଼ିଶା ପାଞ୍ଚଟି ଜାତୀୟ ପୁରସ୍କାର ପାଇବା ଲାଗି ମନୋନୀତ ହୋଇଛି। ଆସନ୍ତା ଜୁନ୍‌୩ ତାରିଖରେ ନୂଆଦିଲ୍ଲୀରେ ଏହି ପୁରସ୍କାର ଦିଆଯିବ। ଓଡ଼ିଶା ସୁସ୍ଥ ପଞ୍ଚାୟତ, ଜଳ ସ୍ୱଚ୍ଛଳ ପଞ୍ଚାୟତ, ସ୍ୱଚ୍ଛ ଓ ସବୁଜ ପଞ୍ଚାୟତ ଏବଂ ସାମାଜିକ ଭାବେ ନ୍ୟାୟପୂର୍ଣ୍ଣ ଏବଂ ସୁରକ୍ଷିତ ପଞ୍ଚାୟତ ବର୍ଗରେ ପୁରସ୍କାର ପାଇବାକୁ ମନୋନୀତ ହୋଇଛି। ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ଅଧୀନରେ କୋରାପୁଟ ଜିଲ୍ଲା ପରିଷଦ ସର୍ବୋତ୍ତମ ଜିଲ୍ଲା ପଞ୍ଚାୟତ ପୁରସ୍କାର ହାସଲ କରିବାକୁ ଯୋଗ୍ୟତା ହାସଲ କରିଛି। ସୁସ୍ଥ ପଞ୍ଚାୟତ ବର୍ଗରେ ଗଞ୍ଜାମ ଜିଲ୍ଲା ତୃତୀୟ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ବେଳେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପାଇବ। ସେହିପରି କେନ୍ଦୁଝର ଜିଲ୍ଲା ପଡୁଆ ପଞ୍ଚାୟତ ଜଳ ସ୍ୱଚ୍ଛଳ ପଞ୍ଚାୟତ ବର୍ଗରେ ତୃତୀୟ ସ୍ଥାନ ▶▶ ୬

# ସତୀଶନ୍ କେରଳମ୍‌ର ନୂଆ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ,୧୪।୫/ଏଜେନ୍ସି:**

୧୦ ଦିନର ଛକାପଞ୍ଝା ଶେଷରେ ସମାପ୍ତ ହୋଇଛି। ନିର୍ବାଚନ ଫଳାଫଳର ୧୦ ଦିନ ପରେ କଂଗ୍ରେସ ପକ୍ଷରୁ କେରଳମ ମୁଖ୍ୟମନ୍ତ୍ରୀ ନାଁ ଘୋଷଣା କରାଯାଇଛି। ଭିଡି ସତୀଶନ ହେବେ କେରଳମର ନୂଆ ମୁଖ୍ୟମନ୍ତ୍ରୀ। କଂଗ୍ରେସ ବିଧାୟକ ଦଳ ବୈଠକରେ ସତୀଶନଙ୍କ ନାଁରେ ବାଜିଛି ମୋହର। ଆସନ୍ତା ୧୮ ତାରିଖ ଦିନ ସେ ମୁଖ୍ୟମନ୍ତ୍ରୀଭାବେ ଶପଥ ନେବାର କାର୍ଯ୍ୟକ୍ରମ ରହିଥିବାବେଳେ ୨୧ ତାରିଖରେ କଂଗ୍ରେସ ବିଧାୟକମାନେ ଶପଥ ନେବେ।

ସତୀଶନ ନର୍ଥ ପାରାଭୁର ଆସନରୁ ବିଧାୟକ ଅଛନ୍ତି। ସେ ୬ ଥରର ବିଧାୟକ ହୋଇଥିବାବେଳେ

**୧୮ରେ ନେବେ ଶପଥ**




୨୦୦୧ରୁ ଲଗାତାର ଭାବେ ନିର୍ବାଚିତ ହେଉଛନ୍ତି। ସତୀଶନ ୨୦୨୧-୨୦୨୬ ପର୍ଯ୍ୟନ୍ତ ବିରୋଧୀ ଦଳ ନେତା ଭାବେ ଦାୟିତ୍ୱ ତୁଲାଇଥିଲେ। ଏହାସହିତ ସେ କେରଳ ପ୍ରଦେଶ କଂଗ୍ରେସ କମିଟିର ଉପାଧ୍ୟକ୍ଷ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ। ଛାତ୍ର ରାଜନୀତିରୁ କ୍ୟାରିୟର ଆରମ୍ଭ କରିଥିବା ସତୀଶନ କେରଳମରେ କଂଗ୍ରେସ ସଂଗଠନକୁ ସୁଦୃଢ କରିବାରେ ପ୍ରମୁଖ ଭୂମିକା ନିଭାଇଥିଲେ। ତେବେ ମୁଖ୍ୟମନ୍ତ୍ରୀ ଦୌଡ଼ରେ କଂଗ୍ରେସର ବରିଷ୍ଠ ନେତା କେ. ସି. ବେଣୁଗୋପାଳ ଏବଂ ରମେଶ ଚେନ୍ନିତାଲା ମଧ୍ୟ ସାମିଲ ଥିଲେ। ମାତ୍ର ସମସ୍ତଙ୍କୁ ପଛରେ ପକାଇ ସତୀଶନ ମୁଖ୍ୟମନ୍ତ୍ରୀ ମୁକୁଟ ପିନ୍ଧିବାକୁ ଯାଉଛନ୍ତି। ଆଜି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ କେରଳମ ▶▶ ୬

## ପୁଲିସ୍ ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ କଡ଼ା ନିର୍ଦ୍ଦେଶ
# ସଂଗଠିତ ଅପରାଧକୁ ନିୟନ୍ତ୍ରଣ କର

**ଭୁବନେଶ୍ୱର,୧୪।୫/ଏନ୍ଏନ୍ଏସ୍:**

ସଂଗଠିତ ଅପରାଧକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କର। ଅପରାଧୀମାନଙ୍କ ମଧ୍ୟରେ ଭୟ ସଞ୍ଚାର ସହ ସାଧାରଣ ଲୋକଙ୍କ ପାଇଁ ବନ୍ଧୁ ଭଳି ପରିଚୟ ସୃଷ୍ଟି କରୁ ରାଜ୍ୟ ପୁଲିସ୍। ଏଥିସହ କ୍ରାଇମ୍ ମ୍ୟାପିଙ୍ଗ୍, ଗୁଇନ୍ଦା ତଥ୍ୟ ଆଗୁଆ ହାସଲ ସହ ପାଟ୍ରୋଲିଂ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ କଡ଼ାକଡ଼ି କରିବା ଉପରେ ଅଧିକ ଫୋକସ୍ ଦିଆଯାଉ। ଏହାଦ୍ୱାରା ପୋଲିସ ସାଧାରଣ ଲୋକଙ୍କ ବିଶ୍ୱାସଭାଜନ ହୋଇପାରିବ। ଗୁରୁବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ପ୍ରଶାସନ, ପୁଲିସ ଉଚ୍ଚ ପଦାଧିକାରୀ ଏବଂ ଜିଲ୍ଲାପାଳ ଓ ଏସ୍‌ପିଙ୍କ ସହିତ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜିଲ୍ଲାସ୍ତରରେ ପ୍ରଶାସନିକ ଅଧିକାରୀ ଓ ପୁଲିସ ଅଧିକାରୀମାନେ ମିଳିତ ଭାବେ ଗୋଟିଏ ଟିମ୍ ଭାବେ କାମ କରିବା ଆବଶ୍ୟକ। ପୁଲିସ ସହିତ ଜିଲ୍ଲାର ଅନ୍ୟ ପ୍ରଶାସନିକ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ରହିଲେ ଅପରାଧ ନିୟନ୍ତ୍ରଣରେ ଅଧିକ ସଫଳତା ଆସିପାରିବ। କୌଣସି ଅପରାଧିକ କାର୍ଯ୍ୟକଳାପରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ପୁଲିସ ପ୍ରଶାସନ ପାଇଁ ଖୁବ୍ ସହାୟକ ହୋଇପାରିବେ। ବିଭିନ୍ନ ଯୋଜନା ଓ ପ୍ରକଳ୍ପର ସଫଳତା ପାଇଁ ଯେପରି ଟିମ୍ ସ୍ପିରିଟ୍‌ରେ କାମ କରାଯାଉଛି, ସେହିଭଳି ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ମଧ୍ୟ ଟିମ୍ ସ୍ପିରିଟ୍ ରଖିବାକୁ ପଡ଼ିବ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଭିନ୍ନ ଅଞ୍ଚଳର ଅପରାଧ ସମ୍ପର୍କରେ ତଥ୍ୟ ସଂଗ୍ରହ କରି କ୍ରାଇମ୍ ମ୍ୟାପିଙ୍ଗ୍ କରିବା ଜରୁରୀ। ଏହା ସହିତ ଗୁଇନ୍ଦା ତଥ୍ୟ ସଂଗ୍ରହ ଉପରେ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ। ସାଧାରଣ ଲୋକଙ୍କ ସହିତ ବନ୍ଧୁ ଭଳି ସୁ-ସମ୍ପର୍କ ରକ୍ଷା କରିପାରିଲେ ପୁଲିସକୁ ସୂଚନା ମିଳିବାରେ ସହାୟତା ମିଳିପାରିବ। ଏହାଦ୍ୱାରା ପୁଲିସକୁ ମଧ୍ୟ ଅନେକ ସ୍ଥଳରେ ଆଗୁଆ ପଦକ୍ଷେପ ନେବା ପାଇଁ ସୁବିଧା ହେବ। ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ କଡ଼ାକଡ଼ି କରିବାକୁ ହେବ। ପୁଲିସର ଉପସ୍ଥିତି ସର୍ବସାଧାରଣରେ ପରିଲକ୍ଷିତ ହେବା ▶▶ ୬



**ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ କଲେ ସମୀକ୍ଷା**

**ସାଧାରଣ ଲୋକଙ୍କ ପାଇଁ ବନ୍ଧୁ ହୁଅ, ଅପରାଧୀଙ୍କ ମନରେ ଭୟ ସୃଷ୍ଟି କର: ସିଏମ୍**

**ପାଟ୍ରୋଲିଂ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ କଡ଼ାକଡ଼ି କର**

## ଚର୍ଚ୍ଚାରେ ନୟାଗଡ଼ ଓ କେନ୍ଦ୍ରାପଡ଼ା ପୁଲିସ
# ପ୍ରକୃତ ଅଭିଯୁକ୍ତକୁ ନଧରି ଅନ୍ୟଜଣଙ୍କୁ ଗିରଫ

**ଭୁବନେଶ୍ୱର,୧୪।୫/ଏନ୍ଏନ୍ଏସ୍:**

କଥାରେ ଅଛି, ଶହେ ଦୋଷୀ ଖସିଯାଆନ୍ତୁ ହେଲେ ଜଣେ ନିର୍ଦ୍ଦୋଷ ଦଣ୍ଡ ନପାଉ। ତେବେ ବାଲିଅନ୍ତା ସୌମ୍ୟରଞ୍ଜନ ହତ୍ୟା ମାମଲାରେ କମିଶନରେଟ୍ ପୁଲିସ ବର୍ଦ୍ଦିରେ ଦାଗ ଲାଗିଥିବା ବେଳେ ଏବେ ନୟାଗଡ଼ ଓ କେନ୍ଦ୍ରାପଡ଼ା ଘଟଣାକୁ ନେଇ ପୁଣି ଅଡୁଆରେ ପୁଲିସ। ତଦନ୍ତ ବେଳେ ପ୍ରକୃତ ଅଭିଯୁକ୍ତକୁ ନଧରି ଅନ୍ୟଜଣଙ୍କୁ ଗିରଫ କରି ପୁଣି ଚର୍ଚ୍ଚାରେ ଉଭୟ ଜିଲ୍ଲାର ପୁଲିସ। ନୟାଗଡ଼ ଓଡ଼ଗାଁ ଥାନା କଦଳୀ ବନ୍ଧ ଗାଁରେ ଅଜିତ ସାହୁ ହତ୍ୟା ଘଟଣାରେ ଗତ ୧୧ ତାରିଖରେ ୭ ଅଭିଯୁକ୍ତଙ୍କ ଭିତରୁ ୪ ଜଣଙ୍କୁ ଓଡ଼ଗାଁ ପୁଲିସ ଗିରଫ କରିଥିଲା। ଆଉ ସେମାନଙ୍କ ଭିତରେ ଥିଲେ କୁମୁଣ୍ଡ ମକରପଦା ଗାଁର ଶ୍ରୀଧର ସାହୁ। ଗିରଫ ପରେ ତାଙ୍କୁ ଅଭିଯୁକ୍ତ ବୋଲି ପରଦିନ ଅର୍ଥାତ ୧୨ ତାରିଖରେ ଦର୍ଶାଇଥିଲେ ଖୋଦ୍ କେନ୍ଦ୍ରାଞ୍ଚଳ ଆଇଜି। କିନ୍ତୁ କାଲିକୋର୍ଟ ଚାଲାଣ ପୂର୍ବରୁ ଶ୍ରୀଧର ପ୍ରତିବାଦ କରିବା ସହ ନିଜକୁ ନିର୍ଦ୍ଦୋଷ କହିଥିଲେ। ଆଉ ତା' ପରେ ସେ ଅଭିଯୁକ୍ତ ନୁହନ୍ତି ବୋଲି ଦର୍ଶାଇ ତାଙ୍କୁ ପୁଲିସ୍ ଛାଡ଼ି ଦେଇଛି। ତେଣୁ ପ୍ରଶ୍ନ ଉଠୁଛି ଶ୍ରୀଧର ଯଦି ଅଭିଯୁକ୍ତ ନୁହଁନ୍ତି, ସେ ଗିରଫ ହେଲେ କେମିତି? ପ୍ରେସମିଟରେ ଖୋଦ୍ ଆଇଜି ତାଙ୍କୁ ଅଭିଯୁକ୍ତ ବୋଲି କିଭଳି ଦର୍ଶାଇଲେ? ଆଉ ଯଦି ଶ୍ରୀଧର ▶▶ ୬



**ହତ୍ୟା ଘଟଣାରେ ଗିରଫ ଅଭିଯୁକ୍ତକୁ ଛାଡ଼ିଲା**

**ଜଣଙ୍କ ନାଁରେ ୱାରେଣ୍ଟ, ଅନ୍ୟ ଜଣକୁ ଉଠାଇ ଆଣିଲା ପୁଲିସ**

# ହର୍ମୁଜ୍‌ରେ ବୁଡ଼ିଲା ଆଉ ଏକ ଭାରତୀୟ ଜାହାଜ

## ଡ୍ରୋନ୍/ ମିସାଇଲ୍ ଆକ୍ରମଣ କରାଯାଇଥିବା ଆଶଙ୍କା

**ତେହରାନ, ୱାଶିଂଟନ୍ ଡିସି, ୧୪।୫/ଏଜେନ୍ସି:** ଇରାନ ଯୁଦ୍ଧ ମଧ୍ୟରେ ହର୍ମୁଜ ପ୍ରଣାଳୀରେ ଗୁଜରାଟର ଆଉ ଏକ ମାଲବାହୀ ଜାହାଜ ବୁଡ଼ିଯାଇଛି। ରିପୋର୍ଟ ଅନୁସାରେ 'ହାଜୀ ଅଲୀ' ନାମକ ଏହି ଜାହାଜଟି ମେ ୧୩ ତାରିଖ ସକାଳେ ଓମାନ ସାମୁଦ୍ରିକ ଅଞ୍ଚଳ ଦେଇ ଯାଉଥିବା ସମୟରେ କୌଣସି ଡ୍ରୋନ୍ କିମ୍ବା ମିସାଇଲ ଭଳି ଅସ୍ତ୍ର ଏଥିରେ ମାଡ଼ ହୋଇଥିଲା। ଓମାନ ଉପକୂଳରେ ଏହି ଦୁର୍ଘଟଣା ଘଟିଥିବା ବେଳେ ଜାହାଜରେ ଥିବା ୧୪ ଜଣ କ୍ରୁ ସଦସ୍ୟଙ୍କୁ କୋଷ୍ଟଗାର୍ଡ ଉଦ୍ଧାର କରିନେଇଛି। ଦୁର୍ଘଟଣା ପରେ ଜାହାଜରେ ନିଆଁ ଲାଗିଯାଇଥିଲା, ଯାହାଫଳରେ ଜୀବନ ବଞ୍ଚାଇବା ପାଇଁ ସମସ୍ତ କ୍ରୁ ସଦସ୍ୟମାନେ ଲାଇଫ୍ ଜ୍ୟାକେଟ୍ ପିନ୍ଧି ପାଣିକୁ ଡେଇଁ ପଡିଥିଲେ। ତେବେ ସମୟ ଥାଉ ଥାଉ ଓମାନ କୋଷ୍ଟଗାର୍ଡ ସମସ୍ତ ୧୪ ଜଣ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିନେଇଥିଲା।



ଗୁଜରାଟର ଦ୍ୱାରକା ନିବାସୀ ତଥା ଜାହାଜ ମାଲିକ ସୁଲତାନ ଅହମ୍ମଦ ଅନ୍‌ସାର କହିଛନ୍ତି ଯେ, ଏମ୍‌ଏସ୍‌ଭି ହାଜୀ ଅଲୀ ଜାହାଜଟି ବେରବେରା ବନ୍ଦରରୁ ସାରଜା ଅଭିମୁଖେ ଯାଉଥିଲା। ଭୋର ପ୍ରାୟ ୩:୩୦ ସମୟରେ ଓମାନ ଉପକୂଳ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ତେବେ ଜାହାଜ ଉପରେ ହୋଇଥିବା ଏପ୍ରକାର ଆକ୍ରମଣକୁ ଭାରତ କଡ଼ା ନିନ୍ଦା କରିଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଗୁରୁବାର ଏକ ବିବୃତି ଜାରି କରି କହିଛି ଯେ, ଏପରି ଆକ୍ରମଣକୁ ସହ୍ୟ କରାଯାଇପାରିବ ନାହିଁ। ପ୍ରକାଶ, ଏହା ପୂର୍ବରୁ ମେ ୭ ତାରିଖରେ ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ଦ୍ୱାରକାର ଆଉ ଏକ ଜାହାଜ ଏମ୍‌ଏସ୍‌ଭି ଅଲ୍-ଫୈଜ ନୂରେ ସୁଲେମାନୀ ମଧ୍ୟ ଆମେରିକା ଏବଂ ଇରାନ ମଧ୍ୟରେ ହୋଇଥିବା ଗୁଳିବିନିମୟର ଶିକାର ହୋଇ କ୍ଷତିଗ୍ରସ୍ତ ହୋଇଥିଲା।

# ଏୟାର୍ ଇଣ୍ଡିଆର ୨୬,୮୦୦ କୋଟି କ୍ଷତି

**ମୁମ୍ବାଇ, ୧୪।୫/ଏଜେନ୍ସି:** ଟାଟା ଗ୍ରୁପ୍ ଅଧୀନରେ ପରିଚାଳିତ ହେଉଥିବା ଏୟାର ଇଣ୍ଡିଆ ୨୦୨୫-୨୬ ଆର୍ଥିକ ବର୍ଷରେ ରେକର୍ଡ ୨୬,୮୦୦ କୋଟି ଟଙ୍କା (୨୮୦ କୋଟି ଡଲାର)ର କ୍ଷତି ସହିଛି। ୨୦୨୨ରେ ସରକାରଙ୍କଠାରୁ କମ୍ପାନିକୁ ଅଧିଗ୍ରହଣ କରିବା ପରଠାରୁ ଏହା ହେଉଛି ଏୟାର ଇଣ୍ଡିଆର ସର୍ବାଧିକ କ୍ଷତି। ଚଳିତ ବର୍ଷ ଗୁଜରାଟର ଅହମଦାବାଦରେ କମ୍ପାନିର ଏକ ବିମାନ ମର୍ମନ୍ତୁଦ ଦୁର୍ଘଟଣାର ଶିକାର ହୋଇଥିଲା। ଟାଟା ଗ୍ରୁପ୍‌ର ଅନ୍ୟତମ ସହଯୋଗୀ ସିଙ୍ଗାପୁର ଏୟାରଲାଇନ୍ସ ପ୍ରକାଶ କରିଥିବା ଆର୍ଥିକ ଫଳାଫଳରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଟାଟା ଓ ସିଙ୍ଗାପୁର ଏୟାରଲାଇନ୍ସ ମିଳିତ ଭାବେ ଏୟାର ଇଣ୍ଡିଆର ଦେଖାଶୁଣା କରୁଛନ୍ତି। ୨୦୨୨ରେ କେନ୍ଦ୍ର ସରକାରଙ୍କଠାରୁ ୧୮ ହଜାର କୋଟି ଟଙ୍କାରେ ଏୟାର ଇଣ୍ଡିଆକୁ ଟାଟା ଗ୍ରୁପ୍ କିଣିଥିଲା। ସେହି ସମୟରେ କମ୍ପାନି ପାଖରେ ଯୌଥ ଉଦ୍ୟୋଗ ଭାବେ ଦୁଇଟି ଅନ୍ୟ ଏୟାରଲାଇନ୍ ଏୟାର ଏସିଆ ଇଣ୍ଡିଆ ଓ ଭିସ୍ତାରା ରହିଥିଲା। ମାଲେସିଆର ଏୟାର ଏସିଆ ସହ ମିଶି ଟାଟା ଗ୍ରୁପ୍ ଏୟାର ଏସିଆ ଇଣ୍ଡିଆ ଓ ସିଙ୍ଗାପୁର ଏୟାରଲାଇନ୍ସ ସହ ମିଶି ଭିସ୍ତାରାର ପରିଚାଳନା କରୁଥିଲା। ଏୟାର ଏସିଆ ଇଣ୍ଡିଆରୁ ଏୟାର ଏସିଆ ଓହରିଯିବା ପରେ ତାହା ସମ୍ପୂର୍ଣ୍ଣ ରୂପେ ଟାଟା ମାଲିକାନାକୁ ଚାଲିଆସିଥିଲା। ଏହାପରେ ସବୁ ବିମାନ କମ୍ପାନିଗୁଡ଼ିକୁ ଗୋଟିଏ ସଂସ୍ଥାରେ ପରିଣତ କରିବା ଲାଗି ଏୟାର ଇଣ୍ଡିଆ ଗ୍ରୁପ୍ ଗଠନ କରାଯାଇଥିଲା। ସେହି ଗ୍ରୁପ୍‌ର ସିଂହ ଭାଗ ଅଂଶଧନ ଟାଟା ପାଖରେ ଥିବା ବେଳେ ଅବଶିଷ୍ଟ ଅଂଶଧନ ସିଙ୍ଗାପୁର ଏୟାରଲାଇନ୍ସ ପାଖରେ ରହିଛି।





ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା

# ଓହରିଲେ ହାଇକୋର୍ଟ ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତା

**ନୂଆଦିଲ୍ଲୀ, ୧୪।୫/ଏଜେନ୍ସି:** ଦିଲ୍ଲୀ ହାଇକୋର୍ଟର ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତା ଶର୍ମା ଗୁରୁବାର ଦିନ ମଦ ନୀତି ଦୁର୍ନୀତି ମାମଲାର ଶୁଣାଣିରୁ ନିଜକୁ ଅଲଗା କରିଦେଇଛନ୍ତି। ଏଥିସହ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ସମେତ ଆମ୍ ଆଦମୀ ପାର୍ଟି (ଆପ୍)ର ଅନ୍ୟ ନେତାଙ୍କ ବିରୋଧରେ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତା ଶର୍ମା କହିଛନ୍ତି 'ଯେଉଁ ବିଚାରପତି ଅବମାନନା କାର୍ଯ୍ୟାନୁଷ୍ଠାନ ଆରମ୍ଭ କରନ୍ତି, ସେ ମୁଖ୍ୟ ମାମଲାର ଶୁଣାଣି କରିପାରିବେ ନାହିଁ। ମୁଁ ମଦ ନୀତି ମାମଲାକୁ ମୁଖ୍ୟ ବିଚାରପତିଙ୍କ ନିକଟରେ ଲିଷ୍ଟ କରିବି, ଯେପରି ଅନ୍ୟ କୌଣସି ବିଚାରପତି ଏହି ମାମଲାର ଶୁଣାଣି କରିପାରିବେ।'

ଅରବିନ୍ଦ କେଜ୍ରିୱାଲ ମଦ ଦୁର୍ନୀତି ମାମଲାରୁ ଜଷ୍ଟିସ୍ ଶର୍ମାଙ୍କୁ ହଟାଇବା ପାଇଁ ଦାବି କରିଥିଲେ। ତାଙ୍କର ଅଭିଯୋଗ ଥିଲା ଯେ ଜଷ୍ଟିସ୍ ଶର୍ମା, ଆରଏସ୍‌ଏସ୍‌ର କାର୍ଯ୍ୟକ୍ରମରେ ୪ ଥର ସାମିଲ ହୋଇଛନ୍ତି, ତେଣୁ ତାଙ୍କଠାରୁ ନ୍ୟାୟ ମିଳିବା ଆଶା ନାହିଁ। ଏତଦ୍‌ବ୍ୟତୀତ କେଜ୍ରିୱାଲ୍ ଏବଂ ତାଙ୍କ ଦଳର ଅନ୍ୟ କିଛି ନେତା ବାରମ୍ବାର ସୋସିଆଲ ମିଡିଆରେ ଏନେଇ ଅପିଲ୍ ମଧ୍ୟ କରିବା ଦେଖିବାକୁ ମିଳିଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଜଷ୍ଟିସ୍ ଶର୍ମା ଏହି ମାମଲାରୁ ଓହରିବେ ନାହିଁ କହିଥିଲେ। ଜଷ୍ଟିସ୍‌ଙ୍କ କହିବା କଥା ଥିଲା ଯେ, ଯଦି ସେ ଏହି ମାମଲାରୁ ଓହରିଯାଆନ୍ତି ତେବେ ସମାଜକୁ 'ଚାପ ପକାଇ ଜଜ୍‌ଙ୍କୁ ମଧ୍ୟ ପରିବର୍ତ୍ତନ କରାଯାଇପାରିବ' ଭଳି ଏକ ନକରାତ୍ମକ ବାର୍ତ୍ତା ଯିବ। କିନ୍ତୁ ଶେଷରେ ଜଷ୍ଟିସ୍ ଶର୍ମା ଏବେ ଏହି ମାମଲାରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିଲେ ମଧ୍ୟ ସେ କେଜ୍ରିୱାଲଙ୍କ ବ୍ୟତୀତ ମନୀଷ ସିସୋଦିଆ, ଦୁର୍ଗେଶ ପାଠକ, ସୌରଭ ଭରଦ୍ୱାଜ, ସଞ୍ଜୟ ସିଂହ ଏବଂ ବିନୟ ମିଶ୍ରଙ୍କ ବିରୋଧରେ ଅବମାନନା ପ୍ରକ୍ରିୟା ଆରମ୍ଭ କରିବେ ବୋଲି ସ୍ପଷ୍ଟ କରିଛନ୍ତି। ଜଷ୍ଟିସ୍ ଶର୍ମା ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ବିନା କାରଣରେ ସୋସିଆଲ ମିଡିଆରେ ଆପ୍ ଏବଂ କେଜ୍ରିୱାଲ୍ ଟାର୍ଗେଟ୍ କରିଛନ୍ତି।



ବାସ୍ତବରେ, ହାଇକୋର୍ଟରେ ଏବେ ସିବିଆଇର ସେହି ଆବେଦନ ଉପରେ ଶୁଣାଣି ଚାଲିଛି ଯେଉଁଥିରେ ଟ୍ରାୟଲ୍ କୋର୍ଟଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରାଯାଇଛି। ଟ୍ରାୟଲ୍ କୋର୍ଟ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଏବଂ ଅନ୍ୟ ୨୧ ଜଣ ଅଭିଯୁକ୍ତଙ୍କୁ ମଦ ନୀତି ମାମଲାରୁ ମୁକ୍ତ କରିଦେଇଥିଲେ। ୨୭ ଫେବୃଆରୀରେ ଟ୍ରାୟଲ୍ କୋର୍ଟ କହିଥିଲେ ଯେ, ଏହି ମାମଲା ନ୍ୟାୟିକ ଯାଞ୍ଚରେ ତିଷ୍ଠି ପାରିଲା ନାହିଁ ଏବଂ ସମ୍ପୂର୍ଣ୍ଣ ରୂପେ ଦୁର୍ବଳ ପ୍ରମାଣିତ ହେଲା। ଏହି ଆଧାରରେ କୋର୍ଟ କେଜ୍ରିୱାଲ ଏବଂ ସିସୋଦିଆଙ୍କ ସମେତ ୨୧ ଜଣଙ୍କୁ ଆଶ୍ୱସ୍ତି ପ୍ରଦାନ କରିଥିଲେ। କିନ୍ତୁ ସିବିଆଇ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ୍ କରିଛି। ଦିଲ୍ଲୀ ସରକାର ୨୦୨୧ରେ ରାଜସ୍ୱ ବୃଦ୍ଧି ଏବଂ ମଦ ବ୍ୟବସାୟରେ ସଂସ୍କାର ଆଣିବା ପାଇଁ ଅବକାରୀ ନୀତି ପ୍ରସ୍ତୁତ କରିଥିଲେ, ଯାହାକୁ ପରବର୍ତ୍ତୀ ସମୟରେ ଅନିୟମିତତା ଅଭିଯୋଗ ଆସିବା ପରେ ପ୍ରତ୍ୟାହାର କରି ନିଆଯାଇଥିଲା। ଏହାପରେ ଉପ-ରାଜ୍ୟପାଳ ବିନୟ ସକ୍ସେନା ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଉଭୟ ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଭିଯୋଗ କରିଛନ୍ତି ଯେ, ଏହି ନୀତି ମାଧ୍ୟମରେ ବେସରକାରୀ କମ୍ପାନୀଗୁଡ଼ିକୁ ଲାଭ ପହଞ୍ଚାଯାଇଥିଲା ଏବଂ ଏଥିରେ ଦୁର୍ନୀତି ହୋଇଥିଲା। ଏହି ମାମଲାରେ କେଜ୍ରିୱାଲଙ୍କୁ ୨୦୨୪ ଲୋକସଭା ନିର୍ବାଚନ ସମୟରେ ଗିରଫ କରାଯାଇ ହେପାଜତକୁ ପଠାଯାଇଥିଲା। ପ୍ରାୟ ୧୫୬ ଦିନ ହେପାଜତରେ ରହିବା ପରେ ତାଙ୍କୁ ସୁପ୍ରିମକୋର୍ଟରୁ ଜାମିନ ମିଳିଥିଲା। ଅନ୍ୟପଟେ, ମନୀଷ ସିସୋଦିଆ ଏହି ମାମଲାରେ ୫୩୦ ଦିନ ପର୍ଯ୍ୟନ୍ତ ଜେଲ୍‌ରେ ରହିଥିଲେ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରୁଛନ୍ତି ରୁଷ୍ ବୈଦେଶିକ ମନ୍ତ୍ରୀ ଲାଭରୋଭ୍। ୟୁକ୍ରେନ୍ ଓ ପଶ୍ଚିମ ଏସିଆ ପରିସ୍ଥିତି ସହ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ଉଭୟ ନେତା ଆଲୋଚନା କରିଛନ୍ତି।

ନିର୍ବାଚନୀ ହିଂସାକାଣ୍ଡ ମାମଲା

# ପୁଣି କଳାକୋର୍ଟ ପିନ୍ଧିଲେ ମମତା

**କୋଲକାତା, ୧୪।୫/ଏଜେନ୍ସି:** ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମୁଖ୍ୟ ମମତା ବାନାର୍ଜୀ ପୁଣିଥରେ କଳା କୋର୍ଟ ପିନ୍ଧି କୋର୍ଟରେ ଯୁକ୍ତି ବାଢ଼ିବାକୁ ପହଞ୍ଚିଛନ୍ତି। ଗୁରୁବାର ମମତା କୋଲକାତା ହାଇକୋର୍ଟର ମୁଖ୍ୟ ବିଚାରପତି ସୁଜୟ ପାଲ ଏବଂ ବିଚାରପତି ପାର୍ଥସାରଥୀ ସେନ୍‌ଙ୍କ ସମ୍ମୁଖରେ ହାଜର ହୋଇଥିଲେ। ନିକଟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନ ଫଳାଫଳ ପରେ ଘଟିଥିବା ନିର୍ବାଚନୀ ହିଂସା ସମ୍ପର୍କିତ ଏକ ଜନହିତ ଆବେଦନର ଶୁଣାଣିରେ ନିଜ ଯୁକ୍ତି ରଖିବା ପାଇଁ ସେ କୋର୍ଟକୁ ଯାଇଥିଲେ। ଶୁଣାଣି ସମୟରେ ମମତା କୋର୍ଟଙ୍କୁ ଜଣାଇଥିଲେ ଯେ, ରାଜ୍ୟରେ ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନ ପରେ ବ୍ୟାପକ ହିଂସାକାଣ୍ଡ ଘଟିଛି। ଏଥିରେ ବୁଲଡୋଜର କାର୍ଯ୍ୟାନୁଷ୍ଠାନ ମଧ୍ୟ ସାମିଲ ରହିଛି। ପୁଲିସ୍ ଏଫ୍‌ଆଇଆର୍ ରୁଜୁ କରିବାକୁ ଅନୁମତି ଦେଉନାହିଁ। ଏପରିକି ସେ ଟିଏମ୍‌ସି କର୍ମୀଙ୍କ ଉପରେ ଆକ୍ରମଣ, ଅଗ୍ନିକାଣ୍ଡ ଏବଂ ହତ୍ୟା ଭଳି ଅଭିଯୋଗ ଆଣି କୋର୍ଟଙ୍କ ନିକଟରେ ସୁରକ୍ଷା ଏବଂ ନିରପେକ୍ଷ ତଦନ୍ତ ପାଇଁ ଦାବି କରିଥିଲେ।

ଅନ୍ୟପଟେ, ଶୁଣାଣି ପରେ ମମତା ଯେତେବେଳେ କୋର୍ଟ ରୁମ୍‌ରୁ ବାହାରକୁ ଆସିଲେ, ସେଠାରେ ଉପସ୍ଥିତ ଥିବା ଓକିଲମାନଙ୍କ ଭିଡ଼ ତାଙ୍କୁ ଘେରିଯାଇଥିଲେ। ମମତାଙ୍କୁ ଦେଖି ସେମାନେ 'ପିଉସୀ ଚୋର-ପୁତୁରା ଚୋର' (ବୁଆ ଚୋର-ଭତୀଜା ଚୋର) ବୋଲି ଜୋରଦାର ନାରାବାଜି କରିବାକୁ ଲାଗିଥିଲେ। ଏସବୁ ମଧ୍ୟରେ ବାର୍ କାଉନସିଲ୍ ମଧ୍ୟ ମମତାଙ୍କ ଓକିଲାତିର ରେକର୍ଡ ମାଗିଥିବା ସୂଚନା ମିଳିଛି। ଭାରତୀୟ ବାର୍ କାଉନସିଲ୍ (ବିସିଆଇ), ପଶ୍ଚିମବଙ୍ଗ ବାର୍ କାଉନସିଲ୍‌କୁ ଚିଠି ଲେଖି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଏନ୍‌ରୋଲ୍‌ମେଣ୍ଟ ଏବଂ ଓକିଲାତିର ରେକର୍ଡ ୨ ଦିନ ମଧ୍ୟରେ ଦାଖଲ କରିବାକୁ କହିଛି।

ଗତ ଫେବୃଆରୀ ମାସରେ ସୁପ୍ରିମକୋର୍ଟରେ ପଶ୍ଚିମବଙ୍ଗର ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ୍ (ଏସ୍‌ଆଇଆର୍) ମାମଲାର ଶୁଣାଣି ହୋଇଥିଲା। ସେତେବେଳେ ମଧ୍ୟ ବଙ୍ଗଳାର ମୁଖ୍ୟମନ୍ତ୍ରୀ ଥିବା ମମତା ବାନାର୍ଜୀ ଆଡଭୋକେଟ୍ ଭାବେ କଳାକୋଟ୍ ପିନ୍ଧି ସୁପ୍ରିମକୋର୍ଟ ଖଣ୍ଡପୀଠଙ୍କ ସମ୍ମୁଖରେ ନିଜର ପକ୍ଷ ରଖିଥିଲେ। କୋର୍ଟ ରୁମ୍‌ରେ ସେ ପ୍ରାୟ ୧୩ ମିନିଟ୍ ଧରି ନିଜର ବକ୍ତବ୍ୟ ରଖିଥିଲେ। ତେବେ ସୁପ୍ରିମକୋର୍ଟ ଇତିହାସରେ ଏହା ପ୍ରଥମ ଘଟଣା ଥିଲା, ଯେତେବେଳେ କୌଣସି ରାଜ୍ୟର ଜଣେ କାର୍ଯ୍ୟରତ



ମୁଖ୍ୟମନ୍ତ୍ରୀ ନିଜେ କୋର୍ଟରେ ହାଜର ହୋଇ ଯୁକ୍ତି ବାଢ଼ିଥିଲେ। ସାଧାରଣତଃ ମାମଲାଗୁଡ଼ିକରେ ମୁଖ୍ୟମନ୍ତ୍ରୀଙ୍କ ଓକିଲ କିମ୍ବା ପରାମର୍ଶଦାତାମାନେ ହାଜର ହୋଇଥାନ୍ତି। ମମତାଙ୍କ ନିର୍ବାଚନ ସତ୍ୟପାଠ ଅନୁଯାୟୀ, ସେ ୧୯୭୯ରେ କଲିକତା ବିଶ୍ୱବିଦ୍ୟାଳୟରୁ ଏମ୍‌ଏ ଶେଷ କରିବା ପରେ ଯୋଗେଶ ଚନ୍ଦ୍ର ଚୌଧୁରୀ କଲେଜରେ ଏଲ୍‌ଏଲ୍‌ବି କୋର୍ସରେ ଆଡମିଶନ କରିଥିଲେ। ୧୯୮୨ରେ ତାଙ୍କର ଏଲ୍‌ଏଲ୍‌ବି ଡିଗ୍ରୀ ଶେଷ ହୋଇଥିଲା। ଏପରିକି ସେ ୧୯୮୦ ଦଶକରେ କଲିକତା ହାଇକୋର୍ଟରେ ଜଣେ ଓକିଲ ଭାବେ କିଛି ଦିନ କାର୍ଯ୍ୟ କରିଥିଲେ। କିନ୍ତୁ ସେହି ସମୟରେ ସେ ସକ୍ରିୟ ରାଜନୀତିରେ ପାଦ ଦେଇଥିବାରୁ ଏହି କ୍ୟାରିୟର ଅଧିକ ଦିନ ଚାଲିନଥିଲା।

ଭୟଙ୍କର ସ୍ଥିତିରେ ବାୟୁ ପ୍ରଦୂଷଣ: ଦିଲ୍ଲୀ ସରକାର ଲାଗୁକଲେ ନୂଆ ନିୟମ

# ଏଣିକି ସପ୍ତାହକୁ ୨ ଦିନ ୱାର୍କ ଫ୍ରମ୍ ହୋମ୍

**ନୂଆଦିଲ୍ଲୀ, ୧୪।୫/ଏଜେନ୍ସି:** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ଇନ୍ଧନ ସଞ୍ଚୟ ଏବଂ ଅର୍ଥନୈତିକ ସ୍ଥିରତା ପାଇଁ ଗୁରୁବାର କେତେକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଏହି ନୂତନ ନିୟମଗୁଡ଼ିକ ଆସନ୍ତାକାଲିଠାରୁ (ଶୁକ୍ରବାର) ଲାଗୁ ହେବ ବୋଲି ସେ ଆଜି ସ୍ପଷ୍ଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ନେଇଥିବା ନିଷ୍ପତ୍ତି ମଧ୍ୟରେ ସରକାରୀ କର୍ମଚାରୀମାନେ ଏଣିକି ସପ୍ତାହକୁ ୨ ଦିନ ଘରୁ କାମ (ୱାର୍କ ଫ୍ରମ୍ ହୋମ୍) କରିବେ, ଯାହାଦ୍ୱାରା ଯାନବାହନ ଚଳାଚଳ ଏବଂ ଇନ୍ଧନ ଖର୍ଚ୍ଚ କମିବ। ଏତଦ୍‌ବ୍ୟତୀତ ଏହି ଅଭିଯାନ ମାଧ୍ୟମରେ ଦିଲ୍ଲୀ ସରକାର ଜନସାଧାରଣଙ୍କୁ ସପ୍ତାହକୁ ଗୋଟିଏ ଦିନ 'ନୋ ଭେଇକିଲ୍ ଡେ' (ଗାଡ଼ି ବିହୀନ ଦିନ) ପାଳନ କରିବାକୁ ଅନୁରୋଧ କରିଛନ୍ତି। ଏହିକ୍ରମେ ପ୍ରତି ସୋମବାର ଦିନ ସମସ୍ତ ମନ୍ତ୍ରୀ, ଅଧିକାରୀ ଏବଂ କର୍ମଚାରୀମାନେ ମଧ୍ୟ ନିଜ ଗାଡି ମୋଟର ଛାଡି ମେଟ୍ରୋ ରେଳରେ ଯାତାୟାତ କରିବେ।



**୬୦% କାର୍‌କେଡ୍ ହ୍ରାସ କଲେ ମୁଖ୍ୟମନ୍ତ୍ରୀ**

**ବର୍ଷକ ଯାଏଁ ବିଦେଶ ଯାଇପାରିବେନି ନେତା, ମନ୍ତ୍ରୀ**

ରିପୋର୍ଟ ଅନୁସାରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ନିଜର ସରକାରୀ ଗାଡ଼ି ସଂଖ୍ୟାକୁ ପ୍ରାୟ ୬୦% କମାଇ ମାତ୍ର ୪ଟି ଗାଡିରେ ସୀମିତ କରିଛନ୍ତି। ଏଥିମଧ୍ୟରୁ ଦୁଇଟି ହେଉଛି ଇଲେକ୍ଟ୍ରିକ୍ ଗାଡ଼ି (ଇଭି)। ଏପରିକି ଆଗାମୀ ୬ ମାସ ପର୍ଯ୍ୟନ୍ତ କୌଣସି ନୂଆ ପେଟ୍ରୋଲ, ଡିଜେଲ କିମ୍ବା ଇଲେକ୍ଟ୍ରିକ୍ ଗାଡ଼ି କିଣାକୁ ଅନୁମତି ଦିଆଯିବ ନାହିଁ। କେବଳ ସେତିକି ନୁହେଁ, ଆଗାମୀ ଏକ ବର୍ଷ ପର୍ଯ୍ୟନ୍ତ ଦିଲ୍ଲୀ ସରକାରଙ୍କ କୌଣସି ମନ୍ତ୍ରୀ କିମ୍ବା ଅଧିକାରୀ ସରକାରୀ କାର୍ଯ୍ୟରେ ବିଦେଶ ଗସ୍ତ କରିପାରିବେ ନାହିଁ। ସମସ୍ତ ସରକାରୀ ଅଫିସ୍‌ରେ ଏସିର ତାପମାତ୍ରାକୁ ୨୪ରୁ ୨୬ ଡିଗ୍ରୀ ମଧ୍ୟରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ କର୍ମଚାରୀଙ୍କ ପାଇଁ ଯାତାୟାତ ଭତ୍ତା ୧୦% ବୃଦ୍ଧି କରାଯାଇଥିବା ସେ ସୂଚନା ଦେଇଛନ୍ତି। 'ମେରା ଭାରତ ମେରା ଯୋଗଦାନ' ଅଭିଯାନ ଅନ୍ତର୍ଗତ ଦିଲ୍ଲୀ ସରକାର ଏସବୁ ନିଷ୍ପତ୍ତି ନେଇଛନ୍ତି। ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଏବଂ ବିଶ୍ୱ ଅର୍ଥନୀତିର ଅନିଶ୍ଚିତତାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ସର୍ବନିମ୍ନ ଖର୍ଚ୍ଚ ଏବଂ ଅଧିକ ସଞ୍ଚୟ ପାଇଁ ଯେଉଁ ଅନୁରୋଧ କରିଥିଲେ, ତାହାକୁ ଆଧାର କରି ଦିଲ୍ଲୀ ସରକାର ଏହି ପଦକ୍ଷେପ ନେଇଛନ୍ତି। ତେବେ ସ୍ୱାସ୍ଥ୍ୟ, ପୁଲିସ୍ ଏବଂ ଅଗ୍ନିଶମ ଭଳି ଜରୁରୀକାଳୀନ ସେବାରେ ନିୟୋଜିତ କର୍ମଚାରୀମାନଙ୍କ ପାଇଁ ଏହି ନିୟମ ଲାଗୁ ହେବ ନାହିଁ। ଦିଲ୍ଲୀ ସରକାର ଘରୋଇ ସଂସ୍ଥାଗୁଡ଼ିକୁ ମଧ୍ୟ ସେମାନଙ୍କ କର୍ମଚାରୀଙ୍କ ପାଇଁ ସମାନ ବ୍ୟବସ୍ଥା ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଦିଲ୍ଲୀରେ ପ୍ରଦୂଷଣ ଯୋଗୁଁ ସ୍ୱାସ୍ଥ୍ୟଗତ ସମସ୍ୟା ବଢୁଥିବାରୁ ଗ୍ରାପ୍-୪ ନିୟମାବଳୀ ମଧ୍ୟ କଡ଼ାକଡ଼ି ଭାବେ ପାଳନ କରାଯାଉଛି। ଅଫିସ୍ ଯାତାୟାତ କମିଲେ ବାୟୁ ପ୍ରଦୂଷଣ ସ୍ତରରେ କିଛିଟା ହ୍ରାସ ଘଟିବ ବୋଲି କୁହାଯାଉଛି। ତେବେ ବିଜେପି ଶାସିତ ଅନ୍ୟ କିଛି ରାଜ୍ୟ ମଧ୍ୟ ଏବେ ଏପ୍ରକାର ଇନ୍ଧନ ସଂକଟ ସମୟରେ ଦିଲ୍ଲୀ ସରକାରଙ୍କ ଏହି ଫର୍ମୁଲାକୁ ଆପଣାଇବେ ବୋଲି ଅନୁମାନ କରାଯାଉଛି।

# ପାର୍ଟନର୍ ହୁଅନ୍ତୁ, ପ୍ରତିଦ୍ୱନ୍ଦ୍ୱୀ ନୁହେଁ

## ଟ୍ରେଡ୍ ୱାର୍‌ରେ କେହି ଜିତିନଥାନ୍ତି: ଟ୍ରମ୍ପ୍‌ଙ୍କୁ ଜିନ୍‌ପିଙ୍ଗ୍‌ଙ୍କ ପରାମର୍ଶ

**ବେଜିଂ, ୧୪।୫/ଏଜେନ୍ସି:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁରୁବାର ଦିନ ବେଜିଂରେ ଚୀନ୍ ରାଷ୍ଟ୍ରପତି ଶି ଜିନପିଙ୍ଗ୍‌ଙ୍କୁ ଭେଟିଛନ୍ତି। ବେଜିଂର 'ଗ୍ରେଟ୍ ହଲ୍ ଅଫ୍ ଦି ପିପୁଲ୍'ରେ ଜିନପିଙ୍ଗ୍ ଟ୍ରମ୍ପଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଟ୍ରମ୍ପଙ୍କୁ 'ଗାର୍ଡ ଅଫ୍ ଅନର' ପ୍ରଦାନ କରାଯାଇଥିଲା ଏବଂ ଦୁଇ ନେତା ପରସ୍ପର ସହ କରମର୍ଦ୍ଦନ କରି ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ଏହାପରେ ଦୁଇ ନେତାଙ୍କ ମଧ୍ୟରେ ପ୍ରାୟ ୨ ଘଣ୍ଟା ଧରି ବୈଠକ ଚାଲିଥିଲା। ବୈଠକର ଆରମ୍ଭରେ ଜିନପିଙ୍ଗ୍ କହିଥିଲେ ଯେ ସମଗ୍ର ବିଶ୍ୱ ଏହି ବୈଠକ ଉପରେ ନଜର ରଖିଛି। ସେ କହିଥିଲେ ଯେ ବିଶ୍ୱ ଦ୍ରୁତ ଗତିରେ ବଦଳୁଛି ଏବଂ ଆମେରିକା-ଚୀନ୍ ସମ୍ପର୍କ ବିଶ୍ୱ ସ୍ଥିରତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜିନପିଙ୍ଗ୍ କହିଥିଲେ ଯେ ଉଭୟ ଦେଶକୁ ପ୍ରତିଦ୍ୱନ୍ଦ୍ୱୀ ନୁହେଁ, ବରଂ ପାର୍ଟନର (ସହଯୋଗୀ) ହେବା ଉଚିତ୍। ଜିନ୍‌ପିଙ୍ଗ୍, ଟ୍ରମ୍ପ୍‌ଙ୍କୁ କହିଛନ୍ତି ଯେ, "ଏହା ବାରମ୍ବାର ପ୍ରମାଣିତ ହୋଇଛି ଯେ ଟ୍ରେଡ୍ ୱାର (ବାଣିଜ୍ୟ ଯୁଦ୍ଧ)ରେ କେହି ବିଜୟୀ ହୁଅନ୍ତି ନାହିଁ। ଚୀନ୍-ଆମେରିକା ଆର୍ଥିକ ସମ୍ପର୍କର ଆଧାର ହେଉଛି ପାରସ୍ପରିକ ଲାଭ ଏବଂ 'ୱିନ୍-ୱିନ୍' ସହଯୋଗ।"



ଆମେରିକା ଏବଂ ଚୀନ୍ ଉଭୟ ଏହି ନୀତିକୁ ସମ୍ମାନ ଦେବା ଉଚିତ୍। ଅନ୍ୟପଟେ ଟ୍ରମ୍ପ, ଜିନପିଙ୍ଗଙ୍କ ପ୍ରଶଂସା କରି କହିଥିଲେ, "ଆପଣଙ୍କ ବନ୍ଧୁ ହେବା ଏକ ସମ୍ମାନର କଥା।" ଟ୍ରମ୍ପ କହିଥିଲେ ଯେ ଆମେରିକା ଏବଂ ଚୀନ୍‌ର ସମ୍ପର୍କ ପୂର୍ବ ଅପେକ୍ଷା ଆହୁରି ଭଲ ହେବାକୁ ଯାଉଛି। କେବଳ ଏହି କାରଣରୁ ବିଶ୍ୱର ବଡ଼ ବଡ଼ ବ୍ୟବସାୟିକ ନେତାମାନଙ୍କୁ ନିଜ ସହ ଚୀନ୍ ନେଇକରି ଆସିଛନ୍ତି। ଟ୍ରମ୍ପ୍, ଜିନପିଙ୍ଗଙ୍କ ସହ ବ୍ୟାଙ୍କ୍ୱେଟ୍ ଡିନର' (ରାଜକୀୟ ଭୋଜି) ସମୟରେ ଆମେରିକା ଏବଂ ଚୀନ୍‌ର ଐତିହାସିକ ସମ୍ପର୍କ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ଟ୍ରମ୍ପ କହିଥିଲେ ଯେ ଆମେରିକା ଏବଂ ଚୀନ୍ ଲୋକଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ପାରସ୍ପରିକ ସମ୍ମାନର ଭାବନା ରହିଆସିଛି।

ଟ୍ରମ୍ପ୍‌ଙ୍କ ଏପ୍ରକାର ଚୀନ୍ ଗସ୍ତର ସବୁଠାରୁ ବଡ଼ ଚର୍ଚ୍ଚା ବୋଇଙ୍ଗ୍ ବିମାନ ଚୁକ୍ତିକୁ ନେଇ ଚାଲିଛି। ରିପୋର୍ଟ ଅନୁଯାୟୀ, ଚୀନ୍ ଆମେରିକୀୟ କମ୍ପାନୀ ବୋଇଙ୍ଗ୍‌ଠାରୁ ପ୍ରାୟ ୯ ଲକ୍ଷ କୋଟି ଟଙ୍କାର ବିମାନ କିଣିବା ପାଇଁ ଏକ ବଡ଼ ବୁଝାମଣା କରିପାରେ। ଯଦି ଏହି ଚୁକ୍ତି ହୁଏ, ତେବେ ଏହା ବିଶ୍ୱର ସବୁଠାରୁ ବଡ଼ ବିମାନ ଚୁକ୍ତିଗୁଡ଼ିକ ମଧ୍ୟରେ ସାମିଲ ହେବ। ସେହିପରି ଜିନ୍‌ପିଙ୍ଗ ଏବଂ ଟ୍ରମ୍ପ୍‌ଙ୍କ ମଧ୍ୟରେ ହେବାକୁ ଥିବା ଅନ୍ୟ ତଥା ଗୁରୁତ୍ୱପୂର୍ଣ୍ଣ ବୈଠକଗୁଡ଼ିକରେ ବ୍ୟାପାର, ଟ୍ୟାରିଫ୍, ସେମିକଣ୍ଡକ୍ଟର, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ତାଇୱାନ ଭଳି ପ୍ରସଙ୍ଗରେ ମଧ୍ୟ ଆଲୋଚନା ହେବ ବୋଲି ସୂଚନା ମିଳିଛି। ଗତ କିଛି ବର୍ଷ ମଧ୍ୟରେ ଉଭୟ ଦେଶର ସମ୍ପର୍କରେ ବହୁତ ତିକ୍ତତା ରହିଆସିଛି, ତେଣୁ ଏହି ସାକ୍ଷାତକାରକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ମାନାଯାଉଛି।

କମିଟିରେ ବିରୋଧୀ ଦଳ ନେତାଙ୍କୁ ରଖିବାର ଅର୍ଥ କ'ଣ ?

# ନିର୍ବାଚନ କମିଶନର୍‌ଙ୍କ ନିଯୁକ୍ତି ଉପରେ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

**ନୂଆଦିଲ୍ଲୀ, ୧୪।୫/ଏଜେନ୍ସି:** ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ଅନ୍ୟ ନିର୍ବାଚନ କମିଶନର (ଇସି)ମାନଙ୍କ ନିଯୁକ୍ତି ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟ ଗୁରୁବାର ଦିନ କେନ୍ଦ୍ର ସରକାରଙ୍କୁ ଏକ ବଡ଼ ପ୍ରଶ୍ନ କରିଛନ୍ତି। କୋର୍ଟ କହିଛନ୍ତି 'ଯଦି ସରକାରଙ୍କୁ ହିଁ ଚୂଡ଼ାନ୍ତ ନିଷ୍ପତ୍ତି ନେବାର ଅଛି, ତେବେ ଚୟନ କମିଟିରେ ବିରୋଧୀ ଦଳ ନେତାଙ୍କୁ ରଖି ସ୍ୱାଧୀନତାର ଦେଖାଣିଆ ପଣ କରିବାର ଆବଶ୍ୟକତା କ'ଣ ରହିଛି। ଜଷ୍ଟିସ୍ ଦୀପଙ୍କର ଦତ୍ତ ଏବଂ ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ସିବିଆଇ ନିର୍ଦ୍ଦେଶକଙ୍କ ଚୟନ କମିଟିରେ ଭାରତର ମୁଖ୍ୟ ବିଚାରପତି (ସିଜେଆଇ) ସାମିଲ ଥାଆନ୍ତି, କିନ୍ତୁ ନିର୍ବାଚନ କମିଶନରଙ୍କ ନିଯୁକ୍ତି କମିଟିରେ କୌଣସି ସ୍ୱାଧୀନ ସଦସ୍ୟଙ୍କୁ କାହିଁକି ରଖାଯାଇନାହିଁ। ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟ ନିର୍ବାଚନ କମିଶନର (ନିଯୁକ୍ତି, ସେବା ସର୍ତ୍ତାବଳୀ ଏବଂ କାର୍ଯ୍ୟକାଳ) ଅଧିନିୟମ, ୨୦୨୩' କୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ଆବେଦନଗୁଡ଼ିକର ଶୁଣାଣି ସମୟରେ କୋର୍ଟ ଏହି ମନ୍ତବ୍ୟ ଦେଇଛନ୍ତି। ତେବେ ଏହି ନୂତନ ଆଇନ ଅନୁଯାୟୀ, ସିଇସି ଓ ଅନ୍ୟ ଇସିମାନଙ୍କ ନିଯୁକ୍ତି ପାଇଁ ଥିବା କମିଟିରେ ପ୍ରଧାନମନ୍ତ୍ରୀ, ଲୋକସଭାର ବିରୋଧୀ ଦଳ ନେତା ଏବଂ ଜଣେ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ରହିବେ। ପୂର୍ବରୁ ସୁପ୍ରିମକୋର୍ଟ ଏକ ଅନ୍ତରୀଣ ବ୍ୟବସ୍ଥା ଭାବେ ଏହି କମିଟିରେ ଭାରତର ମୁଖ୍ୟ ବିଚାରପତି (ସିଜେଆଇ) ଙ୍କୁ ମଧ୍ୟ ସାମିଲ କରିଥିଲେ।



## ରଥୀନ୍ଦ୍ର ବୋଷ୍ ବଙ୍ଗ ବିଧାନସଭାର ନୂଆ ବାଚସ୍ପତି



**କୋଲକାତା, ୧୪।୫/ଏଜେନ୍ସି:** ଉତ୍ତର ପଶ୍ଚିମବଙ୍ଗର କୁଚବିହାର ଦକ୍ଷିଣରୁ ପ୍ରଥମ ଥର ପାଇଁ ବିଧାୟକ ହୋଇଥିବା ରଥୀନ୍ଦ୍ର ବୋଷ ବିଧାନସଭାର ନୂତନ ବାଚସ୍ପତି ହେବେ। ଶାସକ ବିଜେପି ଗୁରୁବାର ଦିନ ବାଚସ୍ପତି ପଦ ପାଇଁ ବୋଷଙ୍କୁ ପ୍ରାର୍ଥୀ ଭାବରେ ମନୋନୀତ କରିଛି। ରଥୀନ୍ଦ୍ର ବୋଷ ପ୍ରଥମ ଥର ପାଇଁ ବିଧାୟକ ହୋଇଛନ୍ତି। ସେ ଟିଏମ୍‌ସିର ଅଭିଜିତ୍ ଦେ ଭୌମିକଙ୍କୁ ପରାସ୍ତ କରିଥିଲେ। ତେବେ ଗୁରୁବାର ଦିନ ମୁଖ୍ୟମନ୍ତ୍ରୀଶୁଭେନ୍ଦୁ ଅଧିକାରୀଙ୍କ ଉପସ୍ଥିତିରେ ବାଚସ୍ପତି ପଦ ପାଇଁ ବୋଷ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତାଙ୍କର ପ୍ରଥମ ପ୍ରସ୍ତାବକ ନିଜେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ରହିଛନ୍ତି। ଯେତେବେଳେ ଦ୍ୱିତୀୟ ପ୍ରସ୍ତାବକ ବରିଷ୍ଠ ବିଜେପି ବିଧାୟକ ଦୀପକ ବର୍ମନ ଅଛନ୍ତି। ଶୁକ୍ରବାର ବାଚସ୍ପତି ପଦ ପାଇଁ ନିର୍ବାଚନ କରାଯିବ ବୋଲି ସୂଚନା ମିଳିଛି। ବୋଷ୍‌ଙ୍କ ବାଚସ୍ପତି ହେବା ଏକପ୍ରକାର ଚୂଡାନ୍ତ ବୋଲି ବିବେଚନା କରାଯାଉଛି। ସେ ସମ୍ପ୍ରତି କାମଚଳା ବାଚସ୍ପତି ଭାବେ ଦାୟିତ୍ୱ ତୁଲାଉଥିବା ବିଜେପି ବିଧାୟକ ତାପସ ରୟଙ୍କ ସ୍ଥାନରେ ଅବସ୍ଥାପିତ ହେବେ। ବର୍ତ୍ତମାନ ପଶ୍ଚିମବଙ୍ଗରେ ନିର୍ବାଚନ ପରବର୍ତ୍ତୀ ହିଂସା ଏବଂ ବିଭିନ୍ନ ଆଇନଗତ ବିବାଦ ଚାଲିଥିବା ସମୟରେ ବାଚସ୍ପତି ଭାବେ ତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ। ବିଧାନସଭାର ଶୃଙ୍ଖଳା ରକ୍ଷା କରିବା ଏବଂ ବିରୋଧୀ ଦଳର ପ୍ରଶ୍ନଗୁଡ଼ିକୁ ସନ୍ତୁଳିତ ଭାବେ ପରିଚାଳନା କରିବା ତାଙ୍କ ପାଇଁ ଏକ ବଡ଼ ଆହ୍ୱାନ ହେବ।

## 'ଆଇଆଇଏମ୍ ଆର୍ଥିକ ପରିବର୍ତ୍ତନର ଶକ୍ତିଶାଳୀ ମାଧ୍ୟମ'

**ଭୁବନେଶ୍ୱର,୧୪।୫/ଏନ୍ଏନ୍ଏସ୍:** ଭାରତର ଆଇଆଇଏମଗୁଡ଼ିକ କେବଳ ଶିକ୍ଷାନୁଷ୍ଠାନ ନୁହଁନ୍ତି, ବରଂ ଦେଶ ଗଠନ ଏବଂ ଆର୍ଥିକ ପରିବର୍ତ୍ତନର ଶକ୍ତିଶାଳୀ ମାଧ୍ୟମ। ନେତୃତ୍ୱ ଏବଂ ପରିଚାଳନା ଶିକ୍ଷା କ୍ଷେତ୍ରରେ ଏହା ସମଗ୍ର ବିଶ୍ୱ ପାଇଁ ଆଦର୍ଶ ସାଜିଛି। ଆଗାମୀ ଦିନରେ ଏହି ଅନୁଷ୍ଠାନଗୁଡ଼ିକ ଏକ ସୁଦୃଢ଼ ଇନୋଭେସନ ପରିବେଶ ସୃଷ୍ଟି କରି ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ପ୍ରମୁଖ ସହାୟକ ହେବେ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶ୍ରୀ ଧର୍ମେନ୍ଦ୍ର ଆଜି ଗୁଜରାଟ ଗସ୍ତ ଅବସରରେ ଗାନ୍ଧୀନଗର ଠାରେ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉଭୟ ନେତାଙ୍କ ମଧ୍ୟରେ ଶିକ୍ଷା ଏବଂ ନବସୃଜନ କ୍ଷେତ୍ରରେ ଗୁଜରାଟର ଅଗ୍ରଗତି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା । ଏହା ପୂର୍ବରୁ ଶ୍ରୀ ପ୍ରଧାନ ଆଇଆଇଏମ ଅହମ୍ମଦାବାଦ ପରିସରରେ ଆୟୋଜିତ ଆଇଆଇଏମ ସମୂହର 'ସମନ୍ୱୟ ମଞ୍ଚ' ବା କୋର୍ଡିସେନସ ଫୋରମ ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକରେ 'ବିକଶିତ ଭାରତ-୨୦୪୭' ର ସ୍ୱପ୍ନକୁ ସାକାର କରିବାରେ ଆଇଆଇଏମ୍‌ଗୁଡ଼ିକର ଭୂମିକା ଉପରେ ବ୍ୟାପକ ବିଚାର ବିମର୍ଶ କରାଯାଇଥିଲା। ଶ୍ରୀ ପ୍ରଧାନ କହିଥିଲେ ଯେ



ଦେଶର ସମସ୍ତ ଆଇଆଇଏମ୍ ମଧ୍ୟରେ ସମନ୍ୱୟ ରକ୍ଷା କରି ଏକ ସଶକ୍ତ ଶିକ୍ଷା ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ହେବ। ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ସହ ବିଶ୍ୱସ୍ତରୀୟ ଶିକ୍ଷାଦାନ ପଦ୍ଧତି ଆପଣେଇବାକୁ ହେବ । ନୂତନ ଇନୋଭେସନକୁ ପ୍ରୋତ୍ସାହନ ଦେଇ ଆଇଆଇଏମ ଶିକ୍ଷାକୁ ଆନ୍ତର୍ଜାତୀୟ ସ୍ତରରେ ଶୀର୍ଷରେ ପହଞ୍ଚାଇବା ପାଇଁ ଆହ୍ୱାନ କରିଥିଲେ କେନ୍ଦ୍ରମନ୍ତ୍ରୀ। ସେହିପରି ବୈଷୟିକ ଜ୍ଞାନ ସହ ସାମାଜିକ ଦାୟିତ୍ୱବୋଧ ଏବଂ ନୈତିକ ନେତୃତ୍ୱ ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ ।ଏହି ବୈଠକରେ ଆଇଆଇଏମର ନିର୍ଦ୍ଦେଶକ ଏବଂ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ନିଜର ମତାମତ ପ୍ରକାଶ କରିଥିଲେ ।

ରେଳ ଭିତ୍ତିଭୂମି ବିକାଶ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ବିଶେଷ ପଦକ୍ଷେପ

# ଓଡ଼ିଶାରେ କାର୍ଯ୍ୟକାରୀ ହେଉଛି ୯୦ ହଜାର କୋଟିର ପ୍ରକଳ୍ପ

**ଭୁବନେଶ୍ୱର,୧୪।୫/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଓଡ଼ିଶାରେ ଚାଲିଥିବା ପ୍ରମୁଖ ରେଳ ଭିତ୍ତିଭୂମି ଏବଂ ସଂଯୋଗୀକରଣ ଯୋଜନା ବିଷୟରେ ଗୁରୁବାର କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଲୋକପାତ କରିଛନ୍ତି। ଓଡ଼ିଶାର ରେଳ ବିକାଶ ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ଯେ, ବର୍ତ୍ତମାନ ରାଜ୍ୟରେ ପ୍ରାୟ ୯୦,୦୦୦ କୋଟି ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ପ୍ରମୁଖ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଜୁନାଗଡ଼-ନବରଙ୍ଗପୁର, ନବରଙ୍ଗପୁର-ଜୟପୁର, ଜୟପୁର-ମାଲକାନଗିରି, ବରଗଡ଼-ନୂଆପଡ଼ା, ଗୁଣୁପୁର-ଥେରୁବାଲି, ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ଏବଂ ବିମଳାଗଡ଼-ତାଳଚେର ରେଳ ଲାଇନ ପ୍ରକଳ୍ପ ଅନ୍ତର୍ଭୁକ୍ତ। ସେ କହିଛନ୍ତି ଯେ, ଦୀର୍ଘ ଦିନରୁ ବିଳମ୍ବିତ ଥିବା ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ଦ୍ରୁତ ଗତିରେ ଆଗେଇ ଚାଲିଛି ଏବଂ ଏହାକୁ ୨୦୨୭ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶା ଦେଇ ଯାଇଥିବା ହାଓଡ଼ା-ଚେନ୍ନାଇ ମୁଖ୍ୟ କରିଡରରେ ଚାଲିଥିବା ଚାରି-ଲେନ୍ କାର୍ଯ୍ୟ ଉପରେ ମଧ୍ୟ ଆଲୋକପାତ କରିଛନ୍ତି। ସେ ପ୍ରକାଶ କରିଛନ୍ତି ଯେ ନୂତନ ଲାଇନ ଏବଂ ପ୍ରମୁଖ କ୍ଷମତା ବୃଦ୍ଧି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ, ଓଡ଼ିଶା ଭବିଷ୍ୟତରେ ପ୍ରାୟ ୫୦୦ଟି ଅତିରିକ୍ତ ଟ୍ରେନ ଚଲାଇବାର କ୍ଷମତା ହାସଲ କରିବ। ଶ୍ରୀ ବୈଷ୍ଣବ ଆହୁରି ସୂଚନା ଦେଇଛନ୍ତି ଯେ, ଅମୃତ ଷ୍ଟେସନ ଯୋଜନା ଅଧୀନରେ ଓଡ଼ିଶାର ୫୯ଟି ରେଳ ଷ୍ଟେସନର ପୁନଃବିକାଶ କରାଯାଉଛି, ଯେଉଁଥିରେ ଭୁବନେଶ୍ୱର, ପୁରୀ, ସମ୍ବଲପୁର, ବ୍ରହ୍ମପୁର, ତାଳଚେର ଏବଂ ବାରିପଦା ଷ୍ଟେସନ ସାମିଲ ରହିଛି। ପ୍ରସ୍ତାବିତ ପୁରୀ-କୋଣାର୍କ ରେଳ ସଂଯୋଗୀକରଣ ପ୍ରକଳ୍ପ ପାଇଁ ଏକ



ନୂତନ ଡିପିଆର ମଧ୍ୟ ପ୍ରସ୍ତୁତ କରାଯାଉଛି। ଓଡ଼ିଶାରେ ରେଳ ଭିତ୍ତିଭୂମି ସୁଦୃଢ଼ କରିବା ଏବଂ ଆଞ୍ଚଳିକ ବିକାଶ ସୁନିଶ୍ଚିତ କରିବା ପାଇଁ ଭାରତ ସରକାର ପ୍ରତିବଦ୍ଧ ବୋଲି ସେ ପୁନର୍ବାର ଦୋହରାଇଛନ୍ତି।

ଅନ୍ୟପକ୍ଷରେ ନୂତନ ୧୮୪୦୭/୧୮୪୦୮ ପୁରୀ-କୋରାପୁଟ-ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରି ଶ୍ରୀ ବୈଷ୍ଣବ କହିଛନ୍ତି ଯେ, ଏହି ଟ୍ରେନ ସେବା ପ୍ରଥମ ଥର ପାଇଁ ପୁରୀ ଏବଂ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ ସିଧାସଳଖ ରେଳ ସଂଯୋଗ ପ୍ରଦାନ କରିବ। ଏହି ଟ୍ରେନ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ଅନୁଗୁଳ, ସମ୍ବଲପୁର, ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, ଟିକିରି, ଲକ୍ଷ୍ମୀପୁର ରୋଡ୍, କାକିରିଗୁମା ଏବଂ ଦାମନଯୋଡ଼ି ଦେଇ ଚାଲିବ, ଯାହା ଉପକୂଳ, ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ଯାତ୍ରୀମାନଙ୍କୁ ଯଥେଷ୍ଟ ଉପକୃତ କରିବ। ଏହି ସେବା ତୀର୍ଥଯାତ୍ରା, ପର୍ଯ୍ୟଟନ, ଶିକ୍ଷା, ସ୍ୱାସ୍ଥ୍ୟସେବା, ନିଯୁକ୍ତି ଏବଂ ବ୍ୟବସାୟିକ ଯାତ୍ରା ପାଇଁ ସଂଯୋଗୀକରଣରେ ସୁଧାର ଆଣିବ, ବିଶେଷ କରି କେବିକେ ଅଞ୍ଚଳ ଏବଂ ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକ ପାଇଁ ଏହା ଅତ୍ୟନ୍ତ ଲାଭଦାୟକ ହେବ।

ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ପାଳନ

## ପ୍ରଧାନମନ୍ତ୍ରୀଙ୍କୁ କରାଯିବ ନିମନ୍ତ୍ରଣ: ମନ୍ତ୍ରୀ

**ଭୁବନେଶ୍ୱର,୧୪।୫/ଏନ୍ଏନ୍ଏସ୍:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର ଆସନ୍ତା ଜୁନ୍ ୧୨ ତାରିଖରେ ସଫଳତାର ଦୁଇ ବର୍ଷ ପୂରଣ କରିବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ପାଳନ ଉତ୍ସବରେ ଅନାବଶ୍ୟକ ଖର୍ଚ୍ଚ ନକରି ସାଂକେତିକ ଓ ନିରାଡମ୍ବର ଭାବେ ପାଳନ କରାଯିବ। ଜୁନ୍ ୧୨ରୁ ୧୦ ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିବ। ଦୁଇ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟକୁ ଆସିବା ପାଇଁ ଆମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରିବୁ, ସେ ସମୟ ସ୍ଥିର କଲେ କାର୍ଯ୍ୟକ୍ରମ



ଚୂଡ଼ାନ୍ତ ହେବ। ଏହାସହ ଜୁନ୍ ୧ରୁ ସମସ୍ତ ବିଭାଗର ରିପୋର୍ଟ କାର୍ଡ ପ୍ରକାଶ ପାଇବ। ମୁଖ୍ୟମନ୍ତ୍ରୀ ଏହାକୁ ଉନ୍ମୋଚନ କରିବା ପରେ ସମ୍ପୃକ୍ତ ବିଭାଗର ମନ୍ତ୍ରୀ ଓ ସଚିବମାନେ ସାମ୍ବାଦିକ ସମ୍ମିଳନୀ କରି ବିଭାଗୀୟ ସଫଳତା ସମ୍ପର୍କରେ ସୂଚନା ଦେବେ। ସରକାରଙ୍କ ସ୍ୱଚ୍ଛତା ଓ ସେବା ପ୍ରତି ରହିଥିବା ପ୍ରତିବଦ୍ଧତାକୁ ଏହି ରିପୋର୍ଟ କାର୍ଡ ପ୍ରତିଫଳିତ କରିବ ବୋଲି ସେ କହିଛନ୍ତି।

ଭାରତୀୟ ଷ୍ଟାମ୍ପ ଅଧିନିୟମରେ ସଂଶୋଧନ ଅଧ୍ୟାଦେଶ ଜାରି

# ଏଣିକି ଆପାର୍ଟମେଣ୍ଟ ପାଇଁ ମାତ୍ର ୫୦ ହଜାର ଟଙ୍କା ଷ୍ଟାମ୍ପ୍ ଦେୟ

**ଭୁବନେଶ୍ୱର,୧୪।୫/ଏନ୍ଏନ୍ଏସ୍:** ଭାରତୀୟ ଷ୍ଟାମ୍ପ (ଓଡ଼ିଶା ସଂଶୋଧନ) ଅଧ୍ୟାଦେଶ ସମ୍ପର୍କିତ ବିଜ୍ଞପ୍ତି ଓଡ଼ିଶା ଗେଜେଟ୍‌ରେ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ପୂର୍ବରୁ ପ୍ରଚଳିତ ଥିବା ଆପାର୍ଟମେଣ୍ଟ୍ ପଞ୍ଜୀକରଣ ପ୍ରକ୍ରିୟାକୁ ସରଳୀକରଣ କରିବା ପାଇଁ ଓ ସରକାରଙ୍କ ରାଜସ୍ୱ ଆଦାୟକୁ ସୁରକ୍ଷିତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଭାରତୀୟ ଷ୍ଟାମ୍ପ ଅଧିନିୟମ, ୧୮୯୯ରେ ଆବଶ୍ୟକ ସଂଶୋଧନ ପାଇଁ ଅଧ୍ୟାଦେଶ ଜାରି କରିବା ନିମନ୍ତେ କ୍ୟାବିନେଟର ସ୍ୱୀକୃତି ପ୍ରାପ୍ତ ହୋଇଥିଲା। ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ଅଧିନିୟମ, ୨୦୨୩ ଅନୁଯାୟୀ ପ୍ରଥମ ଆପାର୍ଟମେଣ୍ଟ ହସ୍ତାନ୍ତର ଦଲିଲ୍ ପଞ୍ଜୀକରଣ ସମୟରେ ସମୁଦାୟ ସାଧାରଣ କ୍ଷେତ୍ର ଓ ସୁବିଧା ଗୁଡ଼ିକୁ ଆସୋସିଏସନ ଅଫ୍ ଆଲଟିଙ୍କ ସପକ୍ଷରେ ହସ୍ତାନ୍ତର କରିବା ବାଧ୍ୟତାମୂଳକ ଅଟେ। ଏଥିପାଇଁ ଆସୋସିଏସନ ଅଫ୍ ଆଲଟିଙ୍କୁ ଦଲିଲ୍ ପଞ୍ଜୀକରଣ ନିମନ୍ତେ ୫% ଷ୍ଟାମ୍ପ ଦେୟ ଦେବାକୁ ପଡୁଥିଲା, ଯାହାକି ସେମାନଙ୍କ ଉପରେ ଅଧିକ ଆର୍ଥିକ ଭାର ସୃଷ୍ଟି କରୁଥିଲା ଏବଂ ଏହାଦ୍ୱାରା ଆପାର୍ଟମେଣ୍ଟ ପଞ୍ଜୀକରଣରେ ବାଧା ସୃଷ୍ଟି ହେଉଥିଲା। ତେବେ, ବର୍ତ୍ତମାନ ଏହି ସଂଶୋଧନ ବଳରେ ଆପାର୍ଟମେଣ୍ଟରେ ଥିବା ସାଧାରଣ କ୍ଷେତ୍ର ଓ ସୁବିଧା ଗୁଡ଼ିକର ପଞ୍ଜୀକରଣ ନିମନ୍ତେ ଆସୋସିଏସନ ଅଫ୍ ଆଲଟିଜ୍‌ଙ୍କୁ ଦଲିଲ ପଞ୍ଜୀକରଣ ପାଇଁ ୫୦,୦୦୦ ହଜାର ଟଙ୍କା ମାତ୍ର ଷ୍ଟାମ୍ପ ଦେୟ ଦେବାକୁ ପଡିବ। ପରବର୍ତ୍ତୀ ସମୟରେ ବ୍ୟକ୍ତିଗତ ଆପାର୍ଟମେଣ୍ଟ ୟୁନିଟ୍ ବିକ୍ରୟ ସମୟରେ ଆପାର୍ଟମେଣ୍ଟ ୟୁନିଟ୍ ସହ ସାଧାରଣ କ୍ଷେତ୍ର ଓ ସୁବିଧା ଗୁଡିକର ଅବିଭକ୍ତ ଅଂଶ ଉପରେ ୫% ଷ୍ଟାମ୍ପ ଡ୍ୟୁଟି ଆନୁପାତିକ ଭାବେ ଆଦାୟ ହେବ। ଏହା ସହିତ ଅଧିନିୟମରେ ଥିବା ଆପାର୍ଟମେଣ୍ଟର ମୂଲ୍ୟ ଅନୁଯାୟୀ ୩ଟି ସ୍ଲାବ୍ ଯଥା ୩%, ୪%, ଓ ୫% ପରିବର୍ତ୍ତେ କେବଳ ୫% ଷ୍ଟାମ୍ପ ଦେୟ ଦେବାକୁ ପଡ଼ିବ।

## ଲଣ୍ଡନବାସୀ ଚାଖିବେ ଓଡ଼ିଶା ଆମ୍ବ

**ଭୁବନେଶ୍ୱର,୧୪।୫/ଏନ୍ଏନ୍ଏସ୍:** ଲଣ୍ଡନବାସୀ ଚାଖିବେ ଓଡ଼ିଶା ଆମ୍ବ। ସୁଆଦିଆ ଆମ୍ରପଲ୍ଲୀ ଆମ୍ବର ମଜା ନେବେ ବ୍ରିଟିଶ୍ ନାଗରିକ। ଚଳିତ ବର୍ଷ ଢେଙ୍କାନାଳରୁ ସିଧା ଲଣ୍ଡନକୁ ପଠାଯାଇଛି ୧ ଟନ୍ ପ୍ରିମିୟମ୍ ଆମ୍ରପଲ୍ଲୀ ଆମ୍ବ। ଢେଙ୍କାନାଳ ସଦର ଓ ଓଡ଼ାପଡ଼ା ବ୍ଲକର ବିଭିନ୍ନ ଚାଷୀଙ୍କ ଠାରୁ ଏହି ଆମ୍ବ ସବୁ ସଂଗ୍ରହ କରାଯାଇଥିଲା। ପରେ କିଛି ତାଲିମପ୍ରାପ୍ତ ମହିଳା ଓ ପୁରୁଷଙ୍କୁ ନେଇ ଆମ୍ବ ସବୁକୁ ଧୋଇ ପୋଛି ସ୍ୱତନ୍ତ୍ର ଭାବେ ବକ୍ସ ପ୍ୟାକିଂ କରାଯାଇଥିଲା। ପରେ ଏହାକୁ ମୁମ୍ବାଇ ଓ କୋଲକତା ଦେଇ ଲଣ୍ଡନ ପଠାଯାଇଛି। ଅନୁକୂଳ ପାଣିପାଗ ଓ ଜଳବାୟୁ ଯୋଗୁଁ ଢେଙ୍କାନାଳରେ ଆମ୍ବ ଚାଷକୁ ବେଶ ସୁହାଇଥାଏ। ଏଣୁ ଏଠାରେ ବିଭିନ୍ନ ରକମର ଆମ୍ବ ଚାଷ ହୋଇଥାଏ। ତେବେ ବିଦେଶକୁ ରପ୍ତାନୀ ଦ୍ୱାରା ଜିଲ୍ଲାର ଆମ୍ବ ଚାଷୀ ବେଶ୍ ଦୁଇ ପଇସା ଲାଭ ପାଉଛନ୍ତି। ସେହିପରି ପ୍ୟାକିଂ ଓ ଅନ୍ୟ ଆନୁଷଙ୍ଗିକ କାମରେ ନିୟୋଜିତ ସ୍ଥାନୀୟ ମହିଳାମାନଙ୍କୁ ମଧ୍ୟ ରୋଜଗାର ମିଳୁଛି। କେନ୍ଦ୍ର ସରକାରଙ୍କ ଆପେଡା ଓ ରାଜ୍ୟ ସରକାରଙ୍କ ଉଦ୍ୟାନ ଓ କୃଷି ବିଭାଗ ତଥା ସ୍ଥାନୀୟ ସପ୍ତଶଯ୍ୟା କୃଷି ଉତ୍ପାଦକ ସଂସ୍ଥାର ମିଳିତ ସହଯୋଗରେ ଏହି ରପ୍ତାନୀ କରାଯାଇଛି। ସ୍ଥାନୀୟ ମାର୍କେଟ୍ ଅପେକ୍ଷା ଆମ୍ବ ବିଦେଶ ରପ୍ତାନୀ କ୍ଷେତ୍ରରେ ଚାଷୀ ବେଶ୍ ଦୁଇ ପଇସା ଅଧିକା ରୋଜଗାର କରିବାରେ ସକ୍ଷମ ହେଉଛନ୍ତି। ଲୋକାଲ ମାର୍କେଟ୍‌ରେ ଏହି ଆମ୍ରପଲ୍ଲୀ ଆମ୍ବକୁ ଚାଷୀ ୪୦ରୁ ୫୦ ଟଙ୍କାରେ ବିକ୍ରି କରୁଥିବା ବେଳେ ବିଦେଶ ମାର୍କେଟକୁ ୭୦ରୁ ୮୦ ଟଙ୍କା ରେ ଦିଆଯାଉଛି। ଯାହାକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି ଚାଷୀ। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ଆମ୍ରପଲ୍ଲୀ ଆମ୍ବ ଲଣ୍ଡନକୁ ରପ୍ତାନୀ ହୋଇଥିବା ବେଳେ ଆଗକୁ ଜର୍ମାନୀ, ଫ୍ରାନ୍ସ, ଇଟାଲୀ, ୟୁଏଇ ଭଳି ଅନ୍ୟ ଦେଶକୁ ମଧ୍ୟ ରପ୍ତାନୀ ପାଇଁ ଅର୍ଡର ମିଳିଥିବା ଜଣାପଡ଼ିଛି। ଏବର୍ଷ କେବଳ ଢେଙ୍କାନାଳରୁ ଦୁଇଶହ ଟନ୍ ଆମ୍ବ ବିଦେଶକୁ ରପ୍ତାନୀ ନେଇ ଲକ୍ଷ୍ୟ ରଖାଯାଇଛି।

ବାଲିଅନ୍ତା ବର୍ବରତା

## ବନ୍ଧା ହେଲା ମୁଖ୍ୟ ଅଭିଯୁକ୍ତ

**ଭୁବନେଶ୍ୱର,୧୪।୫/ଏନ୍ଏନ୍ଏସ୍:** ବାଲିଅନ୍ତା ଥାନା ଅଞ୍ଚଳରେ ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଲୋକେ ପିଟି ପିଟି ମାରି ଦେବା ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ତାଙ୍କ ନାଁ ରଞ୍ଜିତ ପାତ୍ର ଓରଫ ଚିନୁ (୨୪)। ତାଙ୍କ ଘର କଟକ ସଦର ଥାନା ଗଙ୍ଗେଶ୍ୱରଗଡ଼ରେ। ତଦନ୍ତ ବେଳେ ଏହି ଘଟଣାରେ ରଞ୍ଜିତଙ୍କ ସମ୍ପୃକ୍ତି ଥିବା କଥା ଜଣାପଡ଼ିଥିଲା। ସେ ମୃତକଙ୍କ ମୁଣ୍ଡକୁ ଏକ ବାଉଁଶରେ ପିଟି ଥିଲେ। ସୌମ୍ୟଙ୍କ ଗୋଡ଼ ଓ ହାତକୁ ରଶିରେ ବନ୍ଧା ଯାଇଥିବା ବେଳେ ରଞ୍ଜିତ ତାଙ୍କ ମୁଣ୍ଡକୁ ବାଉଁଶରେ ପିଟି ଥିଲେ। ମୁଖ୍ୟ ଅଭିଯୁକ୍ତ ରଞ୍ଜିତଙ୍କୁ ଗିରଫ କରିବା ପୂର୍ବରୁ କ୍ରାଇମବ୍ରାଞ୍ଚ ମେ' ୧୧ ତାରିଖରେ ଅନ୍ୟ ଜଣେ ଅଭିଯୁକ୍ତ ଯୁଧିଷ୍ଠିର ଜେନା ଓରଫ ବଣ୍ଟି (୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

କ୍ରାଇମବ୍ରାଞ୍ଚ ତଦନ୍ତ ଭାର ନେବା ପୂର୍ବରୁ ଏହି ଘଟଣାରେ ସ୍ଥାନୀୟ ପୁଲିସ ୧୧ ଜଣଙ୍କୁ ଗିରଫ କରିଥିଲା। କ୍ରାଇମବ୍ରାଞ୍ଚ ୨ ଜଣଙ୍କୁ ଗିରଫ କରିଥିବା ବେଳେ ଏହି ଘଟଣାରେ ଏଯାବତ୍ ୧୩ ଜଣଙ୍କୁ ଗିରଫ କରାଯାଇଛି। କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି ଯେ ଏହି ଘଟଣାକୁ ପ୍ରାଧାନ୍ୟ ଦିଆଯାଇ ତଦନ୍ତକୁ ଜାରି ରଖାଯାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଛି।

ମେ' ୭ ତାରିଖରେ ଏହି ଘଟଣା ଘଟିଥିଲା। ଜିଆରପି କନଷ୍ଟେବଲ ସୌମ୍ୟ ରଞ୍ଜନ ସ୍ୱାଇଁ ଓ ତାଙ୍କର ଜଣେ ସାଙ୍ଗ ବାଇକ୍‌ରେ ଯାଉଥିଲେ। ବାଟରେ ସେମାନଙ୍କ ବାଇକ୍ ଧକ୍କାରେ ସ୍କୁଟିରେ ଯାଉଥିବା ଦୁଇ ଯୁବତୀ ପଡ଼ିଯାଇଥିଲେ। ସୌମ୍ୟ ଓ ତାଙ୍କ ସାଙ୍ଗ ମଧ୍ୟ ପଡ଼ିଯାଇଥିଲେ। ଏହା ପରେ ସୌମ୍ୟ ଉକ୍ତ ଦୁଇ ଯୁବତୀଙ୍କ ଉପରକୁ ଝାମ୍ପି ପଡ଼ିଥିଲେ ଓ ସେମାନଙ୍କୁ ଅସଦାଚରଣ କରିବା ସହିତ ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ଘଟିବା ପରେ ଜମା ହୋଇଥିବା ଲୋକେ ସୌମ୍ୟଙ୍କୁ ବାନ୍ଧି ପିଟିଥିଲେ। ପୁଲିସ୍ ଉପସ୍ଥିତିରେ ତାଙ୍କୁ ଲୋକେ ପିଟିଥିବା ଅଭିଯୋଗ ହୋଇଛି। ଏମିତିକି ଜଣେ ପୁଲିସ ଏସ୍ଆଇଙ୍କ ନିର୍ଦ୍ଦେଶରେ ସୌମ୍ୟଙ୍କୁ ଏକ ମିନି ଟ୍ରକ୍‌ରେ ଡାକ୍ତରଖାନା ନିଆଯାଇଥିବା କଥା ସାମ୍ନାକୁ ଆସିଛି। ବାଲିଅନ୍ତା ଥାନା ଆଇଆଇସିଙ୍କୁ ବଦଳି କରାଯାଇଥିବା ବେଳେ ଏସ୍ଆଇଙ୍କ ସମେତ ୪ ଜଣଙ୍କୁ ନିଲମ୍ବନ କରାଯାଇଥିବା ବେଳେ ୨ ଜଣ ହୋମଗାର୍ଡଙ୍କୁ ବହିଷ୍କାର କରାଯାଇଛି।

## ପାଇଲଟ୍ ଓ ଏସ୍କର୍ଟ ଗାଡ଼ି ହଟାଇଲେ ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୪।୫/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକୁ ସ୍ୱୀକାର କରି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ତାଙ୍କ ନିଜ ବ୍ୟକ୍ତିଗତ ସୁରକ୍ଷା ପାଇଁ ଯାଉଥିବା ପାଇଲଟ ଓ ଏସକର୍ଟ ଗାଡ଼ିଗୁଡିକୁ ହଟେଇ ଦେଇଛନ୍ତି। ଆଜିଠାରୁ ଶ୍ରୀ ସିଂହଦେଓ ସଚିବାଳୟ ଯିବା କିମ୍ବା



ଅନ୍ୟାନ୍ୟ କାର୍ଯ୍ୟ ପାଇଁ କେବଳ ଏକମାତ୍ର ଗାଡ଼ିର ବ୍ୟବହାର କରିବେ। ପଶ୍ଚିମ ଏସିଆ ପରିସ୍ଥିତି ଯୋଗୁଁ ସମଗ୍ର ବିଶ୍ୱରେ ଦେଖାଦେଇଥିବା ତୈଳ ସଂକଟ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ବିଭିନ୍ନ ଖର୍ଚ୍ଚକାଟ, ବିଶେଷକରି ପେଟ୍ରୋଲ ବ୍ୟବହାର କମ୍ କରିବାକୁ ଆହ୍ୱାନ ଦେଇଛନ୍ତି। ଏହା ସହିତ, ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନକୁ ଗୁରୁତ୍ୱ ଦେଇ, ବ୍ୟକ୍ତିଗତ ଗାଡିରେ ଯିବାଆସିବା କମ୍ କରିବା ସହିତ, ଅଧିକ ମାତ୍ରାରେ ପବ୍ଲିକ ଟ୍ରାନ୍ସପୋର୍ଟ ଗାଡ଼ିର ବ୍ୟବହାର କରିବାକୁ ଉପମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି।




# ହାତୀଦାନ୍ତ ଜବତ, ୪ ଗିରଫ



**କେନ୍ଦୁଝର,୧୪।୫/ଏନ୍ଏନ୍ଏସ୍:** କେନ୍ଦୁଝର ବନଖଣ୍ଡର ସଦର ବନାଞ୍ଚଳରେ ହାତୀଦାନ୍ତ ବିକ୍ରି ପାଇଁ ଉଦ୍ୟମ ହେଉଥିବା ଖବରପାଇ ବନବିଭାଗ ୪ଜଣଙ୍କୁ ଗିରଫ କରିଛି। ଗ୍ରାହକ ସାଜି ଦାନ୍ତ କିଣିବାକୁ ଯାଇ ୨ଟି ଅସଲି ଦାନ୍ତ ଓ ନକଲି ଦାନ୍ତ (ଗୋଡ଼ର ହାଡ଼କୁ ହାତୀ ଦାନ୍ତ ଭଳି ପଲିସ୍ କରି) ବିକ୍ରି କରିବା ସମୟରେ ବନବିଭାଗ ସେମାନଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସଦର ଥାନା ଅମୃତପଡା ଗ୍ରାମର ସୁନୀଲ ସରେନ୍ (୪୮), ବାମେବାରୀ ଥାନା ଜଗନ୍ନାଥପୁର ଗ୍ରାମର ଦଶରଥ ମାଝୀ (୨୭), ମୟୂରଭଞ୍ଜ ଜିଲ୍ଲା ବାଙ୍ଗ ରିପୋଷି ଥାନା ଗୋପାଳପୁର ଗ୍ରାମର ଦୂର୍ଗା ହେମ୍ବ୍ରମ୍ (୭୦) ଓ ବିଶୋଇ ଥାନା ବଢୁଣିଆ ଗ୍ରାମର ବଡେନ୍ କିସ୍କୁ (୫୫)। ବନବିଭାଗ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ୱାଇଲ୍ଡ ଲାଇଫ୍ ଇଣ୍ଟେଲିଜେନସ୍ ନେଟୱାର୍କ, ଜିଲ୍ଲା ପୁଲିସର ସାଇବର ବିଶେଷଜ୍ଞ ଏବଂ ବନବିଭାଗ ମିଳିତ ଭାବେ ଚଢ଼ଉ କରିଥିଲେ। ଶିମିଳିପାଳ ୱାଇଲ୍ଡ ଲାଇଫ୍ ଇଣ୍ଟେଲିଜେନସ୍ ନେଟୱାର୍କର ଗୋଇନ୍ଦା ବିଭାଗ ହାତୀଦାନ୍ତ ସମ୍ପର୍କରେ ସୂଚନା ପାଇଥିଲା। ଶିମିଳିପାଳ ଡେପୁଟି ଡାଇରେକ୍ଟର ଏ ସମ୍ପର୍କରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡିଙ୍କୁ ଅବଗତ କରିବା ସହିତ ଅଭିଯୁକ୍ତଙ୍କୁ ଧରିବା ପାଇଁ ସୂଚନା ଦେଇଥିଲେ। ୭ ଦିନ ହେବ ବନବିଭାଗ, ଗୋଇନ୍ଦା, ପୁଲିସ, ମିଳିତ ଭାବେ ଅଭିଯୁକ୍ତଙ୍କୁ ଧରିବାକୁ ଟ୍ରାକିଂ କରୁଥିଲେ। ଏଥିନେଇ ଏକ ଟିମ୍ ଗଠନ ହୋଇଥିଲା। ବନ କର୍ମଚାରୀମାନେ ହାତୀଦାନ୍ତ କିଣିବା ପାଇଁ ଗ୍ରାହକ ବେଶରେ ଅମୃତପଡାର ସୁନୀଲ ଘରେ ପହଞ୍ଚିଥିଲେ। ସେଠାରେ ୪ ଜଣ ଅଭିଯୁକ୍ତ ପୂଜାପାଠ ଚଳାଇଥିଲେ। ହାତୀଦାନ୍ତକୁ ମୋଟାଅଙ୍କର ଅର୍ଥ ବିନିମୟରେ ବିକ୍ରି ପାଇଁ ଏହି ପୂଜାପାଠ କରାଯାଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହାତୀକୁ ଶିକାର କରିବା ପରେ ଏହାର ଗୋଡ଼ର ହାଡ଼କୁ ଦାନ୍ତ ଭଳି କାଟି ବିକ୍ରି କରିବା ପାଇଁ ମଧ୍ୟ ଯୋଜନା କରାଯାଇଥିଲା। ଏହି ସମୟରେ ବନବିଭାଗ ପକ୍ଷରୁ ଏସିଏଫ୍ ଅଶୋକ ଦାସଙ୍କ ନେତୃତ୍ୱରେ ଟିମ୍ ଚଢ଼ଉ କରି ଉପରୋକ୍ତ ୪ ଜଣଙ୍କୁ ଗିରଫ କରିବା ସହିତ ୨ କିଲୋଗ୍ରାମ ଓଜନର ୨ଟି ଦାନ୍ତ ଓ ୧ କିଲୋଗ୍ରାମ ଓଜନର ନକଲି ଦାନ୍ତକୁ ଜବତ କରିଛି। ସେମାନଙ୍କ ନିକଟରୁ ୪ଟି ମୋବାଇଲ ଜବତ କରାଯାଇଛି। ଜବତ ମୋବାଇଲରୁ ଅନ୍ୟମାନଙ୍କୁ ଧରିବା ପାଇଁ ଯଥେଷ୍ଟ ପ୍ରମାଣ ରହିଥିବା ଡିଏଫ୍ଓ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସିଏଫ୍ ଡ.ସୁଦିପ୍ତ କୁମାର ପଣ୍ଡା ଏବଂ ସଦର ରେଞ୍ଜର ଅଜିତ କୁମାର ଦାସ, ଫରେଷ୍ଟର ଜତିନ୍ଦ୍ର ସାହୁ, ଜୟକୃଷ୍ଣ ଦାସ, ଗାର୍ଡ ମଞ୍ଜୁଲତା ମୁଦି, ସୁରେଶ ପାଦୁକର ପ୍ରମୁଖ ସାମିଲ ଥିଲେ।

# ରାଜ୍ୟରେ ନାହିଁ ତେଲ ସଙ୍କଟ: ଯୋଗାଣ ସଚିବ

**ଭୁବନେଶ୍ୱର,୧୪।୫/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର,୧୪।୫/ଏନ୍‌ଏନ୍‌ଏସ୍: ରାଜ୍ୟରେ ତେଲ ସଙ୍କଟ ନାହିଁ। ପେଟ୍ରୋଲ ଓ ଡିଜେଲ ଯଥେଷ୍ଟ ମହଜୁଦ ରହିଛି। ରାଜ୍ୟରେ ଥିବା ୨୮ ଶହ ପେଟ୍ରୋଲ ପମ୍ପରୁ ମାତ୍ର ୨୦ରୁ ୩୦ଟି ତେଲ ଟାଙ୍କିରେ ତେଲ ସରିଯାଇଛି। କିଛି ପେଟ୍ରୋଲ ପମ୍ପ ମାଲିକ ଟଙ୍କା ଡିପୋଜିଟ୍ କରୁନଥିବାରୁ ସେମାନଙ୍କୁ ତେଲ ମିଳିନଥିବ। ଖୁବ୍ ଶୀଘ୍ର ରାଜ୍ୟର ସମସ୍ତ ଟାଙ୍କିରେ ତେଲ ପହଞ୍ଚିବ ବୋଲି ଯୋଗାଣ ବିଭାଗ ପ୍ରମୁଖ ସଚିବ ସଞ୍ଜୟ ସିଂ କହିଛନ୍ତି।

ଏହାଛଡ଼ା ସେ କହିଛନ୍ତି ଯେ ଡ୍ରାଏ ଆଉଟ ପେଟ୍ରୋଲ ଡିଜେଲ ମହଜୁଦ୍ ଅଛି। କିଛି ସ୍ଥାନରେ ଲୋକେ ଅଧିକ ମାତ୍ରାରେ ତେଲ କିଣିବା ଯୋଗୁଁ ତେଲ ଟାଙ୍କିରୁ ତେଲ ସରିଯାଇଛି।

ଟିକେ ସମୟ ଦେଲେ ସେ ସବୁ ଟାଙ୍କିରେ ତେଲ ପହଞ୍ଚିଯିବ। ବିଶେଷ କରି ଭୁବନେଶ୍ୱରରେ କୌଣସି ପ୍ରକାର ତେଲ ସଙ୍କଟ ନାହିଁ ବୋଲି ସେ କହିଛନ୍ତି। 'ଛୋଟ ପମ୍ପ ଗୁଡିକ କମ୍ପାନୀଠାରୁ ଆଗୁଆ ତେଲ କିଣିସାରିଛନ୍ତି। ଗ୍ରାହକଙ୍କୁ କୌଣସି ଅସୁବିଧା ହେବନି। ପ୍ରଥମେ କିଛି ଛୋଟ ପେଟ୍ରୋଲ ପମ୍ପ ଟଙ୍କା ଅଭାବ ଏବଂ ଟାଙ୍କି ଛୋଟ ଥିବାରୁ ତେଲ କିଣିବାରେ ଅସୁବିଧା ଭୋଗୁଥିଲେ।



**ପେଟ୍ରୋଲ୍ ଓ ଡିଜେଲ୍ ଯଥେଷ୍ଟ ମହଜୁଦ ରହିଛି**

**ଭୟଭୀତ ହୋଇ ଆଦୌ କିଣନ୍ତୁ ନାହିଁ**

ସ୍ଥିତି ପେଟ୍ରୋଲ ଟାଙ୍କିର ପରିଚାଳନା ଅଭାବ ଯୋଗୁ ଦେଖାଦେଇଛି। ତେଲ ଅଭାବ ଯୋଗୁ ଆଦୌ ଡ୍ରାଏ ଆଉଟ ସ୍ଥିତି ଦେଖାଦେଇନି। ସ୍ୱାଭାବିକ ସ୍ଥିତିରେ ୨୦/୨୨ଟି ତେଲ ଟାଙ୍କିରେ ଡ୍ରାଏ ଆଉଟ ସ୍ଥିତି ଦେଖାଯାଏ। ଏଭଳି ଡ୍ରାଏ ଆଉଟ ସ୍ଥିତିର ମନିଟରିଂ ଚାଲିଛି, ବ୍ୟବସ୍ଥା କରିବୁ। ଭୟଭୀତ ହୋଇ ଆଦୌ ତେଲ କିଣନ୍ତୁ ନାହିଁ।

ଘରୋଇ ବସ ମାଲିକ ସଂଘର ଆଶଙ୍କା ଭିତ୍ତିହୀନ, ବସ ଚାଲିବାରେ ଅସୁବିଧା ନାହିଁ। ଯେଉଁମାନେ ତେଲର କଳାବଜାରୀ କରିବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯୋଗାଣ ସଚିବ କହିଛନ୍ତି।

ସେହିପରି ପେଟ୍ରୋଲ-ଡିଜେଲ ଅଭାବ ସ୍ଥିତିକୁ ନେଇ ଉତ୍କଳ ପେଟ୍ରୋଲିୟମ ଡିଲର ସଂଘ ସାଧାରଣ ସମ୍ପାଦକ ସଂଜୟ ଲାଠ କହିଛନ୍ତି,ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ହେଲେ ଏବେ ସେହି ଆର୍ଥିକ ସମସ୍ୟା ଦୂର ହୋଇଛି। ସମସ୍ତ ପମ୍ପ କମ୍ପାନୀଠାରୁ ପେଟ୍ରୋଲ ଡିଜେଲ କିଣିସାରିଛନ୍ତି। ଖୁବଶୀଘ୍ର ତେଲ ଆସି ପହଞ୍ଚିବ। ଭୁବନେଶ୍ୱରରେ କୌଣସି ପ୍ରକାର ତେଲ ସଙ୍କଟ ନାହିଁ କି ପ୍ୟାନିକ୍ ପରିସ୍ଥିତି ନାହିଁ ବୋଲି ସେ କହିଛନ୍ତି।

ପ୍ରକାଶ ଯେ ରାଜ୍ୟର ଅନେକ ଟାଙ୍କିରେ ପେଟ୍ରୋଲ ନଥିବାରୁ ଲାଗିଛି ନୋ ଷ୍ଟକ୍ ବୋର୍ଡ଼। ଆଉ ଯେଉଁଠି ପେଟ୍ରୋଲ ଅଛି ସେଠି ଲାଗିଛି ଗ୍ରାହକଙ୍କ ଲମ୍ବା ଲାଇନ୍। ଆଗକୁ କାଳେ ତେଲ ମିଳିବନି, ତେଲ ଦର ବଢ଼ିଯିବ, ସେଇ ଆଶଙ୍କାରେ ଅନେକ ଜାଗାରେ ଲୋକେ ଅଧିକ ମାତ୍ରାରେ ପେଟ୍ରୋଲ ନେଉଥିବାରୁ ଟାଙ୍କି ଗୁଡ଼ିକରେ ଷ୍ଟକ୍ ସରିଯାଉଛି। ହଠାତ୍ ପେଟ୍ରୋଲ କିଣିବା ପରିମାଣ ୫୦ ପ୍ରତିଶତ ବଢ଼ିଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି।





ରାଜଧାନୀ ଭୁବନେଶ୍ୱରରେ ପେଟ୍ରୋଲ୍ ଟାଙ୍କିରେ ଗ୍ରାହକଙ୍କ ଲମ୍ବା ଲାଇନ୍

## ଶିକ୍ଷା ଓ ବିଶ୍ୱ ମାନବିକ ନେତୃତ୍ୱ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକୁ ପ୍ରଶଂସା

# ଅଚ୍ୟୁତ ସାମନ୍ତ ଆମେରିକାରେ ସମ୍ମାନିତ

**ଭୁବନେଶ୍ୱର,୧୪।୫/ଏନ୍‌ଏନ୍‌ଏସ୍:** କିସ୍ ଜରିଆରେ ଜନଜାତି ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୋଣ୍ଟାନା ଷ୍ଟେଟ୍ ୟୁନିଭର୍ସିଟିର ନେଟିଭ୍ ଆମେରିକାନ ଷ୍ଟଡିଜ୍ ବିଭାଗ ପକ୍ଷରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ବିଶେଷ ସ୍ୱୀକୃତି ସହ ସମ୍ମାନିତ କରାଯାଇଛି। ମାନବିକତା ଏବଂ ଶିକ୍ଷା ବିକାଶ କ୍ଷେତ୍ରରେ ମୋଣ୍ଟାନାରେ ଏପରି ସମ୍ମାନ ପାଇବାରେ ଅଚ୍ୟୁତ ସାମନ୍ତ ହେଉଛନ୍ତି ପ୍ରଥମ ଭାରତୀୟ ଓ ଅଣ-ଆମେରିକୀୟ।

ମୋଣ୍ଟାନା ଷ୍ଟେଟ୍ ୟୁନିଭର୍ସିଟି ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଏ ଲିଗାସି ଅଫ୍ କମ୍ପାସନ୍: ହନରିଂ ଅଚ୍ୟୁତ ସାମନ୍ତ ଆଣ୍ଡ ଦି ଆର୍ଟ ଅଫ୍ ଗିଭିଂ'ରେ ଶ୍ରୀ ସାମନ୍ତଙ୍କୁ ସମ୍ମାନିତ କରାଯାଇଥିଲା। ମୋଣ୍ଟାନା ଗଭର୍ଣ୍ଣର ଗ୍ରେଗ୍ ଜିଆନଫର୍ଟେ, ଭାରତର କନସଲ ଜେନେରାଲ ପ୍ରକାଶ ଗୁପ୍ତା, ମୋଣ୍ଟାନା ୱାର୍ଲ୍ଡ ଆଫାୟାର୍ସ କାଉନ୍‌ସିଲ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ନିକି ଗାଇସଲର ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ମୋଣ୍ଟାନା ଷ୍ଟେଟ୍ ୟୁନିଭର୍ସିଟିର ସଭାପତି ଡ ବ୍ରକ୍ ଟେସମ୍ୟାନ୍ ତାଙ୍କୁ ସମ୍ମାନିତ କରିଥିଲେ। ମୋଣ୍ଟାନା ଷ୍ଟେଟ୍ ୟୁନିଭର୍ସିଟିର ନେଟିଭ ଆମେରିକାନ୍ ଷ୍ଟଡିଜ୍ ବିଭାଗକୁ ଯୁକ୍ତରାଷ୍ଟ୍ରର ମୂଳ ଆମେରିକୀୟଙ୍କ ବିଷୟରେ ଅଧ୍ୟୟନ ପାଇଁ ଉତ୍ସର୍ଗୀକୃତ ପ୍ରମୁଖ ଶିକ୍ଷାନୁଷ୍ଠାନ ମଧ୍ୟରୁ ଗୋଟିଏ ଭାବରେ ବିବେଚନା କରାଯାଏ।



ସେହିପରି ମୋଣ୍ଟାନା ଆମେରିକାର ଏକ ଜନଜାତି ବହୁଳ ରାଜ୍ୟ ହୋଇଥିବା ବେଳେ ସେଠାକାର ପାରମ୍ପରିକ ଜନଜାତି ଢ଼ଙ୍ଗରେ ଶ୍ରୀ ସାମନ୍ତଙ୍କୁ ସମ୍ମାନିତ କରାଯାଇଥିଲା। ମୂଳ ଆମେରିକୀୟ ଜନଜାତି ସଂପ୍ରଦାୟ ଦ୍ୱାରା ଶ୍ରୀ ସାମନ୍ତଙ୍କୁ ସେମାନଙ୍କର ପବିତ୍ର ଜନଜାତି କମ୍ବଳ ସହିତ ଆଧାତ୍ମିକ ଢଙ୍ଗରେ ସମ୍ମାନିତ କରାଯାଇଥିଲା। ଏହା ସେମାନଙ୍କ ପରମ୍ପରାରେ ଏକ ବିଶେଷ ସମ୍ମାନର ଚିହ୍ନ। ସୂଚନାଯୋଗ୍ୟ ମୋଣ୍ଟାନରୁ ବହୁ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ କିଟ୍ କିସ୍ ପରିଦର୍ଶନରେ ଆସି ଶ୍ରୀ ସାମନ୍ତଙ୍କ କାର୍ଯ୍ୟର ପ୍ରଶଂସା କରିଥିଲେ। ସେମାନେ ଫେରିବା ପରେ ଶ୍ରୀ ସାମନ୍ତଙ୍କୁ ରାଜ୍ୟର ସର୍ବୋଚ୍ଚ ସମ୍ମାନ ପ୍ରଦାନ ନିମନ୍ତେ ସୁପାରିଶ କରିଥିଲେ।

ସେହିପରି ଶିକ୍ଷା ଓ ସଶକ୍ତିକରଣ ମାଧ୍ୟମରେ ଜନଜାତି ଯୁବପିଢ଼ିଙ୍କ ବିକାଶ, 'ବସୁଧୈବ କୁଟୁମ୍ବକମ୍'- ଅର୍ଥାତ୍ ସମଗ୍ର ବିଶ୍ୱ ଗୋଟିଏ ପରିବାର ଏହି ଭାରତୀୟ ଦର୍ଶନର ପ୍ରଚାର, ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା (ମୋଣ୍ଟାନା) ମଧ୍ୟରେ ସାଂସ୍କୃତିକ ଓ ଶିକ୍ଷାଗତ ସଂପର୍କକୁ ସୁଦୃଢ଼ କରିବା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସର ସ୍ୱୀକୃତି ସ୍ୱରୂପ ମୋଣ୍ଟାନା ୱାର୍ଲ୍ଡ ଆଫାୟାର୍ସ କାଉନ୍‌ସିଲ୍ ପକ୍ଷରୁ ଶ୍ରୀ ସାମନ୍ତଙ୍କୁ ଗ୍ଲୋବାଲ୍ ଭିଜନାରୀ ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷା ଏବଂ ସଶକ୍ତିକରଣ ଜରିଆରେ ହଜାର ହଜାର ଜନଜାତି ଯୁବପିଢ଼ିଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ଶ୍ରୀ ସାମନ୍ତଙ୍କ କାର୍ଯ୍ୟଧାରାର ଭୂୟସୀ ପ୍ରଶଂସା କରାଯାଇଥିଲା। ନିଜ ପ୍ରତିକ୍ରିୟାରେ ଶ୍ରୀ ସାମନ୍ତ ମୋଣ୍ଟାନା ଷ୍ଟେଟ୍ ୟୁନିଭର୍ସିଟି ଓ ମୋଣ୍ଟାନା ୱାର୍ଲ୍ଡ ଆଫାୟାର୍ସ କାଉନ୍‌ସିଲ୍ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ ଏଭଳି ସମ୍ମାନ ଭାରତର ଜନଜାତିଙ୍କ ବିକାଶ ଦିଗରେ ଅଧିକ କାମ କରିବା ପାଇଁ ପ୍ରେରଣା ଦେବ ବୋଲି କହିଛନ୍ତି।

## 'ଓଡ଼ିଶା ହସ୍ତଶିଳ୍ପ ଚିଠା ନୀତି-୨୦୨୬' ପରାମର୍ଶଦାତା କର୍ମଶାଳା

# ହସ୍ତଶିଳ୍ପ ଆମ ସଂସ୍କୃତିର ସ୍ପନ୍ଦନ ଓ ଅସ୍ମିତାର ନିଦର୍ଶନ:ମନ୍ତ୍ରୀ

**ଭୁବନେଶ୍ୱର,୧୪।୫/ଏନ୍‌ଏନ୍‌ଏସ୍:** 'ଓଡ଼ିଶା ହସ୍ତଶିଳ୍ପ ଚିଠା ନୀତି-୨୦୨୬' ପରାମର୍ଶଦାତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ କହିଛନ୍ତି, ହସ୍ତଶିଳ୍ପ ଆମ ସଂସ୍କୃତିର ସ୍ପନ୍ଦନ ଓ ଅସ୍ମିତାର ନିଦର୍ଶନ। ହସ୍ତଶିଳ୍ପୀମାନେ ଆମ ସାଂସ୍କୃତିକ ଐତିହ୍ୟର ସଂରକ୍ଷକ। ତେଣୁ ହସ୍ତଶିଳ୍ପର ସୁରକ୍ଷା, ସଂରକ୍ଷଣ ଓ ପ୍ରସାର ପ୍ରଚାର ସହ ହସ୍ତଶିଳ୍ପୀଙ୍କ କଲ୍ୟାଣକୁ କେନ୍ଦ୍ର କରି "ଓଡିଶା ହସ୍ତଶିଳ୍ପ ଚିଠା ନୀତି-୨୦୨୬" ପ୍ରସ୍ତୁତ ହୋଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସଚିବ ଗୁହା ପୁନମ ତାପସ କୁମାର ପ୍ରାରମ୍ଭିକ ଅଭିଭାଷଣ ରଖି "ଓଡ଼ିଶା ହସ୍ତଶିଳ୍ପ ଚିଠା ନୀତି-୨୦୨୬" ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ବିକଶିତ ଓଡ଼ିଶା ଅ ୨୦୩୬ ଏବଂ ଓଡ଼ିଶା ଭିଜନ୍ ଡକୁମେଣ୍ଟ ଲକ୍ଷ୍ୟ ହାସଲ ଆଧାରରେ ଆମେ ଚିଠା ନୀତି ପ୍ରସ୍ତୁତ କରିଛୁ ବୋଲି କହିଥିଲେ। ଅଧିକ ବ୍ୟବସାୟ ପାଇଁ ବଜାର ସୁବିଧା, ମେସିନ୍-ନିର୍ମିତ ସାମଗ୍ରୀ ସହିତ ପ୍ରତିଯୋଗିତା, ପର୍ଯ୍ୟାପ୍ତ କଞ୍ଚାମାଲ ସୁବିଧା, ଯୁବପିଢ଼ିଙ୍କୁ ଆକର୍ଷିତ କରିବା ଭଳି ଡିଜାଇନ୍, ଡିଜିଟାଲ୍ ମାର୍କେଟିଙ୍ଗ, ଗ୍ଲୋବାଲ ମାର୍କେଟ ଚେନ୍ ସହ ସଂଯୋଗ, ସମବାୟ ସଂସ୍ଥାର ସଶକ୍ତୀକରଣ, ହସ୍ତଶିଳ୍ପ ଉଦ୍ୟୋଗୀକରଣକୁ ପ୍ରୋତ୍ସାହନ, ଜି.ଆଇ ଟ୍ୟାଗ୍ ଉତ୍ପାଦକୁ ପ୍ରୋତ୍ସାହନ, ଷ୍ଟାର୍ଟଅପ୍ ଇନକ୍ୟୁବେସନ୍ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏହି କର୍ମଶାଳାରେ ହସ୍ତଶିଳ୍ପ ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ହୋତା, ପଦ୍ମଶ୍ରୀ ବିନୋଦ ମହାରଣା, ପଦ୍ମଶ୍ରୀ ପ୍ରଭାକର ମହାରଣା, ପ୍ରଫେସର ଡକ୍ଟର ଅଖିଳ ବିହାରୀ ଓତା, ପ୍ରଫେସର ହରେକୃଷ୍ଣ ମିଶ୍ର, ପ୍ରଫେସର କିଶୋର କୁମାର ବାସା, 'ସିଏସଆଇଆର-ଆଇଏମ୍ଏମ୍‌ଟି'ର ନିର୍ଦ୍ଦେଶକ ଡକ୍ଟର ରାମାନୁଜ ନାରାୟଣ, ଏନ୍ଆଇଏଫ୍‌ଟି ନିର୍ଦ୍ଦେଶିକା ବିଭାବରି କୁମାର, ହସ୍ତଶିଳ୍ପ ଉପ-ନିର୍ଦ୍ଦେଶକ ମାନଗୋବିନ୍ଦ ଜେନା, ସମସ୍ତ ଜିଲ୍ଲାର ହସ୍ତଶିଳ୍ପ ଅଧିକାରୀ, ଜାତୀୟ ତଥା ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ କାରିଗର, ବିଶେଷଜ୍ଞ, ଶିକ୍ଷାବିତ୍, ରପ୍ତାନିକାରୀ, ସମବାୟବିତ୍, ଡିଜାଇନର, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ।

**ହସ୍ତଶିଳ୍ପୀଙ୍କ କଲ୍ୟାଣକୁ କେନ୍ଦ୍ର କରି ଚିଠା ନୀତି ପ୍ରସ୍ତୁତ ହୋଇଛି**

## ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

# ସରକାରଙ୍କ ଯୋଜନା ଓ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦେବାକୁ ଗୁରୁତ୍ୱ

**ଭୁବନେଶ୍ୱର,୧୪।୫/ଏନ୍‌ଏନ୍‌ଏସ୍:** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅର୍ଥ ବିଭାଗ ପକ୍ଷରୁ ଗତ ଅପ୍ରେଲ ମାସ ଶେଷ ସୁଦ୍ଧା ବିଭିନ୍ନ ବିଭାଗର ବ୍ୟୟ ସମେତ ରାଜସ୍ୱ ଆଦାୟ ସ୍ଥିତି ସମୀକ୍ଷା କରାଯାଇଥିଲା। ବୈଠକରେ ବିଭିନ୍ନ ଭିତ୍ତିଭୂମି କ୍ଷେତ୍ର, ସାମାଜିକ, କୃଷି ଓ ଉଦୀୟମାନ କ୍ଷେତ୍ରରେ ବ୍ୟୟ ସ୍ଥିତି ଅନୁଧ୍ୟାନ କରାଯାଇ କାର୍ଯ୍ୟ ଓ ଖର୍ଚ୍ଚ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବଜେଟ୍‌ରେ ଯେଉଁସବୁ ଗୁରୁତ୍ୱପୂର୍ଣ୍ଣ ଯୋଜନା ଓ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି, ତାହାକୁ ଅଗ୍ରାଧିକାର ଦେବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ବୈଠକରେ ମୁଖ୍ୟମନ୍ତ୍ରୀ ଦେଇଥିବା ବିଭିନ୍ନ ବିଭାଗ ସଂପର୍କିତ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଓ ପର୍ଯ୍ୟବେକ୍ଷଣ ସଂପର୍କିତ ପତ୍ରର କାର୍ଯ୍ୟାନୁଷ୍ଠାନ ସଂପର୍କରେ ସମୀକ୍ଷା କରାଯାଇ ଉତ୍ତର ଅପେକ୍ଷାରେ ଥିବା ବିଭାଗମାନଙ୍କୁ ଶୀଘ୍ର ଅନୁପାଳନ ବିବରଣୀ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଳଜୀବନ ମିଶନ-୨.୦ ମାଧ୍ୟମରେ ନିରନ୍ତର ଗ୍ରାମୀଣ ପାନୀୟ ଜଳ ଯୋଗାଣ ଏବଂ ଏଥିରେ ସଂପୃକ୍ତ ବିଭିନ୍ନ ବିଭାଗର ସହଯୋଗ ଓ ସମନ୍ୱୟ ସଂପର୍କରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଉପସ୍ଥାପନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ।

**ବିଭିନ୍ନ ବିଭାଗର ବ୍ୟୟ ଓ ରାଜସ୍ୱ ଆଦାୟ ସ୍ଥିତି ସମୀକ୍ଷା**

ବୈଠକର ପ୍ରାରମ୍ଭରେ ଗଞ୍ଜାମ ଜିଲ୍ଲାପାଳ କୀର୍ତ୍ତି ଭାସନ ଭି. ଯୋଗଦେଇ "ଓଡ଼ିଶା ଭିଜନ" ଲକ୍ଷ୍ୟ ନେଇ ଜିଲ୍ଲାର ୨୫ ଟି ପ୍ରମୁଖ ପଦକ୍ଷେପ ସଂପର୍କରେ ଏକ ଉତ୍ସାହଜନକ ଓ ଦୂରଦର୍ଶୀ ରୋଡମ୍ୟାପ ଉପସ୍ଥାପନ କରିଥିଲେ। ଗୋପାଳପୁରକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କେନ୍ଦ୍ରରେ ବିକଶିତ କରିବା, 'ବାହୁଦା' ଗଭୀର ସମୁଦ୍ର ବନ୍ଦରର ବିକାଶ, ବୃହତ୍ ବ୍ରହ୍ମପୁର ମହାନଗର ନିଗମର ସାମଗ୍ରିକ ଉନ୍ନତି, ପିପଲପଙ୍କା ଜଳସେଚନ ପ୍ରକଳ୍ପ, ଆର୍ଯ୍ୟପଲ୍ଲୀ ମାଛଧରା ବନ୍ଦର, ଜାତୀୟ ରାଜପଥ-୧୬ ର ସଂପ୍ରସାରଣ ଓ ଏହାକୁ ୬ ଲେନ୍ ବିଶିଷ୍ଟ କରାଯିବା, ଋଷିକୂଲ୍ୟାରେ କଂସାରୀଗଣ୍ଡ ଅନ୍ତଃ-ନଦୀ ଜଳାଶୟ ପ୍ରକଳ୍ପ, ଜିଲ୍ଲାର ବାକି ରହିଥିବା ସବୁ ବ୍ଲକକୁ ମେଗା ପାଇପ ଜଳଯୋଗାଣ ସୁବିଧା, ବ୍ରହ୍ମପୁର ବାଇପାସ ରୋଡ଼ ନିର୍ମାଣ ଶେଷ କରାଯିବା ସଂପର୍କରେ ଜିଲ୍ଲାପାଳ ଉପସ୍ଥାପନ କରିଥିଲେ। ଗଞ୍ଜାମ ଜିଲ୍ଲାପାଳ ଆହୁରି ମଧ୍ୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ଏମସ ପ୍ଲସ୍ ବର୍ଗରେ ସୁପରସ୍ପେସିଆଲିଟି ଚିକିତ୍ସାଳୟ ସୁବିଧା, ଗଂଜାମରେ ଟେକ୍ସଟାଇଲ ପାର୍କ ସ୍ଥାପନ, କିଆଫୁଲ ସଂଗ୍ରହରୁ ଅତର ପ୍ରସ୍ତୁତି କରାଯାଉଥିବା ଆନୁଷଙ୍ଗିକ ଶିଳ୍ପକୁ ପ୍ରୋତ୍ସାହନ, କଳିଙ୍ଗ ଷ୍ଟାଡିଅମ୍ ମଡେଲରେ ବ୍ରହ୍ମପୁରରେ କ୍ରୀଡା କମ୍ପ୍ଲେକ୍ସ ନିର୍ମାଣ, ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାପନ, ମା ତାରିଣୀ ରିଭର ଫ୍ରଣ୍ଟ ବିକାଶ ପ୍ରକଳ୍ପ, ଜିଲ୍ଲାରେ ଆଦର୍ଶ ବିଦ୍ୟାଳୟ, ମଡେଲ ଅଙ୍ଗନବାଡ଼ି କେନ୍ଦ୍ର ଓ ଶିଶୁ ବାଟିକା, ପର୍ଯ୍ୟଟନ କ୍ଲଷ୍ଟର, ଶୁଖୁଆ ଉତ୍ପାଦନଭିତ୍ତିକ ଆନୁଷଙ୍ଗିକ ଶିଳ୍ପକୁ ପ୍ରୋତ୍ସାହନ, ବିଭିନ୍ନ ସଡ଼କ ଭିତ୍ତିଭୂମିର ଉନ୍ନତିକରଣ ସହ ସଡ଼କ ସୁରକ୍ଷାକୁ ପ୍ରାଥମିକତା, ସ୍ୱାସ୍ଥ୍ୟସେବା, ଆଦର୍ଶ ପାର୍କ, ଲାମ୍ପ ନିର୍ମାଣ, ଜିଲ୍ଲାରେ ନିଯୁକ୍ତି ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମର ବ୍ୟାପକ ସୁଯୋଗ ସୃଷ୍ଟି କରାଯାଇ ଶ୍ରମିକମାନଙ୍କ ବାଧ୍ୟତାମୂଳକ ପ୍ରବାସକୁ ହ୍ରାସ କରିବା ଆଦି ୨୫ ଟି ପ୍ରମୁଖ ପଦକ୍ଷେପ ସଂପର୍କରେ ଜିଲ୍ଲାପାଳ ଉପସ୍ଥାପନ କରିଥିଲେ। ଗଞ୍ଜାମ ଜିଲ୍ଲାପାଳଙ୍କ ପ୍ରସ୍ତାବ ସଂପର୍କରେ ସଂପୃକ୍ତ ବିଭିନ୍ନ ବିଭାଗର ସଚିବମାନେ ନିର୍ମାଣାଧିନ ଏବଂ ଆକାଂକ୍ଷୀ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ମିଳିତ ସହଯୋଗ ନେଇ ମତ ରଖିଥିଲେ।

## ରାଜ୍ୟସ୍ତରୀୟ କ୍ରୟ କମିଟି ବୈଠକ

# ୨୦ ଲକ୍ଷ ମେଟ୍ରିକ ଟନ୍ ରବି ଧାନ ସଂଗ୍ରହ ଲକ୍ଷ୍ୟ

**ଭୁବନେଶ୍ୱର,୧୪।୫/ଏନ୍‌ଏନ୍‌ଏସ୍:** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ୨୦୨୫-୨୬ ଖରିଫ୍ ମାର୍କେଟିଂ ଋତୁରେ ରବି ଫସଲ (ଧାନ) କ୍ରୟ ସଂପର୍କିତ ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂର୍ତ୍ତ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଯୋଗ ଦେଇ ଆଗାମୀ ରବି ଧାନ ସଂଗ୍ରହ ପ୍ରସ୍ତୁତି ସଂପର୍କରେ ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ସମବାୟ ସମିତି ସମୂହ ନିବନ୍ଧକ ମନୀଷ୍ ଅଗ୍ରୱାଲଙ୍କ ସମେତ ସଂପୃକ୍ତ ଅନ୍ୟ ବିଭାଗର ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକରେ ୨୦୨୫-୨୬ ଖରିଫ୍ ମାର୍କେଟିଂ ଋତୁରେ ଧାନ କ୍ରୟ ସଂପର୍କରେ ସୂଚନା ଦିଆଯାଇଥିଲା। ପ୍ରକାଶ ଯେ, ଗତ ୨୦୨୪-୨୫ ଖରିଫ୍ ରେ ୭୩.୪୫ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଥିବା ବେଳେ ୧୬ ଲକ୍ଷ ୬୦ ହଜାର ୨୩୦ ଜଣ ଚାଷୀ ସେମାନଙ୍କର ଧାନ ବିକ୍ରୟ କରିଥିଲେ। ୨୦୨୫-୨୬ ଖରିଫରେ ୭୭.୪୮ଲକ୍ଷ ମେଟ୍ରିକ୍ ଟନ୍ ଧାନ କ୍ରୟ ହୋଇଛି ଏବଂ ୧୮ ଲକ୍ଷ ୮୪ ହଜାର ୬୨୮ ଜଣ ଚାଷୀ ସେମାନଙ୍କର ଧାନ ବିକ୍ରୟ କରିଛନ୍ତି, ଯାହାକି ପୂର୍ବ ବର୍ଷ ତୁଳନାରେ ୫.୪୮ ପ୍ରତିଶତ ଅଧିକ। ୨୦୨୫-୨୬ ରବି ଫସଲ ପାଇଁ ରାଜ୍ୟର ୨୦ଟି ଜିଲ୍ଲାରୁ ୩,୭୫,୫୫୬ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ଗତ ୨୦୨୪-୨୫ ରେ ଏହି ସଂଖ୍ୟା ୩,୩୮,୪୮୧ ଥିଲା। ଏବେ ୨୦ ଲକ୍ଷ ମେଟ୍ରିକ ଟନ୍ ରବି ଧାନ ସଂଗ୍ରହ ଲକ୍ଷ୍ୟ ରହିଛି।

ରବି ଧାନ ଧାର୍ଯ୍ୟ କ୍ରୟ ସମୟ ସୀମା ମେ୧ ତାରିଖରୁ ଜୁନ୍ ୩୦ ମଧ୍ୟରେ ହେବାକୁ ନିର୍ଦ୍ଧାରିତ ଥିବା ବେଳେ ବିଭିନ୍ନ ଜିଲ୍ଲା ମେ' ୧୪ରୁ ଅଲଗା ଅଲଗା ତାରିଖରେ ସଂଗ୍ରହ କରିବାକୁ ଜିଲ୍ଲାସ୍ତରୀୟ ଧାନ କ୍ରୟ କମିଟି ନିଷ୍ପତ୍ତି ଅନୁସାରେ ତାରିଖ ନିର୍ଦ୍ଧାରଣ କରିଛନ୍ତି। ଭାଗ ଚାଷୀଙ୍କ ସମେତ କ୍ଷୁଦ୍ର, ନାମ ମାତ୍ର ଚାଷୀ ଓ ପ୍ରକୃତ ଚାଷୀ ମାନେ ଯେପରି ଉପକୃତ ହେବେ ସେଥିପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଧାନ ସଂଗ୍ରହ ତା-୧୦.୧୦.୨୦୨୫ କ୍ୟାବିନେଟ ବୈଠକରେ ଅନୁମୋଦିତ ଖରିଫ ମାର୍କେଟିଂ ଋତୁ ୨୦୨୫-୨୬ ଖାଦ୍ୟ ଓ କ୍ରୟ ନୀତି ଆଧାରରେ କରାଯିବ। ଜିଲ୍ଲାସ୍ତରରେ ରାଜସ୍ୱ, ସମବାୟ, ପୁଲିସ୍, ପରିବହନ, କୃଷି, ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଆଦି ବିଭାଗୀୟ ଅଧିକାରୀଙ୍କ ସହିତ ସମନ୍ୱୟ କରି ଧାନ ସଂଗ୍ରହ କାର୍ଯ୍ୟ ହେବ। ଜିଲ୍ଲାସ୍ତରରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ନିୟମିତ ଭାବେ ଧାନ ସଂଗ୍ରହ ପରିଚାଳନା ତଦାରଖ କରିବେ। ବାହାରୁ ଯେପରି ଅନଧିକୃତ ଭାବେ ଧାନ ପ୍ରବେଶ ନ କରେ, ସେଥିପାଇଁ ରାଜ୍ୟ ସୀମାରେ ଯାଞ୍ଚକୁ କଡ଼ାକଡ଼ି କରାଯିବ। ବିଭିନ୍ନ ଜିଲ୍ଲାରେ ମୋଟ ୨୪୭୨ ଜଣ ମଣ୍ଡି ନୋଡାଲ ଅଧିକାରୀ ନିୟୋଜିତ ହୋଇଛନ୍ତି। ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଲିଃ ର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ରବି ଧାନ ସଂଗ୍ରହ ବ୍ୟବସ୍ଥା ଓ ସବିଶେଷ ପଦ୍ଧତି ସମ୍ପର୍କରେ ଉପସ୍ଥାପନ କରିଥିଲେ। ଧାନ କ୍ରୟ କେନ୍ଦ୍ରରେ ଆଶ୍ରୟସ୍ଥଳ, ପାନୀୟ ଜଳ ଓ ଆନୁଷଙ୍ଗିକ ସୁବିଧା ସହ ଯଥେଷ୍ଟ ସଂଖ୍ୟକ ତର୍ପୋଲିନ(ପାଲ) ବ୍ୟବସ୍ଥା ଏବଂ ୨୪ ଘଣ୍ଟିଆ ସିସିଟିଭି କ୍ୟାମେରା କାର୍ଯ୍ୟକ୍ଷମ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛ। ଜିଲ୍ଲା ନିୟନ୍ତ୍ରଣ କକ୍ଷକୁ ରାଜ୍ୟ ମୁଖ୍ୟାଳୟରେ ନିର୍ଦ୍ଦେଶ ନିୟନ୍ତ୍ରଣ ଓ ଅଭିଜ୍ଞତା କେନ୍ଦ୍ର (ସିସିଇସି) ସହିତ ସମନ୍ୱିତ କରାଯାଇ ଅଭିଯୋଗ ଶୁଣାଣି ବ୍ୟବସ୍ଥାକୁ ପ୍ରଭାବୀ କରାଯାଇଛି। ଧାନ ସଂଗ୍ରହ ପରିଚାଳନା ବ୍ୟବସ୍ଥା ସଂପର୍କରେ ସୂଚନା, ଶିକ୍ଷା, ଯୋଗାଯୋଗ ଆଇଇସି ବ୍ୟବସ୍ଥା ମାଧ୍ୟମରେ ପ୍ରଚାର ପ୍ରସାରକୁ ଗୁରୁତ୍ୱ ଦିଆଯାଇଛି। କଲ ସେଣ୍ଟର, ମୋବାଇଲକୁ ବାର୍ତ୍ତା ପ୍ରେରଣ, ୧୯୬୭ ଟୋଲ ଫ୍ରି ବ୍ୟବସ୍ଥା କୃଷକମାନଙ୍କ ପାଇଁ ସୂଚନା ଓ ଫିଡବ୍ୟାକ୍ ଦେବା ପାଇଁ କାର୍ଯ୍ୟକାରୀ ହୋଇଥିବା ସଂପର୍କରେ ବୈଠକରେ ସୂଚନା ଦିଆଯାଇଥିଲା। ଏ ବର୍ଷ ଶୀଘ୍ର ମୌସୁମୀ ଆସିବାକୁ ଦୃଷ୍ଟିରେ ରଖି ମଣ୍ଡିକୁ ଆସୁଥିବା ଧାନ ଯେପରି ବର୍ଷା ଓ ଆଦ୍ରତାରୁ ସୁରକ୍ଷିତ ରହେ, ସେଥିପାଇଁ ବ୍ୟାପକ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି। ମୁଖ୍ୟ ଶାସନ ସଚିବ ନିର୍ଦ୍ଧାରିତ ହୋଇଥିବା ମାର୍ଗଦର୍ଶିକାକୁ ସଠିକ ଅନୁସରଣ କରି ରବି ଧାନ କ୍ରୟ ବ୍ୟବସ୍ଥାର ସୁପରିଚାଳନା କରିବାକୁ ଗୁରୁତ୍ୱ ଦେଇଛନ୍ତି। କାର୍ଯ୍ୟ ଖିଲାପ କରୁଥିବା ଅଧିକାରୀ, ଅସାଧୁ ଉପାୟ ଅବଲମ୍ବନ କରୁଥିବା ବ୍ୟକ୍ତି, ସଂପୃକ୍ତ କୃଷି ସମବାୟ ସମିତି, ମିଲର ତଥା ଅଧିକାରୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟ ଶାସନ ସଚିବ ସତର୍କ କରିଛନ୍ତି କ୍ଷ ଧାନ ସଂଗ୍ରହ ପ୍ରକ୍ରିୟାକୁ ଅଧିକ ଶୃଙ୍ଖଳିତ କରିବାକୁ ଆନୁଷ୍ଠାନିକ ବ୍ୟବସ୍ଥାକୁ ମଧ୍ୟ ଅଧିକ ସୁଦୃଢ଼ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

## ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା

# ଓଏଭି ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତା

**ଭୁବନେଶ୍ୱର,୧୪।୫/ଏନ୍‌ଏନ୍‌ଏସ୍:** ଶିକ୍ଷା ବର୍ଷ ୨୦୨୫-୨୬ ପାଇଁ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାର ଫଳାଫଳ ପ୍ରକାଶ ପାଇଛି। ଚଳିତ ବର୍ଷ ମଧ୍ୟ ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ବିଜ୍ଞାନ ପାଠ୍ୟକ୍ରମରେ ଓଏଭିରୁ ମୋଟ୍ ୪୭୨୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଚଳିତ ବର୍ଷର ପାସ୍ ହାର ରହିଛି ୭୩.୫ ପ୍ରତିଶତ। ବିଜ୍ଞାନ ପାଠ୍ୟକ୍ରମରେ ୧୧୨ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। କନ୍ଧମାଳର ଓଏଭି, ଧୋବାଟୋଟାର ପ୍ରିୟଦର୍ଶିନୀ ବେହେରା ୯୭.୬ ପ୍ରତିଶତ ହାସଲ କରି ବିଜ୍ଞାନ ପାଠ୍ୟକ୍ରମରେ ଟପ୍ପର୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଏଭି ଫେରଜରପୁର, ବରଗଡ଼ର ପୀୟୁଷ ରଞ୍ଜନ ସ୍ୱାଇଁ-୯୭.୨ ପ୍ରତିଶତ, ଓଏଭି ଟେଟେଲେଙ୍ଗା, ବୌଦ୍ଧର ଶକ୍ତିବନ୍ଦନ ପୁରୋହିତ - ୯୭.୨ପ୍ରତିଶତ, ଓଏଭି ବେଡ଼ି, ନୂଆପଡ଼ାର ଲଭ୍ୟାଂଶ ମେହେର -୯୬.୬ ପ୍ରତିଶତ ରଖି ସଫଳତା ହାସଲ କରିଛନ୍ତି। ସେହିପରି ବାଣିଜ୍ୟ ପାଠ୍ୟକ୍ରମରେ ୩୧ଟି ଓଏଭିରୁ ୪୨୩ ଜଣ ଛାତ୍ରଛାତ୍ରୀ ସିବିଏସଇ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇଥିବା ବେଳେ ପାସ୍ ହାର ୮୮.୯ ପ୍ରତିଶତକୁ ବୃଦ୍ଧି ପାଇଛି। ବାଣିଜ୍ୟରେ ମୋଟ ୧୪ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ମୟୂରଭଞ୍ଜର ଓଏଭି ସାନମୌଦା, ମୟୂରଭଞ୍ଜର ଦିଶା ଶାହା ୯୬.୮ ପ୍ରତିଶତ ନମ୍ବର ରଖି ବାଣିଜ୍ୟରେ ଟପ୍ପର୍ ହୋଇଛନ୍ତି। ବାଣିଜ୍ୟରେ ଅନ୍ୟମାନଙ୍କ ମଧ୍ୟରେ ଓଏଭି ସାନମୌଦା, ମୟୂରଭଞ୍ଜର ଆଞ୍ଚଲ ଅଗ୍ରୱାଲ-୯୬.୨ ପ୍ରତିଶତ, ଓଏଭି ଜାମଧର, ଯାଜପୁରର ବିଶ୍ୱଜିତା ପୃଷ୍ଟି – ୯୫ ପ୍ରତିଶତ, ଓଏଭି ଜାମଧର, ଯାଜପୁରର ଅଙ୍କିତା ବେହେରା – ୯୫ ପ୍ରତିଶତ, ଓଏଭି ରାନିଭୋଳ, ମୟୂରଭଞ୍ଜର ରିତିକ ଖୁରାନା-୯୫ ପ୍ରତିଶତ ରଖି ସଫଳତା ହାସଲ କରିଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ସମସ୍ତ ସଫଳ ଛାତ୍ରଛାତ୍ରୀ, ଶିକ୍ଷକ, ପ୍ରଧାନଶିକ୍ଷକ ଏବଂ ଅଭିଭାବକମାନଙ୍କୁ ସେମାନଙ୍କର କଠିନ ପରିଶ୍ରମ ପାଇଁ ଅଭିନନ୍ଦନ ଜଣାଇଛନ୍ତି।

ନିତିଦିନ NITIDIN



# ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ହାତକୁ ଗଲା ସଭାମଣ୍ଡପ

**ଚାରିଛକ,୧୪ା୫/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ଐତିହାସିକ ସଭାମଣ୍ଡପରେ ପ୍ରତ୍ୟେକ ବର୍ଷ ପ୍ରସିଦ୍ଧ ଦୋଳ ପୂର୍ଣ୍ଣିମା ଅବସରରେ ଚାରିଠାକୁର ମାଧବର ମାଧବାନନ୍ଦ ଜିଉ, ଛଣିଜଙ୍ଗର ପ୍ରଭୁ ରାଧାକାନ୍ତ, ଅମରେଶ୍ୱରର ପ୍ରଭୁ ଅମରେଶ୍ୱର ଓ ବଦେଶ୍ୱରର ପ୍ରଭୁ ବଦେଶ୍ୱର ବଡ ସଭାମଣ୍ଡପ ଉପରେ ବିରାଜମାନ କରି ହଜାର ହଜାର ସଂଖ୍ୟାର ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ଏହି ଐତିହାସିକ ସଭାମଣ୍ଡପଟି ଏକାଦଶ ଶତାବ୍ଦୀର ହୋଇଥିବାରୁ ଏହାର ରକ୍ଷଣାବେକ୍ଷଣ ଅଭାବରୁ ଏହି ସ୍ଥାନଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିଲା। ଅବହେଳିତ ଅବସ୍ଥାରେ ଥିବା ଏହି ପୀଠର ପୁନଃଉଦ୍ଧାର ନିମନ୍ତେ ବିଭିନ୍ନ ଗଣମାଧ୍ୟରେ ବାରମ୍ବାର ଖବର ପ୍ରକାଶ ପରେ ଓଡିଶା ରାଜ୍ୟ ପ୍ରତ୍ନଉତ୍ୱ,ଓଡିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଓଡିଶା ସରକାର ଏହାର ବିକାଶ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ସ୍ମାରକଟି ଓଡିଶା ପ୍ରାଚୀନ ସ୍ମାରକୀ ଅଟେ, ଉକ୍ତ ପୀଠର



ପୁର୍ନଉଦ୍ଧାର ଓ ସଭାମଣ୍ଡପର ରକ୍ଷଣା ବେକ୍ଷଣ କରିବାକୁ ରାଜ୍ୟ ପ୍ରତ୍ନତତ୍ୱ ବିଭାଗ ଏହାକୁ ହାତକୁ ନେଇଛନ୍ତି। ସଂରକ୍ଷଣ ଅଞ୍ଚଳ ମଧ୍ୟରେ ଯେ କୌଣସି ନିର୍ମାଣ ବେଆଇନ ଏବଂ ଆଇନର ଧାରା ୧୬ ଅନୁଯାୟୀ ଦଣ୍ଡନୀୟ, ଯାହା ସାତବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ, ୫୦ହଜାର ପର୍ଯ୍ୟନ୍ତ ଜରିମାନା କିମ୍ବା ଉଭୟ ଲାଗୁ କରାଯିବା ପାଇଁ ସୂଚନା ଫଳକରେ ଉଲ୍ଲେଖ ରହିଛି। ରାଜ୍ୟ ସରକାର ଉକ୍ତ ପୀଠର ଉନ୍ନତିକରଣ ଓ ବିକାଶ ପାଇଁ ଉଦ୍ୟମ ଜାରୀ ରଖିଥିବାରୁ ଚାରିଠାକୁରଙ୍କ ସେବକ ତ୍ରିଲୋଚନ ପୁଷ୍ପାଳକ, ଲୋଚନ ପୁଷ୍ପାଳକ, ମହେନ୍ଦ୍ର ମହାପାତ୍ର, କୃଷ୍ଣଚନ୍ଦ୍ର ମହାପାତ୍ର, ଚକ୍ରଧର ପାଣି,ଗଙ୍ଗାଧର ପାଣୀ, ଚୈତନ ପାଣି, ପୂର୍ଣ୍ଣଚନ୍ଦ୍ର ପାଣି, ଗଙ୍ଗାଧର ପାଣି, ନରେନ୍ଦ୍ର ପୁଷ୍ପାଳକ, ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦର ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ର, ପ୍ରାଚୀ ସାହିତ୍ୟ ସଂସଦର ସଭାପତି ପ୍ରଫେସର ଗୋପୀନାଥ କର, ସଂପାଦକ ଐତିହାସିକ ଡଃ ସନ୍ତୋଷ କୁମାର ମିତ୍ର, ବରିଷ୍ଠ ନାଗରୀକ ମଞ୍ଚର ସଂପାଦକ କାହ୍ନୁ ଚରଣ ବେହେରା, ଭଗବାନସାହୁ ଚାରିଟେବୁଲ ଟ୍ରଷ୍ଟର ସଂପାଦକ ପ୍ରଫୁଲ୍ଲ କୁମାର ସାହୁ, ଶିକ୍ଷାବିତ ନୀରଜଂନ କର,ଦ୍ୱିଜବର ମୁଦୁଲି, କୈଳାଶ ଚନ୍ଦ୍ର ତ୍ରିପାଠୀ, ତ୍ରିଲୋଚନ କର, ସମାଜସେବୀ ଚନ୍ଦ୍ରକାନ୍ତ ଦଳାଇ, କୃଷ୍ଣଚନ୍ଦ୍ର ରାଉତ,ସନାତନ ପାତ୍ର,ବନବିହାରୀ ଦାଶ, ଲକ୍ଷ୍ମୀଧର ବେହେରା, ସୁବାସ ଚନ୍ଦ୍ର ସାହୁ, ଦିବାକର କର ସ୍ମୃତି ସଂସଦ ଓ ପାଠାଗାର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର କର, କବିରାଜ କୁଳମଣି ସାହୁ ମେମୋରିଆଲ୍ ଟ୍ରଷ୍ଟର ଅଧକ୍ଷ ଡଃ କେଦାରନାଥ ସାହୁଙ୍କ ସମେତ ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଗ୍ରାମବାସୀ ପ୍ରମୁଖ ରାଜ୍ୟ ସରକାର ଏବଂ ସ୍ଥାନୀୟ ବିଧାୟିକା ତଥା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ସାଧୁବାଦ ଜଣାଇଛନ୍ତି।

### ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ଅସନ୍ତୋଷ

## ରାତ୍ର ୧୦ରୁ ଭୋର୍ ୫ଟା ଯାଏ ଅନ୍ଧାର

**କଣ୍ଟିଲୋ,୧୪ା୫/ଏନ୍ଏନ୍ଏସ୍:** ଗତକାଲି ବୁଧବାର କୌଣସି ମେଘ,ପବନ,ଝଡ଼ ତୋଫାନ, ଘଡ଼ ଘଡି, ବିଜୁଳି କିମ୍ବା ବର୍ଷା ନଥାଇ ରାତ୍ର ପ୍ରାୟ ଦଶ ଘଣ୍ଟା ସମୟ ଠାରୁ ଗୁରୁବାର ଭୋର୍ ପାଞ୍ଚ ଘଣ୍ଟା ପର୍ଯ୍ୟନ୍ତ ଅଘୋଷିତ ବିଜୁଳି ସରବରାହ ବନ୍ଦ ହୋଇ ସମ୍ପୂର୍ଣ ଅନ୍ଧକାର ପରିବେଶ ସୃଷ୍ଟି ହୋଇଥିଲା। ଏହା କେବେ ସୁଧୁରିବ ବୋଲି ସର୍ବ ସାଧାରଣଙ୍କ ମୁଖ୍ୟ ଆଲୋଚ୍ୟ ବିଷୟ ପାଲଟିଛି। ସୂଚନାରୁ ପ୍ରକାଶ ଯେ,ବର୍ତ୍ତମାନର ରାଜ୍ୟ ସରକାର ଓଡ଼ିଶା ର ସମସ୍ତ ଅଧିବାସୀ ମାନଙ୍କୁ ଆଦୌ ବିଜୁଳିକାଟ ହେବନାହିଁ ବୋଲି ବାରମ୍ବାର ପ୍ରତିଶ୍ରୁତି ଦେଇ ଥିଲେ ମଧ୍ୟ, ପ୍ରତ୍ୟେକ ଦିନ ବିଦ୍ୟୁତ୍ ବିଭାଗ ସରକାରଙ୍କ ନିର୍ଦ୍ଦେଶ କୁ ଭ୍ରୁକ୍ଷେପ ନକରି ମନ ଇଚ୍ଛାରେ ଅଘୋଷିତ ବିଜୁଳି କାଟ କରି ଚାଲିଛନ୍ତି। ଏଥି ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଖାତିରି ନକରିବା, ଭ୍ରୁକ୍ଷେପ ନକରି ଅବମାନନା କରୁଥିବା ବିଦ୍ୟୁତ୍ ବିଭାଗ ବିରୁଦ୍ଧରେ ରାଜ୍ୟ ସରକାର କୌଣସି ପଦକ୍ଷେପ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିବାରୁ ସର୍ବସାଧାରଣ ଜନତା ଘୋର ଅସନ୍ତୋଷ ପ୍ରକାଶ କରିବା ସହିତ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠନ ନେବାକୁ ଅଭିଯୋଗ କରିଛନ୍ତି।ବେଶୀ ଆଶ୍ଚର୍ଯ୍ୟ ଲାଗୁଛି,ରାତ୍ର ଦଶରୁ ଭୋର୍ ପାଞ୍ଚଟା ପର୍ଯ୍ୟନ୍ତ ରାତ୍ର ସାରା ବିଦ୍ୟୁତ୍ କଟି ସମ୍ପୂର୍ଣ ଅନ୍ଧକାର ଥିଲାବେଳେ, ଭୋର୍ ପାଞ୍ଚ ଟାରେ ହଠାତ୍ କେମିତି ବିଦ୍ୟୁତ୍ ଆସିଗଲା।ରାତ୍ରସାରା କର୍ମଚାରୀ ମାନେ କଅଣ କର୍ତ୍ତବ୍ୟ ରତ ଥିଲେ ନା ଏଠାର ଯନ୍ତ୍ରୀ ଓ କର୍ମଚାରୀ ମାନଙ୍କର ପ୍ରମୋସନ୍ ପାଇଁ କରେଣ୍ଟ ସେଭ୍ ଚାଲିଥିଲା। ଏପରି ପରିସ୍ଥିତିରେ ଯନ୍ତ୍ରୀ ଓ କର୍ମଚାରୀ ମାନେ କରେଣ୍ଟ ସେଭ୍ କୁ ଅଗ୍ରାଧିକାର ନ ଦେଇ ସର୍ବ ସାଧାରଣଙ୍କୁ ସେବା ଯୋଗାଇବା ପାଇଁ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି।

## ଲିଟିଲ୍ ଷ୍ଟାର୍ ଗ୍ରୁପ୍‌ର ଗ୍ରୀଷ୍ମକାଳୀନ ଶିବିର



**ପୁରୀ,୧୪ା୫/ଏନ୍ଏନ୍ଏସ୍:** ଜଣେ ଯେତେ ଶିକ୍ଷାଗତ ଜ୍ଞାନ ଅର୍ଜନ କରୁନା କାହିଁକି ଦକ୍ଷତା ହିଁ ତା'ର ଅସଲ ପରିଚୟ ବୋଲି ନିମାପଡାର ଅଗ୍ରଣୀ ଅନୁଷ୍ଠାନ 'ଲିଟିଲ ଷ୍ଟାର ଗ୍ରୁପ' ପକ୍ଷରୁ ଆୟୋଜିତ ୨୪ତମ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଘାଟନ ଅବସରରେ ଅତିଥିମାନେ ମତପ୍ରକାଶ କରିଥିଲେ। ଶିବିରର ଉଦ୍‌ଘାଟନ ଅବସରରେ ଗ୍ରୁପ ର ସମ୍ପାଦକ ତଥା ବିଶିଷ୍ଟ ଶିଶୁ ସାହିତ୍ୟିକ ସୁମନ୍ତ ମହାରଣା ଙ୍କ ନେତୃତ୍ୱରେ ପିଲାମାନଙ୍କୁ ବିଦ୍ୟାଳୟ ର ଚାରିକାନ୍ଥ ସୌଖିକ ପରିସରରୁ ବାହାରକୁ ଅଣାଯାଇ ପୁରୀ ଭ୍ରମଣ ରେ ଅଣାଯାଇଥିଲା। ପ୍ରଥମେ ପିଲାମାନେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନକରି ରଥ ଖଳାରେ ରଥ ନିର୍ମାଣକୁ ଦେଖିଥିଲେ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ କୁ ବିଶ୍ୱକର୍ମା ମହାରଣା ସେବାୟତମାନେ କିପରି ନିହାଣ ହାତୁଡି ରେ ସୁନ୍ଦର ଭାବେ ଗଢି ତୋଳୁଛନ୍ତି ତାହା ଦେଖି ପିଲାମାନେ ବିମୋହିତ ହୋଇଥିଲେ। ରଥଖଳାରେ 'ଅଭିନନ୍ଦନିକା'ର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କୁ ଏହାର ନିର୍ମାଣ ସମ୍ପର୍କ ରେ ବୁଝାଇଥିଲେ। ପରେ ପିଲାମାନେ ପୁରୀ ଆକାଶ ବାଣୀ କେନ୍ଦ୍ର କୁ ଆସି ସେମାନଙ୍କ ବିଭିନ୍ନ ପ୍ରତିଭା ପଦର୍ଶନ କରିଥିଲେ। ପୁରୀ ଆକାଶବାଣୀ ପକ୍ଷରୁ ରୋଜିତା ଦାସ,ସପନ ତରାଇ,ରାଜଶ୍ରୀ ସାହୁ,ଦିବ୍ୟ ଦର୍ଶନୀ ପରିଡା,ଶୁଭଦର୍ଶିନୀ ସାହୁ ପିଲାମାନଙ୍କ ସହ ଭାବ ବିନିମୟ କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ଏହି ଶିବିର ଦୀର୍ଘ ୨୫ଦିନ ଚାଲି ପିଲାମାନଙ୍କୁ ବିଭିନ୍ନ ପ୍ରଶିକ୍ଷଣ ଦିଆଯିବ। ଆଜିର କାର୍ଯ୍ୟକ୍ରମ କୁ ଗ୍ରୁପ ପକ୍ଷରୁ ସୁନନ୍ଦ ରାଉତରାୟ ଓ ଉର୍ମିଳା ମହାରଣା ପରିଚାଳନା ରେ ସହଯୋଗ କରିଥିଲେ।

## ମହିଳା ମହାବିଦ୍ୟାଳୟରେ ଶିକ୍ଷାନବୀଶ ସମାରୋହ




**ଚାରିଛକ,୧୪ା୫/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଜାତୀୟ ଶିକ୍ଷା ନୀତି -୨୦୨୦ ଅନୁଯାୟୀ ସ୍ନାତକ ଛାତ୍ରୀମାନଙ୍କର ଗ୍ରୀଷ୍ମକାଳୀନ ଶିକ୍ଷାନବିଶ ସମୁଦାୟ ସମ୍ପୃକ୍ତି କାର୍ଯ୍ୟକ୍ରମର ସମାପନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼ଃ ଅଶୋକ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାପନ ସମାରୋହରେ ମୁଖ୍ୟ ଅତିଥି ରୂପେ ଭୁବନେଶ୍ୱର ସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶିକ୍ଷା ବିଭାଗ ମୁଖ୍ୟ ଡ଼ଃ ସସ୍ମିତା କର ଯୋଗଦେଇ କାର୍ଯ୍ୟକ୍ରମ ଛାତ୍ରୀମାନଙ୍କର ଦକ୍ଷତା ବିକାଶରେ ସହାୟକ ହେବବୋଲି ଅଭିହିତ କରିଥିଲେ। ମୁଖ୍ୟ ବକ୍ତା ରୂପେ ଓଡିଶା ରାଜ୍ୟ ଏଡସ ନିୟନ୍ତ୍ରଣ ସମିତିର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶିକା ସ୍ମୃତି ସାଗରୀକା କାନୁନଗୋ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ଆଇ.ସି.ଟି.ସିର କାଉନସିଲର ସୁରେଶ ଚନ୍ଦ୍ର ଦାଶ ଯୋଗଦେଇଥିଲେ। ମହାବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ତଥା ଶିକ୍ଷାନବିଶ କାର୍ଯ୍ୟକ୍ରମର ସଂଯୋଜିକା ଡ଼ଃ ଶ୍ରୀଲେଖା ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରିଣୀ କାନନବାଳା ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ଼ଃ ଶର୍ମିଷ୍ଠାରାଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ରାମଚଣ୍ଡୀ ଠାକୁରାଣୀଙ୍କ ଜଳଶାୟୀ ନୀତି

**ପୁରୀ,୧୪ା୫/ଏନ୍ଏନ୍ଏସ୍:** ଦୋଳମଣ୍ଡପ ସାହି, ଜେନାରୀଗଛ ଛକ ସ୍ଥିତ ମାଆ ରାମଚଣ୍ଡୀ ଠାକୁରାଣୀଙ୍କ ଜଳଶାୟୀ ନୀତି ପବିତ୍ର ଜଳକ୍ରୀଡା ଏକାଦଶୀ ତିଥିରେ ଅନୁଷ୍ଠିତ ହୋଇଯାଇଛି। ସକାଳୁ ମାଆଙ୍କ ଦ୍ୱାର ଫିଟିବା ପରେ ମଙ୍ଗଳଆଳତି ଓ ଅବକାଶ ନୀତି ପରେ ଶଙ୍ଖୁଡି ଭୋଗ କରାଯାଇଥିଲା। ପରେ ମାଆଙ୍କ ଆସ୍ଥାନରେ ମାଟି ପ୍ରଲେପ କରାଯାଇଥିଲା। ଶିବନାରାୟଣ ଦାଶ, ରଞ୍ଜନ ଦାଶ, ତ୍ରିଲୋଚନ ମିଶ୍ର, ରବିନାରାୟଣ ପାଣିଗ୍ରାହୀ, ଅକ୍ଷୟଚନ୍ଦ୍ର କର ଓ ରାମନାରାୟଣ ଦାଶ ଗରାରେ ନିକଟସ୍ଥ କୂଅରୁ ଜଳତୋଳି ଆଣି ମାଆଙ୍କ ଆସ୍ଥାନ ନିକଟରେ ରଖା ଯାଇଥିଲା। ଜଳରେ ଚନ୍ଦନ, ଅଗୁର, କର୍ପୁର, ଚୂଆ,କେଶର ଓ ବିଭିନ୍ନ ପ୍ରକାରର ସୁବାସିତ ମିଶ୍ରଣ କରାଯାଇ ମାଆଙ୍କ ମସ୍ତକରେ ଢଳା ଯାଇଥିଲା। ଅପରାହ୍ନରେ ଜଳ ନିଷ୍କାସନ କରାଯାଇ ମାଆଙ୍କୁ ଚନ୍ଦନ ବେଶରେ ସଜ୍ଜିତ କରାଯାଇଥିଲା। ପରେ ସନ୍ଧ୍ୟା ଆଳତି କରାଯାଇ ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ଭୋଗ କରାଯାଇ ରାତ୍ର ପହୁଡ଼ କରାଯାଇଥିଲା। ମନ୍ଦିର ପୂଜକ ପିନାକ ଦାଶ ଓ ସୋମନାଥ ଦାଶ ସମସ୍ତ ନୀତିକାନ୍ତି ସମାପନ କରିଥିଲେ। ସ୍ଥାନୀୟ ଅଂଚଳର ଭକ୍ତ ମାଆଙ୍କ ଦିବ୍ୟଦୁର୍ଲଭ ବେଶ ଓ ଜଳଶାୟୀ ନୀତି ଦର୍ଶନ କରି ଆଶିଷ ଲାଭ କରିଥିଲେ। ଏହି ଅବସରରେ ମନ୍ଦିରକୁ ଉଜ୍ଜଳ ଆଲୋକ ମାଳାରେ ସଜ୍ଜିତ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ସମ୍ପାଦକ ମାଗୁଣି ପୃଷ୍ଟି, ସହ ସମ୍ପାଦକ ରାଜେନ୍ଦ୍ର ପାତ୍ର, ଗୋବିନ୍ଦ ଦଣ୍ଡ ଓ କୋଷାଧ୍ୟକ୍ଷ ବୁଲୁ ପଡ଼ିଆରୀ ପରିଚାଳନା କରିଥିଲେ।

## ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ବିଜେଡିର ସମ୍ମିଳନୀ

**ନୟାଗଡ଼,୧୪ା୫/ଏନ୍ଏନ୍ଏସ୍:** ସାରା ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୋଲିସଙ୍କ ପ୍ରତି ଅପରାଧୀମାନଙ୍କର ଭୟ ରହୁନି। ସାଧାରଣ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ପ୍ରସଙ୍ଗ ନେଇ ଏକ ପ୍ରେସମିଟ୍ ରେ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ବିକ୍ଷୋଦଗାର କରିଛନ୍ତି ବିଜେଡି ନେତା। ନୟାଗଡ଼ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ରାଜ୍ୟର ବିଭିନ୍ନ ପ୍ରସଙ୍ଗ ଉଠାଇବା ସହ ଦୁର୍ବଳ ସରକାର ପାଇଁ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ସାଧାରଣ ଜନତାକୁ ଭୟଭୀତ କରିଥିବା କହିଛନ୍ତି। ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରେ ଅରାଜକତା ବଢ଼ିଛି। ଅପରାଧିମାନେ ଆଇନକୁ ଭୃକ୍ଷେପ କରୁନାହାନ୍ତି। ବର୍ବରତା ସୀମା ଅତିକ୍ରାନ୍ତ କରିଛି। ଢେଙ୍କାନାଳ ଜିଲ୍ଲା ଭାପୁର ଅଞ୍ଚଳରେ ଦଳୀତ ମହିଳାଙ୍କୁ ଦୁଷ୍କର୍ମ ପରେ ପଥ ପଥରରେ ଛେଚି ହତ୍ୟା ଘଟଣାରୁ ଆରମ୍ଭ କରି ପୁରୀ ଜିଲ୍ଲା ବଳଙ୍ଗା ଯୁବତୀଙ୍କୁ ହତ୍ୟା ଘଟଣା, ଗଞ୍ଜାମରେ ଗର୍ଭବତୀ ମହିଳାଙ୍କୁ ହତ୍ୟା ଘଟଣା, ବ୍ରହ୍ମଗିରିରେ ୬ ବର୍ଷ ଶିଶୁକନ୍ୟାକୁ ଦୁଷ୍କର୍ମ,



କଣାସ ଥାନା ଅଞ୍ଚ ଅଞ୍ଚଳରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ପ୍ରସଙ୍ଗ ଉଠାଇ ସରକାରକୁ ଘେରିଛନ୍ତି। ନୟାଗଡ଼ ଓଡ଼ଗାଁରେ ଖଣି ମାଫିଆଙ୍କ ଦ୍ୱାରା ହତ୍ୟା ଘଟଣା ସବୁ ସୀମା ଟପିବା ସହିତ ୨ ବର୍ଷରେ ବିଜେପି ସରକାର ଓଡ଼ିଶାର ଛବିକୁ ମଳିନ କରିଥିବା କହିଛନ୍ତି। ସେହିଭଳି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଜିଲ୍ଲାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ସୁଧାରିବା ପାଇଁ ଆସନ୍ତା ୧୪ ତାରିଖରେ ଏସଂକ୍ରାନ୍ତରେ ନୟାଗଡ଼ ଏସ୍‌ପିଙ୍କୁ ଦାବିପତ୍ର ଦିଆଯିବ ବୋଲି ସୂଚନା ଦେଇଛନ୍ତି। ସମୟ ଅବଧି ମଧ୍ୟରେ ପରିସ୍ଥିତିରେ ସୁଧାର ନଆସିଲେ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି କହିଛନ୍ତି। ନୟାଗଡ଼ ବିଧାୟକ ଶ୍ରୀ ସାହୁ ବିଭିନ୍ନ ଜିଲ୍ଲାରେ ଘଟୁଥିବା ନୃଶଂସ ହତ୍ୟାକାଣ୍ଡକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ନୟାଗଡ଼ ଜିଲ୍ଲାରେ ଓଡ଼ଗାଁ ଘଟଣା, ଗଣିଆ ଜିଅନ୍ତା ପୋଡ଼ି ଦେବା ଘଟଣା ଜ୍ୱଳନ୍ତ ଉଦାହରଣ ବୋଲି କହିଛନ୍ତି। ଗାଁ ଗାଁରେ କଙ୍ଗାରୁକୋର୍ଟ ଚାଲିଛି। ନୟାଗଡ଼ ଜିଲ୍ଲାର ସ୍ଥିତି ଅସମ୍ଭାଳ ହୋଇ ପଡ଼ିଛି। ଏହି ସାମ୍ବାଦିକ ସମ୍ମିଳନୀରେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଙ୍କ ଦେବାଶିଷ ପଟ୍ଟନାୟକ, ରଣପୁର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ସୁବାଷ ଚନ୍ଦ୍ର କହଁର, ସରୋଜ ରଣସିଂ, କ୍ଷୀରୋଦ ମହାପାତ୍ର, ଆଶିଷ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଯାତ୍ରୀନିବାସ ନିର୍ମାଣ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ

**ଚାରିଛକ,୧୪ା୫/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲାର ନିମାପଡ଼ା ବ୍ଲକ ଚାରିଛକ ବଜାର ୪ଟି ଜିଲ୍ଲାର ପ୍ରମୁଖ ସଂଯୋଗସ୍ଥଳୀ। ଚାରିଛକ ବଜାରରେ ଏକ ଯାତ୍ରୀ ନିବାସ ନଥିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାରିଛକ ବଜାରଦେଇ ପ୍ରତିଦିନ ପୁରୀ, କଟକ, ଖୋର୍ଦ୍ଧା ଓ ଜଗତସିଂହପୁର ଜିଲ୍ଲାର ହଜାର ହଜାର ସଂଖ୍ୟାରେ ଯାତ୍ରୀ ଓ ପର୍ଯ୍ୟଟକ ବିଭିନ୍ନ ପର୍ଯ୍ୟଟନ ସ୍ଥଳ ପୁରୀ, କୋଣାର୍କ, କାକଟପୁର, ଅସ୍ତରଙ୍ଗ ଆଦି ସ୍ଥାନକୁ ଯାତାୟତ କରିଥାନ୍ତି। ମାତ୍ର ଚାରିଛକ ବଜାରରେ ବିଶ୍ରାମ କରିବା ପାଇଁ ଏକ ଯାତ୍ରୀ ବିଶ୍ରାମଗାର ନଥିବାରୁ ମହିଳା, ଶିଶୁ ଓ ବୃଦ୍ଧବୃଦ୍ଧାମାନେ ଖରା ଓ ବର୍ଷାରେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ତୁରନ୍ତ ଏକ ଅତ୍ୟାଧୁନିକ ଯାତ୍ରୀ ନିବାସ ନିର୍ମାଣ କରିବା ପାଇଁ ସମାଜସେବୀ ସନାତନ ପାତ୍ର,ପ୍ରାକ୍ତନ ଆଇଆରଏସ ଚନ୍ଦ୍ରକାନ୍ତ ଦଳାଇ, ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ଡକ୍ଟର କେଦାରନାଥ ସାହୁ, କୃଷକନେତା କୃଷ୍ଣଚନ୍ଦ୍ର ରାଉତଙ୍କ ସମେତ ଚାରିଛକ ପ୍ରେସ କ୍ଲବ ସଭାପତି ପ୍ରଫୁଲ୍ଲ କୁମାର କର ଏହି ସମସ୍ୟା ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଯାତ୍ରୀମାନଙ୍କର ଏହି ମୌଳିକ ସମସ୍ୟାକୁ ଦୃଷ୍ଟିରେ ରଖି ଏଠାରେ ଏକ ଯାତ୍ରୀ ନିବାସ ନିର୍ମାଣ ପାଇଁ ସ୍ଥାନୀୟ ବିଧାୟିକା ତଥା ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

## ଗୋଟିଏ ରାତିରେ ୩ ମନ୍ଦିରରୁ ବିଭିନ୍ନ ସାମଗ୍ରୀ ଚୋରି ଅଭିଯୋଗ

**ବଳଙ୍ଗା,୧୪ା୫/ଏନ୍ଏନ୍ଏସ୍:** ଗତ କିଛି ମାସ ହେଲା ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଞ୍ଚଳରେ ଅପରାଧୀ ମାନେ ସକ୍ରିୟ ହେବାକୁ ଲାଗିଛନ୍ତି। ଏବେ ଅପରାଧୀମାନଙ୍କ ମୁଖ୍ୟ ଟାର୍ଗେଟ ମଠ, ମନ୍ଦିର ଗ୍ରାମାଞ୍ଚଳ ବିଭିନ୍ନ ମନ୍ଦିରରୁ ଠାକୁରଙ୍କ ଅଳଙ୍କାର ଶହ ଆସବାବ ପତ୍ର ବାରମ୍ବାର ଚୋରି କଲେଣି। ଗତକାଲି ବିଳମ୍ବିତ ରାତିରେ ଉଛୁପୁର ଗ୍ରାମର ଭଗବତୀ ମନ୍ଦିର,ବ୍ରାହ୍ମଣ ଚାନ୍ଦପୁର ଗ୍ରାମର ବାବା ବାଲୁଙ୍କେଶ୍ୱର ମନ୍ଦିର ଓ ମହୁରା ପଞ୍ଚାୟତର ଆଳିକିଆ ଗ୍ରାମର ଠାକୁରାଣୀଙ୍କ ମନ୍ଦିରରୁ ଚୋରି ହୋଇଥିବା ନେଇ ଗ୍ରାମବାସୀମାନଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

ସୂଚନା ମୁତାବକ ଉଛୁପୁରୁ ଗ୍ରାମବାସୀ ଓ ବ୍ରାହ୍ମଣ ଚାନ୍ଦପୁର ଏବଂ ଆଳିକିଆ ପ୍ରଭୃତି ସମସ୍ତ ଗ୍ରାମବାସୀମାନେ କରିଥିବା ଅଭିଯୋଗ ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ ବାଲୁଙ୍କେଶ୍ୱର ମନ୍ଦିର ଓ ଭଗବତୀଙ୍କ ମନ୍ଦିର, ଠାକୁରାଣୀ ମନ୍ଦିର ତିନୋଟି ମନ୍ଦିରରୁ କେହି ଦୁର୍ବୃତ୍ତମାନେ ଠାକୁରଙ୍କ ପୂଜା ସାମଗ୍ରୀ ,ଏବଂ ବଡ଼ ଘଣ୍ଟି ଓ ବିଭିନ୍ନ ଆସବାବପତ୍ର ଦୁର୍ବୃତ୍ତ ମାନେ ଚୋରି କରିନେଇଥିବା ବେଳେ ଗ୍ରାମବାସୀମାନେ ଥାନାରେ ଅଭିଯୋଗ କରିଛନ୍ତି। ଯାହାକି ଗତ କିଛି ଦିନ ତଳେ ବିଭିନ୍ନ ମନ୍ଦିରରୁ ଚୋରି ହୋଇଥିଲେ ମଧ ପୁଲିସ କେବଳ ମାମଲା ରୁଜୁ କରି ଦେଉଥିବା ବେଳେ କୈଣସି ଚୋର ଧରା ନଜିବାରୁ ଦୁର୍ବୃତ୍ତଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ବଳଙ୍ଗା ପୋଲିସ ଓ ସାଇଣ୍ଟିଫିକ ଟିମ୍ ଆସି ଚୋରି ହୋଇଥିବା ମନ୍ଦିର ଗୁଡିକ ଅନୁସନ୍ଧାନ କରି ଯାଇଛନ୍ତି। ପୁରୀ ଜିଲ୍ଲା ଏସ୍‌ପି ଏହା ଉପରେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ଡିପିଏସ୍ ସ୍କୁଲ୍‌ର ସଫଳତା

**ଫୁଲନଖରା,୧୪ା୫/ଏନ୍ଏନ୍ଏସ୍:** ସିବିଏସଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଫୁଲନଖରାସ୍ଥିତ ଦିଲୀ ପବ୍ଲିକ ସ୍କୁଲ କଳିଙ୍ଗ ଉଲ୍ଲେଖନୀୟ ସଫଳତା ହାସଲ କରିଛି। କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗରେ ୩୬ଜଣ ପରୀକ୍ଷାର୍ଥୀ ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ପ୍ରାପ୍ତାଙ୍କ ହାସଲ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। କଳା ବିଭାଗରେ ଝଲକ ମିଶ୍ର ୯୭ ପ୍ରତିଶତରୁ ଅଧିକ ନମ୍ବର ରଖି ସ୍କୁଲ ଟପ୍ପର ହୋଇଥିଲାବେଳେ ନେନ୍‌ଶ୍ରୀ ସାମଲ ଦ୍ୱିତୀୟ ଓ ରିଦ୍ଧିମା ସିଂ ଚୌହାନ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବାଣିଜ୍ୟ ବିଭାଗରେ ନୈତିକ ଜୈନ ୯୫ପ୍ରତିଶତରୁ ଅଧିକ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଥିଲାବେଳେ ମୟଙ୍କ ମୋଦି ଦ୍ୱିତୀୟ ଓ ନମନ କ୍ୟାଲ ତୃତୀୟ ହୋଇଛନ୍ତି। ସେହିପରି ବିଜ୍ଞାନ ବିଭାଗରେ ଆର୍ଯ୍ୟନ ଗୁପ୍ତା ୯୪ପ୍ରତିଶତରୁ ଅଧିକ ନମ୍ବର ରଖି ସ୍କୁଲ ଟପ୍ପର ହୋଇଥିଲାବେଳେ ପ୍ରିୟାନୀ ରଥ ଦ୍ୱିତୀୟ ଓ ଆଦ୍ୟାଶା ରାଉତ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରୋ ଭାଇସ ଚେୟାରପର୍ସନ ମାଳା ମିଶ୍ର, କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ସୁନୟନା ପାତ୍ରୋ, ଅଧ୍ୟକ୍ଷ ଶୁଭବ୍ରତ ମୁଖାର୍ଜି, ଉପାଧ୍ୟକ୍ଷ ସଂଜୟକୁମାର ଜେନା, ଉପାଧ୍ୟକ୍ଷା ସ୍ୱାତୀ ନାଥ, ପ୍ରଧାନ ଶିକ୍ଷକ ମୁସ୍ତାକ ଅହମ୍ମଦ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ମୁଖ୍ୟରାସ୍ତାର କାର୍ଯ୍ୟାଦେଶ କାର୍ଯ୍ୟକାରୀ କରିବାକୁ ଦାବି

**ବୋଲଗଡ଼,୧୪ା୫/ଏନ୍ଏନ୍ଏସ୍:** ବୋଲଗଡ଼ ବ୍ଲକ ଗେଡ଼ିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଗୋପାଳପୁର ଗ୍ରାମ ରେ ଦୀର୍ଘଦିନ ଧରି ଅବହେଳିତ ହୋଇ ପଡ଼ିରହି ଥିବା ମୁଖ୍ୟରାସ୍ତାର ନିର୍ମାଣ ପାଇଁ ଆସିଥିବା କାର୍ଯ୍ୟ ବନ୍ଦ କରାଯାଇଥିବା ପ୍ରତିବାଦରେ ଗ୍ରାମବାସୀମାନେ ବୁଧବାର ବିଡ଼ିଓଙ୍କୁ ଭେଟିଛନ୍ତି। ଏନେଇ କାହ୍ନୁ ଚରଣ ବେହେରା ଓ ସମିତିସଭ୍ୟ ରଞ୍ଜନ କୁମାର ପଣ୍ଡାଙ୍କ ନେତୃତ୍ୱରେ ଗ୍ରାମର ଅନେକ ମହିଳା ପୁରୁଷ ମାନେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ତୁରନ୍ତ କାର୍ଯ୍ୟ ଆରମ୍ଭ ନିମନ୍ତେ ଦାବି ଜଣାଇଛନ୍ତି।ଅଭିଯୋଗ ମୁତାବକ ସମ୍ପୃକ୍ତ ରାସ୍ତା କାର୍ଯ୍ୟ କରିବାକୁ ପୂର୍ବରୁ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହାର ନିର୍ମାଣ କାର୍ଯ୍ୟ ପାଇଁ ବ୍ଲକର ସହକାରୀ ଯନ୍ତ୍ରୀ ରାସ୍ତା ଲେଆଉଟ୍ ପ୍ରସ୍ତୁତ କରି ବିଭାଗୀୟ କାର୍ଯ୍ୟାଦେଶ ତତ୍ତ୍ୱାବଧାରକ ଭାବେ ଥିବା ସମିତିସଭ୍ୟ ଶ୍ରୀ ପଣ୍ଡାଙ୍କୁ ବୋର୍ଡ ତିଆରି କରି କାର୍ଯ୍ୟ ଆରମ୍ଭ କରିବା ପାଇଁ କହିଥିଲେ। ଲୋକମାନଙ୍କର କୌଣସି କଥା ନଶୁଣି ତାଙ୍କୁ ପ୍ରକୋଷ୍ଠରୁ ବାହାରିଯିବା ପାଇଁ ଧମକ ଦେଇଥିବା ଅଭିଯୋଗ କରି ପରେ ଗ୍ରାମବାସୀମାନେ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ। ପରେ ଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ପାଇଁ ଏକ ଦାବି ପତ୍ର ଦେଇଥିଲେ ଏବଂ ବିଡ଼ିଓଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ବିଡ଼ିଓଙ୍କ ନାମରେ ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି।

## ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଟ୍ରାନ୍ସଫର୍ମର୍ ବସାଇବାକୁ ଦାବି

**ଦଶପଲ୍ଲା,୧୪ା୫/ଏନ୍ଏନ୍ଏସ୍:** ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଲୋ ଭୋଲ୍‌ଟେଜ୍ ବିଦ୍ୟୁତ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ଦଶପଲ୍ଲା ଏନଏସି ୮ନଂ ଜୋନ୍ ଯୋଗିବନ୍ଧ ଗ୍ରାମର ଗ୍ରାମବାସୀ ଉଚ୍ଚ ଶକ୍ତି ସମ୍ପନ୍ନ ଟ୍ରାନ୍ସଫର୍ମର ବସାଇବାକୁ ଲାଗି ଦାବି କରିଛନ୍ତି। ବର୍ତ୍ତମାନ ୧୦କେଭି ବିଦ୍ୟୁତ ଟ୍ରାନ୍ସଫର୍ମର ଥିବାବେଳେ ଏହା ସମ୍ପୂର୍ଣ୍ଣ ବିଦ୍ୟୁତ ଯୋଗାଇ ପାରୁନାହିଁ। ଲୋ ଭୋଲ୍‌ଟେଜ୍ ଯୋଗୁ ଅସହ୍ୟ ଗରମ ସହ ଘରେ ଥିବା ବିଦ୍ୟୁତ ସାମଗ୍ରୀଗୁଡିକ ଠିକ୍‌ରେ କାମ କରୁନଥିବା ଗ୍ରାମବାସୀ ଅଭିଯୋଗ କରିବା ସହ ଏକ ଅଭିଯୋଗ ଫର୍ଦ୍ଦ ଦଶପଲ୍ଲା ଟିପିସିଓଡିଏଲର ଅଧିକାରୀଙ୍କୁ ପ୍ରଦାନ କରି ତୁରନ୍ତ ଉଚ୍ଚଶକ୍ତି ସମ୍ପନ୍ନ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ଦାବି କରିଛନ୍ତି।

## ଫାଣ୍ଡି କ୍ୱାର୍ଟର୍ ନିର୍ମାଣ ଦୁର୍ନୀତି: ନିମ୍ନମାନର କାର୍ଯ୍ୟ ଅଭିଯୋଗ

**କଣ୍ଟିଲୋ,୧୪ା୫/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଥାନା ଅନ୍ତର୍ଗତ କଣ୍ଟିଲୋ ଫାଣ୍ଡି କାର୍ଯ୍ୟାଳୟର ପୂର୍ବ ପାର୍ଶ୍ୱରେ ଥିବା ବହୁ ପୁରୁଣା ନଡ଼ା ଛପର କ୍ୱାର୍ଟର ଗୁଡ଼ିକୁ ଭାଙ୍ଗି ନୂତନ ଭାବେ ସିମେଣ୍ଟ, କଂକ୍ରିଟ, ବାଲି ଓ ଲୁହା ଛଡ଼ ଦ୍ୱାରା ନିର୍ମାଣ ହେଉଥିବା ସ୍ଥାୟୀ କ୍ୱାର୍ଟର ଗୁଡ଼ିକ ଖୁବ୍ ନିମ୍ନ ମାନର ଓ ଅନିୟମିତତା ଭାବେ ହେଉଥିବାରୁ ଘୋର ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ସୂଚନାରୁ ଜଣାପଡିଛି ଯେ, ଫାଣ୍ଡିର ଏହି ନୂତନ କ୍ୱାର୍ଟର ନିର୍ମାଣ ପାଇଁ ପ୍ରାୟ ୬୦ ଲକ୍ଷ୍ୟରୁ ଉର୍ଦ୍ଧ ଟଙ୍କା ଅନୁମୋଦନ ହୋଇଥିବା ଖବର ହସ୍ତଗତ ହୋଇଛି। ଏହି କାର୍ଯ୍ୟର ଦାୟିତ୍ୱ ପୋଲିସ ହାଉସିଂ କର୍ପୋରେସନ ଉପରେ ସମ୍ପୂର୍ଣ ଭାବେ ନ୍ୟସ୍ତ ଥିବାବେଳେ, ସେମାନେ ନିଜସ୍ୱ ସ୍ୱାର୍ଥ କୁ ଅଗ୍ରାଧିକାର ଦେଇ, ସ୍ଥାନୀୟ ଠିକାଦାର ମାନଙ୍କୁ ଟେକି ଦେଇଥିବା ଅଭିଯୋଗ ହେଉଛି। ନିମ୍ନମାନର ଓ ଅନିୟମିତତା ଭାବେ ଚାଲିଥିବା ନିର୍ମାଣ କାର୍ଯ୍ୟର ଦୁର୍ନୀତି କୁ ଲୁଚାଇବା ପାଇଁ ସୂଚନାଫଳକ ଲାଗି ନଥିବା ସହିତ ସଂପୃକ୍ତ ଯନ୍ତ୍ରୀ ଓ ଠିକାଦାରଙ୍କ ଅନୁପସ୍ଥିତିରେ ମନଇଚ୍ଛାରେ ଭାଗମାପ ପ୍ରସ୍ତୁତ କରି ଅନଭିଜ୍ଞ ପେଟି ଠିକାଦାରଙ୍କ ଦ୍ୱାରା ରାତିରେ ଢଳେଇ ନିର୍ମାଣ କାର୍ଯ୍ୟ ଚାଲୁଥିବା ଅଭିଯୋଗ



ହେଉଛି। ଦିପ ତଳ ଅନ୍ଧାର ଭଳି ଫାଣ୍ଡି ପୋଲିସଙ୍କ ସାହାସରେ ବିନା ସୂଚନା ଫଳକରେ ଉଦ୍ଦିଷ୍ଟ ଏଷ୍ଟିମେଟ୍‌କୁ ଭ୍ରୁକ୍ଷେପ ନକରି ବହୁ ନିମ୍ନ ମାନର କାର୍ଯ୍ୟ ଚାଲୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ ବୁଦ୍ଧିଜୀବି ଓ ସର୍ବସାଧାରଣ ଜନତାଙ୍କ ମନରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ଯେ, ଦୁର୍ନୀତି ଗ୍ରସ୍ତ ପୋଲିସ ହାଉସିଂ କର୍ପୋରେସନ ସବୁ କାର୍ଯ୍ୟକୁ ହାତକୁ ନେଇ ନିଯେ ନକରି କେବଳ ନିଜସ୍ୱ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଅନଭିଜ୍ଞ ଠିକାଦାର ଙ୍କୁ ହସ୍ତାନ୍ତର କରୁଛି କାହିଁକି ? ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ନିମ୍ନ ମାନର କଲେଜ୍ କାର୍ଯ୍ୟ, ଚବିଶ ଘଣ୍ଟିଆ ରୋଗୀ ସେବା ଗୃହ ନିର୍ମାଣ ଓ ଫାଣ୍ଡି କ୍ୱାର୍ଟର ନିର୍ମାଣ କାର୍ଯ୍ୟ ଏବଂ ଫାଣ୍ଡି କ୍ୱାର୍ଟର ପାଖରେ ପୁଣି ଗୃହ ନିର୍ମାଣ ପାଇଁ ଲେ ଆଉଟ୍ ଶେଷ ହୋଇଥିବା କାର୍ଯ୍ୟ।ବାରମ୍ବାର ପୋଲିସ ହାଉସିଂ କର୍ପୋରେସନ ଦ୍ୱାରା କଣ୍ଟିଲୋ ରେ ଚାଲିଥିବା ରୋଗୀ ସେବା ଗୃହ ନିର୍ମାଣ ଓ କଲେଜରେ ହୋଇଥିବା କାର୍ଯ୍ୟର ଦୁର୍ନୀତି ଓ ନିମ୍ନ ମାନର କାର୍ଯ୍ୟ ଉପରେ ନିତିଦିନ ଖବର କାଗଜରେ ଖବର ପ୍ରସାରିତ ହେଉଥିବା ବେଳେ ଜିଲ୍ଲା ପ୍ରଶାସନିକ ଅଧିକାରି ,ରାଜ୍ୟ ପ୍ରଶାସନିକ ଅଧିକାରୀ ଓ ସର୍ବୋପରି ନିର୍ବାଚିତ ବିଧାୟକ, ସାଂସଦ,ମନ୍ତ୍ରୀ ମାନଙ୍କର କେଉଁ ସ୍ୱାର୍ଥ ପାଇଁ ଏହାର ତଦନ୍ତ ନକରି ପୋଲିସ ହାଉସିଂ କର୍ପୋରେସନ କୁ ପ୍ରତ୍ୟେକ ସାମୁହିକ ଜନହିତକର କାର୍ଯ୍ୟ ଗୁଡ଼ିକୁ ଦିଆ ଯାଉଛି।ଯଥା ଶୀଘ୍ର ଫାଣ୍ଡିରେ ଚାଲୁଥିବା ନିମ୍ନ ମାନର କ୍ୱାର୍ଟର ନିର୍ମାଣ କାର୍ଯ୍ୟର ଟିକିନିଖି ଦୃଷ୍ଟାନ୍ତ ମୂଳକ ତଦନ୍ତ କରାଗଲେ ପୋଲିସ ହାଉସିଂ କର୍ପୋରେସନ, ସଂପୃକ୍ତ ଯନ୍ତ୍ରୀ ଓ ଠିକାଦାରଙ୍କ ଦୁର୍ନୀତି ସାର୍ବଜନୀନ ହୋଇ ପାରିବ ବୋଲି ବୁଦ୍ଧିଜୀବୀ ମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ଉତ୍କଳୀୟ ଗୋପାଳ ବୈଷ୍ଣବ ସମାଜର ରାଜ୍ୟସ୍ତରୀୟ ସମ୍ମିଳନୀ ଉଦ୍‌ଘାଟିତ

**ନିଶ୍ଚିନ୍ତକୋଇଲି,୧୪ା୫/ଏନ୍ଏନ୍ଏସ୍:** ଭବିଷ୍ୟତ ମାଳିକା ରଚୟିତା ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ପୀଠ ନେମାଳ ପଞ୍ଚାୟତ କାର୍ଯ୍ୟାଳୟ କଲ୍ୟାଣୀ ମଣ୍ଡପ ଠାରେ ଉତ୍କଳୀୟ ଗୋପାଳ ବୈଷ୍ଣବ ସମାଜର ରାଜ୍ୟସ୍ତରୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ବୈଷ୍ଣବ ସମାଜ କଟକ ଜିଲ୍ଲା ସଭାପତି କ୍ଷମାନିଧି ପୁଝାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ଧ୍ରୁବଚରଣ ଦାସ, ମୁଖ୍ୟଅତିଥି ରାଜ୍ୟ ସମ୍ପାଦକ ବସନ୍ତ କୁମାର ଦାସ, ଉପସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ,ସମାଜସେବୀ ସୁବାଷଚନ୍ଦ୍ର ଦାସ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଉତ୍କଳୀୟ ଗୋପାଳ ବୈଷ୍ଣବ ସମାଜର ରୀତିନୀତି ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବାର୍ଷିକ ମୁଖପତ୍ର 'ବୈଷ୍ଣବ ତିଳକ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ବାବା ସତ୍ୟାନନ୍ଦ ଦାସଙ୍କୁ ଚଳିତବର୍ଷ 'ବୈଷ୍ଣବ ତିଳକ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ନେମାଳ ଥାନା ଅଧିକାରୀ ଜ୍ୟୋତିରଂଜନ ମହାପାତ୍ର, ସାମ୍ବାଦିକ ମନୋଜ ଆଚାର୍ଯ୍ୟ, ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଦାସ, ରମେଶଚନ୍ଦ୍ର ଦାସ, ହରେକୃଷ୍ଣ ପୁଝାରୀ, କରୁଣାକର ପୁଝାରୀ ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ଯୁଗ୍ମ ସମ୍ପାଦକ ସ୍ୱନ୍ଦନ କୁମାର ପୁଝାରୀ, କୋଷାଧ୍ୟକ୍ଷ ମୃତ୍ୟୁଞ୍ଜୟ ଦାସ, ନିମାଇଁ ଚରଣ ଦାସ ପ୍ରମୁଖଙ୍କ ସମେତ ୨ଶହରୁ ଉର୍ଦ୍ଧ୍ୱ ଉତ୍କଳୀୟ ଗୋପାଳ ବୈଷ୍ଣବ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ନିତି ଭାରତୀ

ତଥ୍ୟ ଅନେକ, କିନ୍ତୁ ସତ୍ୟ ଏକ ।
- ରବୀନ୍ଦ୍ର ନାଥ ଠାକୁର

ନିତିଦିନ NITIDIN
ଶୁକ୍ରବାର, ୧୫ ମେ' ୨୦୨୬

# ଝାଲମୁଢ଼ି ଥିଓରୀ



ଅନ୍ତର୍ଜିତା ନାୟକ

ମୁଢ଼ି ତ ସମସ୍ତେ ଖାଇଛନ୍ତି । ବର୍ଷା ଦିନରେ ମୁଢ଼ି ନଡ଼ିଆର ସ୍ୱାଦ ଅତି ନିଆରା । ମୁଢ଼ିରେ ଟିକିଏ ପିଆଜ-କଞ୍ଚାଲଙ୍କା ପଡ଼ିଗଲେ, ତା' ସ୍ୱାଦ ଭିନ୍ନ । ସେଇ ମୁଢ଼ିରେ ଯେତେବେଳେ ପଡ଼ିଯାଏ ଟିକିଏ ମାଂସଝୋଳ, ସେ ହୋଇଯାଏ ମୟୁରଭଞ୍ଜର ପ୍ରଖ୍ୟାତ ମୁଢ଼ି-ମାଂସ । ଆଉ ସେଇ ମୁଢ଼ିରେ ଯେତେବେଳେ ପଡ଼ିଯାଏ କିଛି ମିକ୍ସଚର, ବାଦାମ, ଆଚାର, ପିଆଜ, ଲଙ୍କା, କଳାଲୁଣ, ଧନିଆପତ୍ର, ସିଝାମଟର, ସିଝାଆଳୁ, ଲେମ୍ବୁ ଓ ତା' ସାଙ୍ଗକୁ ସୋରିଷ ତେଲ, ସେଇ ମୁଢ଼ି ହୋଇଯାଏ ଝାଲମୁଢ଼ି । ସମୁଦ୍ର ବେଳାଭୂମିରେ ମିଳୁଥିବା ସେଇ ଝାଲମୁଢ଼ି ହେଉ ବା ଟ୍ରେନ୍‌ର ସେଇ ସୁଗନ୍ଧିତ ଝାଲମୁଢ଼ି ହେଉ, ସବୁ ଅତି ନିଆରା । କିନ୍ତୁ ସବୁଠୁ ବେଶୀ ନିଆରା ହେଉଛି ଝାଲମୁଢ଼ି ଓ ପଶ୍ଚିମବଙ୍ଗର ସମ୍ପର୍କ । ଯେମିତି ନୟାଗଡ଼ର ଛେନାପୋଡ଼, କଟକର ଦହିବରା-ଆଳୁଦମ, ଭଦ୍ରକର ପାଳୁଅ ଲଡୁ; ସେହିପରି ପଶ୍ଚିମବଙ୍ଗର ଝାଲମୁଢ଼ି । ପଶ୍ଚିମବଙ୍ଗର ଝାଲମୁଢ଼ି ଯେ ଏକ ଅତି ପ୍ରିୟ ମୁଖରୁଚି, ସେଥିରେ କୌଣସି ଦ୍ୱିମତ ନାହିଁ । ହେଲେ ଆଜି ସେଇ ସାମାନ୍ୟ ଲାଗୁଥିବା ସୁସ୍ୱାଦୁ ଝାଲମୁଢ଼ି ପଶ୍ଚିମବଙ୍ଗ ରାଜନୀତିର ଏକ ବିଶେଷ ଆକର୍ଷଣ ପାଲଟି ଯାଇଛି । ନଦୀଙ୍କ ମିଳନରେ ଯେମିତି ସିନ୍ଧୁର ସୃଷ୍ଟି, ସେମିତି ହିଁ କିଛି ଆଜି ପଶ୍ଚିମବଙ୍ଗର ରାଜନୈତିକ ପରିବେଶ । ଏବେ ଏବେ ସରିଛି ନିର୍ବାଚନ, ଜୋର୍‌ରେ ଅଛି ବିଜୟ ଓ ତାଜା ଅଛି ପରାଜୟ । ବଙ୍ଗଳାର ରାଜନୈତିକ ପରିବର୍ତ୍ତନକୁ ବୁଝିବା ପାଇଁ 'ଝାଲମୁଢ଼ି ଥିଓରୀ'କୁ ବୁଝିବା ଆବଶ୍ୟକ । ହେଲେ 'ଝାଲମୁଢ଼ି ଥିଓରୀ' କ'ଣ ? 'ଝାଲମୁଢ଼ି ଥିଓରୀ' ଅନୁଯାୟୀ, ରାଜନୀତି ସାଂସ୍କୃତିକ ଚେତନା ବିନା ଅସମ୍ଭବ । ଭାରତ ରାଜନୈତିକ ପରିବେଶରେ 'ଝାଲମୁଢ଼ି' ଶବ୍ଦଟି ନଗଣ୍ୟ ଲାଗିପାରେ । କିନ୍ତୁ ଏହାର ସରଳତା ତଳେ ଲୁଚି ରହିଛି ଏକ ଗଭୀର ବିଶ୍ଳେଷଣାତ୍ମକ ଦୃଷ୍ଟିକୋଣ । ଏହା ଦର୍ଶାଏ ଯେ ନିର୍ବାଚନୀ ରାଜନୀତି କେବଳ ନୀତି, ପ୍ରକଳ୍ପ ଏବଂ ଆଦର୍ଶରେ ନୁହେଁ, ବରଂ ପ୍ରତୀକାତ୍ମକ ନିକଟତା, ସାଂସ୍କୃତିକ ଅଂଶଗ୍ରହଣ ଏବଂ ଦୈନନ୍ଦିନ ଜୀବନର ସ୍ୱୀକୃତିରେ ଆଧାରିତ । ମୁଢ଼ି, ଚଣା, ସୋରିଷ ତେଲ, ଲେମ୍ବୁ, ଲଙ୍କା, ମିକ୍ସଚର ଭଳି ବିଭିନ୍ନ ଉପାଦାନର ସଠିକ୍ ମିଶ୍ରଣ, ଯାହା ଝାଲମୁଢ଼ିକୁ ଏକ ଅଦ୍ୱିତୀୟ ଅନୁଭୂତିରେ ପରିଣତ କରେ, ଠିକ୍ ସେହିପରି, ଭାରତୀୟ ଜନତା ପାର୍ଟିର ୨୦୨୬ ବଙ୍ଗଳା ବିଜୟ ଅନେକ ସୂକ୍ଷ୍ମ ଉପାଦାନର ସଠିକ୍ ସମ୍ମିଶ୍ରଣରେ ସମ୍ଭବ ହୋଇଛି । ସେଇ ବିଜୟକୁ ସ୍ୱାଦ ଦେଇଥିଲା ସାଂସ୍କୃତିକ ଗ୍ରହଣୀୟତା, ପ୍ରତୀକାତ୍ମକ ଅନ୍ତରଙ୍ଗତା, ଦୈନନ୍ଦିନ ଜୀବନରେ ଦୃଶ୍ୟମାନତା ଏବଂ ସାମାଜିକ ମନୋବୃତ୍ତିର ସୂକ୍ଷ୍ମ ପରିବର୍ତ୍ତନ, ଯାହା 'ଝାଲମୁଢ଼ି ଥିଓରୀ'ର ମୂଳ ଆଧାର ।

୨୦୨୬ ପଶ୍ଚିମବଙ୍ଗ ନିର୍ବାଚନ, ଯାହା ଆରମ୍ଭରୁ ଏକ ନିର୍ବାଚନୀ ପ୍ରତିଦ୍ୱନ୍ଦ୍ୱିତା ପରି ଲାଗୁଥିଲା, ବାସ୍ତବରେ ତାହା ଝାଲମୁଢ଼ି ଭଳି ଏକ ରାଜନୈତିକ ମିଶ୍ରଣ ଥିଲା, ଯେଉଁଠାରେ ବିଭିନ୍ନ ସାମାଜିକ ଓ ମାନସିକ ଉପାଦାନ ପରସ୍ପର ସହ କ୍ରିୟାଶୀଳ ଭାବେ ମିଶ୍ରିତ ଥିଲେ । ସେଇ ମିଶ୍ରଣରେ ଆର୍ଥିକ ଅସନ୍ତୋଷର ଭିତ୍ତି ଗଢ଼ିଥିଲା, ଶାସନ ବିରୋଧୀ ମନୋଭାବ ଏହାକୁ ଗତି ଦେଇଥିଲା, ପରିଚୟ ରାଜନୀତି ତୀକ୍ଷ୍ଣତା ଯୋଗ କରିଥିଲା, ଯୁବ ପିଢ଼ି ଏବଂ ମହିଳାମାନଙ୍କ ଆକାଂକ୍ଷାଗତ ପରିବର୍ତ୍ତନ ସେଇ ଗଠନକୁ ନୂତନ ଦିଗ ଦେଇଥିଲା, ଗଣମାଧ୍ୟମ ଏକ ମିଶ୍ରଣ-ଶକ୍ତି ଭାବେ କାର୍ଯ୍ୟ କରିଥିଲା ଏବଂ ସାଂସ୍କୃତିକ ପ୍ରତୀକବାଦ ସୋରିଷ ତେଲ ପରି ସମସ୍ତ ଉପାଦାନକୁ ଏକାଠି ବାନ୍ଧି ରଖିଥିଲା । ଏହା ହିଁ 'ଝାଲମୁଢ଼ି ଥିଓରୀ'ର ସାରମର୍ମ ଥିଲା, ଯେଉଁଠି ବୃହତ୍ ରାଜନୈତିକ ପରିବର୍ତ୍ତନ ପ୍ରାୟତଃ ଗୋଟିଏ କାରକରୁ ନୁହେଁ, ବରଂ ବିଭିନ୍ନ ସାମାଜିକ ସ୍ରୋତର ସଫଳ ସମନ୍ୱୟରୁ ଉତ୍ପନ୍ନ ହୋଇଥିଲା । ୨୦୨୬ ପଶ୍ଚିମବଙ୍ଗ ନିର୍ବାଚନ ଏକ ମିଶ୍ରଣର ବିଜୟ । ଏଥି ସହିତ ଝାଲମୁଢ଼ି ସହ ନରେନ୍ଦ୍ର ମୋଦୀଜୀଙ୍କ ସାର୍ବଜନୀନ ସଂପୃକ୍ତି ବିଶେଷ ଗୁରୁତ୍ୱ ବହନ କରିଥିଲା, ଯାହା ସମ୍ଭବତଃ 'ଝାଲମୁଢ଼ି ଥିଓରୀ'କୁ ଜନ୍ମ ଦେଇଥିଲା । ସ୍ଥାନୀୟ ସଂସ୍କୃତି ସହ ନରେନ୍ଦ୍ର ମୋଦୀଜୀଙ୍କର ସାର୍ବଜନୀନ ଭାବେ ଯୋଗ ଦେବା ଓ ଝାଲମୁଢ଼ିକୁ ଆଦୃତ କରିବା ଏକ ଗଭୀର ପ୍ରତୀକାତ୍ମକ ସନ୍ଦେଶ ବହନ କରୁଥିଲା, ଯାହା ନିରବରେ ବଙ୍ଗଳାବାସୀଙ୍କୁ କହି ଯାଉଥିଲା- 'ମୁଁ, ନରେନ୍ଦ୍ର ମୋଦୀ, କେବଳ ଏଠାରେ ପ୍ରଚାର କରିବାକୁ ଆସିନି; ମୁଁ ଏଠାରେ ଅଂଶଗ୍ରହଣ କରୁଛି ଓ କରିବି ମଧ୍ୟ । ମୁଁ କେବଳ ପଶ୍ଚିମ ବଙ୍ଗଳା ଲୋକଙ୍କ ଭୋଟ୍ ମାଗୁନାହିଁ; ମୁଁ ପଶ୍ଚିମ ବଙ୍ଗଳାର ଦୈନନ୍ଦିନ ଜୀବନକୁ ସ୍ୱୀକାର କରୁଛି ।' ସେଇ ପରିପ୍ରେକ୍ଷୀରେ 'ଝାଲମୁଢ଼ି ଥିଓରୀ' ଏହା ଦର୍ଶାଇଲା ଯେ ଗଭୀର ସାଂସ୍କୃତିକ ଗଣତନ୍ତ୍ରରେ ପ୍ରତୀକାତ୍ମକ ଅଂଶଗ୍ରହଣ ପ୍ରାୟତଃ ଯୁକ୍ତିମୂଳକ ପ୍ରଚାରଠାରୁ ଅଧିକ ଶକ୍ତିଶାଳୀ, ଯାହା ୨୦୨୬ ପଶ୍ଚିମବଙ୍ଗ ନିର୍ବାଚନରୁ ସ୍ପଷ୍ଟ ହୋଇଗଲା । ଭୋଟ୍ ଅଂଶ ପ୍ରାୟ ୪୬%କୁ ବୃଦ୍ଧି ପାଇଲା; ଆସନ ସଂଖ୍ୟା ୨୦୦ ଅତିକ୍ରମ କଲା; ଏବଂ ମତଦାନ ହାର ୯୨%ରୁ ଅଧିକକୁ ପହଞ୍ଚିଲା । ଏଇଥିରୁ ହିଁ ପ୍ରତୀକାତ୍ମକ ରାଜନୀତିର ଆରମ୍ଭ, ଯାହା 'ଝାଲମୁଢ଼ି ଥିଓରୀ'କୁ ପ୍ରମାଣିତ କରିଦେଲା । 'ଝାଲମୁଢ଼ି ଥିଓରୀ' ଅନୁଯାୟୀ, ଯେତେବେଳେ ଲକ୍ଷ ଲକ୍ଷ ଭୋଟରଙ୍କ ମଧ୍ୟରେ ସାମାନ୍ୟ ପରିବର୍ତ୍ତନ ବିତରିତ ହୁଏ, ତାହା ଅସୀମ ପରିଣାମ ସୃଷ୍ଟି କରିପାରେ । ଏହା ଗାଣିତିକ ଭାଷାରେ ଗୁଣକ ପ୍ରଭାବ ସଦୃଶ । କିନ୍ତୁ ସାଂସ୍କୃତିକ ଭାଷାରେ, ଏହା ଝାଲମୁଢ଼ିରେ ପଡୁଥିବା ଛୋଟ ଛୋଟ ଉପାଦାନର ସଠିକ୍ ମିଶ୍ରଣ ସ୍ୱରୂପ । ତାହା ଛଡ଼ା, ଝାଲମୁଢ଼ିର ଅସଲ ସ୍ୱାଦ ଆସିଥାଏ ଝାଲମୁଢ଼ି ବିକ୍ରେତାଙ୍କ ହାତର ସେଇ ଭାଗମାପ, ସେଇ ମିଶାଇବା ଓ ଗୋଳାଇବା ଢଙ୍ଗ, ଯାହା ଝାଲମୁଢ଼ିର ସମଗ୍ର ସଂରଚନାକୁ ସଜୀବ କରେ । ୨୦୨୬ରେ ସେହି ଝାଲମୁଢ଼ି ବିକ୍ରେତା ସାଜିଥିଲା ଗଣମାଧ୍ୟମ । ଅଭିଯାନର ପ୍ରତୀକାତ୍ମକ ମୁହୂର୍ତ୍ତଗୁଡ଼ିକ ପ୍ରସାରିତ କରିବା ଏବଂ ସମର୍ଥକ ଓ ସମାଲୋଚକ, ଉଭୟଙ୍କ ମତ ଓ ମତାମତକୁ ସାମ୍ନାକୁ ଆଣିବାରେ ଗଣମାଧ୍ୟମ ନିଜର କାର୍ଯ୍ୟ ସୁଚାରୁ ରୂପେ ନିର୍ବାହ କରିଥିଲା ।

କିଛି ନିର୍ବାଚନ ଅଛି, ଯାହାକୁ ସଂଖ୍ୟା, ପ୍ରତିଶତ, ଆସନ ଗଣନା ଏବଂ ଭୋଟ୍ ହିସାବର ଗଣିତ ମାଧ୍ୟମରେ ବୁଝାଯାଏ । କିନ୍ତୁ ଆଉ କିଛି ନିର୍ବାଚନ ଅଛି, ଯାହା ରାଜନୈତିକ ଇତିହାସରେ ଏପରି କିଛି ମୁହୂର୍ତ୍ତ, ଯାହା ପାରମ୍ପରିକ ବ୍ୟାଖ୍ୟାକୁ ଅସ୍ୱୀକାର କରେ । କେବଳ ଭୋଟ୍, ବୁଥ୍-ସ୍ତରୀୟ ଗଣିତ, ଜାତି ସମୀକରଣ କିମ୍ବା ଆଦର୍ଶଗତ ଇସ୍ତାହାରର ମୂଲ୍ୟାଙ୍କନରେ ପୂର୍ଣ୍ଣ ଭାବେ ବୁଝିହୁଏ ନାହିଁ । ତାହା ଏମିତି ଏକ ବ୍ୟାକରଣ, ଯାହା ସଂସ୍କୃତିର ସୂକ୍ଷ୍ମ ଚଳନ, ଆବେଗର ଲହରୀ ଏବଂ ସାମାଜିକ ମନୋବିଜ୍ଞାନର ଗଭୀର ସ୍ତରରେ ଅନ୍ତର୍ନିହିତ । ୨୦୨୬ର ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସେହିପରି ଏକ ଘଟଣା । କାଗଜରେ ଏହା ଏକ ରାଜନୈତିକ ପରିଣାମ ହୋଇପାରେ, ଯେଉଁଠି ଭାରତୀୟ ଜନତା ପାର୍ଟି ତୃଣମୂଳ କଂଗ୍ରେସର ଦୃଢ଼ ଦୁର୍ଗକୁ ଭାଙ୍ଗି ଏକ ନୂତନ ରାଜନୈତିକ ଭୂଚିତ୍ର ଗଢ଼ି ପାରିଛି । 'ଝାଲମୁଢ଼ି ଥିଓରୀ'ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ହେଲା, ଏହା ଆମକୁ ଅବଗତ କରାଇଲା ଯେ ଆଧୁନିକ ରାଜନୀତିକୁ କେବଳ ବିଚାରଧାରା, ଜାତି ସମୀକରଣ, କଲ୍ୟାଣମୂଳକ




ଅର୍ଥନୀତି କିମ୍ବା ପ୍ରଚାର ଅଭିଯାନ ମାଧ୍ୟମରେ ବୁଝିବା ଭୁଲ୍, ବରଂ ଏହାକୁ ବୁଝିବା ପାଇଁ ଏକ ଗଭୀର ଓ ସୂକ୍ଷ୍ମ ଦୃଷ୍ଟିକୋଣର ଆବଶ୍ୟକତା ରହିଛି । ଆଧୁନିକ ରାଜନୀତିରେ ଭୋଟରମାନେ କେବଳ ଜ୍ଞାନାତ୍ମକ ସତ୍ତା ନୁହନ୍ତି, ଯେଉଁମାନେ ତଥ୍ୟ ଓ ନୀତି ଆଧାରରେ ନିଷ୍ପତ୍ତି ନିଅନ୍ତି । ସେମାନେ ରାଜନୀତିକୁ ଆବେଗିକ, ସାଂସ୍କୃତିକ, ସୌନ୍ଦର୍ଯ୍ୟମୟ ଏବଂ ସମ୍ବେଦନଶୀଳ ଅନୁଭୂତିରେ ମଧ୍ୟ ଅନୁଭବ କରନ୍ତି । ସେମାନଙ୍କର ପ୍ରଶ୍ନ କେବଳ ଏତିକି ନଥାଏ ଯେ 'କିଏ ତାଙ୍କୁ ଶାସନ କରିବ ?' ତାହାଠାରୁ ଅଧିକ ଗଭୀର ପ୍ରଶ୍ନ ଥାଏ ଯେ- 'କିଏ ତାଙ୍କ ଦୁନିଆକୁ ବୁଝି ପାରିବ ?' 'କିଏ ତାଙ୍କ ସାଂସ୍କୃତିକ ବ୍ୟାକରଣକୁ ଚିହ୍ନି ପାରିବ ?' 'କିଏ ତାଙ୍କ ଦୈନନ୍ଦିନ ଜୀବନରେ ପ୍ରବେଶ କରି ପାରିବ ?' ଏହା ମାନବୀୟ ରାଜନୈତିକ ଚେତନାର ଏକ ସ୍ୱାଭାବିକ ବିକାଶ, ଯେଉଁଠାରେ ଯୁକ୍ତି ଓ ଆବେଗ ପରସ୍ପରର ପରିପୂରକ । ଏହି ଦୃଷ୍ଟିକୋଣରୁ ଦେଖିଲେ, ୨୦୨୬ ପଶ୍ଚିମବଙ୍ଗ ନିର୍ବାଚନ ଆମକୁ ଶିଖାଇଲା ଯେ ଆଗାମୀ ରାଜନୀତିକୁ ବୁଝିବା ପାଇଁ କେବଳ ସଂଖ୍ୟା ଓ ନୀତି ପର୍ଯ୍ୟାପ୍ତ ନୁହେଁ, ବରଂ ସାଂସ୍କୃତିକ ଅର୍ଥ, ପ୍ରତୀକାତ୍ମକ ସଂପୃକ୍ତି ଏବଂ ଭାବପୂର୍ଣ୍ଣ ପ୍ରତିଧ୍ୱନି ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ।

ସମ୍ଭବତଃ 'ଝାଲମୁଢ଼ି ଥିଓରୀ'ର ସବୁଠାରୁ ଶକ୍ତିଶାଳୀ ବୈଧତା, ଫଳାଫଳ ପରବର୍ତ୍ତୀ ପର୍ଯ୍ୟାୟରେ ଦେଖିବାକୁ ମିଳିଲା । ବିଜୟ ଉତ୍ସବରେ ଝାଲମୁଢ଼ିର ଉପସ୍ଥିତି କେବଳ ଏକ ସାମାନ୍ୟ ଘଟଣା ନୁହେଁ; ଏହା ଏକ ଗଭୀର ସାଂସ୍କୃତିକ ପରିଣତିର ସୂଚକ ମଧ୍ୟ । ଯାହା ଆରମ୍ଭରେ ଏକ ସରଳ ପ୍ରଚାର ଅଙ୍ଗଭଙ୍ଗୀ ଥିଲା, ତାହା ପରେ ଏକ ବିଶାଳ ରାଜନୈତିକ ପରିବର୍ତ୍ତନର ପ୍ରତୀକରେ ପରିଣତ ହେଲା । ଏହା ହିଁ ସାଂସ୍କୃତିକ ସଙ୍କେତ ବିଜ୍ଞାନ (ଉଙ୍କକ୍ଷଗ୍ୱଙ୍କକ୍ସବକ୍ଷ ଝରଜ୍ଞସକ୍ବଗ୍ୱସମଗ୍ବ)ର ମୂଳତତ୍ତ୍ୱ । ପୁନରାବୃତ୍ତି ଏବଂ ସଂଯୋଗ ମାଧ୍ୟମରେ, ଏକ ସାଧାରଣ ବସ୍ତୁ ମଧ୍ୟ ଧୀରେ-ଧୀରେ ଅର୍ଥ ଅର୍ଜନ କରେ । ଏଠାରେ ଝାଲମୁଢ଼ି ଏହି ଯାତ୍ରାକୁ ସ୍ପଷ୍ଟ ଭାବରେ ପୂରଣ କରିଛି । ଏହା ପ୍ରଥମେ ଏକ ଖାଦ୍ୟ ଥିଲା । ତା'ପରେ ଏକ ଅଙ୍ଗଭଙ୍ଗୀରେ ପରିଣତ ହେଲା । ତା'ପରେ ଏକ ବର୍ଣ୍ଣନା ହେଲା । ପରବର୍ତ୍ତୀ ସମୟରେ ଏକ ପ୍ରତୀକର ଆକାର ନେଲା । ଏବଂ ଶେଷରେ, ଏକ ବିଜୟର ପ୍ରତିମୂର୍ତ୍ତିରେ ପରିଣତ ହେଲା । ଏହି ପରିଣତି ବିଶ୍ଳେଷଣାତ୍ମକ ଭାବେ ଗୁରୁତ୍ୱପୂର୍ଣ୍ଣ । ଏହା ହିଁ 'ଝାଲମୁଢ଼ି ଥିଓରୀ'କୁ ବୌଦ୍ଧିକ ଭାବେ ଆକର୍ଷଣୀୟ କରେ । ଏହା ଦର୍ଶାଏ ଯେ ଯେତେବେଳେ ସଠିକ୍ ସାମାଜିକ ପରିସ୍ଥିତି, ରାଜନୈତିକ ପରିପ୍ରେକ୍ଷ ଏବଂ ସାଂସ୍କୃତିକ ସମ୍ବେଦନା ଏକାଠି ଆସେ, ସେତେବେଳେ ପ୍ରତୀକାତ୍ମକ ପୁଞ୍ଜି (ଝଚ୍ଛଜ୍ଞଭକ୍ଟକ୍ଷସମ ଉବକ୍ଟକ୍ସସଗ୍ବବକ୍ଷ) କିପରି ଧୀରେ ଧୀରେ ରାଜନୈତିକ ପୁଞ୍ଜି (ଚକ୍ଟକ୍ଷସଗ୍ବସମବକ୍ଷ ଉବକ୍ଟକ୍ସସଗ୍ବବକ୍ଷ)ରେ ପରିଣତ ହୋଇପାରେ । ପରିଶେଷରେ, ସାଂସ୍କୃତିକ ଭାବେ ନିବିଡ଼ ଗଣତନ୍ତ୍ରରେ ଶକ୍ତି କିପରି ପ୍ରଚଳନ, କିପରି ଗଢ଼ିଉଠେ ଏବଂ କିପରି ଗ୍ରହଣ କରାଯାଏ, ତାହାର ସଠିକ୍ ଉତ୍ତର ହେଲା- 'ଝାଲମୁଢ଼ି ଥିଓରୀ' । ଝାଲମୁଢ଼ି ପରି ବଙ୍ଗଳାର ଏହି ରାଜନୈତିକ ପରିବର୍ତ୍ତନ ଧୀରେ ଧୀରେ ଗଢ଼ି ଉଠିଥିଲା- ଉପାଦାନରୁ ଉପାଦାନ, ଅନୁଭୂତିରୁ ଅନୁଭୂତି- ଯେ ପର୍ଯ୍ୟନ୍ତ ଏହା ଏକ ସୁସଙ୍ଗତ ସାମୂହିକ ଅନୁଭୂତିରେ ପରିଣତ ହୋଇ ନଥିଲା । ସମ୍ଭବତଃ, ଏହା ହିଁ ୨୦୨୬ର ସବୁଠାରୁ ଗଭୀର ଶିକ୍ଷା । ଯେଉଁ ସମାଜରେ ସଂସ୍କୃତି ଗଭୀର ଭାବେ ଜୀବନ୍ତ, ସେଠାରେ ରାଜନୈତିକ କ୍ଷମତା କେବଳ ଭାଷଣ କିମ୍ବା ପରିସଂଖ୍ୟାନ ଦ୍ୱାରା ଜିତାଯାଏ ନାହିଁ । ଏହା ଦୈନନ୍ଦିନ ଜୀବନର ତାଳରେ ମିଶିଯାଏ, ସ୍ମୃତିରେ ସଞ୍ଚିତ ହୁଏ ଏବଂ ଇତିହାସ ତିଆରି କରେ ।

ମୋ: ୬୩୭୦୯୦୫୯୪୭

# କହିବାକୁ କିମ୍ବା ଡରୁ ?



ସଂଗ୍ରାମ କେଶରୀ ପୃଷ୍ଟି

କବି ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ଏକ ପ୍ରସିଦ୍ଧ ପଦ ହେଉଛି: 'ଅନ୍ଧ ଦେଶେ ଗଲି ଦର୍ପଣ ବିକି, କିଏ କିଣିବ କହ ?/ ମୂକ ଦେଶେ ଗଲି ଗୀତ ଶୁଣାଇଲି, କିଏ ଶୁଣିବ ଆହା ?' ଯେଉଁଠି ଲୋକଙ୍କ ପାଖରେ ଦେଖିବାର, ଶୁଣିବାର, ବୁଝିବାର ଶକ୍ତି ନାହିଁ, ସେଠି ଭଲ ଜିନିଷର କିଛି ମୂଲ୍ୟ ନାହିଁ । ଅଯୋଗ୍ୟ ଲୋକ ପାଖରେ ଯୋଗ୍ୟତାର ଆଦର ନାହିଁ । ତେଣୁ ସ୍ଥାନ, କାଳ, ପାତ୍ର ଦେଖି କାମ କରିବା ଉଚିତ । ଆମର ମୂଲ୍ୟବାନ ପରାମର୍ଶ ତାଙ୍କ ପାଖରେ ପାଣିରେ ଗାର ପକାଇବା ସଦୃଶ । ସୁତରାଂ, ଏହି ପଦ ମାଧ୍ୟମରେ କବି ସମାଜର ଅଜ୍ଞାନତା, ମୂର୍ଖତା ଓ ଅନ୍ଧବିଶ୍ୱାସ ଉପରେ କଟାକ୍ଷ କରିଛନ୍ତି ।

ସେହିପରି ଓଡ଼ିଆ ଜାତିର ସ୍ୱାଭିମାନ ରକ୍ଷା କରିବା ପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସ ଦିନେ ସୁପ୍ତ ଓଡ଼ିଆ ଜାତିକୁ ଭୟ, ତୋଷାମଦ, ସ୍ୱାର୍ଥ ପରିହାରପୂର୍ବକ ସତ୍ୟ ଓ ନିଷ୍ଠାର ସହିତ ସ୍ୱର ଉତ୍ତୋଳନ କରିବା ନିମନ୍ତେ ଦେଇଥିଲେ ଓଜସ୍ୱିନୀ ଆହ୍ୱାନ । ସମାଜକୁ ସୁଧାରିବା ପାଇଁ ମଧୁବାବୁଙ୍କ ଅନ୍ତଃସ୍ୱର ଥିଲା ଏକ ଚମତ୍କାର କାବ୍ୟିକ ପ୍ରୟୋଗ, ଯାହା ଦିନେ ଜାଗ୍ରତ କରି ପାରିଥିଲା ସୁପ୍ତ ଓଡ଼ିଆ ଜାତିକୁ । ତାଙ୍କ ଭାଷାରେ: 'ତୁ ପରା ବୋଲାଉ ଉତ୍କଳ ସନ୍ତାନ/ ତେବେ କିମ୍ବା ତୁହି ଭୀରୁ/ ତୋହର ସନ୍ତାନ ରୋଦନ କରିଲେ/ କହିବାକୁ କିମ୍ବା ଡରୁ ?' ମଧୁବାବୁଙ୍କର ଏହି ମର୍ମସ୍ପର୍ଶୀ ବାଣୀ ପଛରେ ଯେଉଁ ତାତ୍ତ୍ୱିକ କଥାଟି ଲୁଚି ରହିଥିଲା, ତାହା ହେଉଛି- ନିର୍ଭୀକତା, ଆତ୍ମବିଶ୍ୱାସ, ସ୍ୱାଭିମାନ ଓ ଦାୟିତ୍ୱବୋଧ ।

ସାଂପ୍ରତିକ ସମାଜରେ ଏ ପ୍ରସଙ୍ଗ ତା'ର ସତ୍ତା ହରାଇବାକୁ ବସିଛି । ଅନେକ କ୍ଷଣିକ ସୁଖର ବଶବର୍ତ୍ତୀ ହୋଇ ବ୍ୟକ୍ତିଗତ ସ୍ୱାର୍ଥ ପୂରଣ ନିମିତ୍ତ ଆତ୍ମ ସମ୍ମାନକୁ ଜଳାଞ୍ଜଳି ଦେବା ଓଡ଼ିଆତ୍ୱ ପ୍ରତି କରୁଛି ଅଙ୍ଗୁଳି ନିର୍ଦ୍ଦେଶ । ଏଠି ଅନ୍ୟାୟ ପ୍ରତି ସମସ୍ତେ ଯେମିତି ଆଖି ବୁଜି ଦେଇଛନ୍ତି ! ସବୁ ଦେଖି ମୁଣ୍ଡ ପୋତି ସହିଯିବାକୁ ଶ୍ରେୟ ମଣୁଛନ୍ତି । ବିବେକ ପାଖରେ ବନ୍ଧା ପଡ଼ିଛି ସ୍ୱାର୍ଥ ଟିକକ । ପାଟି ଖୋଲିଲେ ମିଳିବ ଚରମ ଅପମାନ । ମିଳିବ ଆଘାତ । ସୀମା ସରହଦ ଡେଇଁଯିବ ନିର୍ଯାତନା । ଅଗତ୍ୟା ଚୁପ୍ ରହିବାକୁ ବାଧ୍ୟ କରୁଛି ବିବେକ । କାହାକୁ କହିବା, କପାଳରେ ସିନା କର ମାରିବା ନୀତିରେ ସମସ୍ତେ ଯେମିତି ପାଲଟି ଯାଇଛନ୍ତି ଜଣେ ଜଣେ ନିରବଦ୍ରଷ୍ଟା !

କହିଲେ ସଂପର୍କ ମଧ୍ୟ ହାନି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ସୁତରାଂ, ଅନେକ ବାସ୍ତବତାକୁ ପରଖି ଥିଲେ ମଧ୍ୟ ସଂପର୍କ ବଜାୟ ରଖିବାକୁ ଉଚିତ୍ ଭାବିଥାନ୍ତି । ଏହା ପଛରେ ରହିଛି ସହିବାର ସାମର୍ଥ୍ୟ । ଏମିତି କିଛି ସଂପର୍କ ସ୍ଥାୟୀ ହେବାର ପ୍ରମୁଖ କାରଣ ହେଉଛି, ଗୋଟିଏ ପକ୍ଷର ସହନଶୀଳତା । ଏହା ହିଁ ସଂପର୍କକୁ ବାନ୍ଧି ରଖିଥାଏ । ଏ କ୍ଷେତ୍ରରେ ନିଜର ଶକ୍ତି ପ୍ରଦର୍ଶନ କରିବାକୁ ଯାଇ କହିଦେଲେ କଥା ସରିଲା । ଲୋକେ ନିନ୍ଦା ଦେଇ କହିବେ, ଏଇଠି ଏ କଥା କହିବା କ'ଣ ଦରକାର ଥିଲା ?

ମିତ୍ର କେବଳ ସାଥୀ ହେଲେ ଚଳିବ ନାହିଁ, ବରଂ ସାରଥି ହେବା ଆବଶ୍ୟକ, ଯିଏକି ଭଲ ବାଟରେ ଯିବା ପାଇଁ ଅନବରତ ଦେଇ ଚାଲିଥିବ ଉତ୍ସାହ ଓ ପ୍ରେରଣା । ଭୁଲ୍ ବାଟରେ ଗଲେ ଠିକ୍ ବାଟକୁ ଆଣିବାକୁ ଅନବରତ ଉଦ୍ୟମ କରୁଥିବ । ଭଲ କାମ ପାଇଁ ଉତ୍ସାହିତ କରିବା ଓ ଖରାପ କାମ ପାଇଁ ନିନ୍ଦା କରିବା ବନ୍ଧୁତାର ଧର୍ମ ହେବା ଉଚିତ୍ । ଉଭୟଙ୍କ ମଧ୍ୟରେ ଏ ବୁଝାମଣା ରହିବା ବନ୍ଧୁତାର ମହାନ ପରମ୍ପରାକୁ ରକ୍ଷା କରିଥାଏ । ଏ କ୍ଷେତ୍ରରେ କହିବା ପାଇଁ ଡରିବା ବିଡ଼ମ୍ବନା ନିଶ୍ଚିତ ।

ପ୍ରଶ୍ନ ପଚାରିବାର ମାନସିକତା ହିଁ ଜିଜ୍ଞାସାର ପରିପୂର୍ତ୍ତି ଦିଗରେ ବିଶେଷ ସହାୟକ ହୋଇଥାଏ । ସେଇଥିପାଇଁ ତ ଛାତ୍ରଛାତ୍ରୀମାନଙ୍କୁ ଏ ଶିକ୍ଷା ଦିଆଯାଏ । କହିବାର ଭୟ ଦୂର ନହେବା ହିଁ ସନ୍ଦେହ ମୋଚନ କ୍ଷେତ୍ରରେ ସାଜିଥାଏ ପ୍ରତିବନ୍ଧକ । କିନ୍ତୁ ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କଲେ ଜଣାଯାଏ, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଭୟ ନତୁବା ଲାଜ କାରଣରୁ ସେମାନେ ଶିକ୍ଷକଙ୍କୁ ପଚାରିବାର ସାମର୍ଥ୍ୟ ହରାଇ ବସିଥାନ୍ତି । ଫଳରେ ଏଥିରେ ନିଜର ହିଁ କ୍ଷତି ଘଟିଥାଏ ।

କହିବା ପାଇଁ ଡରିବାର ଅନ୍ୟତମ ପ୍ରମୁଖ କାରଣ ହେଉଛି, ନିଜର ସରଳତା । ମଣିଷ ନିଜ ସରଳତାର ପରିବେଷ୍ଟନୀ ମଧ୍ୟରୁ ବାହାରିବାର ଦୁଃସାହସ କରିପାରେ ନାହିଁ । ଜଟିଳତାକୁ ସେ ଆପଣାର କରିପାରେ ନାହିଁ । ଏହି କାରଣରୁ ନିଜର ସୀମିତ ପୃଥିବୀ ମଧ୍ୟରେ ରହି ଅଗତ୍ୟା ସେ ଚୁପ୍ ରହିବାକୁ ଉଚିତ ମଣିଥାଏ । କିଛି ବ୍ୟକ୍ତି ନିଜର ମାନସମ୍ମାନ- ଇଜ୍ଜତ ମହତକୁ ଧ୍ୟାନ ଦେଇ ଚୁପ୍ ରୁହନ୍ତି । କହିବାକୁ ସେମାନେ ଏଇଥିପାଇଁ ଡରନ୍ତି ଯେ କାଳେ ସାମ୍ନା ଲୋକର ଅଭାଷା- କୁଭାଷା ତାଙ୍କୁ ମାନସିକ ଯନ୍ତ୍ରଣା ଦେବ ! ମାନସିକ ଆଘାତ ଦେବ, ଆଉ ତାଙ୍କୁ ସମାଜ ଆଖିରେ ନିନ୍ଦିତ କରାଇବ !

ମିଛକୁ ଚିତ୍କାର କରି କହିଲେ ମଧ୍ୟ ତାହା କେବେ ସତ୍ୟ ପାଲଟି ଯାଏ ନାହିଁ । ସତ୍ୟକୁ ଧୀରେ କହିଲେ ମଧ୍ୟ ତାହା ପ୍ରମାଣିତ ହୁଏ । ସମାଜରେ ଏହି ଧରଣର କିଛି ବ୍ୟକ୍ତିବିଶେଷ ଅଛନ୍ତି, ଯେଉଁମାନଙ୍କୁ ସେମାନଙ୍କ ଭୁଲ୍ ସଂପର୍କରେ ସୂଚିତ କରାଇଲେ ସେମାନେ ଉଚ୍ଚ ସ୍ୱରରେ ଏହାର ପ୍ରତିବାଦ କରନ୍ତି । ଅର୍ଥାତ୍ ନିଜର ତ୍ରୁଟି ଲୁଚାଇବାକୁ ଯାଇ ସେମାନେ ଚିତ୍କାର ଛାଡ଼ନ୍ତି । ଏ କ୍ଷେତ୍ରରେ କହିବା ଲୋକ ନିଜ ପ୍ରତିବାଦ ସ୍ୱର ପାଇଁ ଲଜ୍ଜିତ ବା ଅନୁତାପ କରେ । କେହି କେହି ନିଜ କଥାରେ ଅଟଳ ରୁହନ୍ତି ।

ମିଛ ପ୍ରଶଂସାରେ ପୋତି ପକାଏ, ତାକୁ ହିଁ ଲୋକେ ପସନ୍ଦ କରନ୍ତି ଆଉ ସମ୍ମାନ ଦିଅନ୍ତି । ସେହିପରି ସାପକୁ କ୍ଷୀର ପିଆଇଲେ ସେ ଶାନ୍ତ ହୁଏନାହିଁ ବା ତା' ଭିତରୁ ହିଂସ୍ର ପ୍ରବୃତ୍ତି କମିଯାଏ ନାହିଁ । ଠିକ୍ ସେହିପରି ମୂର୍ଖ ଲୋକକୁ ପରାମର୍ଶ ଦେଲେ ଶାନ୍ତି ଆସେନାହିଁ, ବରଂ ଏହା କ୍ରୋଧକୁ ବୃଦ୍ଧି କରିଥାଏ । ଏହାକୁ ଦୃଷ୍ଟିରେ ରଖି ଅନେକ ଚୁପ୍ ରହିବାକୁ ଉଚିତ ମଣନ୍ତି ।

ମଣିଷକୁ ଅନ୍ୟ ପ୍ରାଣୀଙ୍କ ଅପେକ୍ଷା ଶ୍ରେଷ୍ଠ କୁହାଯାଏ । ଏହାର କାରଣ ହେଉଛି, ତା'ର କହିବାର ଶକ୍ତି ରହିଛି ।



ଚାକିରି କ୍ଷେତ୍ରରେ କିଛି କର୍ମଚାରୀଙ୍କ ଦାୟିତ୍ୱହୀନତା ଓ ଉଦାସୀନତା ପାଇଁ ଉପରିସ୍ଥ ଅଧିକାରୀ ତାଗିଦ୍ କରିବା ସ୍ୱାଭାବିକ । ମାତ୍ର ଅନେକ ସ୍ଥଳରେ ଅନେକ ଏଥିପାଇଁ କର୍ଣ୍ଣପାତ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ପାଟି ଖୋଲିବା କାରଣରୁ କେବେ କେବେ ଅଧୀନସ୍ଥ କର୍ମଚାରୀ ଅଧିକାରୀଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ରରେ ଲିପ୍ତ ରୁହନ୍ତି । ସେହିପରି ଉପରସ୍ଥ ଅଧିକାରୀଙ୍କ କାର୍ଯ୍ୟକଳାପ ବିରୁଦ୍ଧରେ କର୍ମଚାରୀ ଯେବେ ପାଟି ଫିଟାଏ, ସେତେବେଳେ ତାହା ବ୍ୟକ୍ତିଗତ ଆକ୍ରୋଶ ଆଡ଼କୁ ଗତି କରେ । ଉଭୟ କ୍ଷେତ୍ରରେ ଏହା ଶୃଙ୍ଖଳା ଭାଙ୍ଗିବା ସହିତ କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କରେ ।

ଯିଏ ଉଚିତ କଥା କହିଥାଏ, ତାକୁ ପ୍ରାୟତଃ କେହି ଭଲ ପାଆନ୍ତି ନାହିଁ, କାରଣ ଉଚିତ କଥା ସମସ୍ତଙ୍କର ହଜମ ହୁଏନାହିଁ । ପ୍ରଶଂସା ହିଁ ସମସ୍ତଙ୍କୁ ଭଲ ଲାଗେ । ଅଥଚ ଏଠି ଯିଏ ବହୁରୂପୀ ଏଣ୍ଟୁଅ ପରି ରଙ୍ଗ ବଦଳାଇ ଥାଏ, ଆଉ ଭୁଲ୍ ଓ ଠିକ୍‌ର ତର୍ଜମା କରି ତାକୁ ପ୍ରକାଶ କରିବା କାରଣରୁ ହିଁ ସେ ଶ୍ରେଷ୍ଠ ବିବେଚିତ ହୋଇଥାଏ । ଅଥଚ ଆମ ଉଦାସୀନତା ଓ ସ୍ୱାର୍ଥ ହିଁ ଏ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିଥାଏ । ସୁତରାଂ, ଆମର ମାନସିକତାରେ ପରିବର୍ତ୍ତନ ଲୋଡ଼ା । ଆମର କହିବା ହୁଏତ କ୍ଷଣିକ ପାଇଁ କାହା ମନରେ କଷ୍ଟ ଦେଇପାରେ, କିନ୍ତୁ ତାକୁ ସୁଧାରି ପାରିଲେ ସେ ସାରା ଜୀବନ ଅନ୍ତତଃ ସେହି କାରଣରୁ କଷ୍ଟ ଭୋଗିବ ନାହିଁ । ସୁତରାଂ, କହିବା ପୂର୍ବରୁ ଗଭୀର ଚିନ୍ତନର ଆବଶ୍ୟକତା ରହିଛି । ତତ୍ ସହିତ କହିବାର ଶୈଳୀ ମଧ୍ୟ ସୁସଂଯତ ଓ ମଧୁମୟ ହେବା ବିଧେୟ, ଯାହା ଅନ୍ୟକୁ ବଦଳାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ପାରିବ ।

ଶିକ୍ଷକ, ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ
କିଶୋରନଗର, ରାଜ କିଶୋରନଗର, ଅନୁଗୋଳ
ମୋ: ୯୪୩୭୫୪୭୧୪୬

# ଅଗ୍ରହଣୀୟ ବିଶ୍ୱାସ ଭଙ୍ଗ

ଦେଶରେ ଅଣ୍ଡର ଗ୍ରାଜୁଏଟ୍ ଡାକ୍ତରୀ ପାଠ୍ୟକ୍ରମ ଅଧ୍ୟୟନ କରିବା ପାଇଁ ଅନୁଷ୍ଠିତ ହେଉଥିବା ନ୍ୟାସନାଲ ଏଲିଜିବିଲିଟି-କମ୍-ଏଣ୍ଟ୍ରାନ୍ସ ଟେଷ୍ଟ (ନିଟ୍-ୟୁଜି)ର ଚଳିତ ବର୍ଷର ପରୀକ୍ଷାକୁ ପ୍ରଶ୍ନପତ୍ର ପ୍ରଘଟ ହେବାର ଅଭିଯୋଗ ଉଠିବା ପରେ ବାତିଲ କରି ଦିଆଯାଇଛି, ଯାହା କେବଳ ଛାତ୍ରଛାତ୍ରୀମାନଙ୍କ ପାଇଁ ନୁହେଁ, ଯେଉଁମାନେ କି ପରୀକ୍ଷା ଦେଇଥିଲେ, ବରଂ ଯେଉଁମାନେ ଏଇ ଦେଶରେ ପ୍ରତିଯୋଗିତାମୂଳକ ପରୀକ୍ଷାର ପବିତ୍ରତା ଉପରେ ଆସ୍ଥା ରଖନ୍ତି, ସେମାନେ ସମସ୍ତଙ୍କ ପାଇଁ । ପୁନଶ୍ଚ, ଏହି ଘଟଣା ବିଗତ ତିନି ବର୍ଷ ଭିତରେ ଦ୍ୱିତୀୟ ଥର ପାଇଁ ଘଟିଛି ଏବଂ ଡାକ୍ତରୀ ଶିକ୍ଷା ଗ୍ରହଣ କରିବା ଆଶାୟୀ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସେଇସବୁ କର୍ତ୍ତୃପକ୍ଷଙ୍କ ପାଇଁ ଘୋର ଅନ୍ଧକାର ଭିତରକୁ ଠେଲି ହୋଇ ଯାଇଛି, ଯେଉଁମାନେ ପୁଣି ଥରେ ପ୍ରଶ୍ନପତ୍ର ପ୍ରଘଟ ରୋକିବାରେ ବିଫଳ ହୋଇଛନ୍ତି । ଡାକ୍ତରୀ ପାଠ୍ୟକ୍ରମରେ ଅଧ୍ୟୟନ କରିବା ନିମନ୍ତେ ଏକ ଜାତୀୟସ୍ତରୀୟ ପ୍ରବେଶିକା ପରୀକ୍ଷା କରାଯିବାର ମୂଳ ରହିଛି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟଙ୍କ ଆଦେଶନାମା ଉପରେ, ଯାହାକି ରାଜ୍ୟମାନଙ୍କ ଦ୍ୱାରା କରାଯାଉଥିବା ଏହି ପରୀକ୍ଷାଗୁଡ଼ିକରେ ଅନିୟମିତତା ହେଉଥିବାର ଅଭିଯୋଗଜନିତ ମାମଲାଗୁଡ଼ିକ ସହିତ ସଂଘର୍ଷ କରୁଥିଲା । ତେଣୁ ସେତେବେଳେ ବିଦ୍ୟମାନ ପ୍ରଥାଗୁଡ଼ିକ ସହିତ ସମ୍ପୃକ୍ତ ଏହିସବୁ ଖରାପ ପ୍ରଥାର ଅନ୍ତ ଘଟାଇବା ନିମନ୍ତେ କୋର୍ଟ ଏକକ ପରୀକ୍ଷା ବ୍ୟବସ୍ଥା କରିବା ନିମନ୍ତେ ପରାମର୍ଶ ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ କୋର୍ଟଙ୍କ ନିର୍ଦ୍ଦେଶାବଳୀଗୁଡ଼ିକୁ ସଂସଦ ଦ୍ୱାରା ବିବେଚନା କରାଯାଇଥିଲା, ଯାହା ଭାରତୀୟ ମେଡିକାଲ ପରିଷଦ (ସଂଶୋଧନ) ଆଇନ,୨୦୧୬ ପାରିତ କରିଥିଲେ- ଏଇ ଉଦ୍ଦେଶ୍ୟରେ ଯେ ଏହାଦ୍ୱାରା ଏକାଧିକ ସଂଖ୍ୟକ ପରୀକ୍ଷା କରାଯିବା ବ୍ୟବସ୍ଥାରେ ପୂର୍ଣ୍ଣଚ୍ଛେଦଟିଏ ପଡ଼ିବ, ଯେଉଁଥିରେ ନିରପେକ୍ଷ ତଥା ସ୍ୱଚ୍ଛ ପଦ୍ଧତିଟିଏ ଅନୁସରଣ କରାଯିବା ସଙ୍ଗେ ସଙ୍ଗେ ଏକ ଅଣ-ଶୋଷଣମୂଳକ ନାମଲେଖା ପ୍ରକ୍ରିୟା ଗ୍ରହଣ କରାଯାଇ ପାରିବ, ଯଦ୍ୱାରା କୌଣସି ଯୋଗ୍ୟ ଛାତ୍ରଛାତ୍ରୀ ସମ୍ମାନାସ୍ପଦ ଡାକ୍ତରୀ ବିଦ୍ୟା ଅଧ୍ୟୟନ କରିବାରୁ ବଞ୍ଚିତ ହୋଇ ପାରିବେ ନାହିଁ ।

ଏହି ଆଇନ ପ୍ରତ୍ୟାଶାଗୁଡ଼ିକୁ ପ୍ରଦାନ କରିବାରେ ସଫଳ ହେଲା: ଦେଶରେ ଥିବା ସମସ୍ତ ଡାକ୍ତରୀ ଶିକ୍ଷା ପ୍ରଦାନ କରୁଥିବା ଅନୁଷ୍ଠାନ ମଧ୍ୟରୁ ଯେ କୌଣସିଟିରେ ନାମ ଲେଖାଇବା ପାଇଁ ଜଣେ ବିଦ୍ୟାର୍ଥୀଙ୍କୁ ଗୋଟିଏ ମାତ୍ର ପ୍ରବେଶିକା ପରୀକ୍ଷା ଦେବା ଆବଶ୍ୟକ ହେବ ଏବଂ ଏହି ପରୀକ୍ଷାରେ ସେ ରଖିଥିବା ମାର୍କସ୍ ଆଧାରରେ ତାଙ୍କର ନାମଲେଖା ହୋଇ ପାରିବ । ଏହି ବ୍ୟବସ୍ଥା ନାମଲେଖା ପାଇଁ ପୂର୍ବରୁ ହେଉଥିବା ବିପୁଳ ପରିମାଣର ଟଙ୍କା କାରବାରକୁ ଅନେକ ମାତ୍ରାରେ ଉଚ୍ଛେଦ କରି ପାରିଲା, ଯଦିଓ ଏବେ ସୁଦ୍ଧା ସେହି କାର୍ଯ୍ୟ ଦୃଶ୍ୟପଟର ଅନ୍ତରାଳରେ ଅର୍ଥାତ୍ ଲୁଚାଛପାରେ ହେଉଛି । ତେବେ ପ୍ରଶ୍ନ ହେଉଛି, ଏହି ପରୀକ୍ଷା ଖୋଦ୍ ଏହାକୁ ମିଶାଇ କେତେଦୂର ନିରପେକ୍ଷ ଓ ସ୍ୱଚ୍ଛ ଭାବରେ ସମ୍ପାଦନ କରାଯାଉଛି ! ପୂର୍ବ ବର୍ଷମାନଙ୍କରେ ମଧ୍ୟ ପ୍ରଶ୍ନପତ୍ର ପ୍ରଘଟ ହେବାର ଅଭିଯୋଗମାନ ହୋଇଛି । ୨୦୨୪ରେ ନିଟ୍ ପରୀକ୍ଷା ପରେ ପରେ ଏକ ଗୁରୁତର ଅଭିଯୋଗ ଉଠିଥିଲା ଯେ ପ୍ରଶ୍ନପତ୍ରଗୁଡ଼ିକର ଗୋପନୀୟତାକୁ ଭଙ୍ଗ କରାଯାଇଛି, ଯଦିଓ ସୁପ୍ରିମ୍‌କୋର୍ଟ ସେହି ବର୍ଷ ଅନୁଷ୍ଠିତ ପରୀକ୍ଷାକୁ ବାତିଲ କରିବାକୁ ମନା କରି ଦେଇଥିଲେ । ତାମିଲନାଡ୍ରୁ, ଆନ୍ଧ୍ରପ୍ରଦେଶ, ଗୁଜରାଟ ଏବଂ ପଶ୍ଚିମବଙ୍ଗ ସମେତ ଅନେକଗୁଡ଼ିଏ ରାଜ୍ୟ ବିଭିନ୍ନ କାରଣ ପାଇଁ ଏହି ଏକକ ପରୀକ୍ଷା ବ୍ୟବସ୍ଥାର ବିରୋଧ କରିଥିଲେ, ଯେଉଁଥିରୁ ପ୍ରାଥମିକ କାରଣଟି ଥିଲା ଏହି ପରୀକ୍ଷା ପ୍ରଦାନ କରୁଥିବା ଏଣ୍ଟ୍ରାନ୍ସ କୋଚିଂ ବ୍ୟବସ୍ଥା ଉପରେ ଗୁରୁତ୍ୱ, ଯାହାକି ସମାଜର ନିମ୍ନ ସ୍ତରରୁ ଆସିଥିବା ପିଲାମାନଙ୍କୁ ଏହି ଶିକ୍ଷାଲାଭ କରିବାରୁ ବଞ୍ଚିତ କରିପାରେ ।

ଚଳିତ ଥର ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ୨୦୨୬ ପରୀକ୍ଷାକୁ ବାତିଲ ଘୋଷଣା କରିବାକୁ ଯାଇ କହିଛି ଯେ ଏହି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ହୋଇଥିବା ବିଶ୍ୱାସ ଭଙ୍ଗ ଅତ୍ୟନ୍ତ ଗୁରୁତର । ଏହି ନିଷ୍ପତ୍ତି ନିହାତି କମ୍‌ରେ ଏକ ଗେସ୍ ପେପର ବା ଆନୁମାନିକ ପ୍ରଶ୍ନପତ୍ରରେ ୧୨୦ଟି ପ୍ରଶ୍ନ- ବିଷୟ ବିଶେଷଜ୍ଞ ଏବଂ ଶିକ୍ଷକମାନଙ୍କ ଦ୍ୱାରା ପୂର୍ବବର୍ତ୍ତୀ ଧାରାଗୁଡ଼ିକ ଆଧାରରେ ପ୍ରସ୍ତୁତ ସମ୍ଭାବିତ ପ୍ରଶ୍ନଗୁଡ଼ିକର ସମାହାରରେ ସଂକଳିତ ଏବଂ ରାଜସ୍ଥାନରେ ପ୍ରଥମେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ପ୍ରସାରିତ- ମେ' ୩ ତାରିଖରେ ଅନୁଷ୍ଠିତ ନିଟ୍ ପରୀକ୍ଷାର ପ୍ରଶ୍ନପତ୍ର ସହିତ ମେଳ ଖାଇ ଯାଉଥିବା ଦେଖାଗଲା । ପରୀକ୍ଷା ସହିତ ସମ୍ପୃକ୍ତ କର୍ମକର୍ତ୍ତାମାନଙ୍କ କହିବା କଥା ହେଉଛି, ଏହି ହସ୍ତଲିଖିତ ସମ୍ଭାବ୍ୟ ପ୍ରଶ୍ନପତ୍ର ହୁଏତ ମହାରାଷ୍ଟ୍ର, ଗୁଜରାଟ ତଥା କେରଳରେ ହଜାର ହଜାର ପିଲାଙ୍କ ହାତରେ ପଡ଼ି ଯାଇଥିବ । ପରୀକ୍ଷା ଶେଷ ହେବାର ମାତ୍ର ଗୋଟିଏ ସପ୍ତାହ ପରେ ଏହି ପ୍ରଘଟ କଥା ନିରୂପଣ କରାଯାଇ ପାରିବା କେବଳ ଯେ ଏନ୍‌ଟିଏ ଏବଂ ସରକାରୀ କର୍ତ୍ତୃପକ୍ଷମାନଙ୍କର ଅପାରଗପଣିଆକୁ ଦର୍ଶାଉଛି, ତାହା ନୁହେଁ, ବରଂ ଏହା ସର୍ବସମ୍ମୁଖରେ ସତ୍ୟଟିଏ ଉନ୍ମୋଚିତ କରିଛି ଯେ ୨୦୨୪ରେ ପ୍ରଶ୍ନପତ୍ର ପ୍ରଘଟ ହେବାର ଘଟଣା ପରଠାରୁ ଆନୁଷ୍ଠାନିକ ଭାବରେ ଏହି ପରୀକ୍ଷା ବ୍ୟବସ୍ଥାରେ କ୍ୱଚିତ୍ କିଛି ପରିବର୍ତ୍ତନ ହୋଇଛି । ନୂଆ ପରୀକ୍ଷା କେବେ ହେବ କି ନାହିଁ, ସେ ସମ୍ପର୍କରେ ଏନ୍‌ଟିଏ ଏ ପର୍ଯ୍ୟନ୍ତ କିଛି ହେଲେ ଘୋଷଣା କରିନାହିଁ ଏବଂ ଏହି ବିଳମ୍ବ କାଉନ୍‌ସେଲିଂ, ନାମଲେଖା ଏବଂ ପାଠ୍ୟକ୍ରମ ଉପରେ ଅବଶ୍ୟ ଏକ ବଡ଼ ପ୍ରଭାବ ପକାଇବ । ବାତିଲ ହୋଇଥିବା ପରୀକ୍ଷାକୁ ନେଇ ଅନେକଗୁଡ଼ିଏ ପ୍ରଶ୍ନ ଉଠିବା ସ୍ୱାଭାବିକ: କିପରି ଏକ ସମ୍ଭାବ୍ୟ ପ୍ରଶ୍ନପତ୍ରରେ ପ୍ରକୃତ ନିଟ୍ ପେପରର ଅଧାଅଧି ପ୍ରଶ୍ନ ରହି ପାରିଲା ? ଏହି ପେପର ବା ପ୍ରଶ୍ନପତ୍ରକୁ କେଉଁ ଶିକ୍ଷକମାନେ ପ୍ରସ୍ତୁତ କରିଥିଲେ ? ନିଟ୍ ପ୍ରଶ୍ନପତ୍ର ପ୍ରଘଟ ହେଲା କିପରି ? କର୍ତ୍ତୃପକ୍ଷମାନେ କ'ଣ କରୁଥିଲେ ? ୨୦୨୪ର ପ୍ରଶ୍ନପତ୍ର ପ୍ରଘଟ ପରେ ଆପଣା ଯାଇଥିବା ସୁରକ୍ଷା ବ୍ୟବସ୍ଥାରେ କେଉଁ ତ୍ରୁଟି ରହିଲା ? ୨୦୨୪ ଘଟଣା ପରେ ସରକାର ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ପୂର୍ବତନ ମୁଖ୍ୟ କେ ରାଧାକ୍ରିଷ୍ଣନ୍‌ଙ୍କ ଅଧ୍ୟକ୍ଷତାରେ ଏକ ସାତଜଣିଆ କମିଟି ଗଠନ କରିଥିଲେ, ଯାହା ପରୀକ୍ଷା ଅନୁଷ୍ଠିତ କରାଇବା ନିମନ୍ତେ ସୁରକ୍ଷା, ଡାଟା ପ୍ରୋଟୋକଲ ଏବଂ ଏଜେନ୍ସିର ପୁନର୍ଗଠନ ଉପରେ ଧ୍ୟାନ କେନ୍ଦ୍ରିତ କରି ଏହି ପରୀକ୍ଷା ପଦ୍ଧତିରେ ଏକ ବଡ଼ ଧରଣର ସଂସ୍କାର ଆଣିବାକୁ ପରାମର୍ଶ ପ୍ରଦାନ କରିଥିଲେ । ଏସବୁ ପରାମର୍ଶ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ କରାଯାଇଛି କି ? ଆଂଶିକ ଭାବରେ କରାଯାଇଛି କି ? ନା ଆଦୌ କରାଯାଇ ନାହିଁ ?

## ବହି ହୁଅନା; ବହି ଭଳି ହୁଅ

ସନ୍ଥ ତାଙ୍କ ଶିଷ୍ୟମାନଙ୍କୁ ଅନେକ ସମୟରେ କୁହନ୍ତି- 'ବହି ହୁଅନା; ବହି ଭଳି ହୁଅ ।' ଏ କଥାର ମର୍ମ ଅନ୍ୟ କେହି ସହଜରେ ବୁଝି ପାରନ୍ତିନି । ଦିନେ ସନ୍ଥ ତାଙ୍କ ଆଶ୍ରମର ସବୁ ଅନ୍ତେବାସୀଙ୍କୁ ଗୀତା ପଢ଼ିବାକୁ କହିଲେ । ଆଦରରେ ସମସ୍ତେ ପଢ଼ିଲେ । କିଛିଦିନ ପରେ ବହୁ ପିଲା ଏହାକୁ ମୁଖସ୍ଥ କରିଦେଲେ । କଥା କଥାକେ ଗୀତାର ଶ୍ଳୋକ ଆବୃତ୍ତି କରୁଥିଲେ । ବାହାରୁ ଆସିଥିବା ଲୋକେ ପିଲାଙ୍କର ଦକ୍ଷତା ଦେଖି ଭାରି ଖୁସି ହୋଇ ଯାଉଥିଲେ । ସେମାନଙ୍କୁ ପ୍ରଶଂସା କରୁଥିଲେ । ଏତିକି ବେଳେ ପିଲାମାନେ ନିଜ ଭିତରେ ଅତି ଉଲ୍ଲସିତ ହେଉଥିଲେ । ଦିନେ କିଛି ଆଗନ୍ତୁକ ଆସିଲେ ଆଶ୍ରମକୁ । ସେମାନେ ଖୁବ୍ ଭୋକିଲା ଥିଲେ । ଅତି ବିକଳରେ ଭୋଜନ ଗଣ୍ଡାଏ ମାଗୁଥିଲେ । ହେଲେ ପିଲାମାନେ ଗୀତା ପଢ଼ିବାରେ ଲାଗିଥିଲେ । ଜଣ ଜଣ କରି ପିଲାଙ୍କୁ ଭୋକିଲା ଲୋକମାନେ ଖାଇବାକୁ ମାଗୁଥିଲେ ମଧ୍ୟ ସେମାନେ ଶୁଣୁ ନଥିଲେ ।

ଗୀତା ପଢୁଥିବା ପିଲାମାନେ ନିଜକୁ ଖୁବ୍ ଜ୍ଞାନୀ ଭାବୁଥିଲେ । ଜଣେ ପିଲା ମୁହଁ ଖୋଲି କହିଲା- 'ଆମେ ବହୁତ ଶାସ୍ତ୍ର ପଢ଼ିଛୁ । ଗୀତାର ସମସ୍ତ ଶ୍ଳୋକକୁ ମୁଖସ୍ଥ କରି ପାରିଛୁ । ଅତି ସୁନ୍ଦର ଭାବରେ ବ୍ୟାଖ୍ୟା କରି ପାରୁଛୁ । ତୁମେସବୁ ତ ମଳିମୁଣ୍ଡିଆ ଲୋକ ! ତୁମେ ସିନା ଆମ ସେବା କରିବା କଥା ! ତାହା ନ କରି ଆସି ଆମକୁ ଖାଇବା ପିଇବାକୁ ମାଗୁଛ ?'

ପଠାଉବିନ୍ଦୁ

ଲୋକମାନେ କହିଲେ- 'ତୁମ ଗୀତାରେ କ'ଣ ଏଇ କଥା ଶିକ୍ଷା ଦିଆ ଯାଇଛି ଯେ ନିଜେ ସେବକ ନହୋଇ ଅନ୍ୟଠାରୁ ସେବା ଚାହିଁବା ?'

ପିଲାମାନେ ତତ୍‌କ୍ଷଣାତ୍ ରାଗିଗଲେ । ରୁକ୍ଷ ଭାଷାରେ ଆଗନ୍ତୁକଙ୍କୁ ଗାଳିଦେଲେ ।

ଏତିକି ବେଳେ ଗୋଟିଏ ପିଲା ହାତରେ କିଛି ଜଳଖିଆ ଆଣି ପହଞ୍ଚିଲା । ସେ ଲୋକମାନଙ୍କୁ ଆଦରରେ ଖୁଆଇଲା ।

ଜଣେ ଲୋକ କହିଲା- 'ଏ ପିଲାମାନେ ଗୀତା ପଢ଼ି ବହି ହୋଇ ଯାଇଛନ୍ତି । ବହି ଭଳି ହୋଇପାରି ନାହାନ୍ତି । ଅର୍ଥାତ୍ ବହିରେ ଲେଖା ଥିବା ଅକ୍ଷର, ଶ୍ଳୋକ, ବାକ୍ୟସବୁକୁ ମୁଖସ୍ଥ କରି ଦେଇଛନ୍ତି । ଜଣେ ବହି ପଢ଼ିବା ଯାହା, ଏମାନଙ୍କଠାରୁ ଶୁଣିବା ସେଇଆ । ବହି ଓ ଏ ପିଲାଙ୍କ ଭିତରେ କିଛି ଫରକ ନାହିଁ । ଗୀତା ବହିର ପୃଷ୍ଠା ଆଡ଼େଇଲେ ସେଥିରୁ ଶ୍ଳୋକ ବାହାରେ । ସେମିତି ଏ ପିଲାଙ୍କୁ ଯେଉଁ ଅଧ୍ୟାୟର ଯେଉଁ ଶ୍ଳୋକ ଆବୃତ୍ତି କରିବାକୁ କହିଲେ, ସେମାନେ ଗାଇ ପାରିବେ । କିନ୍ତୁ ଏମାନେ ବହି ଭଳି ହୋଇ ପାରିଲେ ନାହିଁ । ବହିରେ ଗୀତା ଲେଖା ଅଛି, ଅଥଚ ବହି ଯେମିତି ନରମ, ଏମାନଙ୍କ ଭିତର ସେମିତି ନରମ ହୋଇ ପାରିନାହିଁ । ଭିତରେ ଅଭିମାନ, ଅହଙ୍କାର, ପ୍ରୌଢ଼ି ଭଳି କୁଗୁଣ ପଥର ଭଳି ଟାଣ ହୋଇଛି । ଏମାନେ ଗୀତା ବହି ନହୋଇ ବହି ଭଳି ହେଲେ ଗୀତାର ମର୍ମକୁ ବୁଝିଛନ୍ତି ବୋଲି ବୁଝା ପଡ଼ନ୍ତା ।

ନିତିଦିନ NITIDIN

ଆମ ଜିଲ୍ଲା

ଗ

# ତିନିରଥର ୧୪ ନାହାକା ଚଉପଟ କାର୍ଯ୍ୟ ଆରମ୍ଭ

**ପୁରୀ,୧୪।୫/ଏନ୍‌ଏନ୍‌ଏସ୍:** ଦୈନନ୍ଦିନ ପରି ଆଜି ଚତୁର୍ବିଂଶ ତମ ଦିବସରେ ତିନି ରଥର ନିର୍ମାଣକାରୀ ସେବକ ମାନେ ସକାଳ ୮ଘଟିକା ପୂର୍ବରୁ ରଥଖଳା ଠାରେ ଉପସ୍ଥିତ ପୂର୍ବକ ଉପସ୍ଥାନ ପରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନ ପ୍ରକାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଆଜି ରଥ ନିର୍ମାଣ ରେ ତିନିରଥ ମହାରଣା ସେବକ ୭୬ ଜଣ, ଭୋଇ ସେବକ ୭୬ ଜଣ, କରତୀ ସେବକ ୪ ଜଣ, ତିନି ରଥ କମାର ସେବକ ୨୦ ଜଣ, ତୁମ୍ଭ ବିନ୍ଧ କାରିଗର ୨ ଜଣ, ରୂପକାର ସେବକ ୨୧ ଜଣ, ରଥ ଖଳା ସହାୟକ(ପାଣି ବାଲା) ଜଣେ ରଥଖଳା ରଥ ନିର୍ମାଣ କାର୍ଯ୍ୟରେ ମୋଟ ୨୦୧ ଜଣ ଯୋଗ ଦେଇଥିଲେ। ଗତକାଲି ସୁଦ୍ଧା ତିନିରଥ ର ୩୨ ଗୋଟି ଚକ ନିର୍ମାଣ ଶେଷ ହୋଇ ତିନି ରଥ ର ବିଭିନ୍ନ ଅଂଶ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଜାରୀ ରହିଥିଲା। ଆଜି ଆରମ୍ଭ ହୋଇଛି ତିନିରଥ ୧୪ ନାହାକା ଚଉପଟ କାର୍ଯ୍ୟ। ତିନିରଥ ର ନିର୍ମାଣ କାର୍ଯ୍ୟ ସମାନ୍ତରାଳ ଭାବେ ଆଗେଇଚାଲିଛି। ମହାରଣା



ସେବକଙ୍କ ପ୍ରତିଟି ନିର୍ମାଣ କାର୍ଯ୍ୟ ର ସହାୟକ ଭାବେ ଜଗି ରହିଛନ୍ତି ଭୋଇ ସେବକ ମାନେ, ତିନିରଥ ଚାଳି ରେ କାର୍ଯ୍ୟ ରତ ବିଶ୍ୱକର୍ମା ମହାରଣାଙ୍କ ଇସାରାରେ ମୁହୂର୍ତ୍ତରେ ପରିଷ୍କାର କରିନେଇଛନ୍ତି କାଠ ଚଉପଟ ବେଳେ ବାରିସୀରୁ ଛିଟିକି ବାହାରି ଆସୁଥିବା କାଠ ଛେଲା ସବୁକୁ, ଚଉପଟ ସରିଥିବା ଭୂଇଁ ଚଉତା ର ବିନ୍ଧ ଅନୁକୂଳ ପାଇଁ ମାପ ଚିହ୍ନ ର ସୂତା ଭିଡ଼ି ଧରିବା ଠାରୁ ଆରମ୍ଭ କରି ରଥ ଅମୀନ ଚିହ୍ନଟ କରି ନିର୍ମାଣ ଉପଯୋଗୀ କାଠକୁ ରଥ ଖଳାକୁ ବୋହିଆଣି ଯୋଗଇବା ସହ ସାଇତି ରଖୁଛନ୍ତି ଚଉପଟ ଶେଷ ହେଉଥିବା ଅଂଶ ଗୁଡିକୁ। ଏଥି ସହ ଯନ୍ତା ଗାଡ଼ଠାରେ ତୁମ୍ବରେ ସିଙ୍ଗଡ଼ା ବାଡେଇ ତିନି ରଥ ଗଳି ମହାରଣା ସେବକ ମାନଙ୍କୁ ଯୋଗାଇ ଦେଉଛନ୍ତି, ଭୋଇ ସେବକ ମାନେ ଗୋଟିଏ କାର୍ଯ୍ୟ ସରୁ ସରୁ ତା'ପଛକୁ ଆଉ ଗୋଟିଏ କାର୍ଯ୍ୟ ସାରି ଦେବା ମାନସିକତାରେ ଆଗେଇ ଚାଲିଛି ରଥ ନିର୍ମାଣ କାର୍ଯ୍ୟ ଗୋଷ୍ଠିଗତ ସେବା। ତିନି ରଥର ବାକି ଚକ ଗୁଡ଼ିକର ନିର୍ମାଣ ପାଇଁ ଚକ ତୁମ୍ବ ରେ ସିଙ୍ଗଡ଼ା ବାଡିଆ ଶେଷ ହୋଇଛି। ଏଥି ସହ ତିନି ରଥର ୧୨ ଗୋଟି ଲେଖାଏଁ ଭୂଇଁ ଚଉତା ର ଚଉପଟ କାର୍ଯ୍ୟ ଶେଷ ହୋଇ ବିନ୍ଧ କାର୍ଯ୍ୟପାଇଁ ଚଉତାରେ ମାପ ଚିହ୍ନ ଦିଆ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

## ସରକାରୀ ନିୟମ ଉଲ୍ଲଂଘନକୁ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

**ଟାଙ୍ଗୀ,୧୪।୫/ଏନ୍‌ଏନ୍‌ଏସ୍:** ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କୌଣସି ବିଏଲ୍‌ଓ ଜନଗଣନା କାର୍ଯ୍ୟରେ ସମ୍ପୃକ୍ତ ରହିବେ ନାହିଁ ବୋଲି ଚିଠି ଜାରି କରାଯାଇଛି। ହେଲେ ଟାଙ୍ଗୀ ଚୌଦ୍ୱାର ବ୍ଲକରେ ଏହି ସରକାରୀ ନିୟମକୁ ପାଳନ କରାଯାଉ ନାହିଁ ବୋଲି ଟାଙ୍ଗୀ ସାଲେପୁର ବିଜେପି ନେତା ତଥା କଟକ ଜିଲ୍ଲା ଗ୍ରାମୀଣ ଉପସଭାପତି ହିମାଂଶୁ ମହାନ୍ତି ଜିଲ୍ଲା ପାଳ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଟାଙ୍ଗୀ ଚୌଦ୍ୱାର ବ୍ଲକର ଶିକ୍ଷକ ଦିଲ୍ଲୀପ ଲେଙ୍କା, ଅକ୍ଷୟ ହାତୀ, ପ୍ରସନ୍ନ ସ୍ୱାଇଁଙ୍କୁ ଜନଗଣନା କାର୍ଯ୍ୟରେ ନିୟୋଜିତ କରାଯାଇଥିବା ଫଟୋ ଭାଇରାଲ ହେବା ପରେ ବିଜେପି ନେତା ଶ୍ରୀ ମହାନ୍ତି ଜିଲ୍ଲା ପାଳଙ୍କ ନିକଟରେଅଭିଯୋଗ କରିଛନ୍ତି। ଏମିତି କୋଉ ଆଧାରରେ ସେମାନଙ୍କୁ ଜନଗଣନା କାର୍ଯ୍ୟରେ ରଖାଗଲା ବୋଲି ବିଡିଓ ମତ ରଖନ୍ତୁ ବୋଲି ଗଣମାଧ୍ୟମ ଆଗରେ କହିବା ବ୍ଲକ ଅଧିକାରୀ କାର୍ଯ୍ୟକୁ ନେଇ ଅନେକ ପ୍ରଶ୍ନ ଉଠାଉଛନ୍ତି। ଏମିତି ଟାଙ୍ଗୀ ଚୌଦ୍ୱାର ବ୍ଲକରେ କେତେ ବିଏଲ୍‌ଓ ସେନସନ୍ ଡିୟୁଟି ଓ କେତେ ଜଣ ସୁପର ଭାଇଜର ରହିଛି ତଥ୍ୟ ମିଳିନଥିବା ବେଳେ ସରକାର ନିୟମକୁ ବ୍ଲକ ଉଲ୍ଲଂଘନ କରୁଛି ବୋଲି ଅଭିଯୋଗରେ ଦର୍ଶା ଯାଇଛି। ଅନ୍ୟ ପଟେ ଉକ୍ତ ଅଭିଯୋଗକୁ ନେଇ ଅତିରିକ୍ତ ବିଡିଓ ଶ୍ୱାସତ କୁମାର ଜେନାଙ୍କୁ ପଚାରିବାରୁ ଏହାକୁ ଖଣ୍ଡନ କରିବା ସହ ଏ କାର୍ଯ୍ୟ କରିବା ସମୟରେ ଏ ଫଟୋ ମଧ୍ୟ ଉପରସ୍ଥ ଅଧିକାରୀଙ୍କୁ ଦିଆଯାଇଛି ବୋଲି କହିବା ସହ ପରିବାର ଜନଗଣନା ନୁହେଁ, ଭୋଟର ତାଲିକା ସଂଶୋଧନ ପାଇଁ ଯାଇଥିବା ପ୍ରକାଶ କରିଥିଲେ।

## ୩ ଗୋ-ପାଳକଙ୍କୁ ମରଣାନ୍ତକ ଆକ୍ରମଣ

**ଡେଲାଙ୍ଗ,୧୪।୫/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ଥାନା ଅଂଚଳରେ ଗତକାଲି ବିଳମ୍ବିତ ରାତିରେ ୩ଜଣ ଗୋପାଳକଙ୍କୁ ବଜରଙ୍ଗ ଦଳ ପକ୍ଷରୁ ମରଣାତ୍ମକ ଆକ୍ରମଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଆବାହନ କାଳରୁ ବର୍ଷା ଋତୁ ଆଗମନ ପୂର୍ବରୁ ଦେଶପଟୁ ଗୋପାଳକମାନେ ଗାଇଗୋରୁ ନେଇ ପରଙ୍ଗ (ପାହାଡିଆ) ଅଞ୍ଚଳକୁ ଯାଇଥାନ୍ତି। ବର୍ଷା ଋତୁ ଆସିଲେ ଗୋରୁ ଚରିବା ପାଇଁ ସୁବିଧା ନଥିବାରୁ ଗୋରୁମାନଙ୍କୁ ପାହାଡିଆ ଅଂଚଳକୁ ନେଇଥାନ୍ତି। ଗତ ୧୨ ତାରିଖ ରାତିରେ ପୋଡଙ୍ଗ ଗ୍ରାମର ଗୋପାଳକ କୈଳାସ ବେହେରାଙ୍କ ପୁଅ ବିକାଶ ବେହେରା ସ୍ଥାନିୟ ସରପଂଚଙ୍କ ଠାରୁ ଗୋପାଳନର ଏକ ଲେଖା ସହିତ ତାଙ୍କ ସମ୍ପର୍କିୟମନଙ୍କ ସହିତ ଗୋରୁ ନେଇ ପରଙ୍ଗ ଯାଉଥିବା ବେଳେ ଗଡମାଣିତ୍ରି ଗ୍ରାମରେ କେତେକ ଲୋକେ ବଜରଙ୍ଗ ଦଳର ପରିଚୟ ଦେଇ ଗୋପାଳକଙ୍କୁ ଅଟକାଇ ଗୋଚାଲଣ ସନ୍ଦେହରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହିତ ମାଡମାରି ମୋବାଇଲ୍ ଫୋନ୍, ବାଇକ୍ ଓ ୧୦୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଛଡାଇ ନେଇଥିବା ଗୋପାଳକ କୈଳାସ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ଗୋପାଳକଙ୍କୁ ଆକ୍ରମଣ ଖବର ପାଇ ଡେଲାଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହିତ ଆହତଙ୍କୁ ଉଦ୍ଧାର କରି ଡାକ୍ତଖାନାରେ ଚିକିତ୍ସା କରାଯାଇଛନ୍ତି। ସେହିପରି ଅପରପକ୍ଷରୁ ମଧ୍ୟ ଅଭିଯୋଗ ହୋଇଛି। ୫ଜଣ ଗୋପାଳକଙ୍କୁ ପୋଲିସ ଥାନାରେ ଆଟକ ରଖିଥିବା ଜଣାପଡ଼ିଛି।

## ବସ୍ ଧକ୍କାରେ ପାନଦୋକାନୀ ମୃତ

**ନିମାପଡ଼ା,୧୪।୫/ଏନ୍‌ଏନ୍‌ଏସ୍:** ଗୁରୁବାର ସକାଳ ସ୍ଥାନୀୟ ଥାନା ଅଧୀନ ତଳଅଣ୍ଠିଆ ଛକଠାରେ ବସ୍ ଦୁର୍ଘଟଣାରେ ଜଣେ ପାନ ଦୋକାନୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନିମାପଡ଼ା ଥାନା ଅଧୀନ ଧଳେଶ୍ୱର ପଞ୍ଚାୟତ ଅଲଣ୍ଡି ଗ୍ରାମର ଚିତ୍ତରଞ୍ଜନ ବାରିକ(୬୬)। ସେ ସକାଳେ ଦୋକାନ ପାଇଁ ସଉଦା କରି ନିମାପଡ଼ାରୁ ଫେରୁଥିବା ସମୟରେ କାକଟପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଟଭାଦେବୀ ବସ୍ ତାଙ୍କୁ ପଛପଟଉ ଧକ୍କା ଦେଇଥିଲା। ଗୁରୁତର ଆହତ ଅବସ୍ଥାରେ ସ୍ଥାନୀୟ ଲୋକ ତାଙ୍କୁ ନିମାପଡ଼ା ମେଡିକାଲ ଚିକିତ୍ସା ପାଇଁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ତାଙ୍କ ପୁଅ ଅଶ୍ୱିନୀ ବାରିକଙ୍କ ଅଭିଯୋଗକ୍ରମେ ଏତଲା ଦାୟର କରିଛି। ବସ୍ ଚାଳକକୁ ଗିରଫ କରାଯାଇ ତଦନ୍ତ ଚାଲିଛି।

## ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ସାକ୍ଷୀଗୋପାଳ,୧୪।୫/ଏନ୍‌ଏନ୍‌ଏସ୍:** ସତ୍ୟବାଦୀ ଥାନା ଅନ୍ତର୍ଗତ ରାୟଖଣ୍ଡି ଗ୍ରାମ ପଞ୍ଚାୟତର ବିଲିପଡା ଗ୍ରାମର ଉପେନ୍ଦ୍ର ବରାଳଙ୍କ ଘରୁ ଦୁର୍ବୃତ୍ତ ମାନେ କବାଟ ଭାଙ୍ଗି କଳାକନା ବୁଲାଉଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଗୋଟିଏ ଘରେ ଉପେନ୍ଦ୍ର ଶୋଇଥିବା ବେଳେ ପାଖ ଘରେ ଚାବି ପକାଇଥିଲେ। ଦୁର୍ବୃତ୍ତମାନେ ଏହାର ସୁଯୋଗ ନେଇ ରାତିରେ ଚାବି ଭାଙ୍ଗି ଘରେ ଥିବା ଦୁଇଟି ବାକ୍ସ ନେଇଯାଇଥିଲେ। ସେଥିରେ ନଗଦ ୫୧,୫୦୦ ଟଙ୍କା ସହିତ ସୁନା ରୁପା ଅଳଙ୍କାର ରହିଥିବା ଶ୍ରୀ ବରାଳ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଘରଠାରୁ ଅଳ୍ପ ଦୂରରେ ଥିବା ଚାଷ ଜମିରେ ବାକ୍ସ ଭାଙ୍ଗି ସେଥିରେ ଥିବା ଟଙ୍କା ଓ ସୁନା ରୁପା ଅଳଙ୍କାର ସହ ଅନ୍ୟ ସାମଗ୍ରୀ ନେଇଯାଇଥିବା ସେ କହିଛନ୍ତି। ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଲିକ ଅଭିଯୋଗକୁ କେନ୍ଦ୍ର କରି ତଦନ୍ତ ଜାରି ରଖିଥିବା ଜଣାପଡିଛି।

## ସ୍ତ୍ରୀ ପ୍ରତି ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

**ଦଶପଲ୍ଲା,୧୪।୫/ଏନ୍‌ଏନ୍‌ଏସ୍:** ସ୍ତ୍ରୀ କୁ ନିର୍ଯ୍ୟାତନା ଅଭିଯୋଗ ରେ ପୋଲିସ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ଗିରଫ ସ୍ୱାମୀ ର ନାମ ପ୍ରହଲ୍ଲାଦ ପ୍ରଧାନ ଓ ତାଙ୍କ ଘର ସ୍ଥାନୀୟ ଓଡଶର ଗ୍ରାମରେ। ଅଭିଯୋଗରୁ ଜଣାପାଏ ପ୍ରହଲ୍ଲାଦ ୨୦୨୦ ମସିହାରେ ଖଇରା ପଙ୍କାଳସାହିର ଶିବାନୀ ନାଏକଙ୍କୁ ବିବାହ କରିଥିଲେ। ବିବାହର ୧୫ଦିନ ପରେ ଶାଶୁ, ଶ୍ୱଶୁର, ନଣନ୍ଦ, ନଣଦେଇ ଓ ସ୍ୱାମୀ ନିର୍ଯାତନା ଦେଇ ଘରୁ ବାହାରିବା ପାଇଁ ଧମକ ଦେଇଥିଲେ। ପରେ ସେ ଆସି ବାହାରେ ରହୁଥିବା ବେଳେ ଗତ ୧୨ ତାରିଖ ଦିନ ସେ ଶାଶୁ ଘରକୁ ଯାଇଥିବା ବେଳେ ସମସ୍ତେ ତାଙ୍କୁ ମିଶି ମାଡ଼ ମାରିଥିଲେ ବୋଲି ସେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ପ୍ରହଲ୍ଲାଦକୁ କୋର୍ଟଚାଲାଣ କରିଛି। ଅନ୍ୟପାର୍ଶ୍ୱରେ ଗାଁ ସମୂହରେ ପ୍ରହଲ୍ଲାଦ ପରିବାରକୁ ଅକଥନୀୟ ନିର୍ଯାତନା ଦେଇ ଏକ ଘରକିଆ କରି ରଖିବା ଓ ଘର ଚତୁଃପାର୍ଶ୍ୱ କଣ୍ଟା ଆବଧ କରି ଅଟକ ରଖିବା ପରି ଜଘନ୍ୟ ଘଟଣା ଘଟିଥିଲେ ମଧ୍ୟ ପୋଲିସର ନିରବତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଅଜିତ ହତ୍ୟାକାଣ୍ଡ: ପୁଲିସ ସ୍କାନର୍‌ରେ ଅନେକ ସନ୍ଦେହଜନକ ବ୍ୟକ୍ତି

**ଓଡ଼ଗାଁ,୧୪।୫/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବହୁ ଚର୍ଚ୍ଚିତ ଅଜିତ ହତ୍ୟାକାଣ୍ଡ ଘଟଣାରେ ପୁଲିସ ସ୍କାନରରେ ଅନେକ ବ୍ୟକ୍ତିଙ୍କ ହାତଥିବା ସନ୍ଦେହ କରିଛି। ଏହି ଘଟଣାରେ ପୁଲିସ ୪ଜଣଙ୍କୁ କୋର୍ଟ ଚାଲାଣ କରିଥିବାବେଳେ ଆଜି ୪ଜଣ ବ୍ୟକ୍ତିଙ୍କୁ ଥାନାକୁ ଡ଼ାକି ପଚରାଉଚୁରା କରି ଛାଡ଼ିଦେଇଛି। ସୂଚନା ଅନୁଯାୟୀ, କୋମଣ୍ଡ ଓ ରୋହିବାଙ୍କ ଅଞ୍ଚଳରୁ ବେଆଇନ ମାଙ୍କଡ଼ା ପଥରଖଣିକୁ କେନ୍ଦ୍ର କରି ଅଜିତ କୁମାର ସାହୁଙ୍କୁ ଜୀବନରୁ ମାରି ଦିଆଯାଇଛି।ଏହି ହତ୍ୟାକାଣ୍ଡ ପଛରେ କିଛି ଷଡ଼ଯନ୍ତ୍ର ରଚନା କରାଯାଇଥିଲା କି ନାହିଁ ତାହାର ପ୍ରମାଣ ଖୋଜୁଛି ପୁଲିସ।



ରାତି ସାଢେ ଗୋଟାଏ ସମୟରେ ହତ୍ୟାକାଣ୍ଡ ଘଟିବାବେଳେ ବିଦ୍ୟୁତ୍ କାଟ ହୋଇଥିବା ଅଜିତଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି।ଏହାର ସୁଯୋଗ ନେଇ ୬ରୁ ୭ଜଣ ଯୁବକ ଏକ କାରରେ ଆସି ଅଜିତଙ୍କ ଦୁଇହାତ ଖଣ୍ଡାରେ ହାଣି ଅଲଗା କରିବା ପରେ ଅଜିତଙ୍କର ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ଘଟିବା ସମୟରେ ପାଖରେ ଥିବା ଅଜିତଙ୍କ ସାଙ୍ଗ ସନ୍ତୋଷ ଜୀବନ ବଞ୍ଚାଇବାକୁ ଲୁଚି ଯାଇଥିଲେ। ବର୍ବରକାଣ୍ଡ ଘଟାଇ ସାରିବାପରେ ଦୁର୍ବୃତ୍ତମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ପୁଲିସ ପୂର୍ଣ୍ଣଚନ୍ଦ୍ର ନାୟକ, ମହନ୍ତ ନାୟକ, ମାନସ ବେହେରା ଓ ଶ୍ରୀଧର ସାହୁଙ୍କୁ ଉଠାଇ ଆଣିଥିଲା। ନୟାଗଡ଼ରେ ଏକ ପ୍ରେସ ବିଜ୍ଞପ୍ତିରେ ପୁଲିସ ଆଇଜି (ପିସିଆର) ସତ୍ୟଜିତ ନାୟକ ୪ଜଣଙ୍କୁ ଗିରଫ କରିଥିବା ସୂଚନା ଦେଇଥିଲେ। କିନ୍ତୁ ସେହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀଧର ସାହୁ ନାମକ ଜଣେବ୍ୟକ୍ତି ମୁହଁ ଖୋଲିଥିଲେ।ସେ ହତ୍ୟାକାରୀ ନୁହଁନ୍ତି ତାଙ୍କୁ ସଜେଇ ଦିଆଯାଇଛି ବୋଲି ମୁଣ୍ଡରୁ କପଡା ବାହାର କରି ଗଣମାଧ୍ୟମ ଆଗରେ ବଡ଼ପାଟି କରି କହିଥିଲେ। ତାଙ୍କର ଦୁଇଝିଅ ଅଛନ୍ତି ଓ ହତ୍ୟାକାଣ୍ଡରେ ତାଙ୍କର କୌଣସି ସଂପୃକ୍ତି ନଥିବା କହିବା ପରେ ତା' ପରଦିନ ସକାଳୁ ହତ୍ୟାକାଣ୍ଡ ଘଟଣା ଭିନ୍ନମୋଡ଼ ନେଇଥିଲା। ପ୍ରମାଣ ଅଭାବରୁ ଶ୍ରୀଧରଙ୍କୁ ଛାଡ଼ି ଦେଇଥିବାବେଳେ ଅଭିଯୁକ୍ତମାନେ ବ୍ୟବହୃତ କରିଥିବା କାର ଡ୍ରାଇଭର ନରେଶ ବିଶୋଇକୁ ଦଶପଲ୍ଲାରୁ ଗିରଫ କରିଥିଲେ।

ଏହି ୪ଜଣଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ହତ୍ୟାକାଣ୍ଡର ଚେର କେଉଁଆଡ଼େ ଲମ୍ବିଛି ତା'ର ତନାଘନା କରୁଛି ପୁଲିସ। ଆଜି ପୁଲିସ ଅଭିଯୁକ୍ତମାନଙ୍କ ସମ୍ପର୍କୀୟଙ୍କୁ ଥାନାକୁ ଡ଼ାକି ପଚରାଉଚୁରା କରୁଛି। ଯଦି ଅଜିତଙ୍କ ମୋବାଇଲ୍ ଫୋନ୍‌କୁ ଟ୍ରାକ୍ କରାଯାଆନ୍ତା ତେବେ ଅନେକ ଗୁମର ପଦାକୁ ଆସିପାରନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି। ଏହାସହିତ ଘଟଣାରେ ସାମିଲଥିବା ବ୍ୟକ୍ତିଙ୍କ ମୋବାଇଲ ଟ୍ରାକ୍‌କଲେ ଅନେକ ଘଟଣା ଉପରୁ ପରଦା ହଟିପାରନ୍ତା ବୋଲି କୁହାଯାଉଛି।

## ଧଳାଜହର କାରବାର ଉପରେ ଚଢ଼ଉ

**ବାଲିପାଟଣା,୧୪।୫/ଏନ୍‌ଏନ୍‌ଏସ୍:** ରାଜଧାନୀ ଉପକଣ୍ଠ ବାଲିପାଟଣା ଅଞ୍ଚଳରେ ପୁଣିଥରେ ଧଳା ଜହର କାରବାରକୁ ନେଇ ଚର୍ଚ୍ଚା ଜୋର ଧରିଛି। ଭୁବନେଶ୍ୱର ସ୍ପେସାଲ ସ୍କ୍ୱାର୍ଡ ଚଢ଼ାଉ କରି ବିପୁଳ ପରିମାଣର ବ୍ରାଉନ ସୁଗାର ଜବତ କରିଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୮ରୁ ୧୦ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। ଏହି ଘଟଣା ପରେ ସମଗ୍ର ବାଲିପାଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ସୂଚନା ଅନୁସାରେ, ଆଜି ଭୁବନେଶ୍ୱର ସ୍ପେସାଲ ସ୍କ୍ୱାର୍ଡର ଅଧିକାରୀମାନେ ସାଧା ପୋଷାକରେ ସରଦେଇପୁର-ନିମାପଡା ରାସ୍ତାର ବାଲିପାଟଣା ଛକ ଅଞ୍ଚଳରେ ଜଗି ରହିଥିଲେ। ଏହି ସମୟରେ ଗିରିଙ୍ଗ ଗ୍ରାମର ଜଣେ ଯୁବକ ନିଜର ଗାଡି ନଂ ଓଡି ୦୨ ଡିଡି ୫୪୧୦ ନମ୍ବର ପଲସର ଗାଡ଼ିକୁ କ୍ଷେତ୍ରପାଳ ଠାକୁରାଣୀଙ୍କ ନିକଟରେ ରଖି, ସ୍ଥାନୀୟ ଜଣେ ସାଙ୍ଗଙ୍କ ସ୍କୁଟିରେ ମଧୁବନ ବଜାର ଅଭିମୁଖେ ଯାଉଥିଲେ। ବାଲିପାଟଣା ଛକ ପ୍ରାଚୀ କଲ୍ୟାଣ ମଣ୍ଡପ ନିକଟରେ ସ୍ପେସାଲ ସ୍କ୍ୱାର୍ଡ ଟିମ୍ ସ୍କୁଟି ସହ ଦୁଇ ଯୁବକଙ୍କୁ ମାଡ଼ି ବସିଥିଲା। ତଦନ୍ତ ସମୟରେ ଯୁବକଙ୍କ ନିକଟରୁ ବିପୁଳ ପରିମାଣର ବ୍ରାଉନ ସୁଗାର ଜବତ ହୋଇଥିବା ଜଣାପଡ଼ିଛି। ଅଭିଯୁକ୍ତକୁ ସ୍ପେସାଲ ସ୍କ୍ୱାର୍ଡ ନିଜ ଅଧୀନକୁ ନେଇ ପଚରାଉଚରା ଜାରି ରଖିଛି। ସେପଟେ ସ୍କୁଟିରେ ଲିଫ୍ଟ ନେଇ ଯାଉଥିବା ଅନ୍ୟ ଯୁବକଙ୍କୁ ଆବଶ୍ୟକ ପ୍ରମାଣପତ୍ର ଯାଞ୍ଚ ପରେ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି।

## ସଞ୍ଜୟ ହତ୍ୟାକାଣ୍ଡ: ୪ ଦିନ ହେଲା ଅଭିଯୁକ୍ତଙ୍କ ଟେର୍ ପାଉନି ପୁଲିସ

**ଖଣ୍ଡପଡ଼ା,୧୪।୫/ଏନ୍‌ଏନ୍‌ଏସ୍:** ଖଣ୍ଡପଡା ଥାନା ଅଧୀନ ରୟତି ଡୋଲମରା ପଞ୍ଚାୟତ, କନ୍ଧମିରିଗି ଗ୍ରାମର ସଞ୍ଜୟ ପ୍ରଧାନ(୧୮) ଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚନ କରିବାରେ ଗଣିଆ ପୁଲିସ ବିଫଳ ହୋଇଥିବା ଜଣାଯାଇଛି। ଘଟଣାର ୪ ଦିନ ପରେ ମଧ୍ୟ ପୁଲିସ ସଞ୍ଜୟ ବ୍ୟବହାର କରୁଥିବା ମୋବାଇଲ ଫୋନଟିକୁ ଜବତ କରିପାରି ନଥିବା ବେଳେ ଉକ୍ତ ମୋବାଇଲରେ ସବୁ କିଛି ରହସ୍ୟ ଲୁଚି ରହିଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଗଣିଆ ଥାନା ଅଞ୍ଚଳର ଜଣେ ବିବାହିତ ମହିଳାଙ୍କ ସହ ଅନୈତିକ ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ସୁଚିନ୍ତିତ ଉପାୟରେ ସଞ୍ଜୟଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ଉଠିଥିବା ବେଳେ ହତ୍ୟାକାଣ୍ଡ ଘଟଣା ପଛରେ ଉକ୍ତ ମହିଳାଙ୍କ ସଂପର୍କୀୟମାନଙ୍କ ହାତ ଥିବା ନେଇ ଘଟଣାରୁ ସ୍ପଷ୍ଟ ବାରି ହୋଇ ପଡୁଛି। ସଞ୍ଜୟ ଭୁବନେଶ୍ୱରରେ ରହି କାଠ କାମ କରୁଥିବା ବେଳେ ଗତ ୧୦ ତାରିଖ ରାତିରେ ଫୋନ ପାଇ ସଞ୍ଜୟ ବସ ଯୋଗେ ଗଣିଆରେ ପହଞ୍ଚିଥିବା ବେଳେ ବିଳମ୍ବିତ ରାତିରେ ଅତି ଅମାନୁଷିକ ଭାବେ ତାଙ୍କୁ ହତ୍ୟା କରାଯାଇଥିବା ଜଣାପଡିଛି। ତେବେ କିଏ ସଞ୍ଜୟକୁ ମୋବାଇଲ ଫୋନ ଯୋଗେ ଭୁବନେଶ୍ୱରରୁ ଡକାଇଥିଲା ତାହାର ରହସ୍ୟ ହିଁ ଉକ୍ତ ମୋବାଇଲ ଫୋନରେ ଲୁଚି ରହିଥିବା ବେଳେ ପୁଲିସ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ସେ ଦିଗପ୍ରତି ଧ୍ୟାନ ଦେବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ସଞ୍ଜୟ ହତ୍ୟାକାଣ୍ଡ ଘଟଣା ଗଣିଆ ପୁଲିସ ପାଇଁ ଏବେ ମୁଣ୍ଡବଥାର କାରଣ ପାଲଟିଥିବା ବେଳେ ପୁଲିସ ଟିମ ପକ୍ଷରୁ ଏ ନେଇ ଅନୁସନ୍ଧାନ ଜାରି ରହିଥିବା ଜଣାପଡିଛି। ଘଟଣାସ୍ଥଳରୁ ସଞ୍ଜୟର ମୃତଦେହକୁ ପୁଲିସ ଜବତ କରିଥିଲେ ହେଁ ସେ ବ୍ୟବହାର କରୁଥିବା ମୋବାଇଲ ଫୋନଟିକୁ ପୁଲିସ ଅଦ୍ୟାବଧି ଜବତ କରି ପାରିନାହିଁ। ସଞ୍ଜୟର ମୋବାଇଲ ଫୋନ୍‌ରୁ ହିଁ ହତ୍ୟାକାଣ୍ଡ ଘଟଣାର ସମସ୍ତ ସୁରାକ ମିଳିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଥିବା ବେଳେ ପାରିପାର୍ଶ୍ୱିକ ତଥ୍ୟକୁ ଆଧାର କରି ପୁଲିସ ଘଟଣାର ଖୋଳତାଡ କରିବାକୁ ମୃତକଙ୍କ ପରିବାରବର୍ଗଙ୍କ ସମେତ କନ୍ଧମିରିଗି ଗ୍ରାମବାସୀ ଦାବି କରିଛନ୍ତି। ସଞ୍ଜୟର ହତ୍ୟାକାରୀଙ୍କ ପାଖରେ ମୋବାଇଲ ଫୋନଟି ମହଜୁଦ ଥିବା ନେଇ ସାଧାରଣରେ ସନ୍ଦେହ ଜାତ ହୋଇଥିବା ବେଳେ ନୟାଗଡ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ପୁଲିସ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଉପରୋକ୍ତ ଘଟଣାରେ ହସ୍ତକ୍ଷେପ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ମୃତକଙ୍କ ପରିବାରବର୍ଗ ଦାବି କରିଛନ୍ତି।

## ଶିଶୁମନ୍ଦିର ଗୁରୁମାଙ୍କୁ ଶ୍ରଦ୍ଧାଞ୍ଜଳି

**କଣ୍ଟାପଡ଼ା,୧୪।୫/ଏନ୍‌ଏନ୍‌ଏସ୍:** କଣ୍ଟାପଡ଼ା ବ୍ଲକ ଗୋବିନ୍ଦପୁର ଅନ୍ତର୍ଗତ ମାଙ୍ଗଠାରେ ଥିବା ସରସ୍ୱତୀ ଶିଶୁ ମନ୍ଦିରର ଗୁରୁମା ରଶ୍ମିତା ଦାସଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଚାଳନା କମିଟି ସମ୍ପାଦକ ବିନୟଭୂଷଣ ପାତ୍ର, ଉପସଭାପତି ଭୋଳାନାଥ ମହାନ୍ତି, ପ୍ରାକ୍ତନ ସମ୍ପାଦକ ଧନଞ୍ଜୟ ନାୟକ ଓ କୋଷାଧ୍ୟକ୍ଷ କମଳାକାନ୍ତ ଦାସଙ୍କ ସମେତ ତପନକୁମାର ମହାନ୍ତି ଓ ସୁଶ୍ରୀ ତେଜସ୍ୱିମୀ ମହାନ୍ତି ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## କମିଶନର ଦେଖିଲେ ବିପର୍ଯ୍ୟସ୍ତ ନଳା ଓ ବିଦ୍ୟୁତ୍ ଚୋରି

**ପୁରୀ,୧୪।୫/ଏନ୍‌ଏନ୍‌ଏସ୍:** ରଥଯାତ୍ରା ସମନ୍ୱୟ ସଭାରେ ଦେଇଥିବା କଥା ରକ୍ଷା କରି,ଲୋକେ ଭଲରେ ନିଦରୁ ଉଠି ନଥିଲା ବେଳେ, ସକାଳ ୬ଟା ୩୫ ରେ ଗୁଣ୍ଡିଚା ବିହାର ରେ ଦୀର୍ଘ ୧୨ ବର୍ଷ ଧରି ସଫା ନହୋଇ ଅଣ୍ଟାଏ ପଙ୍କ ର ବିପର୍ଯ୍ୟସ୍ତ ଛ'ଫୁଟ ଗହିର ନଳା,ସ୍ଲାବ ନଥିବା କାରଣରୁ ହେଉଥିବା ମଶାଚାଷକୁ ଆଖିପୁରେଇ ଦେଖିଛନ୍ତି ପୁରୀ ମୁନସିପାଲ କର୍ପୋରେସନ ର ନୂଆ ଆଇଏଏସ୍ ସ୍ନେହା ଅରଗୁଳା। ତାଙ୍କର ଏହି ଅଚାନକ ପରିଦର୍ଶନ ସମୟରେ ସାହି ମୁଖିଆ ଭଗବାନ ଦାଶ, ଅଶୋକ ମହାପାତ୍ର, ବଦ୍ରି ମିଶ୍ର, ଡାକ୍ତର ଜଗନ୍ନାଥ ମହାପାତ୍ର, ଅଶୋକ ରଥ, ଜଟାଧାରୀ ନନ୍ଦ, ଡାକ୍ତର ବିମଳ ପ୍ରସାଦ ମହାନ୍ତି, କୃତ୍ତିବାସ ଦାଶ,ସନ୍ତୋଷ ଦାଶ, ସୁରେନ୍ଦ୍ର ସାମନ୍ତରାୟ,ଆର.ଗୋବିନ୍ଦ ଦାସ,ଯଶୋବନ୍ତ ପ୍ରସାଦ ସିଂହ ସାମନ୍ତ, ପ୍ରଫୁଲ୍ଲ ମିଶ୍ର, ରାଜକିଶୋର ମିଶ୍ର, ଅସୀମ ଅଧିକାରୀ,



ଦୁର୍ଗାମାଧବ କର,ଅକ୍ଷୟ ମିଶ୍ର, ରାମଚନ୍ଦ୍ର ରଥ, ସଂଜୟ କୁମାର ପଣ୍ଡା, ସୁବାସ ଦାସ, ଯୋଗେନ୍ଦ୍ର ସିଂହ ସାମନ୍ତ, ସରସ୍ୱତୀ ମହାନ୍ତି, ଜ୍ୟୋତ୍ସ୍ନାରାଣୀ ସିହ୍ନା ପ୍ରମୁଖ ଉପସ୍ଥିତ ରହି ଅଞ୍ଚଳର ସମସ୍ୟା କମିଶନରଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଏହି ଅବସରରେ କମିଶନର ଶିଶୁପାର୍କ ଭିତରେ ବିନା ଲାଇସେନ୍ସ ଓ ବିଦ୍ୟୁତ୍ ସଂଯୋଗ ରେ ଚାଲିଥିବା ଏକ କଲ୍ୟାଣ ମଣ୍ଡପ ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। କଥା ଦେଇ କଥା ରଖିଥିବାରୁ ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ରାଜ୍ୟ ସଭାପତି ଡକ୍ଟର ବଦ୍ରି ମିଶ୍ର,କମିଶନର ସ୍ନେହା ଅରଗୁଳାଙ୍କୁ ଶାଲ ପ୍ରଦାନ କରିଥିବା ବେଳେ, ଗୁଣ୍ଡିଚା ବିହାର ସାହି କମିଟି ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଆଜି ଅପରାହ୍ନରୁ ଗୁଣ୍ଡିଚା ବିହାର ନଳା ସଫେଇ ଓ ସ୍ଲାବ ପକାଇବା କାମ ଆରମ୍ଭ କରିବାକୁ କମିଶନର ନିର୍ଦ୍ଦେଶ ଦେଇଥିଲେ।

## ଦୁଇ ବରିଷ୍ଠ ନାଗରିକଙ୍କ ବିୟୋଗରେ ଶୋକ

**ନୟାହାଟ,୧୪।୫/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ଦୁଇ ବରିଷ୍ଠ ନାଗରିକଙ୍କ ବିୟୋଗରେ ନୟାହାଟ ଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ମୃତ୍ୟୁବରଣ କରିଥିବା ବରିଷ୍ଠ ନାଗରିକ ଦୋୟ ହେଲେ ନରସିଂହପୁର ଗ୍ରାମର ପ୍ରହଲ୍ଲାଦ ସାହୁ(୬୮)ଓ ଖାଣିଜିପୁର ଗ୍ରାମର ପ୍ରଫୁଲ୍ଲ ଚରଣ ମହାନ୍ତି(୭୪) ଏହି ଦୁଇ ବରିଷ୍ଠ ନାଗରିକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ନିରବ ପ୍ରାର୍ଥନା କରାଯାଇଥିଲା। ଶୋକସଭାରେ ମଧୁସୂଦନ ରାୟ ସମ୍ପାଦକ କୈଳାସ ଚନ୍ଦ୍ର ଦାସ ସହସମ୍ପାଦକ କୃଷ୍ଣଚନ୍ଦ୍ର ବାରିକ, ଉପସଭାପତି ସୁରେନ୍ଦ୍ର ମୋହନ ବୀଟି, ମହମ୍ମଦ ତୟବ, ମିର୍ଜା ଆଲମ୍ ବେଗ, କରୁଣାକର ପାତ୍ର, ରଞ୍ଜନ ପାତ୍ର, ରମେଶ ଚନ୍ଦ୍ର ବୀଟି, ଗୁରୁପ୍ରସାଦ ମହାନ୍ତି, ମଧବାନନ୍ଦ ନନ୍ଦି ପ୍ରମୁଖ ଶୋକସଭାରେ ଯୋଗଦେଇଥିଲେ।

## 'ମୋ ଓଡ଼ିଶା କାହାଣୀ' ସାମୂହିକ ଗଳ୍ପ କଥନ କର୍ମଶାଳା

**ପୁରୀ,୧୪।୫/ଏନ୍‌ଏନ୍‌ଏସ୍:** ଆଉ ୧୦ବର୍ଷ ଗଲେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତ ବାର୍ଷିକୀ ପାଳନ କରିବ। ବିକଶିତ ଓଡ଼ିଶାର ସ୍ୱର ସମଗ୍ର ଦେଶରେ ପ୍ରତିଧ୍ୱନିତ ହେବା ପାଇଁ ପ୍ରତି ଓଡ଼ିଆର ଦାୟିତ୍ୱ ଅଛି। ଏହି ଦାୟୀତ୍ୱବୋଧକୁ କିପରି ପାଳନ କରି ହେବ, ଆମର ବ୍ୟକ୍ତିଗତ ଉପଲବ୍ଧିର ଗାଥାକୁ କିପରି ସାମଗ୍ରିକ ବିକାଶର ସୂତ୍ରରେ ବାନ୍ଧି ସମଗ୍ର ବିଶ୍ୱ ଆଗରେ ଚୁମ୍ବକୀୟ କାହାଣୀ ମାଧ୍ୟମରେ ଉପସ୍ଥାପନ କରିହେବ, ଗ୍ରାହକ ରୁଚି ଅନୁସାରେ ନିଜର ଉତ୍ପାଦକୁ କିପରି ସିଧାସଳଖ ବଜାରରେ ବିକ୍ରି କରି ରାଷ୍ଟ୍ରିୟ ଅର୍ଥନୀତିକୁ ସୁଦୃଢ଼ କରି ହେବ ସେ ପ୍ରସଙ୍ଗରେ ଦିଲ୍ଲୀ ସ୍ଥିତ ପ୍ଲକ୍ ଓ ସ୍ଥାନୀୟ ସେଚ୍ଛାସେବୀ ଅନୁଷ୍ଠାନ ସଂପର୍କର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ୟୁଥ୍ ହଷ୍ଟେଲ ପରିସରରେ ଆୟୋଜିତ ହୋଇଯାଇଛି ଏକ ଦୁଇ ଦିବସୀୟ କର୍ମଶାଳା। ଏଥିରେ ଅତିଥି ଭାବେ ଯୋଗ ଦେଇ ପ୍ରାକ୍ତନ ପ୍ରଶାସକ ପଦ୍ମନାଭ ପଣ୍ଡା କହିଥିଲେ ଯେ, ଆଜିର ଓଡ଼ିଶା ଏକ ଆଦର୍ଶ ପ୍ରଦେଶ। ସଂସ୍କୃତି, ପର୍ଯ୍ୟଟନ, କୃଷି, ବୟନ ଶିଳ୍ପ, ହସ୍ତ ଶିଳ୍ପ, ସୌରଶକ୍ତି, କ୍ରୀଡ଼ା, ବିପର୍ଯ୍ୟୟ ପରିଚାଳନା ସବୁ କ୍ଷେତ୍ରରେ ଆଜି ଓଡ଼ିଶାର ଉଦାହରଣ ଆସେ। ଆମ ରାଜ୍ୟର ପ୍ରତି ବିଭବ ପଛରେ ଅଛି ଅନେକ ସୁନ୍ଦର କାହାଣୀ। ଏହି ସବୁ କାହାଣୀ ମାଧ୍ୟମରେ ଆମର୍ ବିକଶିତ ପ୍ରତିଭା ଓ ଲୁକାୟିତ ଉତ୍ପାଦକୁ ବିଶ୍ୱ ସମୁଦାୟ ଆଗରେ ଉପସ୍ଥାପନ କରିବାକୁ ହେବ। ଫଳରେ ଓଡ଼ିଶା ଯେ




ସେହି ଉତ୍କଳ ଯାହାର କଳା ସର୍ବଦା ଉତ୍କର୍ଷ ବୋଲି ସମସ୍ତେ ଜାଣିବେ। ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ସୂଚନା ଓ ଲୋକସଂପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କହିଲେ ଯେ, ସାମାଜିକ ଗଣମାଧ୍ୟମ ଜରିଆରେ କିପରି ଭାବରେ ଓଡିଶାର ବିକାଶର ଚିତ୍ରକୁ ବ୍ୟକ୍ତିଗତ ବିକାଶର ସୁନ୍ଦର କାହାଣୀ ମାଧ୍ୟମରେ ଉପସ୍ଥାପନ କରାଯାଇ ପାରିବ, ଏହି କର୍ମଶାଳା ସେଥିପାଇଁ ଉଦ୍ଦିଷ୍ଟ। ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ବାଲୁକାଶିଳ୍ପୀ ମାନସ ସାହୁ ଅନୁଷ୍ଠାନର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ସଂପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି କର୍ମଶାଳାରେ ଶିଳ୍ପୀ ଗୁରୁ କୃଷ୍ଣଚନ୍ଦ୍ର ମହାନ୍ତି, ପ୍ଲକର ସହଯୋଗୀ ନିର୍ଦ୍ଦେଶକ ଅଭିଷେକ ରାଜ ସିହ୍ନା, ପ୍ରଶିକ୍ଷିକା ନାଜିଆ ଜୀ, ରଶ୍ମିତା ସିଂହ ଯୋଗ ଦେଇ ସୁନ୍ଦର ଉପସ୍ଥାପନା ମାଧ୍ୟମରେ ଉତ୍ପାଦ ସମୂହର ଉପଯୁକ୍ତ ଉପସ୍ଥାପନା ଓ ଉପଯୁକ୍ତ ବଜାର ସୃଷ୍ଟିର ଯୋଜନା ସମ୍ପର୍କରେ ପ୍ରଶିକ୍ଷାର୍ଥୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ମାନସ କୁମାର ବାରିକ୍ ଯୋଗ ଦେଇ ସମ୍ପର୍କକୁ ଶୁଭେଚ୍ଛା ଜଣାଇବା ସହ କେମିତି ଆଗକୁ ଏହି କ୍ଷେତ୍ରରେ ଅଧିକ ଉଦ୍ୟୋଗୀ ହେବେ ସେ ନେଇ ମତବ୍ୟକ୍ତ କରିଥିଲେ। ସାମାଜିକ ଗଣମାଧ୍ୟମର ପ୍ରତ୍ୟୁଷ ଦାସ, ଆଶିଷ କୁମାର ମାର୍ଥା, ସବ୍ୟସାଚୀ, ବାସୁଦେବ ସେନାପତି, ଶୁଭପ୍ରସାଦ ଶର୍ମା, ରାକେଶ ସେଠୀ, ସୁନୀଲ, ଆଶୁତୋଷ ବିଶ୍ୱାଳ, ସୁନୀଲ ମହାପାତ୍ରେ, ଦିବ୍ୟଦିପ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ସମାଜସେବୀଙ୍କ ସ୍ମୃତିଚାରଣ ସଭା

**ଅସ୍ତରଙ୍ଗ,୧୪।୫/ଏନ୍‌ଏନ୍‌ଏସ୍:** କାକଟପୁର ନିକଟସ୍ଥ ଆଖୁରିଆ ଗ୍ରାମ ର ସମାଜସେବୀ ବିପିନ ବିହାରୀ ମହାନ୍ତି ଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। କବି ଡ଼ଃ ହୃଦାନନ୍ଦ ସାସମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କାକଟପୁର ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ସହ ଶିକ୍ଷାଧିକାରୀ ବ୍ରହ୍ମାନନ୍ଦ କାଣ୍ଡି, ମଲ୍ଲିକ ଜାକିର ହୁସେନ, ସିଆର୍‌ସିସି ସନ୍ତୋଷ କୁମାର ସାହୁ, ବରିଷ୍ଠ କବି ଡ଼ଃ ତ୍ରିଲୋଚନ ବିଶ୍ୱାଳ, ରାଜକିଶୋର ବେହେରା, ହୀରଣ୍ୟ କଶ୍ୟପ ଓଝା, ସୁବାଷ ଚନ୍ଦ୍ର ମଲ୍ଲ, ରଂଜିତ ନାୟକ, ଆଲୋକ ସ୍ୱାଇଁ, ଅକ୍ଷୟ ଖୁଣ୍ଟିଆ, ମୁକାରିବ ଖାଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ପରେ ଆୟୋଜିତ ସ୍ମୃତିସଭାରେ ଅତିଥିମାନେ ତାଙ୍କର ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ପୁତ୍ର ତଥା କାକଟପୁର ବ୍ଲକ୍‌ର ଶିକ୍ଷକ ନେତା ବିଷ୍ଣୁ ଚରଣ ମହାନ୍ତି, ପରିବାର, ବନ୍ଧୁବର୍ଗ, ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

## ଡିଜିପି କାର୍ଯ୍ୟାଳୟ ଘେରିବ ସିପିଆଇ

**କଟକ,୧୪।୫/ଏନ୍‌ଏନ୍‌ଏସ୍:** ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଅଭିଯୋଗ କରି ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଘେରିବ। ଏନେଇ ଜିଲ୍ଲା ସମ୍ପାଦକ ବିନୋଦ ବେହେରା, ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର, ରାଜ୍ୟ ନେତା ଅମରେନ୍ଦୁ ମହାନ୍ତି, ଉଦୟ ବର୍ମା, କିଶୋର ଜେନା, ଅଶୋକ ଡା, କ୍ଷୀରୋଦ ବିଶ୍ୱାଳ, ତ୍ରୈଲୋକ୍ୟ ନାଥ, ରଂଜନ ଓଝା, ରମେଶ ନାୟକ, ସୁନାକର ବରାଳ, ସଞ୍ଜୟ ପରିଜା ଏକ ପ୍ରେସ ବାର୍ତ୍ତାରେ ସୂଚନା ଦେଇଛନ୍ତି।

## ଗୋ-ଚାଲାଣ ଅଭିଯୋଗରେ ୫ ଗିରଫ

**ଡେଲାଙ୍ଗ,୧୪।୫/ଏନ୍‌ଏନ୍‌ଏସ୍:** ଗୋଚାଲାଣ ଅଭିଯୋଗରେ ୫ ଗୋପାଳକ ଗିରଫ ହୋଇଥିବା ପୁଲିସ ଠାରୁ ସୁଚନା ମିଳିଛି। ସେମାନେ ହେଲେ ପିପିଲି ଥାନା ଅଧୀନ ନିର୍ମଳା ଗ୍ରାମର ତପନ ବେହେରା(୩୦), ପୋଡଙ୍ଗର ବିକାଶ ବେହେରା(୩୩), ଗୌଡହୁଙ୍କା ବିଜୟ କୁମାର ବେହେରା(୪୮), ବୁଢାପଡା ଜଟଣୀ ଅଞ୍ଚଳର କୃଷ୍ଣଚନ୍ଦ୍ର ବେହେରା(୩୦), ପୁରୀ ସଦର ବାଟଗାଁ ଶଶିକାନ୍ତ ବେହେରା(୨୬) ବୋଲି ପୋଲିସ ଠାରୁ ସୂଚନା ମିଳିଛି। ମିଳିଥିବା ସୁଚନା ମୁତାବକ ଡେଲାଙ୍ଗ ଗଡମାଣିତ୍ରି ଠାରେ ଗୋପାଳକ ମାନେ ମଙ୍ଗଳବାର ରାତିରେ ପାଖାପାଖି ଶହେରୁ ଅଧିକ ଗାଇଗୋରୁଙ୍କୁ ସାଥିରେ ନେଇ ପରଙ୍ଗ ଅଭିମୁଖେ ଯାଉଥିଲେ। ରାତି ଅଧରେ ଗାଇଗୋରୁଙ୍କୁ ନେବା ସମୟରେ ସେମାନଙ୍କୁ ହିନ୍ଦୁ ଜାଗରଣ ମଞ୍ଚର ଯୁବକମାନେ ଅଟକାଇବା ସହ ତାଙ୍କୁ ମରଣାନ୍ତକ ଆକ୍ରମଣକରି ସେମାନଙ୍କ ଗାଡି ଓ ମୋବାଇଲ ଛଡାଇ ନେଇଯାଇଥିବା ନେଇ ଗୋପାଳକ କୈଳାସ ବେହେରା ଡେଲାଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଡେଲାଙ୍ଗ ଥାନାରେ କୈଳାସଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ହିନ୍ଦୁ ଜାଗରଣ ମଞ୍ଚର ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇଥିବା ଜଣାପଡିଛି। ହେଲେ ଦୁଃଖ ଏବଂ ପରିତାପର ବିଷୟ ଆକ୍ରମଣର ଶିକାର ହୋଇଥିବା ୫ଗୋପାଳକଙ୍କୁ ଡେଲାଙ୍ଗ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ହିନ୍ଦୁ ଜାଗରଣ ମଞ୍ଚ ନାମରେ ହୋଇଥିବା ମାମଲାରେ ପୋଲିସ କାହାରିକୁ ଗିରଫ କରିନାହିଁ। ଏହାକୁ ନେଇ ବେହେରା ସମ୍ପ୍ରଦାୟର ଲୋକେ ପୋଲିସ ପ୍ରଶାସନର କାର୍ଯ୍ୟ ଦକ୍ଷତା ନେଇ ପ୍ରଶ୍ନ ଉଠାଇଛନ୍ତି। ଡେଲାଙ୍ଗ ପୋଲିସ ଏହି ଘଟଣାରେ ପ୍ରକୃତ ତଦନ୍ତ ନକରି ତରବରିଆ ଭାବେ ଗୋପାଳକଙ୍କୁ ଗିରଫ କରି କାମ ସାରିଦେଇଥିବା ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ସାହୁ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଏମାନେ ଦୀର୍ଘବର୍ଷ ଧରି ନିଜର ଗାଈଗୋଠଙ୍କୁ ବର୍ଷାଦିନ ଚରାଇବା ପାଇଁ ପାହାଡ଼ିଆ ଅଞ୍ଚଳ (ପରଙ୍ଗ)କୁ ନେଇଯାଇଥାନ୍ତି। କିନ୍ତୁ ତାଙ୍କୁ ପ୍ରଥମେ ଗୋଚାଲାଣକାରୀ ଭାବି ଆକ୍ରମଣ କରାଗଲା। ସେମାନଙ୍କଠାରୁ ଗାଡି, ମୋବାଇଲ ଓ ଶତାଧିକ ଗୋରୁଙ୍କୁ ଛଡ଼ାଇନେଲେ। ପୋଲିସ ପହଞ୍ଚି ଆକ୍ରମଣକାରୀଙ୍କ ଠାରୁ ଉଦ୍ଧାର କରି ମେଡିକାଲ୍ ପଠାଇଥିଲେ।

### ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଅଭିଯୋଗ

# ଡିଜିପି କାର୍ଯ୍ୟାଳୟ ଘେରିଲା ଜିଲ୍ଲା ବିଜେଡି

**କଟକ,୧୪।୫/ଏନ୍‌ଏନ୍‌ଏସ୍:** ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବିରୋଧରେ ଆଜି କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) କାର୍ଯ୍ୟାଳୟ ଘେରଉ କରାଯାଇଛି। ଆଜି ମାତା ମଠ ଠାରୁ ଏକ ବିରାଟ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ନେତୃତ୍ୱରେ ବାହାରି ମସ୍ତାନ ଦରଘା, ମଣିସାହୁ ଛକ ଦେଇ ବକ୍ସିବଜାର ସ୍ଥିତ ଡିଜିପିଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରାଗଲା ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡିଜିପିଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।




ଗତ ପ୍ରାୟ ଦୁଇବର୍ଷ ହେବ ଓଡ଼ିଶାରେ ଆଇନ ଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ଅବସ୍ଥାରେ ପହଞ୍ଚିଛି। ରାଷ୍ଟ୍ରୀୟ ଅପରାଧ ରେକର୍ଡ ବ୍ୟୁରୋର ସଦ୍ୟତମ ତଥ୍ୟ ଅନୁସାରେ ଓଡ଼ିଶା ସାରା ଦେଶରେ ଜନସଂଖ୍ୟା ଅନୁପାତରେ ସବୁଠାରୁ ଅଧିକ ଗୁରୁତ୍ୱର ଅପରାଧ ପଞ୍ଜିକୃତ ହୋଇଛି। ପୁଲିସର ନିଷ୍କ୍ରିୟତା ଯୋଗୁ ରାଜଧାନୀ ଉପକଣ୍ଠ ବାଲିଅନ୍ତା ଠାରେ ସୌମ୍ୟ ସ୍ୱାଇଁ ହତ୍ୟାକାଣ୍ଡ ଘଟିଛି। ପୁଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ହୋଇଥିଲେ ଏକ ଅମୂଲ୍ୟ ଜୀବନକୁ ରକ୍ଷା କରାଯାଇପାରିଥାଆନ୍ତା। ବାଲିଅନ୍ତା ବ୍ୟତୀତ ସୁନ୍ଦରଗଡ଼, ନୟାଗଡ଼ର ଓଡଗାଁ, ବାଲେଶ୍ୱରରେ ଏପରି ଅଭାବନୀୟ କାଣ୍ଡ ଘଟିଛି। ରାୟଗଡ଼ା ଜିଲ୍ଲା ସିଜିମାଳିରେ ଘଟିଥିବା ହିଂସାକାଣ୍ଡ ପୁଲିସ ପ୍ରଶାସନର ବିଫଳତା ଦର୍ଶାଉଛି। ପରିସ୍ଥିତି ଏମିତି ଉତ୍କଟ ଆକାର ଧାରଣ କରିଛି ଯେ ଝିଅ ଏବଂ ମହିଳାମାନେ ଓଡିଶାରେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହାଛଡା ଗତ ୨ବର୍ଷ ମଧ୍ୟରେ ଘଟିଥିବା ଅପରାଧ ଘଟଣାର ଅବତାରଣା ସ୍ମାରକପତ୍ରରେ ଉଲ୍ଲେଖ ରହିଛି।

ଆଜିର ଏହି ବିକ୍ଷୋଭ ସମାବେଶରେ ରାଜ୍ୟ ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ପୂର୍ବତନ ମନ୍ତ୍ରୀ ତଥା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ଚନ୍ଦ୍ର ସାରଥୀ ବେହେରା, ରାଜ୍ୟସଭା ସାଂସଦ ସୁଲତା ଦେଓ, ମେୟର ସୁବାସ ସିଂହ, ଜିଲ୍ଲା ପରିଷଦ ଅଧ୍ୟକ୍ଷ କିଶୋର ମିଶ୍ର, ବିଧାୟକ ପ୍ରଶାନ୍ତ ବେହେରା, ଡାକ୍ତର ପ୍ରମୋଦ ମଲ୍ଲିକ, ରାଜ୍ୟ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ମହମ୍ମଦ ସକିଲ, ସୁରେନ୍ଦ୍ର ନାଥ ମହାପାତ୍ର, ଶିଶିର ପରିଜା, ରାଜ୍ୟ ବିଜେଡି ସମ୍ପାଦକ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଚିରଞ୍ଜୟ ସାହୁ, ସୌମିତ ମିତ୍ର, ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ, ରାଜ୍ୟ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍ସିତା ସାହୁ, ମିନତୀ ବେହେରା, ରାଜ୍ୟ ବିଜେଡି ମୁଖପାତ୍ର ଡ଼କ୍ଟର ପ୍ରିୟବ୍ରତ ମାଝୀ, ମହିଳା ବିଜେଡି ଜୋନାଲ ଅଧକ୍ଷା ଜ୍ୟୋସ୍ନା ପରିଡ଼ା, କଟକ ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ଅନିତା ବେହେରା, ପ୍ରକାଶ ସିଂହ, ପ୍ରଶାନ୍ତ ନାୟକ, ସ୍ମୃତି ରଞ୍ଜନ ନାୟକ, ସୁମନ ବେହେରା, ନନ୍ଦଲାଲ ସିଂହ, ଜ୍ୟୋତି ରେଖା ନାୟକ, ପୁଲକ ମହାନ୍ତି, ଭାଗିରଥି ନନ୍ଦ, ଦିଲ୍ଲୀପ ବିଶ୍ୱାଳ, ରବି ସାହୁ, ନାରାୟଣ ନାୟକ, ପ୍ରମୋଦ ମହାପାତ୍ର, ଅଚ୍ୟୁତ ଦାସ, ପିୟୁଷ ମିଶ୍ର, ମିତାଲି ରାଉଳ, ବାସନ୍ତୀ ରାଉତ, ତାପସ ମହାନ୍ତି, ରମଜାନ ଖାନ, ସୟଦ ଏକରାମ ହୁସେନ, ଜନସନ ମହାପାତ୍ର, ସେକ ରିୟାଜୁଲ୍ଲା, ଯୁଧିଷ୍ଠିର ବିଶ୍ୱାଳ, ଅଜିତ ଧୀର, ନିଶିଥ କରଣ, ନିମାଇଁ ବିଶ୍ୱାଳ, ରାଜେନ୍ଦ୍ର ରଣା, ଜ୍ୟୋତି ପ୍ରକାଶ ସ୍ୱାଇଁ, ଧୀରେନ୍ଦ୍ର ଜେଠୀ ପ୍ରମୁଖ ଯୋଗଦେଇଥିଲେ।

### ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ୭୦ତମ ଜୟନ୍ତୀ

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସେବାମୂଳକ ପଦକ୍ଷେପ

**କଟକ,୧୪।୫/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଏହାର ପ୍ରତିଷ୍ଠାତା ଏବଂ ଆଜୀବନ ସଭାପତି ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ୭୦ତମ ଜୟନ୍ତୀ ଉତ୍ସବ ନିରାଡ଼ମ୍ବର ଭାବରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତରଫରୁ ବିଭିନ୍ନ ସେବାଦାନ ମାଧ୍ୟମରେ ଗୁରୁଦେବଙ୍କ ଜନ୍ମଦିବସକୁ ସ୍ମରଣୀୟ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ପରିସର ତଥା ଏହାର ବାହାର ପାର୍ଶ୍ୱରେ ସଫେଇ ଅଭିଯାନ, ଜଳଛତ୍ର ଦ୍ୱାରା ତୃଷାର୍ତ୍ତଙ୍କୁ ସୁମଧୁର ପଣା ବିତରଣ, ସ୍ୱାସ୍ଥ୍ୟ ସଚେତନତା ଅଭିଯାନ, ଆଖପାଖର ଗ୍ରାମଗୁଡ଼ିକରେ ବିଭିନ୍ନ ଅତ୍ୟାବଶ୍ୟକ ତଥା ନିତ୍ୟବ୍ୟବହାର୍ଯ୍ୟ ଜିନିଷ ଓ ପୋଷାକ



ବଣ୍ଟନ, ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଜୀବଜନ୍ତୁଙ୍କୁ ଶୀତଳ ପାନୀୟ ଜଳ ଆଦି ସେବାଦାନ, ଲୋକଙ୍କୁ ଖାଦ୍ୟ ପାନୀୟ ବିତରଣ ଏବଂ ସର୍ବୋପରି ପାକଶାଳାରେ ଖାଦ୍ୟ ପ୍ରସ୍ତୁତି ଓ ବିତରଣ ମାଧ୍ୟମରେ ସେବା ପ୍ରଦାନ ଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ମନୋସ୍ୱାସ୍ଥ୍ୟ ସଚେତନତା ପାଇଁ ନିଃଶୁଳ୍କ ପରାମର୍ଶ ଶିବିର, ଇଇଜିମାଧ୍ୟମରେ ବ୍ରେନ୍ ପ୍ରୋଫାଇଲିଂ ଇତ୍ୟାଦି ଆୟୋଜିତ ହୋଇଥିବା ବେଳେ ମ୍ୟାନେଜମେଣ୍ଟ ବିଭାଗ ପକ୍ଷରୁ ପାଣି ବୋତଲ ବିତରଣ କରାଯାଇ ଥିଲା। ଏହିପରି ସେବାମୂଳକ କାର୍ଯ୍ୟ କରି ସ୍ଥାନୀୟ ଅଞ୍ଚଳରେ ଏକ ସକାରାତ୍ମକ ବାତାବରଣ ସୃଷ୍ଟି କରିବାରେ ସକ୍ଷମ ହୋଇଥିବାରୁ ବିଶ୍ୱବିଦ୍ୟାଳୟ କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଡ. ତେଜପ୍ରତାପ, କୁଳସଚିବ ପ୍ରଫେସର ଡ. ଅନିଲ କୁମାର ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଏବଂ ମାନବ ସମ୍ବଳ ବିଭାଗ ଉପ ନିର୍ଦ୍ଦେଶକ ଜ୍ୟୋତିରଂଜନ ଗଡ଼ନାୟକ ପ୍ରମୁଖ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ ସ୍ୱେଚ୍ଛାସେବୀଙ୍କୁ ସାଧୁବାଦ ଜଣାଇଥିଲେ।

## ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାରେ କଂଗ୍ରେସର ବିକ୍ଷୋଭ

**କଟକ,୧୪।୫/ଏନ୍‌ଏନ୍‌ଏସ୍:** ନିଟ ପ୍ରଶ୍ନ ପତ୍ର ଲିକ୍ ଘଟଣାକୁ ନେଇ ସାରା ଦେଶରେ ପ୍ରତିବାଦ ଦେଖାଦେଇଥିବା ବେଳେ କଟକ ନଗର(ଜିଲ୍ଲା) ଯୁବ କଂଗ୍ରେସ ପକ୍ଷରୁ ସଭାପତି ଆଇନଜିବୀ ଡ଼ ବିପ୍ଳବ ଶିଳାଦିତ୍ୟଙ୍କ ନେତୃତ୍ୱରେ ଲିଙ୍କରୋଡ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ନୈତିକ ଦୃଷ୍ଟିରୁ କେନ୍ଦ୍ରମନ୍ତ୍ରୀ ଇସ୍ତଫା ଦେବାସହ ଏଥିରେ ସମ୍ପୃକ୍ତ ଦୋଷୀ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଯୁବ କଂଗ୍ରେସ ଦାବି କରିଛି। ଏହାଛଡ଼ା ନିଟ୍ ୟୁଜି ଭଳି ଅନ୍ୟାନ୍ୟ କେନ୍ଦ୍ରୀୟ ପରୀକ୍ଷା ପରିଚାଳନା କରୁଥିବା ଏନଟିଏକୁ ସମ୍ପୂର୍ଣ୍ଣ ବାତିଲ କରି ସମସ୍ତ ପରୀକ୍ଷା ସରକାର ନିଜେ ସ୍ୱଚ୍ଛତାର ସହିତ ପରିଚାଳନା କରିବାକୁ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ପିସିସି ସଭ୍ୟ ବିଶ୍ୱନାଥ ଶତପଥୀ, ଜିଲ୍ଲା କଂଗ୍ରେସ




ଉପସଭାପତି ରାମଚନ୍ଦ୍ର ଗୋଛାୟତ, ପିସିସି ମୁଖପାତ୍ର ଅଶୋକ ସ୍ୱାଇଁ, ଜିଲ୍ଲା କଂଗ୍ରେସର ପ୍ରାକ୍ତନ ବରିଷ୍ଠ ଉପସଭାପତି ଶିଶିର ରଥ, କଟକ ନଗର(ଜିଲ୍ଲା)କଂଗ୍ରେସ ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ନିର୍ମଳ ସ୍ୱାଇଁ ଓ ପ୍ରଦୀପ ପ୍ରଧାନ, ସୀତାକାନ୍ତ ପଣ୍ଡା ଓ ଜ୍ଞାନେସୁ ନାୟକ, ହିମାଂଶୁ ରାଉତ୍, ରାଜେଶ୍ ସ୍ୱାଇଁ, ଜଗନ୍ନାଥ ପଟ୍ଟନାୟକ, ଶିବ ଅଗ୍ରୱାଲ, ଆଶୁତୋଷ ରାଉତ୍, ରଜନୀ ବସ୍ତିଆ, ଲିପୁଲ ରାଉତଙ୍କ ସମେତ କାହ୍ନୁଚରଣ ସାହୁ, ଅର୍ମାନ ପ୍ରଧାନ, ସୁମିତ୍ ବେହେରା, ଶୁଭ ରଞ୍ଜନ ରାଉତରାୟ ଓ ଅମିତ୍ ବିଶୋଇ ପ୍ରମୁଖ ପ୍ରତିବାଦରେ ସାମିଲ ହୋଇଥିଲେ।

## ୨ ଲୁଟେରା ଗିରଫ

**କଟକ,୧୪।୫/ଏନ୍‌ଏନ୍‌ଏସ୍:** କଟକ ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ଧାରାବାହିକ ଭାବେ ଲୁଟ କରୁଥିବା ୨ ଜଣ ଲୁଟେରାଙ୍କୁ ଆଜି ବିଡ଼ାନାସୀ ଥନା ପୁଲିସ ଗିରଫ କରିଛି। ଗିରଫ ଦ୍ୱୟ ହେଲେ କନ୍ଦରପୁର ଥାନା ଅନ୍ତର୍ଗତ ଦଣ୍ଡୁଆସୀପଡାର ବାମଦେବ ସାହୁ (୫୩) ଓ ଢେଙ୍କାନାଳ ରାସୋଳ ଥାନା ଅନତର୍ଗତ ଗଣ୍ଡାନାଳୀର ଅଜୟ ପ୍ରଧାନ (୪୫)। ଏମାନଙ୍କ ଠାରୁ ଗୋଟିଏ ଲାପଟପ୍, ୮ଟି ମୋବାଇଲ୍ ଓ ନୂଆ ସାର୍ଟପ୍ୟାଣ୍ଟ ଜବତ କରାଯାଇଛି। ବାମଦେବ ନାମରେ ଭଦ୍ରକ, ଯାଜପୁର ଓ କଟକ ସହରର ବିଭିନ ସ୍ଥାନରେ ୧୩ଟି ମାମଲା ରହିଛି। ସେହିପରି ଅଜୟ ନାମରେ ଥିବା ମାମଲା ସଂକ୍ରାନ୍ତର ପୁଲିସ ତଦନ୍ତ ଚଳାଇଛି। ଆଜି ଦୁହିଁଙ୍କୁ କୋର୍ଟଚାଲାଣ କରଯାଇଛି।



## ଏସ୍‌ସିବି ମେଡିକାଲ୍‌ର ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘ ସମ୍ମିଳନୀ

**କଟକ,୧୪।୫/ଏନ୍‌ଏନ୍‌ଏସ୍:** ଏସସବି ମେଡିକାଲ୍ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ଏକ କର୍ମଚାରୀ ସମ୍ମିଳନୀ ମେଡିକାଲ୍ ପରିସରରେ ରାଜ୍ୟ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂଘର ମୁଖ୍ୟ ଉପଦେଷ୍ଟା ଡା. ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗ ଦେଇଥିଲେ। ରାଜ୍ୟ ସଂଘର ସାଧାରଣ ସଂପାଦକ ପ୍ରସନ୍ନ କୁମାର ସମାଲ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏସ୍‌ସିବି ସଂଘର କାର୍ଯ୍ୟକାଳ ପୂରିଯାଇ ଅଛି ବୋଲି ଏସସିବି ସଂଘର ସଂପାଦକ ରାମଚନ୍ଦ୍ର ପ୍ରଧାନ ସଭାରେ ଉପସ୍ଥାପନା କରିଥିଲେ ଏବଂ ସଭାରେ ଉପସ୍ଥିତ ସମସ୍ତ କର୍ମଚାରୀମାନଙ୍କର ସର୍ବସନ୍ମତି ଓ ଅନୁରୋଧକ୍ରମେ ରାମଚନ୍ଦ୍ର ପ୍ରଧାନଙ୍କୁ ଆଗାମୀ ୨ ବର୍ଷ ଏସସିବି ମେଡିକାଲ ୪ର୍ଥଶ୍ରେଣୀ କର୍ମଚାରୀ ସଂଘର ସଂପାଦକ ରୂପେ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ଉପସ୍ଥିତ ସମସ୍ତ କର୍ମଚାରୀମାନେ ଏହି ନିଷ୍ପତ୍ତିକୁ କସ୍ୱାଗତ କରିଥିଲେ। ସଂଘର



କର୍ମକର୍ତ୍ତାଭାବେ ସଭାପତି ପୂର୍ଣ୍ଣଚନ୍ଦ୍ର ରାଉତ, ସଂପାଦକ ରାମଚନ୍ଦ୍ର ପ୍ରଧାନ, ଯୁଗ୍ମ ସଂପାଦକ ରବିନ୍ଦ୍ର ବେହେରା, ଯୁଗ୍ମ ସଂପାଦିକା ଯଜ୍ଞ ଦେଇ, କୋଷାଧ୍ୟକ୍ଷଭାବେ ଚନ୍ଦନ ପ୍ରଧାନ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। କମିଟି ମେମ୍ବର ଭାବେ ଯଯାତି କିଶୋର ସ୍ୱାଇଁ, ସୁବାସ ଚନ୍ଦ୍ର ନାୟକ, ପ୍ରଦୀପ କୁମାର ପଟ୍ଟ ନାୟକ, ଜୟଦେବ ଦାସ, ଧନେଶ୍ୱର ବାରିକ, ବସନ୍ତ ବାରିକ, ମାଧବ ଚନ୍ଦ୍ର ସାହୁ, ରଞ୍ଜନ ନାଏକ, ନୃସିଂହ ମହାରଣା, ଅନୁପମା ସାହୁ ଓ ଶକୁନ୍ତଳା ଭୋଇଙ୍କୁ ଆଗାମୀ ୨ ବର୍ଷ ପାଇଁ ମନୋନୀତ କରାଯାଇଛି।

## ଧନେଶ୍ୱର ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ର ବାର୍ଷିକୋତ୍ସବ

**କଟକ,୧୪।୫/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ବାଲିକୁଦା ଉତ୍ତମାପୁରସ୍ଥିତ ଓଡ଼ିଶାର ଅନ୍ୟତମ ନର୍ସିଂ ଶିକ୍ଷାନୁଷ୍ଠାନ ସମୂହ ଧନେଶ୍ୱର ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁସନରେ ଆନ୍ତର୍ଜାତିକ ନର୍ସିଂ ଦିବସ ଓ ୨୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଫ୍ଲୋରେନ୍ସ ନାଇଟାଙ୍ଗେଲଙ୍କ ଜନ୍ମ ଦିବସ ଅବସରରେ ଅର୍ବାନ୍ ଓଆସିସ୍ କନ୍‌ଭେନ୍‌ସନ୍‌ଠାରେ ଆୟୋଜିତ ଏହି ଉତ୍ସବକୁ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ନର୍ସିଂ ଛାତ୍ର ଛାତ୍ରୀମାନଙ୍କୁ ଉତ୍ସର୍ଗୀକୃତ ସେବା ମନୋବୃତ୍ତି ନେଇ କାର୍ଯ୍ୟ କରିବା ସହ ରୋଗୀମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଭିନ୍ନ ସମୟରେ ରକ୍ତଦାନ ଶିବିର ଆୟୋଜନ, ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା, ଖରାଦିନରେ ଜଳଛତ୍ର ଏବଂ ବୃଦ୍ଧାଶ୍ରମ ଓ ଅନାଥ ଆଶ୍ରମରେ ରାସନ ବଣ୍ଟନ ଇତ୍ୟାଦି କାର୍ଯ୍ୟ ମାଧ୍ୟମରେ ସାମାଜିକ ଦାୟିତ୍ୱ ସମ୍ପନ୍ନ କରିଆସୁଥିବା ଧନେଶ୍ୱର ଗ୍ରୁପର ଭୂମିକାକୁ ବିଧାୟକ ଶ୍ରୀ ବିଶ୍ୱାଳ ବେଶ୍ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ପ୍ରଫେସର



ଡ଼ା ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଏବଂ ଡ଼ା ଜୟଶ୍ରୀ ପଟ୍ଟ ନାୟକ ଯୋଗଦେଇ ନର୍ସିଂକୁ ଏକ ମହନୀୟ ବୃତ୍ତିଭାବରେ ବର୍ଣ୍ଣନା କରି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସେବିକାମାନଙ୍କର ଅବଦାନ ଅତୁଳନୀୟ ବୋଲି କହିଥିଲେ। ଅନ୍ୟତମ ଅତିଥି ବିଶିଷ୍ଟ ଉଦର ରୋଗ ବିଶେଷଜ୍ଞ ପ୍ରଫେସର ଡା. ଅଜିତ ପ୍ରସାଦ ଜେନା ଓ ବିଶିଷ୍ଟ ଶଲ୍ୟ ଚିକିତ୍ସକ ଡା. ଉମେଶ ରାୟ ଆଧୁନିକ ନର୍ସିଂର ଜନ୍ମଦାତ୍ରୀ ଫ୍ଲୋରେନ୍ସ ନାଇଟାଙ୍ଗେଲଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ ବିଦ୍ୟାର୍ଥୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ସମାଜସେବୀ ତଥା ଯୁବ ଶିଳ୍ପପତି ମିଶାଲ ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଶ୍ୱ ନର୍ସିଂ ଦିବସର ଆଭିମୁଖ୍ୟ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ସରକାରୀ ପଲିଟେକନିକ୍ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଇଂ ଦୁର୍ଗାଚରଣ ବେହେରା ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ। ଧନେଶ୍ୱର ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ସଂଗ୍ରାମ କେଶରୀ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟକ୍ଷା ପ୍ରମିଳା କୁମାରୀ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଚାଳନା ନିର୍ଦ୍ଦେଶିକା ସୁଜାତା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମରଣିକା ସାହୁଙ୍କ ତତ୍ତ୍ୱାବଧାନରେ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀଗଣ ସରସ୍ୱତୀ ଦେଇ, ସଂଗୀତା ବରାଳ, ସ୍ମୃତିରେଖା ମହାନ୍ତି, ମଧୁସ୍ମିତା ଦାସ, ମନିଷା ଦାସ, ଇତିଶ୍ରୀ ସାହୁ, ସୁଶ୍ରୀତା ପ୍ରିୟଦର୍ଶିନୀ ସାହୁ, ଅନ୍ନପୂର୍ଣ୍ଣା ପ୍ରଧାନ, ସ୍ୱାତୀ ସ୍ୱରୂପା ସାମଲ, ଅନାମିକା ମହନ୍ତ, ପୌଶାଳୀ ଚକ୍ରବର୍ତ୍ତୀ, ଲୋପାମୁଦ୍ରା ସାହୁ, ସସ୍ମିତା ପ୍ରଧାନ, ଫକୀର ସାହୁ, ନିରାକାର ପଲେଇ, ବାଦଲ ଭୋଇ, ଦିଲ୍ଲୀପ କୁମାର ଦାସ, ଶ୍ୟାମ ସାମଲ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ପରେ ପରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଡକ୍ଟର ଭିକାରୀ ଚରଣ ସାହୁଙ୍କ ନିର୍ଦ୍ଦେଶନାରେ ନାଟକ ମଞ୍ଚସ୍ଥ ହୋଇଥିଲା। ଦିବ୍ୟଶ୍ରୀ ସାହୁଙ୍କ ନୃତ୍ୟ ନିର୍ଦ୍ଦେଶନାରେ ସମାପିକା ପରିଡ଼ା, ସଂସ୍କୃତି ପରିଡ଼ା ନୃତ୍ୟ ପ୍ରଦର୍ଶନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ସ୍ୱିକୃତୀ ମହାନ୍ତି। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଠକେଇ ମାମଲାରେ କର୍ମଚାରୀ ଗିରଫ

**କଟକ,୧୪।୫/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଆର୍ଥିକ ଅନିୟମିତତା ନେଇ ଭିଜିଲାନ୍ସ ଆଜି କଟକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଜଣେ କର୍ମଚାରୀ ସୁବାସ ଚନ୍ଦ୍ର ସାହୁଙ୍କୁ ଗିରଫ କରିଛି। ତାଙ୍କ ବିରୋଧରେ ୫୧, ୫୩, ୬୪୦ଟଙ୍କାର ସରକାରୀ ପାଣ୍ଠିର ଅପବ୍ୟବାହାର କରିଥିବା ଅଭିଯୋଗ ହୋଇଛି। ଦରମା ବଣ୍ଟନ ରେକର୍ଡ଼ରେ ମିଳିଥିବା ଅସଙ୍ଗତି ସଂପର୍କରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଏକ ତଦନ୍ତ ପରେ ତାଙ୍କୁ ଗିରଫ କରାଯାଇଛି।

## ଛାତ୍ରଛାତ୍ରୀଙ୍କୁ ମେଧା ସମ୍ମାନ ପ୍ରଦାନ




**କଟକ,୧୪।୫/ଏନ୍‌ଏନ୍‌ଏସ୍:** କଟକ ସଦର ଅନ୍ତର୍ଗତ ୪୨ମୌଜା ଯଶୋଦା ଗାର୍ଡ଼େନ ଠାରେ ଗୁରୁବାର ସନ୍ଧ୍ୟାରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ କଟକ ସଦର ମେଧା ସମ୍ମାନ-୨୦୨୬ ପ୍ରଦାନ କରାଯାଇଛି। ଏହି ଅବସରରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ପୌରହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, କଟକ ସଦର ବିଡ଼ିଓ ପ୍ରତୀକ ସାହୁଙ୍କ ସମେତ ଶିକ୍ଷା ବିଭାଗ ଅଧିକାରୀମାନେ ଯୋଗଦେଇ ସମାଜର ଉନ୍ନତି ପାଇଁ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

## ପ୍ରଥମ ପୃଷ୍ଠାରୁ

### ଲୋକଙ୍କ ପାଖରେ ପହଞ୍ଚିବ ...

ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଏବଂ ବିଭିନ୍ନ ବିଭାଗର ସଚିବସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

### ୩୦ରୁ ଓଡ଼ିଶାରେ ...

କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଏସଆଇଆର ପାଇଁ ଯୋଗ୍ୟତା ତାରିଖ ହେଉଛି ଜୁଲାଇ ୧। ଚଳିତ ମଇ ମାସ ୨୦ରୁ ୨୯ ତାରିଖ ମଧ୍ୟରେ କ୍ଷେତ୍ର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଓ ଆନୁଷଙ୍ଗିକ ମୁଦ୍ରଣ କାର୍ଯ୍ୟ ଶେଷ କରାଯିବ। ମଇ ୩୦ରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ବିଏଲ୍‌ଓମାନେ ଘରକୁ ଘର ପରିଦର୍ଶନ କରି ତଥ୍ୟ ଯାଞ୍ଚ କରିବା ସହ ଜୁନ ୨୮ ସୁଦ୍ଧା ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ କାର୍ଯ୍ୟ ଶେଷ ହେବ। ଜୁଲାଇ ୫ ତାରିଖରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ ପାଇବ ଓ ଜୁଲାଇ ୫ରୁ ଅଗଷ୍ଟ ୪ତାରିଖ ପର୍ଯ୍ୟନ୍ତ ନାଗରିକମାନେ ସେମାନଙ୍କର ଦାବି କିମ୍ବା ଆପତ୍ତି ଦାଖଲ କରିପାରିବେ। ଜୁଲାଇ ୫ରୁ ସେପ୍ଟେମ୍ବର ୨ ତାରିଖ ସୁଦ୍ଧା ସମସ୍ତ ଆପତ୍ତି ଉପରେ ନିଷ୍ପତ୍ତି ନିଆଯିବ ଓ ସେପ୍ଟେମ୍ବର ୬ତାରିଖରେ ରାଜ୍ୟରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହେବ ବୋଲି କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି। ଏହି ଏସଆଇଆର ପ୍ରକ୍ରିୟା ପାଇଁ ଯୋଗ୍ୟତା ତାରିଖ ୨୦୨୬ ଜୁଲାଇ ୧ ଧାର୍ଯ୍ୟ ହୋଇଛି। ଏହି ସମୟ ସୁଦ୍ଧା ୧୮ବର୍ଷ ପୂରଣ କରୁଥିବା ନୂଆ ଭୋଟରମାନେ ମଧ୍ୟ ନିଜ ନାମ ପଞ୍ଜିକରଣ କରିବାର ସୁଯୋଗ ପାଇପାରିବେ। ସୂଚନାଯୋଗ୍ୟ, ଦେଶରେ ଦୁଇଟି ପର୍ଯ୍ୟାୟରେ ୧୩ଟି ରାଜ୍ୟରେ ପ୍ରାୟ ୫୯ କୋଟି ଭୋଟରଙ୍କ ତଥ୍ୟ ସଫଳତାର ସହ ସଂଶୋଧିତ ହୋଇସାରିଥିବାବେଳେ ତୃତୀୟ ପର୍ଯ୍ୟାୟରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟଗୁଡ଼ିକରେ ଏହି ଏସଆଇଆର କାର୍ଯ୍ୟ ସମ୍ପାଦନ ହେବ।

### ଭିଜିଲାନ୍ସ ଜାଲରେ ...

ଘରୁ ନଗଦ ୧ ଲକ୍ଷ ୭୩ ହଜାର ୧୮୦ ଟଙ୍କା ମିଳିଛି। ଏହା ବାଦ୍ ତାଙ୍କର ବ୍ୟାଙ୍କ, ଡାକ ଘର ଓ ଅନ୍ୟାନ୍ୟ ନିବେଶ ରହିଛି। ତାଙ୍କର ୩ଟି ଦୁଇ ଚକିଆ ଗାଡ଼ି ଅଛି। ଭିଜିଲାନ୍ସ ପକ୍ଷରୁ ଏହି ମାମଲାରେ ତଦନ୍ତ ଜାରି ରହିଛି।

### ଆଇଆଇସିଙ୍କ ବଦଳି ...

୧୯୧୪ କେଜି ଗଞ୍ଜେଇ ଥିଲା। ଗଞ୍ଜେଇ ଜବତ ବେଳେ ଟ୍ରକ୍‌ରେ ଦୁଇ ଜଣ ଥିଲେ। ଜଣେ ହେଉଛନ୍ତି ଉତ୍ତର ପ୍ରଦେଶର କାଲୁ ଓରଫ ସୁରେଶ କୁମାର ଓ ଅନ୍ୟ ଜଣଙ୍କ ହେଉଛନ୍ତି ଝାରବନ୍ଧ ଅଞ୍ଚଳର ଶଙ୍କର ନାୟକ। ସୁରେଶ କୁମାର ଟ୍ରକ୍ ଚଲାଉଥିଲେ। ଏହି ଗଞ୍ଜେଇ ଚାଲାଣରେ ସ୍ଥାନୀୟ ଅଞ୍ଚଳର ଆଉ କିଛି ଲୋକଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା ବୋଲି ସେତେବେଳେ ବରଗଡ଼ ଏସ୍‌ପି କହିଥିଲେ।

### ମୃତ୍ୟୁ ସଂଖ୍ୟା ୧୧୪କୁ ...

ପୁରାତନ ଗଛ, ବିଦ୍ୟୁତ୍ ଖୁଣ୍ଟି ଏବଂ ବଡ଼ ବଡ଼ ହୋର୍ଡିଂ ଉପୁଡ଼ି ଯାଇଥିଲା। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତକଙ୍କ ପରିବାର ପାଇଁ ଗଭୀର ଶୋକ ପ୍ରକାଶ କରିବା ସହ ୨୪ ଘଣ୍ଟା ମଧ୍ୟରେ ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ଏବଂ ସ୍ଥାନୀୟ ପ୍ରଶାସନ ରେଳ ଲାଇନ୍ ଓ ମୁଖ୍ୟ ରାସ୍ତାରୁ ଉପୁଡ଼ି ପଡ଼ିଥିବା ଗଛ ସଫା କରି ଯୋଗାଯୋଗ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ଲାଗିପଡ଼ିଛନ୍ତି। ତେବେ ଏସବୁ ମଧ୍ୟରେ ଉତ୍ତର ପ୍ରଦେଶର ବାନ୍ଦା ଜିଲ୍ଲାରେ ତାପମାତ୍ରା ୪୫.୪ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି, ଯାହା ସ୍ଥିତିକୁ ଆହୁରି ଜଟିଳ କରିଛି। ପାଣିପାଗ ବିଭାଗ (ଆଇଏମ୍‌ଡି) ଆଗାମୀ କିଛି ଦିନ ପାଇଁ ରାଜ୍ୟର ୫୧ଟି ଜିଲ୍ଲାରେ ପୁଣିଥରେ ଝଡ଼ବର୍ଷା ହେବାର ସତର୍କ ସୂଚନା ଜାରି କରିଛି। ଅଫିସ୍ କାମ କିମ୍ବା ବ୍ୟକ୍ତିଗତ କାର୍ଯ୍ୟରେ ବାହାରକୁ ଗଲାବେଳେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

### ଓଡ଼ିଶାକୁ ମିଳିବ ୫ ଜାତୀୟ ...

ହାସଲ କରି ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଜିତିଛି। ସୁନ୍ଦରଗଡ଼ ଜିଲ୍ଲାର ହାତୀବନ୍ଧ ପଞ୍ଚାୟତ ସ୍ୱଚ୍ଛ ଓ ସବୁଜ ପଞ୍ଚାୟତ ବର୍ଗରେ ଯୁଗ୍ମ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବେଳେ ପୁରସ୍କାର ବାବଦରେ ୩୭ ଲକ୍ଷ ୫୦ ହଜାର ଟଙ୍କା ପାଇବ। ଗଞ୍ଜାମ ଜିଲ୍ଲାର ମନ୍ଦାର ପଞ୍ଚାୟତ ସାମାଜିକ ଭାବେ ନ୍ୟାୟପୂର୍ଣ୍ଣ ଏବଂ ସୁରକ୍ଷିତ ପଞ୍ଚାୟତ ବର୍ଗରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଏହି ପଞ୍ଚାୟତକୁ ୩୭ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ମିଳିବ। ସେହିପରି ଅଧୀନରେ କୋରାପୁଟ ଜିଲ୍ଲା ପରିଷଦ ସର୍ବୋତ୍ତମ ଜିଲ୍ଲା ପଞ୍ଚାୟତ ପୁରସ୍କାର ବର୍ଗରେ ପ୍ରଥମ ସ୍ଥାନ ହାସଲ କରିବା ସହିତ ୫ କୋଟି ଟଙ୍କାର ପୁରସ୍କାର ରାଶି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। କୋରାପୁଟ ଜିଲ୍ଲା ପରିଷଦ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ବର୍ଗରେ ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ପାଇଁ ଜାତୀୟ ସ୍ତରରେ ପ୍ରଥମ ସ୍ଥାନ ହାସଲ କରିଛି। ଏଥିପାଇଁ କୋରାପୁଟ ଜିଲ୍ଲା ପରିଷଦକୁ ୫ କୋଟି ଟଙ୍କା ପୁରସ୍କାର ରାଶି ମିଳିବ। ଏହି ପୁରସ୍କାର ପଞ୍ଚାୟତ ପ୍ରଶାସନ, ସେବା ବିତରଣ, ଗ୍ରାମୀଣ ଭିତ୍ତିଭୂମି ସୃଷ୍ଟି, ସାମାଜିକ ଅନ୍ତର୍ଭୁକ୍ତିକରଣ, ସମନ୍ୱୟ-ଆଧାରିତ ଯୋଜନା ଏବଂ ଜିଲ୍ଲା ସାରା ପ୍ରମୁଖ ଯୋଜନାର ପ୍ରଭାବଶାଳୀ କାର୍ଯ୍ୟକାରିତାରେ ସାମଗ୍ରିକ ଉତ୍କର୍ଷତାକୁ ସ୍ୱୀକୃତି ଦେଇଥାଏ।

### ସତୀଶନ କେରଳମ୍‌ର ...

ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବା ପୂର୍ବରୁ ଦଳର ଶୀର୍ଷ ନେତାଙ୍କ ସହ ଚୂଡାନ୍ତ ପରାମର୍ଶ କରିଥିଲେ। ଖଡ଼ଗେଙ୍କ ସହ ପ୍ରଭାରୀ ଏଆଇସିସି ସାଧାରଣ ସମ୍ପାଦକ ଦୀପା ଦାସମୁନଶୀ ଏବଂ ଦୁଇ ଜଣ ବରିଷ୍ଠ ପର୍ଯ୍ୟବେକ୍ଷକ ଅଜୟ ମାକେନ ଏବଂ ମୁକୁଲ ୱାସନିକ୍ ମଧ୍ୟ ଥିଲେ। ଯେଉଁମାନେ ସମ୍ପ୍ରତି ସମସ୍ତ ନିର୍ବାନିର୍ବାଚିତ ବିଧାୟକଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ମତାମତ ଲୋଡିଥିଲେ। ଶେଷରେ ଭି.ଡ଼ି ସତୀସନଙ୍କ ନାମରେ ମୋହର ମାରିଛି କଂଗ୍ରେସ।

### ପ୍ରକୃତ ଅଭିଯୁକ୍ତକୁ ନଧରି ...

ଯଦି ଅଭିଯୁକ୍ତ ନଥିଲେ ତେବେ କାହିଁକି ଆଉ କେଉଁ ପରିସ୍ଥିତିରେ ଗିରଫ ହେଲେ ସେ ? ଏନେଇ ନୟାଗଡ଼ ଏସ୍‌ପି କହିଛନ୍ତି, ଅଭିଯୋଗ ଆଧାରରେ ତାଙ୍କୁ ପୁଲିସ ଗିରଫ କରିଥିଲା। କିନ୍ତୁ ପ୍ରାଥମିକ ତଦନ୍ତରେ ସେ ସମ୍ପୃକ୍ତ ନୁହଁ ବୋଲି ଜଣାପଡ଼ିବା ପରେ ଛାଡ଼ି ଦିଆଯାଇଥିଲା। ଏପଟେ ସମାନ କାଣ୍ଡ କରି ବିବାଦରେ କେନ୍ଦ୍ରାପଡ଼ା ସଦର ଥାନା ପୁଲିସ। ଏଠି ବି ପ୍ରକୃତ ଅଭିଯୁକ୍ତ ବଦଳରେ ଦଣ୍ଡ ପାଇଛି ଜଣେ ନିର୍ଦ୍ଦୋଷ। ସଦର ଥାନା ସାରଙ୍ଗ ଗାଁର ମଧୁସୂଦନ ପ୍ରଧାନଙ୍କ ପୁଅ ହୃଷିକେଶ ପ୍ରଧାନଙ୍କ ନାଁରେ ଥିଲା ୱାରେଣ୍ଟ। କିନ୍ତୁ ପୁଲିସ ଗତକାଲି ରାତିରେ ପହଞ୍ଚିଥିଲା ସାରଙ୍ଗ ଗାଁର ପ୍ରଫୁଲ୍ଲ ପ୍ରଧାନ ପୁଅ ହୃଷିକେଶ ପ୍ରଧାନଙ୍କ ଘରେ। ଆଉ ରାତି ଅଧରେ କବାଟ ବାଡେଇ ଗିରଫ ପରୱାନା ଥିବା କହି ଉଠାଇ ଆଣିଥିଲା। ଏପଟେ ପୁଅକୁ କାହିଁକି ପୁଲିସ ଉଠାଇ ନେଲା ତାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଥିଲେ ପରିବାର, ସମ୍ପର୍କୀୟ ଓ ଗାଁ ଲୋକେ। ଆଜି ସକାଳେ ନିର୍ଦ୍ଦୋଷ ହୃଷିକେଶଙ୍କ ପରିବାର ଲୋକେ, ଥାନାକୁ ଯାଇ ନେହୁରା ହୋଇ ଆପତ୍ତି ଜଣାଇବା ପରେ ହୃଷିକେଶଙ୍କ ସମ୍ପର୍କରେ ଖୋଳତାଡ଼ କରିଥିଲା ପୁଲିସ। ଆଉ ନିଜର ଭୁଲ ଜାଣିବା ପରେ ହୃଷିକେଶଙ୍କୁ ଛାଡ଼ିଥିଲା। କିନ୍ତୁ ପୁଲିସର ଏ ଭୁଲ ପାଇଁ ୧୨ ଘଣ୍ଟା ଧରି ଥାନାରେ ରହିଲେ ନିର୍ଦ୍ଦୋଷ ହୃଷିକେଶ। ଆଉ ତାଙ୍କ ମାନ୍ ସମ୍ମାନ ବି ମାଟିରେ ମିଶିଥିବା କଥା କହିଛନ୍ତି ହୃଷିକେଶ।

### ସଂଗଠିତ ଅପରାଧକୁ ...

ଅତ୍ୟନ୍ତ ଜରୁରୀ। ବ୍ୟାପକ ପାଟ୍ରୋଲିଂ ବ୍ୟବସ୍ଥା ଦ୍ୱାରା ଅପରାଧୀମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହେବା ସହିତ ସାଧାରଣ ଜନତାଙ୍କ ମଧ୍ୟରେ ଆସ୍ଥା ମଧ୍ୟ ସୃଷ୍ଟି ହୋଇପାରିବ। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ,ସଂଗଠିତ ଅପରାଧକୁ ସମ୍ପୂର୍ଣ୍ଣ ଭାବେ ନିର୍ମୂଳ କରିବା ଉପରେ ପୁଲିସ ପ୍ରଶାସନ କାର୍ଯ୍ୟ କରିବା ଜରୁରୀ। ରାଜ୍ୟରେ ଯେପରି ନକ୍ସଲ ଅପରାଧକୁ ଦମନ କରାଯାଇଛି, ସେହିପରି ବାଲି ମାଫିଆମାନଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଦମନ କରିବାକୁ ପଡ଼ିବ। ଯେ'କୌଣସି ସ୍ଥାନରେ ଅପରାଧୀକ ତତ୍ତ୍ୱ ବିରୁଦ୍ଧରେ ପୁଲିସ ଆଇନ ଅନୁଯାୟୀ ଆଗୁଆ ପଦକ୍ଷେପ ନେଇ ଅପରାଧ ସମ୍ଭାବନାକୁ କମ୍ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଜିଲ୍ଲାପାଳ ଓ ଏସ୍‌ପିମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜିଲ୍ଲାସ୍ତରରେ ନିୟମିତ ଭାବେ ଜିଲ୍ଲାର ଆଇନ କାନୁନ ପରିସ୍ଥିତି ସମୀକ୍ଷା କରି ପୁଲିସ ମହାନିର୍ଦ୍ଦେଶକ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ପଠାନ୍ତୁ। ବିଭିନ୍ନ ଜିଲ୍ଲାର ପରିସ୍ଥିତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମୁଖ୍ୟମନ୍ତ୍ରୀଙ୍କୁ ନିୟମିତ ଭାବେ ଅବଗତ କରାନ୍ତୁ। ରାଜ୍ୟ ପୁଲିସ ପ୍ରଶାସନ ଅନେକ କ୍ଷେତ୍ରରେ ସଫଳତା ମଧ୍ୟ ଅର୍ଜନ କରିଛି। ପୁଲିସର ଉନ୍ନତ ତଦନ୍ତ ବ୍ୟବସ୍ଥା ଯୋଗୁ ଭାରତୀୟ ନ୍ୟାୟ ସଂହିତା ଅଧୀନରେ ଦୋଷୀ ସାବ୍ୟସ୍ତ ହାର ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇଛି। ନକ୍ସଲ ଅପରାଧରେ ପୁଲିସର ସଫଳତା ପ୍ରଶଂସନୀୟ। ତେବେ ଆଧୁନିକ ଯୁଗର ପରିସ୍ଥିତିକୁ ଦେଖି ପୁଲିସ ନବସୃଜନ ବା ଇନୋଭେଟିଭ୍ ଢଙ୍ଗରେ ଅପରାଧ ନିୟନ୍ତ୍ରଣ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଛନ୍ତି।

ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଜିଲ୍ଲାପାଳ ଓ ଏସ୍‌ପିମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟକୁ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ପୁଲିସ ପ୍ରଶାସନ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର ଏବଂ ବରିଷ୍ଠ ପ୍ରଶାସନିକ ଓ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

# ସପ୍ତାହେ ହେଲା ନ୍ୟାୟ ପାଇଁ ରାଜରାସ୍ତାରେ ଚାଷୀ

## ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ବିଚାରପତିଙ୍କୁ ଲେଖିଲେ ଚିଠି

**କୋକସରା,୧୪।୫/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା ଇନ୍ଦ୍ରାବତୀ ମେଗାଲିଫ୍ଟ ପ୍ରକଳ୍ପରୁ ଚାଷ କରୁଥିବା ଜୟପାଟଣା, କୋକସରା ଓ ଧର୍ମଗଡ଼ ବ୍ଲକ୍‌ର ପ୍ରାୟ ୧୫ ହଜାର ଚାଷୀ ଚଳିତ ରବିଧାନ ବିକ୍ରି ପାଇଁ ପଞ୍ଜିକରଣରେ ବାଦ୍ ପଡ଼ିଥିବା ଯୋଗୁ ଦୀର୍ଘ ଦୁଇ ମାସରୁ ଊର୍ଦ୍ଧ୍ୱ ହେବ ପ୍ରଶାସନର ଦ୍ୱାରସ୍ଥ ହୋଇ ଆସୁଛନ୍ତି। ତେବେ ପ୍ରଶାସନ ପକ୍ଷରୁ ଅଦ୍ୟାବଧି କୌଣସି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ଅଞ୍ଚଳରେ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାସହ ତିନି ବ୍ଲକ୍‌ର ଚାଷୀ ବାଧ୍ୟହୋଇ ଗତ ୮ ତାରିଖରୁ ରାଜରାସ୍ତାକୁ ଓହ୍ଲାଇ ଚାଷୀଙ୍କ ଦାବିପୂରଣ ପାଇଁ ୭ ଦିନ ହେବ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ହେଲେ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ପକ୍ଷରୁ ପି-ପାସ୍ ଯୋଗେ ଚାଷୀଙ୍କ ଧାନ ବିକ୍ରି ପାଇଁ ପଞ୍ଜିକରଣର ବ୍ୟବସ୍ଥା ଗ୍ରହଣ କରାଯାଇନଥିବା ପ୍ରକାଶ ପାଇଛି।

ଚାଷୀଙ୍କ ଅଭିଯୋଗ ଅନୁସାରେ ଇନ୍ଦ୍ରାବତୀ ବାମ ଏବଂ ଡାହାଣ କେନାଲ୍ ଚାଷୀଙ୍କୁ ରବିଧାନ ବିକ୍ରି ପାଇଁ ସୁବ୍ୟବସ୍ଥା କରାଯାଇ ଥିବାବେଳେ ମେଗାଲିଫ୍ଟ ଚାଷୀଙ୍କୁ ଏଥିରୁ କାହିଁକି ବଞ୍ଚିତ ରଖାଯାଇଛି। ସରକାରଙ୍କ ଏହି ଦୋ'ମୁହାଁ ନୀତିକୁ ମେଗାଲିଫ୍ଟ ଚାଷୀମାନେ ନିନ୍ଦା କରିଛନ୍ତି। ଆସନ୍ତା ୨୦ ତାରିଖରେ ଜିଲ୍ଲାରେ ଚାଷୀଙ୍କଠାରୁ ରବିଧାନ ସଂଗ୍ରହ ପାଇଁ ସମସ୍ତ ପ୍ରକ୍ରିୟା ସରିଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ମେଗାଲିଫ୍ଟ ଚାଷୀଙ୍କ ଧାନ ବିକ୍ରି ନିମନ୍ତେ କୌଣସି ପ୍ରକାର




ପଞ୍ଜିକରଣର ବ୍ୟବସ୍ଥା କିମ୍ବା ପ୍ରଶାସନ ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ। ଫଳରେ ଦିନକୁଦିନ ଚାଷୀଙ୍କ ମଧ୍ୟରେ ନ୍ୟାଯ୍ୟ ଦାବି ପାଇଁ ଆନ୍ଦୋଳନର ଉଗ୍ର ରୂପ ଧାରଣ କରିଛି।

ଅନ୍ୟପଟେ କୋକସରା ବ୍ଲକ୍ କୃଷକ ସଚେତନ ମଞ୍ଚ ପକ୍ଷରୁ ଚାଷୀନେତା ଶିବ ପ୍ରଧାନୀଙ୍କ ନେତୃତ୍ୱରେ ଶହ ଶହ ଚାଷୀ ବୁଧବାର ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ମେଗାଲିଫ୍ଟ ଚାଷୀଙ୍କ ରବିଧାନ ବିକ୍ରି ସମସ୍ୟା ଉପରେ ପୃଥକ୍ ପୃଥକ୍ ଭାବେ ଲିଖିତ ଅଭିଯୋଗ କରିଥିବା ଦେଖାଯାଇଛି। ଏହି ପୋଷ୍ଟକାର୍ଡ ଅଭିଯାନରେ ଅଞ୍ଚଳର ଶତାଧିକ ଚାଷୀ ସମେତ ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ମିନିକେତନ ପ୍ରଧାନୀ, ଗୋବର୍ଦ୍ଧନ ବାଗ, ମନିଜର ପୋଡ଼, ଘନଶ୍ୟାମ ନାଏକ, ପ୍ରକାଶ ଚୌଧୁରୀ, ହେମନ୍ତ ପ୍ରଧାନୀ, ହରେକୃଷ୍ଣ ନାଏକ, ବିଜୟ କୁମାର ସାହୁ, ସୁବାସ ଗହୀର, ସିଦ୍ଧେଶ୍ୱର ନାଏକ, ପାର୍ଥ ଗୋପାଳ, ଧନେଶ୍ୱର ପଣ୍ଡା, ରମେଶ ଶବର, କେଶବ ବିଶି, ଗିରିଧାରୀ ବିଶି, ଦିସାନ୍ତ ବେଶ୍ରା, ହରି ରାଉତ ଓ ପ୍ରଧାନୀ ବାଗ ପ୍ରମୁଖ ସାମିଲ୍ ରହିଛନ୍ତି। ତେବେ ମେଗାଲିଫ୍ଟ କୃଷକ ସଂଘର ସଭାପତି ପୁରୁଷୋତ୍ତମ ଦାସଗୁପ୍ତା ଏବଂ କାର୍ଯ୍ୟକାରୀ ସଭାପତି ରାଜୀବ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ଚାଲିଥିବା ଏହି କୃଷକ ଆନ୍ଦୋଳନରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଅନେକ ରାଜନେତା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ମହିଳା ସଂଘ ଉପସ୍ଥିତ ରହି ଆନ୍ଦୋଳନରତ ଚାଷୀଙ୍କୁ ସମର୍ଥନ ଜଣାଇ ତାଙ୍କ ହକ୍ ପାଇଁ ଶାନ୍ତିପୂର୍ଣ୍ଣ ଭାବେ ଦାବି ଉପସ୍ଥାପନ କରୁଥିବା ଦେଖାଯାଇଛି। ଏହି କାର୍ଯ୍ୟକ୍ରମରେ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ନିମାଇଁ ଚରଣ ଧଙ୍ଗଡ଼ା ମାଝୀ, ଧବଳେଶ୍ୱର ନାଗ, ସୁଶାନ୍ତ ବେହେରା, ତ୍ରିଭୁବନ ନାଏକ, ଦୁର୍ଗା ନାଏକ, ଜିତେନ୍ଦ୍ର ପ୍ରଧାନୀ, ଦିଗାମ୍ବର ବେମାଲ, ଅମୋଜ ଧରୁଆ, ପ୍ରବୀଣ ପାଣିଗ୍ରାହୀ ଓ ସୁନୀଲ ଚନ୍ଦ୍ର ଦୁରିଆଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ତେବେ ପ୍ରଶାସନ ପକ୍ଷରୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି।

## ବିନ୍ଦୁମିନା ସେବା ଫାଉଣ୍ଡେସନ୍ ପକ୍ଷରୁ ଛତା ଓ ଚପଲ ବଣ୍ଟନ

**ଗୋଲାମୁଣ୍ଡା,୧୪।୫/ଏନ୍‌ଏନ୍‌ଏସ୍:** ଗୋଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ କୁହୁରା ପଞ୍ଚାୟତରେ ବିନ୍ଦୁମିନା ସେବା ଫାଉଣ୍ଡେସନ୍ ଆନୁକୂଲ୍ୟରେ ଏକ ସେବା କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଅସହାୟ, ବୃଦ୍ଧ, ଦିବ୍ୟାଙ୍ଗ ଓ ବିଧବା ମହିଳାଙ୍କ ସମେତ ମୋଟ୍ ୭୨୦ ଜଣ ହିତାଧିକାରୀଙ୍କୁ ଗ୍ରୀଷ୍ମ ପ୍ରକୋପରୁ ରକ୍ଷା କରିବା ପାଇଁ ଛତା ଓ ଚପଲ ବଣ୍ଟାଯାଇଛି। ଏହି କାର୍ଯ୍ୟକ୍ରମରେ ବିନ୍ଦୁମିନା ସେବା ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ତଥା ଗୋଲାମୁଣ୍ଡା ବ୍ଲକ୍ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଯୋଗଦେଇ ଏହି ସାମଗ୍ରୀ ଗୁଡ଼ିକ ବାଣ୍ଟିଥିଲେ। ଅସହାୟ ଲୋକଙ୍କ ସେବା କରିବା ଏବଂ ସେମାନଙ୍କ ସୁଖଦୁଃଖରେ ସାମିଲ୍ ହେବା ହିଁ ଏହି ଫାଉଣ୍ଡେସନ୍‌ର ମୂଳ ଲକ୍ଷ୍ୟ ବୋଲି ଶ୍ରୀ ମହାନନ୍ଦ କହିଥିଲେ। ପ୍ରକାଶଥାଉକି ପୂର୍ବରୁ ମଧ ବ୍ଲକ୍ ଅଧ୍ୟକ୍ଷ ଶ୍ରୀ ମହାନନ୍ଦଙ୍କ ନେତୃତ୍ୱରେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଗୋଲାମୁଣ୍ଡା ବ୍ଲକ୍‌ର ୨୮ଟି ପଞ୍ଚାୟତର ଅସହାୟ ବୃଦ୍ଧଙ୍କୁ ୧୪ ହଜାରରୁ ଊର୍ଦ୍ଧ୍ୱ ମାଗଣା କମ୍ବଳ ବଣ୍ଟା ଯାଇଥିଲା। ଚଳିତ ଗ୍ରୀଷ୍ମ ଋତୁରେ ଲୋକଙ୍କୁ ରୌଦ୍ରତାପରୁ ଆଶ୍ୱସ୍ତି ଦେବା ପାଇଁ ଏହି ଅଭିଯାନ ଆରମ୍ଭ ହୋଇଛି।




ଏହି ପର୍ଯ୍ୟାୟର ପ୍ରଥମଦିନରେ ଚହକା ପଞ୍ଚାୟତରେ ୫୫୯ ଜଣଙ୍କୁ ଛତା ଓ ଚପଲ ବଣ୍ଟା ଯାଇଥିବାବେଳେ ଦ୍ୱିତୀୟଦିନରେ ଏହି ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଞ୍ଚଳର ଅନେକ ବିଶିଷ୍ଟ ବ୍ୟକ୍ତି ସହଯୋଗର ହାତ ବଢ଼ାଇଥିଲେ। ଏହାସହ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁହୁରା ସମିତି ସଭ୍ୟା ତଥା ଫାଉଣ୍ଡେସନ୍‌ର ଅଧ୍ୟକ୍ଷଙ୍କ ଧର୍ମପତ୍ନୀ ମିନା ମହାନନ୍ଦ, ପୁଅ ରୋଶନ ମହାନନ୍ଦ, ଝିଅ ରୋଶନୀ ମହାନନ୍ଦ, ପିଙ୍କି ତାଣ୍ଡି, ଜୟନ୍ତ ସିଂ, ମଣ୍ଟୁ ସାହୁ, ମନୋଜ ଅଗ୍ରୱାଲ, ବିଶି କେଶନ ଜୋତିଶ, ଇନ୍ଦ୍ର ସାହୁ, କାଳିଆ ସାହୁ, ଦୁଷ୍ମନ୍ତ ସେନାପତି, ବସନ୍ତ ଚଲାନ, ଗଜିନ୍ଦ୍ର ବିହାରୀ ଓ ଉପେନ୍ଦ୍ର ସିପକା ପ୍ରମୁଖ ସହଯୋଗ କରିଥିଲେ।

## 'ସହଯୋଗ' ମାଧ୍ୟମରେ ଲେପ୍ରୋସୀ କଲୋନୀର ଅନେକ ପରିବାର ଉପକୃତ

**ଝାରସୁଗୁଡ଼ା,୧୪।୫/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ 'ସମସ୍ତଙ୍କ ପାଇଁ ସୁବିଧା, ସମସ୍ତଙ୍କୁ ସମ୍ମାନ' ମନ୍ତ୍ରକୁ ସାକାର କରିବା ଦିଗରେ ଝାରସୁଗୁଡ଼ା ପୌରପାଳିକା ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା 'ସହଯୋଗ' ଅଭିଯାନ ମାଧ୍ୟମରେ ସହରର ବଞ୍ଚିତ ଶ୍ରେଣୀଙ୍କୁ ସରକାରୀ ଯୋଜନା ସହ ଯୋଡ଼ିବା ପ୍ରକ୍ରିୟା ଜୋରଦାର୍ ହୋଇଛି। ଏହିକ୍ରମେ ଝାରସୁଗୁଡ଼ା ପୌରନିର୍ବାହୀ ଅଧିକାରୀ ଲେପ୍ରୋସୀ କଲୋନୀ ପରିଦର୍ଶନ କରି ଅନ୍ତେବାସୀଙ୍କ ସୁଖ ଦୁଃଖ ବୁଝିବା, ସେମାନଙ୍କୁ ସରକାରୀ ଯୋଜନାର ସୁଫଳ ବାବଦରେ ସଚେତନ କରାଇବା ଓ ନିଜର ବିଭିନ୍ନ ଦସ୍ତାବିଜ୍ ଗୁଡ଼ିକୁ ପୌରପାଳିକା ନିକଟରେ ଜମା କରିବା ପାଇଁ କହିଥିଲେ। ଏଥିସହ ପୌରପାଳିକା କର୍ମଚାରୀଙ୍କୁ ନିର୍ଦ୍ଧାରିତ ସମୟରେ ସଠିକ୍ ଭାବେ ଲୋକଙ୍କ ପାଖରେ ପହଞ୍ଚିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଲେପ୍ରୋସୀ କଲୋନୀରେ ଏକ ମିନି ପାର୍କ ପାଇଁ ଜାଗା ନିର୍ଦ୍ଧାରଣ କରାଯାଇଛି। ସେଠାରେ ବସବାସ କରୁଥିବା ଲୋକଙ୍କ ପାଇଁ କମ୍ୟୁନିଟି ଶୌଚାଳୟ ଆଦି ନିର୍ମାଣ ପାଇଁ ଜାଗା ନିର୍ଦ୍ଧାରଣ କରାଯାଇଛି। ପ୍ରକାଶଥାଉକି ଝାରସୁଗୁଡ଼ା ପୌରପାଳିକାରେ ୨୦୨୫ ନଭେମ୍ବରରୁ ଆରମ୍ଭ ହୋଇଥିବା ଏହି ସର୍ଭେ କାର୍ଯ୍ୟରେ ୩୯ ଜଣ ସ୍ୱଚ୍ଛ ସାଥୀ ନିୟୋଜିତ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ସମୁଦାୟ ୬,୪୪୬ ପରିବାରର ସର୍ଭେ ସମ୍ପୂର୍ଣ୍ଣ ହୋଇଛି। ସେଥିମଧ୍ୟରୁ ବିଭିନ୍ନ ଯୋଜନା ପାଇଁ ୬୫୬ ଜଣ ଆବେଦନ କରିଥିବାବେଳେ ୧୮୫ ଜଣଙ୍କୁ ସଫଳତାର ସହ ଯୋଜନା ସଂଯୋଗ କରାଯାଇସାରିଛି। ଏହି ପରିଦର୍ଶନ ଅବସରରେ ପୌରନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ 'ପ୍ରୋ-ଆକ୍ଟିଭ୍ ଗଭର୍ଣ୍ଣାନ୍ସ' ଅନୁଯାୟୀ ଆମେ ପ୍ରତିଟି ଅସହାୟ ଲୋକଙ୍କ ପାଖରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛୁ। 'ସହଯୋଗ' ମାଧ୍ୟମରେ କେହି ଯେପରି ସରକାରୀ ସୁବିଧାରୁ ବଞ୍ଚିତ ନହୁଅନ୍ତି ସେଥିପାଇଁ ଆମର ସ୍ୱଚ୍ଛ ସାଥୀମାନେ ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି। ଲେପ୍ରୋସୀ କଲୋନୀର ପ୍ରତିଟି ବ୍ୟକ୍ତିଙ୍କୁ ସମ୍ମାନର ସହ ବଞ୍ଚିବାର ଅଧିକାର ଦେବା ଆମର ପ୍ରାଥମିକତା ବୋଲି ଶ୍ରୀ ମଲ୍ଲିକ କହିଛନ୍ତି।

## ଆଇନ ସଚେତନତା କାର୍ଯ୍ୟକ୍ରମ

**ରାୟଗଡ଼ା,୧୪।୫/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ଦାମୋଦର ରଥଙ୍କ ପରାମର୍ଶକ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ଆନୁକୂଲ୍ୟରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ସଚିବ ସୁବ୍ରତ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ପ୍ରମୁଖ ଅତିଥିଙ୍କ ମଧ୍ୟରେ ରାୟଗଡ଼ା ବାର୍ ଆସୋସିଏସନ୍‌ର ଆଇନଜୀବୀ ଚନ୍ଦନ ହରେନ୍ଦ୍ର ନାଥ, କିଶୋର କୁମାର ସାହୁ, ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣର ଫ୍ରଣ୍ଟ ଅଫିସ୍ ରିଟେନର୍ ସୁକାନ୍ତ ଦାସ, କୁମଟେଲପେଣ୍ଠା ସରପଞ୍ଚ, ପିଇଓ, ସମିତିସଭ୍ୟ ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଆଇନ ସେବା ପ୍ରାଧୀକରଣ ସଚିବ ସୁବ୍ରତ ଆଚାର୍ଯ୍ୟ ଜାତୀୟ ଆଇନ ସେବା ପ୍ରାଧୀକରଣର ଟୋଲ୍‌ଫ୍ରି ନମ୍ବର, ଅନଲାଇନ୍‌ରେ କେମିତି ନିଜର ଅଭିଯୋଗ ଦାଖଲ କରିବା ତାହା ଜନସାଧାରଣଙ୍କୁ ଜଣାଇଥିଲେ ଓ ବିଭିନ୍ନ ଅସୁବିଧା ସମୟରେ ଏହାର



ସୁବିଧା ନେବା ପାଇଁ କହିଥିଲେ। ସେହିପରି ଉପସ୍ଥିତ ଅନ୍ୟ ଆଇନଜୀବୀ ସରକାରଙ୍କ ପକ୍ଷରୁ ଉପଲବ୍ଧ ଥିବା ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଶେଷରେ ଏକ ଖୋଲା ଆଲୋଚନାରେ ଉପସ୍ଥିତ ଅତିଥିମାନେ ଅଂଶଗ୍ରହଣକାରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ସୁକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

## ଟ୍ରେନ୍‌ରୁ ମୋବାଇଲ୍ ଚୋରି

## ସିମ୍ ପୋର୍ଟାବିଲିଟି ବଦଳାଇ ଟଙ୍କା ଉଠାଣ, ଯୁବକ ଗିରଫ

**ଟିଟିଲାଗଡ଼,୧୪।୫/ଏନ୍‌ଏନ୍‌ଏସ୍:** ଟିଟିଲାଗଡ଼ ଜିଆର୍‌ପି ଥାନା ଏକ ମୋବାଇଲ୍ ଚୋରି ଘଟଣାର ତଦନ୍ତ କରିବା ସମୟରେ ଚାଞ୍ଚଲ୍ୟକର ତଥ୍ୟ ହାସଲ କରିଛି। ଆମ୍ବାଦୋଳା ଗାଁର ଅମିତ ବିଶ୍ୱାସ ଟ୍ରେନ୍‌ରେ ଯାତ୍ରା କରୁଥିବା ସମୟରେ ତାଙ୍କ ମୋବାଇଲ୍ ଚୋରି ହୋଇଥିଲା। ଏନେଇ ଟିଟିଲାଗଡ଼ ଜିଆର୍‌ପି ଥାନାରେ ଏକ ମାମଲା ରୁଜୁ କରିଥିଲେ। ଥାନାରେ ମାମଲା ରୁଜୁ ହେବା ପରେ ଭାରପ୍ରାପ୍ତ ଥାନା ଅଧିକାରିଣୀ ସନ୍ତୋଷିନୀ ମହନ୍ତ ଘଟଣାର ତଦନ୍ତକୁ ଜୋରଦାର୍ କରି ପାଟଣାଗଡ଼ ଉପଖଣ୍ଡ ବେଲପଡ଼ା ଥାନା ଅଧିନସ୍ଥ ବନମାଲ ଗାଁ ରନବୀନ ସାହୁକୁ ଗିରଫ କରିଥିଲେ। ତେବେ ନବୀନକୁ ଜେରା ସମୟରେ ସେ ଅମିତଙ୍କ ଜିଓ ସିମ୍‌କୁ ଚଞ୍ଚକତା କରି ପୋର୍ଟାବିଲିଟି ମାଧ୍ୟମରେ ଏୟାରଟେଲ୍‌କୁ ପରିବର୍ତ୍ତନ କରିଥିଲା। ଏହାସହ ଅମିତ ବିଶ୍ୱାସ ନାମ ବଦଳରେ ନିଜ ନାମକୁ ଯୋଡ଼ିଥିବା ପ୍ରକାଶ କରିଥିଲା। ପରେ ଉକ୍ତ ମୋବାଇଲ୍ ନମ୍ବର୍‌ରୁ ୨୧ ହଜାର ଟଙ୍କା ମୋବାଇଲ୍ ଆପ୍‌ରେ ଉଠାଣ କରିଥିବା ନେଇ ପୁଲିସ୍‌କୁ ସୂଚନା ଦେଇଛି। ପୁଲିସ୍‌ଠାରୁ ସୂଚନା ପାଇ ଏନେଇ ସମ୍ପୃକ୍ତ ମୋବାଇଲ୍ ମାଲିକ ଅମିତ ଏୟାରଟେଲ୍ କମ୍ପାନୀରେ ଅଭିଯୋଗ କରିବା ସହିତ ମୋବାଇଲ୍ ନମ୍ବର୍‌କୁ ବ୍ଲକ୍ କରିବା ତଥା ପୁଣି ନିଜ ପୁରୁଣା ନେଟୱର୍କ ଜିଓକୁ ପରିବର୍ତ୍ତନ କରିବାକୁ ନିବେଦନ କରିଥିଲେ। ହେଲେ ମୋବାଇଲ୍ ସିମ୍ ନେଟୱର୍କ ତଥା କମ୍ପାନୀ ପରିବର୍ତ୍ତନ ହେବାର ତିନି ମାସ ପର୍ଯ୍ୟନ୍ତ ପୁଣି ପୁରୁଣା କମ୍ପାନୀକୁ ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି କହିଥିଲେ। ତେବେ ଏହି ଘଟଣାକୁ ନେଇ ଟିଟିଲାଗଡ଼ ଜିଆର୍‌ପି ଥାନା ସମ୍ପୃକ୍ତ ମୋବାଇଲ୍ ଚୋର ନବୀନ ସହିତ ମୋବାଇଲ୍ ସିମ୍ ନେଟୱର୍କ ବା କମ୍ପାନୀ ପୋର୍ଟାଲ୍ ପରିବର୍ତ୍ତନ କରିଥିବା ଅଭିଯୋଗରେ କଣ୍ଟାବାଞ୍ଜି ସହରସ୍ଥିତ ବେହେରା ଛକରେ ଥିବା ମୋବାଇଲ୍ ଦୋକାନୀ ପ୍ରଶାନ୍ତ କୁମାର ଦୀପକୁ ମଧ୍ୟ ଗିରଫ କରି ଟିଟିଲାଗଡ଼ କୋର୍ଟକୁ ଚାଲାଣ କରିଛି। ଉଭୟଙ୍କ ଜାମିନ ନାମଞ୍ଜୁର ହେବାରୁ ଟିଟିଲାଗଡ଼ ବିଚାର ବିଭାଗୀୟ ଉପକାରାଗାରକୁ ପଠାଇ ଦିଆଯାଇଛି।

## ଠିଡ଼ିକାଯୋରରେ ରଥଯାତ୍ରା ପ୍ରସ୍ତୁତି

**ବୌଦ୍ଧ,୧୪।୫/ଏନ୍‌ଏନ୍‌ଏସ୍:** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ସଦର ମହକୁମା ଚାରିଛକସ୍ଥିତ ଠିଡ଼ିକାଯୋରରେ ରଥଯାତ୍ରାକୁ ସୁଚାରୁ ଓ ଶୃଙ୍ଖଳିତ ଭାବେ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରଥ ମହୋତ୍ସବ କମିଟି ସଭାପତି ତହସିଲଦାର୍ ତଥା ଦେବୋତ୍ତର ଅଧିକାରୀ ବଳଦେବ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି ଓ କମିଟି ସଦସ୍ୟମାନେ ଯୋଗ ଦେଇଥିଲେ। ଏହି ବୈଠକରେ ଅଗ୍ନିଶମ କର୍ମଚାରୀ ଚିତ୍ତରଞ୍ଜନ ମାହାର, ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ସ୍ୱାସ୍ତିକ ପଲେଇ, ପୁରୁଣାକଟକ ଫରେଷ୍ଟର୍ ସୁଶାନ୍ତ କୁମାର ସାହୁ, ବାଣୀଭୂଷଣପୁର ସରପଞ୍ଚ ସୌଦାମିନି ମଲ୍ଲିକଙ୍କ ସମେତ ୱାର୍ଡମେମ୍ବର, ଡ୍ରାଇଭର୍ ମହାସଂଘ ଓ ଗ୍ରାମ କମିଟିର ସଭ୍ୟ ଉପସ୍ଥିତ ଥିଲେ। ପ୍ରଥମେ ରଥଯାତ୍ରା କମିଟି ସମ୍ପାଦକ ବାମଦେବ ଦାଶ ଗତବର୍ଷର ଆୟବ୍ୟୟ ହିସାବ ପ୍ରଦାନ କରିବା ସହ ଚଳିତ ବର୍ଷ ପାଇଁ ବ୍ୟୟଅଟକଳ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ରଥ ମରାମତି, ନୂତନ ଶୈଳୀରେ ରଥ ସଜ୍ଜା,



ପାଣି ସଂଗ୍ରହ, ମୀନାବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ, ଶାନ୍ତିଶୃଙ୍ଖଳା ବ୍ୟବସ୍ଥା, ଗୁଣ୍ଡିଚା ମନ୍ଦିର ଓ ମାଉସୀ ମା' ମନ୍ଦିର ପ୍ରସ୍ତୁତି ସହ ସ୍ନାନ ପୂର୍ଣ୍ଣିମା ପାଳନ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ରଥଯାତ୍ରାର ପ୍ରତ୍ୟେକ କାର୍ଯ୍ୟକୁ ସୁଚାରୁ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା।

## ସରକାରୀ କାର୍ଯ୍ୟାଳୟରେ ସ୍ୱଚ୍ଛତା ରଖିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ମାଲକାନଗିରି,୧୪।୫/ଏନ୍‌ଏନ୍‌ଏସ୍:** ସରକାରୀ କାର୍ଯ୍ୟାଳୟରେ ସ୍ୱଚ୍ଛତା ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲାପାଳ ଏକ ସ୍ଥାୟୀ ପଦକ୍ଷେପ ଗ୍ରହଣ କରିଛନ୍ତି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଦ୍ୱାରା ଜାରି ଏହି କଡ଼ା ନିର୍ଦ୍ଦେଶନାମା ଅନୁଯାୟୀ ଜିଲ୍ଲାର ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟରେ ଏଣିକି ଜଣେ ଦାୟିତ୍ୱବାନ ଅଧିକାରୀଙ୍କୁ ସ୍ୱଚ୍ଛତା ୱାର୍ଡେନ୍ ଭାବେ ମନୋନୀତ କରିବା ବାଧ୍ୟତାମୂଳକ କରାଯାଇଛି। ଉକ୍ତ ନିର୍ଦ୍ଦେଶ ଅନୁସାରେ ସମ୍ପୃକ୍ତ କାର୍ଯ୍ୟାଳୟର ମୁଖ୍ୟଙ୍କ ଦ୍ୱାରା ମନୋନୀତ ଏହି ଅଧିକାରୀ ଜଣକ ସମ୍ପୂର୍ଣ୍ଣ କାର୍ଯ୍ୟାଳୟ ପରିସରର ସ୍ୱଚ୍ଛତା ଏବଂ ଦୈନିକ ପରିମଳ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ମୁଖ୍ୟ ନୋଡାଲ୍ ଅଧିକାରୀ ଭାବେ କାର୍ଯ୍ୟ କରିବେ। ପାରମ୍ପରିକ ଓ ସାମୟିକ ସଫେଇ ଅଭିଯାନ ବଦଳରେ ସରକାରୀ ବ୍ୟବସ୍ଥା ମଧ୍ୟରେ ଏକ ସ୍ଥାୟୀ ପ୍ରଶାସନିକ ଢାଞ୍ଚା ପ୍ରସ୍ତୁତ କରିବା ଏହି ସ୍ୱତନ୍ତ୍ର ପଦକ୍ଷେପର ମୂଳ ଲକ୍ଷ୍ୟ। ସଫେଇ କାର୍ଯ୍ୟକୁ କେବଳ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ଉପରେ ନିର୍ଭର ନକରି ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ସିଧାସଳଖ ଦାୟିତ୍ୱ ପ୍ରଦାନ କରାଯିବା ଦ୍ୱାରା ସରକାରୀସ୍ତରରେ ପ୍ରଶାସନିକ ଉତ୍ତରଦାୟିତ୍ୱ ଏବଂ ଆନ୍ତରିକତା ବହୁଗୁଣିତ ହେବ।

## ଆଜିର ଇତିହାସ

- ୧୮୧୭-ସମାଜ ସୁଧାରକ ଦେବେନ୍ଦ୍ର ନାଥ ଟାଗୋରଙ୍କ ଆଜି ଜନ୍ମଦିନ।
- ୧୯୨୩-ହାସ୍ୟ ଅଭିନେତା ଜନି ୱାକର ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ।
- ୧୯୬୭-ଆଜି ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କ ଜନ୍ମଦିନ।
- ୧୯୯୩-ଭାରତର ପ୍ରଥମ ଆର୍ମି କମାଣ୍ଡର ଫିଲ୍ଡ ମାର୍ଶାଲ୍ କେଏମ୍ କରିୟପ୍ପାଙ୍କର ନିଧନ ହୋଇଥିଲା।
- ୨୦୦୮-ଭାରତୀୟ ମୂଳର ମଞ୍ଜୁଳା ସୁଦ୍ ବ୍ରିଟେନରେ ପ୍ରଥମ ଏସିଆନ୍ ମହିଳା ମେୟର୍ ହେବାର ମାନ୍ୟତା ପାଇଥିଲେ।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ:** ଆଜି ଦିନଟି ଖାସ୍ ରହିବ। ଭାଇ-ଭଉଣୀଙ୍କ ସହିତ ମଧୁର ସମ୍ବନ୍ଧ ରହିବ। ଆପଣଙ୍କ ପାଇଁ ଦିନଟି ଅନୁକୂଳ ରହିବ। ନିଜର ଲକ୍ଷ୍ୟ ପ୍ରାପ୍ତ କରିବାରେ ସଫଳ ରହିବେ। ସମସ୍ତଙ୍କ ପାଇଁ ଏହି ସମୟ ଲାଭକାରୀ।

**ବୃଷ:** ଦିନଟି ଶୁଭ ପରିଣାମ ଦେବ। ବୟସ୍କ ଲୋକମାନେ ଆପଣଙ୍କ ସେବା ପାଇଁ ଖୁସିରେ ରହିବେ। ପାରିବାରିକ ସୁଖ ଓ ଧନ ବଢ଼ିବ। ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ମିଳିବ। କିଛି ନୂଆ ଲୋକଙ୍କ ସହିତ ମିଶିବାର ସମ୍ଭାବନା ରହିଛି।

**ମିଥୁନ:** ଧୈର୍ଯ୍ୟର ସହିତ କାମ ନେବର ସମୟ। ବିବାଦରେ ପଡ଼ନ୍ତୁ ନାହିଁ। କାମରେ ଧ୍ୟାନ ଦେବା ପରିବର୍ତ୍ତେ ଚର୍ଚ୍ଚା କରିବେ। ଏଥିରେ ସମୟ ନଷ୍ଟ ହେବ ଓ କାମ ଉପରେ ଧ୍ୟାନ ରହିବ ନାହିଁ।

**କର୍କଟ:** ଆଜି ଆର୍ଥିକ ଲାଭ ମିଳିବ। ସବୁ କ୍ଷେତ୍ରରୁ ଖୁସି ଖବର ପାଇବେ। ପ୍ରେମ ସମ୍ବନ୍ଧଗୁଡ଼ିକ ପ୍ରତି ଅଧିକ ଆକର୍ଷିତ ହେବେ। ବିଦ୍ୟାର୍ଥୀମାନେ ନିଜର ପାଠପଢ଼ାରେ ଉତ୍ତମ ସ୍ଥାନ ପ୍ରାପ୍ତ କରିପାରନ୍ତି।

**ସିଂହ:** ଦିନଟିରେ ବ୍ୟସ୍ତ ରହିବେ। ବ୍ୟବସାୟ ଓ ଅଫିସ୍ ତରଫରୁ ଦୀର୍ଘ ଯାତ୍ରା କରିପାରନ୍ତି। ବିଦେଶ ଯାତ୍ରା ଯୋଗ ରହିଛି। ପୁରୁଣା ବିବାଦ ଶେଷ ହୋଇପାରେ। ସମ୍ପର୍କରେ ମନୋମାଳିନ୍ୟ ଦୂର ହୋଇପାରେ।

**କନ୍ୟା:** ଦିନଟି ଆପଣଙ୍କ ପାଇଁ ଶୁଭ। ସବୁକିଛି ଆପଣଙ୍କ ଇଚ୍ଛା ହିସାବରେ ପୂରା ହେବ। ଜୀବନସାଥିର ଭାବନାଗୁଡ଼ିକୁ ବୁଝିବାକୁ ଚେଷ୍ଟା କରନ୍ତୁ। ଭାଗ୍ୟର ତାରକାରେ ପରିବର୍ତ୍ତନ ହେଉଛି। ଇଚ୍ଛାଶକ୍ତିକୁ ମଜଭୁତ କରିବାକୁ ପଡ଼ିବ।

**ତୁଳା:** ଦିନଟି ମିଶ୍ରିତ ଫଳଦାୟୀ। କୌଣସି ପ୍ରକାରର ନିଶା ବା ଖରାପ ଅଭ୍ୟାସରୁ ନିଜକୁ ରକ୍ଷା କରନ୍ତୁ। ଚିନ୍ତା କରିବା ବିନା କାମ କରିବା ଉଚିତ। ନିଜ ପରିବାରର ସ୍ୱାସ୍ଥ୍ୟ, ବେମାରୀ ବା ଅନ୍ୟ କୌଣସି କ୍ଷତିରେ କିଛି ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିପାରେ।

**ବିଛା:** ବିଦେଶ ଯାତ୍ରା ସମ୍ବନ୍ଧୀୟ ସୂଚନା ଆସିପାରେ। ଜୀବନସାଥିର ସହଯୋଗ ପାଇବେ। ପୁରୁଣା ମିତ୍ର ସହିତ ସାକ୍ଷାତ ହୋଇପାରେ। ଅଧିକାଂଶ ସମୟ ପ୍ରିୟଜନଙ୍କ ସହିତ ସମୟ ଆନନ୍ଦ ନେବାରେ ବ୍ୟତୀତ କରିବେ।

**ଧନୁ:** ଭାଗ୍ୟର ସାଥ୍ ମିଳିବ। ବିଦ୍ୟାର୍ଥୀମାନଙ୍କ ପାଇଁ ସମୟ ଉତ୍ତମ। ସନ୍ତାନ ପକ୍ଷରୁ ଶୁଭ ସମାଚାର ମିଳିବାର ସମ୍ଭାବନା ରହିଛି। ବାଦ ବିବାଦ ଦ୍ୱାରା ଚାପ ବୃଦ୍ଧି ହେବ। ଭୁଲ୍ ଜିନିଷ ଠାରୁ ଦୂରରେ ରୁହନ୍ତୁ।

**ମକର:** ସମସ୍ତ କାର୍ଯ୍ୟ ସରଳତା ଦ୍ୱାରା ପୂର୍ଣ୍ଣ ହେବ। ନୂଆ କରି କିଛି ଆରମ୍ଭ କରିବାର ଯୋଜନା କରୁଥିଲେ ଶୀଘ୍ର କରନ୍ତୁ। ସବୁ ପକ୍ଷଙ୍କୁ ସଠିକ୍ ଭାବରେ ଜାଣିବେ। ସ୍କିନ୍ ସହିତ କୌଣସି ସମସ୍ୟା ହୋଇପାରେ।

**କୁମ୍ଭ:** ଭାଗ୍ୟର ଭରପୂର ସହଯୋଗ ପାଇବେ। ବ୍ୟାପାର ଅଥବା କାର୍ଯ୍ୟକ୍ଷେତ୍ର ପାଇଁ ଦିନଟି ଲାଭପ୍ରଦ। ପାରିବାରିକ ଦାୟିତ୍ୱକୁ ଖୁବ୍ ଭଲ ଭାବରେ ନିଭେଇବେ। ଅଳ୍ପ ବ୍ୟାୟାମ କିମ୍ବା ଯୋଗାସନ କରନ୍ତୁ।

**ମୀନ:** ଅବିବାହିତମାନଙ୍କ ପାଇଁ ଦିନଟି ଅନୁକୂଳ। ବିବାହ ଯୋଗ ରହିଛି। ନିଜ ଲୋକଙ୍କ ସହିତ ସାକ୍ଷାତ ହେବ। ଧୈର୍ଯ୍ୟର ସହିତ କାମ କରନ୍ତୁ। ଅଧିକତମ ଲାଭ ମିଳିବ। ଭାଗ୍ୟ ଆପଣଙ୍କ ସହିତ ଅଛି।

## ଶ୍ରୀମଦ୍ ଭଗବଦ୍‌ଗୀତା



ତଦିତ୍ୟନଭିସନ୍ଧାୟ ଫଳଂ ଯଜ୍ଞତପଃକ୍ରିୟାଃ।
ଦାନକ୍ରିୟାଶ୍ଚ ବିବିଧାଃ କ୍ରିୟନ୍ତେ ମୋକ୍ଷକାଙ୍କ୍ଷିଭିଃ। (୧୭/୨୫)

ଯେଉଁମାନେ ମୋକ୍ଷ ପାଇଁ ଅଭିଳାଷ ରଖନ୍ତି ସେମାନେ ଫଳ କାମନା ତ୍ୟାଗ କରି ‘ତତ୍’ ଶବ୍ଦ ଉଚ୍ଚାରଣ କରି ନାନାବିଧ ଯଜ୍ଞ, ତପସ୍ୟା ଓ ଦାନ ପ୍ରଭୃତି କର୍ମ ସମ୍ପାଦନ କରନ୍ତି। ଏଠାରେ ‘ତତ୍’ ଶବ୍ଦ ବ୍ରହ୍ମଙ୍କୁ ବୁଝାଏ, ଏହି ଶବ୍ଦ ଉଚ୍ଚାରଣ କରି କର୍ମାନୁଷ୍ଠାନ କଲେ ଫଳ ଆକାଂକ୍ଷାରୁ ନିବୃତ୍ତ ହୁଏ। ତେଣୁ ନିଷ୍କାମ ଚିତ୍ତରେ ଏହି ଶବ୍ଦ ଉଚ୍ଚାରିତ ହୁଏ।

## କ୍ରାନ୍ତିକାରୀ ସୁଖଦେବ



୧୯୦୭ର ଆଜିର ଦିନରେ ପଞ୍ଜାବର ଲୁଧିଆନା ସହରରେ ଜନ୍ମଗ୍ରହଣ କରିଥିଲେ ସୁଖଦେବ ଥାପର୍। ପିଲାଦିନରୁ ସେ ଇଂରେଜମାନଙ୍କ ଶାସନର ଜୁଲମ୍‌କୁ ଦେଖିବା ପରେ ତାଙ୍କ ମନରେ ଦେଶଭକ୍ତିର ଭାବନା ଭରିଗଲା। ସେ ଗୁଲାମୀର ଜଞ୍ଜିରକୁ ଭାଙ୍ଗିବା ପାଇଁ ନିଜେ କ୍ରାନ୍ତିକାରୀ ହୋଇଗଲେ। ଏଥିପାଇଁ ପରବର୍ତ୍ତୀ ସମୟରେ ଲାହୋରର ନ୍ୟାସ୍‌ନାଲ୍ କଲେଜରେ ଯୁବକମାନଙ୍କ ମଧ୍ୟରେ ଦେଶଭକ୍ତିର ଭାବନାକୁ ଜାଗ୍ରତ କରି ସେମାନଙ୍କୁ ସ୍ୱତନ୍ତ୍ରତା ଆନ୍ଦୋଳନରେ ଡ଼େଇଁବା ପାଇଁ ପ୍ରେରିତ କଲେ। ଜଣେ କୁଶଳ ନେତା ଭାବରେ ସେ କଲେଜରେ ପଢୁଥିବା ଛାତ୍ରମାନଙ୍କୁ ଭାରତର ଗୌରବଶାଳୀ ଅତୀତ ସମ୍ପର୍କରେ କହୁଥିଲେ। ସୁଖଦେବ ଅନ୍ୟ କ୍ରାନ୍ତିକାରୀ ସାଥିମାନଙ୍କ ସହିତ ମିଶି ଲାହୋରରେ ଆରମ୍ଭ କରିଥିଲେ ‘ନୌଯବାନ ଭାରତ ସଭା’। ଏହା ଏପରି ଏକ ସଂଗଠନ ଥିଲା ଯାହା ଯୁବକମାନଙ୍କୁ ସ୍ୱତନ୍ତ୍ରତା ଆନ୍ଦୋଳନରେ ସାମିଲ ହେବା ପାଇଁ ପ୍ରେରଣା ଯୋଗଉଥିଲା। ୧୯୨୮ରେ ବ୍ରିଟିଶ ସରକାର ଲାଗୁ କରିଥିଲେ ସାଇମନ କମିଶନ। ଏହାର ବିରୋଧ କରିଥିଲେ ଲାଲା ଲାଜପତ ରାୟଙ୍କ ପରି ନେତାମାନେ। କିନ୍ତୁ ଏହି ବିରୋଧ ସମୟରେ ଲାଠି ଚାଳନା କରାଯାଇଥିଲା ଓ ଲାଲା ଲାଜପତ ରାୟ ଗମ୍ଭୀର ଭାବରେ ଆଘାତପ୍ରାପ୍ତ ହୋଇ ଅଳ୍ପ ଦିନ ପରେ ମୃତ୍ୟୁବରଣ କରିଥିଲେ। କିନ୍ତୁ ସୁଖଦେବ, ଭଗତ ସିଂହ ଓ ରାଜଗୁରୁ ପ୍ରତିଶୋଧ ନେବା ପାଇଁ ଇଂରେଜ ଅଧିକାରୀ ଜେପି ସାଣ୍ଡର୍ସଙ୍କୁ ଗୁଳି ମାରିଦେଇଥିଲେ। ପରେ ଏ ସମସ୍ତଙ୍କୁ ଏକା ସହିତ ୨୩ ମାର୍ଚ୍ଚ, ୧୯୩୧ରେ ଫାଶୀ ଦିଆଯାଇ ପରେ ଏମାନଙ୍କ ଶବକୁ ସତଲୁଜ ନଦୀ ତଟରେ ଜଳାଇ ଦିଆଯାଇଥିଲା। ଏହି ଘଟଣା ପରେ ଦେଶରେ କ୍ରାନ୍ତିର ଲହର ଆରମ୍ଭ ହୋଇଥିଲା ଓ ଇଂରେଜ ଶାସନ ବିରୁଦ୍ଧରେ ସଂଘର୍ଷକୁ ନୂଆ ଦିଶା ମିଳିଥିଲା। ସ୍ୱାଧୀନତା ପାଇବା ପାଇଁ କେତେ ଲୋକ ନିଜ ଜୀବନକୁ ଯେ ତ୍ୟାଗ କରିଥିଲେ ତାହାର ହିସାବ ନାହିଁ। ତେବେ ସେହି ସୂଚୀରେ ଏପରି ଅନେକ ନାମ ରହିଛି ଯେଉଁମାନଙ୍କ ସମ୍ପର୍କରେ ଆଜି ବି କେହି ଜାଣି ନାହାନ୍ତି।

## ଏକ ନୂଆ ବୈଜ୍ଞାନିକ ବିଶ୍ଳେଷଣ



ଏକ ନୂଆ ଅଧ୍ୟୟନ ଅନୁସାରେ ଏଲ୍-ନିନୋର ଘଟଣା ପୂରା ଦୁନିଆରେ ହିଂସା ଓ ସଂଘର୍ଷର ବିପଦକୁ ବୃଦ୍ଧି କରେଇଦିଏ। ବୈଜ୍ଞାନିକମାନେ ୧୯୫୦ରୁ ୨୦୨୩ ପର୍ଯ୍ୟନ୍ତ ହୋଇଥିବା ୫୫୫ଟି ସଶସ୍ତ୍ର ସଂଘର୍ଷଗୁଡ଼ିକର ବିଶ୍ଳେଷଣ କରି ପାଇଥିଲେ ଯେ ଯେତେବେଳେ ଏଲ୍-ନିନୋ ସକ୍ରିୟ ରହେ ହିଂସାର ସମ୍ଭାବନା ଅନେକଟା ବୃଦ୍ଧି ପାଇଥାଏ। ପ୍ରଶାନ୍ତ ମହାସାଗରର ଗରମ ଫେଜ୍‌କୁ ଏଲ୍-ନିନୋ କହନ୍ତି। ପ୍ରତି ୩-୭ ବର୍ଷରେ ଏଲ୍-ନିନୋ ଆସେ ଓ ଦୁନିଆର ଅନେକ ଭାଗର ପାଣିପାଗକୁ ସମ୍ପୂର୍ଣ୍ଣ ଭାବରେ ଏହା ବଦଳେଇଦିଏ। କିଛି ସ୍ଥାନରେ ଖୁବ୍ ବର୍ଷା ମଧ ହୁଏ ତ କିଛି ସ୍ଥାନରେ ଭୟଙ୍କର ମରୁଡ଼ି ହୁଏ। ଏହି କାରଣରୁ ମଧ ଆମେରିକା ଓ ଦକ୍ଷିଣ ଆଫ୍ରିକାରେ ହିଂସକ ଘଟଣାର ବିପଦ ସବୁଠାରୁ ଅଧିକ ବୃଦ୍ଧିପାଏ। ବିଶ୍ଳେଷଣ ଅନୁସାରେ ଏଲ୍-ନିନୋ ସମୟରେ ମରୁଡ଼ି ପଡୁଥିବା କ୍ଷେତ୍ରରେ ସଂଘର୍ଷ ଓ ହିଂସାତ୍ମକ ଘଟଣା ବୃଦ୍ଧି ପାଇଛି। ଏହା ପ୍ରଥମ ଅଧ୍ୟୟନ ନୁହେଁ ଯାହା ଏଲ୍-ନିନୋ ଓ କୌଣସି ସଂଘର୍ଷ ମଧ୍ୟରେ ସମ୍ବନ୍ଧ ଥିବା କଥା କହୁଛି। କିନ୍ତୁ ଏ ପର୍ଯ୍ୟନ୍ତ ହୋଇଥିବା ଏହା ସବୁଠାରୁ ବିସ୍ତୃତ ଅଧ୍ୟୟନ। ଇଣ୍ଡିଆନ୍ ଓସିନ୍ ଡାଇପୋଲ୍ (ଯାହାକୁ କେବେ କେବେ ଇଣ୍ଡିଆନ୍ ନିନୋ ବୋଲି କୁହାଯାଏ)ର ଉଲ୍ଲେଖ ମଧ ରହିଛି। ଏହା ଭାରତ ମହାସାଗରରେ ହେଉଥିବା ଏକ ଘଟଣା ଯାହା ଏସିଆ ଓ ଆଫ୍ରିକାର କିଛି ଭାଗରେ କେବେ ଖୁବ୍ ବର୍ଷା ଓ କେବେ ଭୟଙ୍କର ମରୁଡ଼ି ସୃଷ୍ଟି କରିଥାଏ। ଅଧିକ ବର୍ଷା କିମ୍ବା ମରୁଡ଼ି ଦକ୍ଷିଣ-ପୂର୍ବ ଏସିଆ ଓ ଆଫ୍ରିକାର ହର୍ଣ୍ଣ ଅଫ୍ ଆଫ୍ରିକା କ୍ଷେତ୍ରରେ ସଂଘର୍ଷର ବିପଦ ଆଣିଥାଏ। ଇଣ୍ଡିଆନ୍ ଓସିନ୍ ଡାଇପୋଲ୍ ବହୁତ ଦ୍ରୁତ ଗତିରେ ବଦଳିପାରେ ଯେଉଁ କାରଣରୁ କ୍ଲାଇମେଟ୍ ହ୍ୱିପ୍‌ଲାସ୍ (ଅଚାନକ ପରିବର୍ତ୍ତନ)ର ସ୍ଥିତି ଆସିଯାଏ। ଏହାଦ୍ୱାରା ପୂର୍ବର ଦୁର୍ବଳ କ୍ଷେତ୍ରଗୁଡ଼ିକରେ ଅରାଜକତା ଓ ହିଂସା ବୃଦ୍ଧି ହେବାର ଆଶଙ୍କା ରହିଥାଏ।

## ପରିବାରର ମହତ୍ତ୍ୱ

ଆଜିର ସମୟରେ ଅଧିକାଂଶ ଲୋକ ନିଜର ଘର ଓ ପରିବାର ଠାରୁ ଦୂରରେ ରହୁଛନ୍ତି। ଏପରି ଲୋକମାନଙ୍କୁ ଯେତେବେଳେ ସେମାନଙ୍କ ଜୀବନର ସବୁଠାରୁ ଆନନ୍ଦମୟ ଦିନ ବିଷୟରେ ପଚରାଯାଏ ସେମାନେ ତାଙ୍କର ପ୍ରାରମ୍ଭିକ ଜୀବନର ବର୍ଷଗୁଡ଼ିକୁ ସବୁଠାରୁ ଭଲ ବୋଲି କହିଥାନ୍ତି। କାରଣ ସେତେବେଳେ ସେମାନେ ନିଜ ପରିବାର ସହିତ ସମୟ ଅତିବାହିତ କରିଥାନ୍ତି। ଆମର ପରିବାର ଆମ ଜୀବନର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଅଂଶବିଶେଷ ହୋଇଥିବାରୁ ଏହାର ମହତ୍ତ୍ୱକୁ ନିରନ୍ତର ସ୍ମରଣ କରିବା ପାଇଁ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଆଜି ପାଳନ କରାଯାଉଛି ପରିବାର ଦିବସ। ୧୯୯୫ରୁ ଏହି ଦିବସ ପାଳନ ହୋଇଆସୁଛି। ପରିବାର ସମ୍ବନ୍ଧୀୟ ମୁଦ୍ଦାଗୁଡ଼ିକ ଉପରେ ସଚେତନତା ସୃଷ୍ଟି କରେଇବା ଏହି ଦିବସର ଉଦ୍ଦେଶ୍ୟ। ଏହି ଦିନ ଲୋକମାନେ ନିଜ ପରିବାର



ପାଇଁ, ନିଜର କ୍ଷତିକାରକ ଅଭ୍ୟାସଗୁଡ଼ିକ ଯଥା ଧୂମପାନ ଆଦିକୁ ଛାଡ଼ି ସୁସ୍ଥ ଓ ଭଲ ଅଭ୍ୟାସଗୁଡ଼ିକୁ ଆପଣାଇବାର ସଂକଳ୍ପ ନେବା ଉଚିତ। ମାନବ ଜଗତରେ ପରିବାର ହେଉଛି ସବୁଠାରୁ ଏକ ଛୋଟ ଅଂଶ। ଏହା ସାମାଜିକ ସଂଗଠନର ଏକ ମୌଳିକ ଅଂଶ ଯାହାକୁ ସାମଞ୍ଜସ୍ୟତାର ସହିତ ଆମକୁ ଜିଇଁବା ପାଇଁ, ପରସ୍ପର ସହିତ ସହଯୋଗାତ୍ମକ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ବନ୍ଧ ତିଆରି କରିବା ପାଇଁ ଶିକ୍ଷା ଦେଇଥାଏ। ପ୍ରତ୍ୟେକ ମନୁଷ୍ୟ କୌଣସି ନା କୌଣସି ପରିବାରର ସଦସ୍ୟ ହୋଇଥିବେ କିମ୍ବା ପୂର୍ବରୁ ଥିବେ। ପରିବାର ଠାରୁ ଅଲଗା ହୋଇ ମଣିଷର ଅସ୍ତିତ୍ୱ ବିଷୟରେ ଚିନ୍ତା କରାଯାଇନପାରେ। ଆମ ସଂସ୍କୃତି ଓ ସଭ୍ୟତା କେତେ ଯେ ପରିବର୍ତ୍ତନକୁ ସ୍ୱୀକାର କରି ନିଜକୁ ପରିଷ୍କୃତ କରିଲେ ବି ପରିବାର ପରି ସଂସ୍ଥାର ଅସ୍ତିତ୍ୱ ଉପରେ କୌଣସି ପ୍ରକାରର ଆଞ୍ଚ ଆସିନାହିଁ। ପରିବାର ତିଆରି ହେବା ପରେ ଯଦି ବି ଭାଙ୍ଗିଯାଏ କିନ୍ତୁ ପରିବାରର ଅସ୍ତିତ୍ୱକୁ ଅଣଦେଖା କରିହେବ ନାହିଁ।

## ଦୁର୍ଲଭ ରତ୍ନ: ତାଞ୍ଜାନାଇଟ୍



ଜୋଇସାଇଟ୍ ଖଣିର ଏକ ଦୁର୍ଲଭ ନୀଳ-ବାଇଗଣି ରଙ୍ଗର ରତ୍ନ ତାଞ୍ଜାନାଇଟ୍। ଏହା କେବଳ ତାଞ୍ଜାନିଆର ମୋରିଲାନୀ ହିଲ୍ସ (ଆଫ୍ରିକା)ରେ ମିଳିଥାଏ। ୧୯୬୭ରେ ଅନ୍ୱେଷଣ କରାଯାଇଥିବା ଏହି ରତ୍ନ ନିଜର ସୁନ୍ଦରତା ପାଇଁ ପ୍ରସିଦ୍ଧ ଓ ଏହାକୁ ନୀଳମ୍‌ର ଏକ ଦାମୀ ବିକଳ୍ପ ଭାବରେ ଗ୍ରହଣ କରାଯାଏ। ଏହାକୁ ଡିସେମ୍ବର ମାସର ବାର୍ଥଷ୍ଟୋନ୍ ଭାବରେ ସମସ୍ତେ ମାନନ୍ତି। କେବଳ ତାଞ୍ଜାନିଆର ମାଉଣ୍ଟ କିଲିମଞ୍ଜାରୋ ପାଖରେ ଥିବା ଏକ ଛୋଟ କ୍ଷେତ୍ରରେ ତାଞ୍ଜାନାଇଟ୍ ଭଳି ଦୁର୍ଲଭ ରତ୍ନ ମିଳେ ଯାହା ହୀରାଠାରୁ ବି ଆହୁରି ଦୁର୍ଲଭ ବୋଲି କୁହାଯାଏ। ମୋସ୍ ସ୍କେଲରେ ଏହାର କଠୋରତା ୬-୭ ମଧ୍ୟରେ ରହିଛି ଯାହା ନୀଳମ୍ ଙ୍କ ତୁଳନାରେ କମ୍ ଅଟେ। ଏହା ଏକ ଅର୍ଦ୍ଧ-ଦାମୀ ପଥର ଯାହା ନିଜର ସୁନ୍ଦରତା ଓ ନୀଳ ରଙ୍ଗ କାରଣରୁ ଆଭୂଷଣଗୁଡ଼ିକ (ମୁଦି, ପେଣ୍ଡେଣ୍ଟ) ପାଇଁ ବହୁତ ଲୋକପ୍ରିୟତା ହାସଲ କରିଛି। ସାଂସ୍କୃତିକ ଭାବରେ ଏହାକୁ ସୌଭାଗ୍ୟ, ସମୃଦ୍ଧି ଓ ନୂଆ ପ୍ରାରମ୍ଭ ସହିତ ଯୋଡ଼ାଯାଏ।

## ମଣ୍ଡଳା ଆର୍ଟର ବ୍ୟବସାୟ

ମଣ୍ଡଳା ଆର୍ଟର ରହିଛି ହଜାର ହଜାର ବର୍ଷର ପୁରୁଣା ଇତିହାସ। ଏହା ଦେଶର ପ୍ରାଚୀନ ହିନ୍ଦୁ ଓ ବୌଦ୍ଧ ଧର୍ମ ସହିତ ଜଡ଼ିତ। ତେବେ ଆଜିର ଆଧୁନିକ ଯୁଗରେ ଲୋକମାନେ ଧ୍ୟାନ ଓ ଚାପରୁ ରକ୍ଷା ପାଇବା ପାଇଁ ମଣ୍ଡଳା ଆର୍ଟର ଉପଯୋଗ କରୁଛନ୍ତି। ଏହି ଆର୍ଟକୁ ଅଲଗା ଅଲଗା ବସ୍ତୁରେ ଖୋଦନ କରି ଏଥିରେ ନୂଆ ଡିଜାଇନ୍ ଦେଉଛନ୍ତି ଦନ୍ତେୱାଡ଼ାର ରତିକା ସୋନୀ। ଏହା ରତିକାଙ୍କର ଏକ ଛୋଟ ଷ୍ଟାର୍ଟଅପ୍। ପାଖାପାଖି ଏକ ବର୍ଷ ପୂର୍ବରୁ ରତିକା ଆରମ୍ଭ କରିଛନ୍ତି ଏହି ବ୍ୟବସାୟ। ମଣ୍ଡଳା ଆର୍ଟରେ ରତିକା ଦର୍ପଣ, ଘଡ଼ି ପରି ଅଲଗା ଅଲଗା ଉତ୍ପାଦକୁ ନିଜ ଆର୍ଟ ଦ୍ୱାରା ଆକୃତି ଦେଇଛନ୍ତି। ରତିକା କହିଛନ୍ତି ଯେ ଧ୍ୟାନ କରିବା ସମୟରେ ଏହି ଆର୍ଟର ଉପଯୋଗ କରାଯାଏ ଯେଉଁଥି ପାଇଁ ମନ ଶାନ୍ତ ରହେ। ତେବେ ରତିକା ଲୋକମାନଙ୍କୁ ଅଲଗା ଅଲଗା ଭେରିଏସନ୍ ଦେବା ପାଇଁ ତିଆରି କରୁଛନ୍ତି ଡଟ୍ ମଣ୍ଡଳା ଆର୍ଟ। ଘଡ଼ି ଓ ଆଇନା ଉପରେ ସେ ଏହି ଆର୍ଟକୁ ଆକାର ଦେଇଥାନ୍ତି। ଏକ ଡିଜାଇନ୍ ତିଆରି କରିବା ପାଇଁ ତା’ର ସାଇଜ ଓ ଡିଟେଲିଂ କାମ ମହତ୍ତ୍ୱ ରଖାଥାଏ। ଏକରୁ ଦୁଇ ଫୁଟ୍‌ର ଡିଜାଇନ୍ ତିଆରି କରିବାକୁ ଲାଗେ ୪-୫ ଦିନ। ଏବେ ସେ ଏହି ବ୍ୟବସାୟକୁ ଏକୁଟିଆ କରୁଛନ୍ତି। ତାଙ୍କ ସହିତ ଜଣେ ସାଙ୍ଗ ଅଛନ୍ତି ଯିଏ ଡିଜାଇନ୍ ତିଆରି କରିବାରେ ତାଙ୍କୁ ସାହାଯ୍ୟ କରୁଛନ୍ତି। ରତିକା ଏହି ଆର୍ଟ ପାଇଁ କେଉଁଠାରୁ ବି ପ୍ରଶିକ୍ଷଣ ନେଇନାହାନ୍ତି। ଥରେ ଏହି ଆର୍ଟ ଦେଖିବା ପରେ ସେ ଏହାକୁ କରିଥିଲେ ଓ ଏହାପରେ ନିଜେ ବିଭିନ୍ନ ଡିଜାଇନ୍ କରିଥିଲେ। ଏବେ ସୋସିଆଲ୍ ମିଡିଆରେ ଏହି ଆର୍ଟକୁ ମିଳିଛି ଖୁବ୍ ଭଲ ପ୍ରତିକ୍ରିୟା ଓ ଅନ୍‌ଲାଇନ୍ ସେ ଏହି ଆର୍ଟଗୁଡ଼ିକୁ ବିକ୍ରି ମଧ କରୁଛନ୍ତି। ଏଥିପାଇଁ ତାଙ୍କ ବ୍ୟବସାୟ ବୃଦ୍ଧି ହେଉଛି। ତେବେ ତାଙ୍କ ପାଖରେ ୨୦୦-୬୦୦୦ ପର୍ଯ୍ୟନ୍ତ ପ୍ରଡକ୍ଟସ୍ ରହିଛି।



## ମୂଳାଙ୍କ ୯ର ବ୍ୟକ୍ତିତ୍ୱ

ନିଜର ମୂଳାଙ୍କ ଜାଣିବା ପାଇଁ ଜନ୍ମତିଥିର ଅଙ୍କଗୁଡ଼ିକୁ ପରସ୍ପର ସହିତ ସେ ପର୍ଯ୍ୟନ୍ତ ଯୋଡ଼ନ୍ତୁ ଯେଉଁ ପର୍ଯ୍ୟନ୍ତ ୧-୯ ମଧ୍ୟରେ କୌଣସି ଅଙ୍କ ନମିଳିଛି। ଆଜି ଜାଣିବା ଏପରି କିଛି ମୂଳାଙ୍କ ସମ୍ପର୍କରେ ଯେଉଁମାନେ ନିଜ ମା’ ପାଇଁ କୌଣସି ଉପହାର ଠାରୁ କମ୍ ହୋଇନଥାନ୍ତି। ଏହି ମୂଳାଙ୍କଙ୍କ ଜାତକ ବିଷୟରେ କିଛି ଖାସ୍ କଥା ଜାଣିବା।

-ଯେଉଁ ବ୍ୟକ୍ତିମାନଙ୍କର ଜନ୍ମ କୌଣସି ମାସର ୯,୧୮ ବା ୨୭ ତାରିଖରେ ହୋଇଥାଏ ସେମାନଙ୍କର ମୂଳାଙ୍କ ୯ ବୋଲି କୁହାଯାଏ। ଅଙ୍କ ଜ୍ୟୋତିଷ ଏହି ମୂଳାଙ୍କର ଲୋକମାନଙ୍କୁ ଜିଦି ସ୍ୱଭାବର ବୋଲି



କହେ। ଏମାନଙ୍କର ଜାତକରେ ମଙ୍ଗଳ ଗ୍ରହର ପ୍ରଭାବ ରହିଥାଏ। ଏହି ପ୍ରବୃତ୍ତି କାରଣରୁ ଏମାନେ କେବେ କେବେ ସମ୍ପର୍କ ଓ କ୍ୟାରିୟର୍‌ରେ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହୋଇଥାନ୍ତି।

ବିଶେଷତା-ଜିଦି ସ୍ୱଭାବର ହୋଇଥିବାରୁ ମୂଳାଙ୍କ ୯ର ଜାତକ ଦୃଢ଼ନିଶ୍ଚୟୀ ହୋଇଥାନ୍ତି। ଏହି ଲୋକମାନେ ଊର୍ଜା ଓ ସାହସରେ ଭରି ରହିଥାନ୍ତି। ଏମାନେ କୌଣସି କଷ୍ଟକର ସମୟରେ ସହଜରେ ପରାଜୟ ସ୍ୱୀକାର କରନ୍ତି ନାହିଁ। ଜିଦି ସ୍ୱଭାବ କାରଣରୁ ଏମାନଙ୍କ ଭିତରେ ଚ୍ୟାଲେଞ୍ଜ କରିବାର ଭାବନା ସୃଷ୍ଟି ହୁଏ ଓ କୌଣସି ଘଟଣାରେ ବିଜୟୀ ହେବାର ଜୋଶ୍ ଭରି ରହିଥାଏ। ଏମାନଙ୍କୁ କୌଣସି ଆହ୍ୱାନ ମିଳିଲେ ଏମାନେ ତାକୁ ପୂରା କରି ଛାଡ଼ିଥାନ୍ତି।

ଦୁର୍ବଳତା-ମୂଳାଙ୍କ ୯ର ଜାତକଙ୍କୁ ଖୁବ୍ ଶୀଘ୍ର କ୍ରୋଧ ଆସିଯାଏ ଓ ଥରେ କ୍ରୋଧ ଆସିଲେ ଏମାନେ ବେକାବୁ ହୋଇଯାଆନ୍ତି। ଅଙ୍କ ଜ୍ୟୋତିଷ ଶାସ୍ତ୍ରରେ ଏମାନଙ୍କୁ ଝଗଡ଼ାଳୁ ସ୍ୱଭାବର ବୋଲି କୁହାଯାଏ। ଛୋଟ ଛୋଟ କଥାକୁ ଏମାନେ ଧରି ରଖିଥାନ୍ତି ଯେଉଁଗୁଡ଼ିକ ପରବର୍ତ୍ତୀ ସମୟରେ ସେମାନଙ୍କ ପାଇଁ ସମସ୍ୟାର କାରଣ ହୋଇଥାଏ।

ମୂଳାଙ୍କ ୯ ବ୍ୟତୀତ ମୂଳାଙ୍କ ୪ର ଲୋକମାନେ ମଧ ବହୁତ ଜିଦି ଓ କଠୋର ସ୍ୱଭାବର ହୋଇଥାନ୍ତି।

## ଖରାଦିନ



ନଈକୂଳିଆ ଧୀର ପବନ
ଯିବାକୁ ଛାଡି ନହୁଏ ମନ
ସାରା ଧରା ହୁଅଇ ଉତ୍ତପ୍ତ
ଗଛର ଛାଇ ଲାଗଇ ଶୀତ।
ଜମା ଘରୁ ହୁଏନା ବାହାରି
ଲାଗେ ଶରବିଦ୍ଧ ଖରାତାତି
ବନ, ନଈକୂଳ, ଛଣଘର
ଲାଗେ ଚନ୍ଦନ ସମ ଶୀତଳ।
ପ୍ରକୃତି ଆମରି ସାଥି ହୋଇ
ମନକଥା ଆମ ଥାଏ ବୁଝି
ଗ୍ରୀଷମ, ବର୍ଷା, ବସନ୍ତ, ଶୀତ
ସଦା ରହିଥାଏ ଆମ ହିତ।
ପ୍ରକୃତି ରଖିଥାଏ ସଜାଡି
ଫୁଲ, ଫଳ, ପତ୍ର ସବୁ ଭରି
ଖାଦ୍ୟ, ଜଳ, ବସ୍ତ୍ର ଯାଏ ମିଳି
ସବୁ ପରା ଋତୁ ଅନୁଯାୟୀ।
ଗ୍ରୀଷମରେ କେତେ ତାଜା ଫଳ
ସପୁରି, ପଇଡ଼, ପଣସ, ତାଳ
କାକୁଡି, ତରଭୁଜ, ରସାଳ
ବହୁ ସ୍ୱାଦିଷ୍ଟ ଫଳ ସମ୍ଭାର।
ଗ୍ରୀଷମ ଫଳ କେତେ ପ୍ରକାର
ସେଥିରୁ ମିଳଇ ଖାଦ୍ୟପେୟ
ଏହା ତ ବିଧାତାଙ୍କ ସଂଯୋଗ
ଭୋକ, ଶୋଷ ଆମ ମନବୋଧ।
ଖରାଦିନ ଆମ ନୁହଁ ଶତ୍ରୁ
ମେଘ ବରଷଇ ଖରା ଯୋଗୁଁ
ଖରାତାତି ଯେବେ ଅପସରି
ଧରା ସବୁଜିମା ଯାଏ ଭରି।



ଚିତ୍ତରଞ୍ଜନ ମହାନ୍ତି
ରାଣୀତାଳ, ଭଦ୍ରକ

## ଫେରିବେ ଓଜି ଗ୍ୟାଙ୍ଗ୍







ଖୁବ୍ ପ୍ରଶଂସା ସାଉଁଟିଥିବା ଫିଲ୍ମ ‘ସିତାରେ ଜମିନ୍ ପର୍’ ପରେ ବଲିଉଡ୍‌ର ମିଷ୍ଟର ପରଫେକ୍ସନିଷ୍ଟ ଅମିର ଖାନଙ୍କ ପରବର୍ତ୍ତୀ ଯୋଜନା କ’ଣ ରହିବ ତାହାକୁ ନେଇ ଦର୍ଶକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ନିକଟରେ ପୁଅ ଜୁନୈଦ ଖାନଙ୍କ ଫିଲ୍ମ ‘ଏକ୍ ଦିନ୍’କୁ ଖୁବ୍ ସପୋର୍ଟ କରିଥିଲେ ଅମିର। ଏହା ସହିତ ମିଷ୍ଟର ପର୍‌ଫେକ୍ସନିଷ୍ଟବାଲା ଯାଦୁ ଫିଲ୍ମଟିକୁ ଆହୁରି ଭଲ କରିବା ପାଇଁ ଚେଷ୍ଟା କରିଥିଲା। କିନ୍ତୁ ଏହା ପରେ ଅମିର କ’ଣ କରିବେ ସେ ବିଷୟରେ କୌଣସି ଠୋସ୍ ଖବର ସାମ୍ନାକୁ ଆସିନଥିଲା। କିନ୍ତୁ ଏକ ବିଶ୍ୱସ୍ତ ସୂତ୍ର ଅନୁସାରେ ଅମିର, ରାଜୁଙ୍କ ସହିତ ମିଶି ଏକ କାହାଣୀ ଉପରେ କାମ କରୁଛନ୍ତି। ଫିଲ୍ମର ବାକି ଦୁଇ ଜଣ କଳାକାର ଆର୍ ମାଧବନ୍ ଓ ସରମନ୍ ଯୋଶୀ ମଧ ଅନେକ ବର୍ଷ ପରେ ଏହି ଫିଲ୍ମକୁ ଫେରିବେ। ଏହା ସହିତ ଫିଲ୍ମରେ ଏକ ଟାଇମ୍ ଜମ୍ପ ଦେଖିବାକୁ ମିଳିପାରେ। ଏହି ଟାଇମ୍ ଜମ୍ପ ୨୦୦୯ର ଘଟଣାଗୁଡ଼ିକର ପୂର୍ବ ସମୟକୁ ଦର୍ଶାଇବ କିମ୍ବା ପରର ଏହା ଉପରେ ସଠିକ୍ ତଥ୍ୟ ମିଳିପାରି ନାହିଁ। ତେବେ ଫିଲ୍ମର ଶୀର୍ଷକର ନାମ ‘ଫୋର୍ ଇଡିୟଟ୍ସ’ ରଖାଯାଇପାରେ। କୁହାଯାଉଛି ଯେ ଏଥର ବିକି କୌଶଲ୍ ଏଥିରେ ସାମିଲ ହୋଇପାରନ୍ତି। ଏହା ପୂର୍ବରୁ ଅମିର ଖାନ ଯେବେ ବି ରାଜୁଙ୍କ ସହିତ କାମ କରିଛନ୍ତି ଲାଭରେ ରହିଛନ୍ତି। ରାଜୁ ହିରାନୀଙ୍କ ସହିତ ଅମିର ‘ଥ୍ରୀ ଇଡିୟଟ୍ସ’ ଓ ‘ପିକେ’ରେ ମଧ କାମ କରିଥିଲେ ଯେଉଁ ଦୁଇଟି ଯାକ ଫିଲ୍ମ ସୁପରହିଟ୍ ହୋଇଥିଲା। ଏପରି ସ୍ଥଳେ ଅମିର ଯଦି ରାଜୁଙ୍କ ସହିତ ‘ଥ୍ରୀ ଇଡିୟଟ୍ସ’ର ସିକ୍ୱେଲରେ କାମ କରିବେ ତେବେ ଦର୍ଶକଙ୍କ ପାଇଁ ଏହାଠାରୁ ବଡ଼ ଉପହାର ଆଉ କ’ଣ ଥାଇପାରେ। ତେବେ ୱର୍କଫ୍ରଣ୍ଟ ଦୃଷ୍ଟିରୁ ଆର୍ ମାଧବନ ଆଗାମୀ ଦିନରେ ତାମିଲ ଫିଲ୍ମ ଜିଡି ନାଇଡୁ, ଧୁରନ୍ଧର: ଦ ରିଭେଞ୍ଜରେ ନଜର ଆସିବେ। ସେହିପରି ସରମନ୍ ଯୋଶୀଙ୍କ ହାତରେ ରହିଛି ଗୋଲମାଲ୍-୫, ଜିଦ୍ଦି ସନମ୍ ଓ ତିସ୍‌ଭି ମଞ୍ଜିଲ୍। ଅମିର ଖାନ ମଧ ଦାଦାସାହେବ୍ ଫାଲ୍‌କେଙ୍କ ବାୟୋପିକ୍, ଲୋକେଶ କଙ୍ଗାରାଜଙ୍କ ସହିତ ଏକ ଫିଲ୍ମ ଉପରେ କାମ ଜାରି ରଖିଛନ୍ତି।



**ଆଜିର ମ୍ୟାଚ୍**

ଲକ୍ଷ୍ନୌ ସୁପର୍ ଜାଏଣ୍ଟସ ବନାମ ଚେନ୍ନାଇ ସୁପର୍ କିଙ୍ଗସ

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ଲକ୍ଷ୍ନୌ

ନିତିଦିନ NITIDIN

# ସିଏସ୍‌କେରେ ଡିଆନ୍ ଫରେଷ୍ଟର୍



**ଚେନ୍ନାଇ,୧୪।୫/ଏଜେନ୍ସି:** ଚେନ୍ନାଇ ସୁପର୍ କିଙ୍ଗସ (ସିଏସ୍‌କେ) ସାଉଥ୍ ଆଫ୍ରିକା ଅଲ୍‌ରାଉଣ୍ଡର୍ ଡିଆନ୍ ଫରେଷ୍ଟର୍‌ଙ୍କୁ ଆହତ ଜେମି ଓଭର୍‌ଟନ୍‌ଙ୍କ ବଦଳ ଖେଳାଳି ଭାବେ ଟିମ୍‌ରେ ସାମିଲ କରିଛି। ଚଳିତ ସିଜନ୍‌ରେ ସିଏସ୍‌କେର ପ୍ରଥମ ୧୧ରୁ ୧୦ ମ୍ୟାଚ୍ ଖେଳି ୧୪ ଉଇକେଟ୍ ନେଇଥିବା ଇଂଲଣ୍ଡ ଅଲ୍‌ରାଉଣ୍ଡର୍ ଡାହାଣ ଜଙ୍ଘରେ ଆଘାତ ଯୋଗୁଁ ଟୁର୍ଣ୍ଣାମେଣ୍ଟର ବାକି ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ଫରେଷ୍ଟର୍‌ଙ୍କୁ ସିଏସ୍‌କେ ୭୫ ଲକ୍ଷ ଟଙ୍କାରେ ନିଜ ସହ ସାମିଲ କରିଛି। ବାମହାତୀ ବ୍ୟାଟର୍ ଏବଂ ଡାହାଣହାତୀ ଫାଷ୍ଟ ବୋଲର୍ ଏସ୍‌ଏ୨୦ର ୨୦୨୫-୨୬ ସଂସ୍କରଣରେ ଜୋବର୍ଗ ସୁପର୍ କିଙ୍ଗସ (ଜେଏସ୍‌କେ) ପକ୍ଷରୁ ମଧ୍ୟ ଖେଳିଛନ୍ତି। ୨୫ ବର୍ଷୀୟ ଅଲ୍‌ରାଉଣ୍ଡର୍ ଚଳିତ ମାର୍ଚ୍ଚରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଟି-୨୦ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ। ପିଏସ୍‌ଏଲ୍ ୨୦୨୬ରେ ମଧ୍ୟ ସେ ରାୱଲପିଣ୍ଡିଜ୍ ପକ୍ଷରୁ ଖେଳିଥିଲେ ଏବଂ ୬ ଇନିଂସ୍‌ରେ ୧୭୧.୪୨ ଷ୍ଟ୍ରାଇକ୍ ରେଟ୍‌ରେ ୧୩୨ ରନ୍ କରିଥିଲେ। ଏହା ବ୍ୟତୀତ ଜେଏସ୍‌କେରେ ୧୬୫.୦୯ ଷ୍ଟ୍ରାଇକ୍ ରେଟ୍‌ରେ ୧୭୫ ରନ୍ କରିଥିଲେ। ଏହା ମଧ୍ୟରେ ଏମ୍‌ଆଇ କେପ୍ ଟାଉନ୍ ବିପକ୍ଷରେ ୪୨ ବଲ୍‌ରେ ଅପରାଜିତ ୮୦ ରନ୍‌ର ଇନିଂସ୍ ମଧ୍ୟ ସାମିଲ। ତେବେ ଉଭୟ ଟୁର୍ଣ୍ଣାମେଣ୍ଟରେ ସେ ବେଶୀ ବୋଲିଂ କରିନଥିଲେ। ପିଏସ୍‌ଏଲ୍‌ରେ ୩୨ ବଲ୍‌ରେ ସେ ୨ଟି ଉଇକେଟ୍ ହାସଲ କରିଥିବା ବେଳେ ଏସ୍‌ଏ୨୦ରେ କୌଣସି ଉଇକେଟ୍ ପାଇନଥିଲେ। ଚେନ୍ନାଇ ସୁପର୍ କିଙ୍ଗସ ଶୁକ୍ରବାର ଲକ୍ଷ୍ନୌ ସୁପର୍ ଜାଏଣ୍ଟସ ବିପକ୍ଷରେ ପରବର୍ତ୍ତୀ ମ୍ୟାଚ୍ ଖେଳିବ।

# ତିଳକ ବର୍ମାଙ୍କ ଝଡ଼ରେ ଉଡ଼ିଲା ପଞ୍ଜାବ

## ଶ୍ରେୟସ୍ ବ୍ରିଗେଡ୍‌ର ଲଗାତାର ପଞ୍ଚମ ପରାଜୟ



**ଧର୍ମଶାଳା,୧୪।୫/ଏଜେନ୍ସି:** ଏକ ରୋମାଞ୍ଚକର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୬ ଉଇକେଟ୍‌ରେ ପଞ୍ଜାବ କିଙ୍ଗସକୁ ହରାଇ ଦେଇଛି। ଅନ୍ତିମ ଓଭର୍‌ରେ ମୁମ୍ବାଇକୁ ୧୫ ରନ୍ ଆବଶ୍ୟକ ଥିବାବେଳେ ତିଳକ ବର୍ମା ଓ ୱିଲ୍ ଜ୍ୟାକ୍ସ ଗୋଟିଏ ବଲ୍ ପୂର୍ବରୁ ଏହା ହାସଲ କରିନେଇଥିଲେ। ଏହା ଚଳିତ ଆଇପିଏଲ୍‌ରେ ପଞ୍ଜାବ କିଙ୍ଗସର ଲଗାତାର ପଞ୍ଚମ ପରାଜୟ। ଧର୍ମଶାଳାର ଏଚ୍‌ପିସିଏ ଷ୍ଟାଡିୟମ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ପଞ୍ଜାବ ୮ ଉଇକେଟ୍‌ରେ ୨୦୦ ରନ୍ କରିଥିଲା। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୧୯.୫ ଓଭର୍‌ରେ ୪ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି। ୨୦୧ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ମୁମ୍ବାଇ ଜୋରଦାର ଆରମ୍ଭ କରି ପାୱାର୍‌ପ୍ଲେରେ ୫୯ ରନ୍ ଯୋଡ଼ିଥିଲା। ରିୟାନ୍ ରିକେଲ୍‌ଟନ୍ ୨୩ ବଲ୍‌ରେ ୪୮ ରନ୍ ଯୋଡ଼ି ଅଜମତୁଲ୍ଲାହଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ନମ୍ବର-୩ରେ ବ୍ୟାଟିଂ ପାଇଁ ଆସିଥିବା ନମନ ଧୀର (୮)ଙ୍କୁ ମାର୍କୋ ଜାନ୍‌ସେନ୍ ପ୍ୟାଭିଲିୟନ୍ ଫେରାଇଥିଲେ। ଏହାପରେ ରୋହିତ ଶର୍ମା ୨୬ ବଲ୍‌ରେ ଦୁଇଟି ଛକା ସହାୟତାରେ ୨୫ ରନ୍ କରି ୟୁଜବେନ୍ଦ୍ର ଚହଲ୍‌ଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ମୁମ୍ବାଇ ସ୍କୋର୍ ୮୮/୩ ପରେ ତିଳକ ବର୍ମା ଓ ଶେରଫେନ୍ ରଦରଫୋର୍ଡ ମିଶି ୬୧ ରନ୍ ଯୋଡ଼ିଥିଲେ। କିନ୍ତୁ ରଦରଫୋର୍ଡ (୨୦) ଉମରଜଇଙ୍କ ବଲ୍‌ରେ ଜାଭିୟର୍ ବାର୍ଟଲେଟ୍‌ଙ୍କୁ କ୍ୟାଚ୍ ଦେଇ ଫେରିଥିଲେ। ଏହାପରେ ତିଳକ ବର୍ମା ଓ ୱିଲ୍ ଜ୍ୟାକ୍ସ ଟିମ୍‌କୁ ଶେଷ ଓଭର୍‌ରେ ବିଜୟୀ କରାଇଛନ୍ତି। ୨୫ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା ତିଳକ ୩୩ ବଲ୍‌ରେ ୬ଟି ଲେଖାଏଁ ଚୌକା ଓ ଛକା ସହାୟତାରେ ୭୫ ରନ୍ କରି ୱିଲ୍ ଜ୍ୟାକ୍ସ (୨୫)ଙ୍କ ସହ ଅପରାଜିତ ରହିଥିଲେ। ଟସ୍ ହାରି ବ୍ୟାଟିଂ ପାଇଥିବା ପଞ୍ଜାବ କିଙ୍ଗସ ପାଇଁ ପ୍ରଭସିମ୍‌ରନ୍ ସିଂହ ସର୍ବାଧିକ ୫୭ ରନ୍ କରିଥିଲେ। ତାଙ୍କ ୩୨ ବଲ୍‌ର ଇନିଂସ୍‌ରେ ୬ ଚୌକା ଓ ୪ ଛକା ସାମିଲ ଥିଲା। ସେହିପରି ଅଜମତୁଲ୍ଲାହ ଉମରଜାଇ ୧୭ ବଲ୍‌ରେ ବିସ୍ଫୋରକ ୩୮ ରନ୍ କରିଥିଲେ। ଶେଷରେ ଜାଭିୟର୍ ବାର୍ଟଲେଟ୍ ୭ ବଲ୍‌ରେ ୧୮ ରନ୍‌ର ଅପରାଜିତ ଇନିଂସ୍ ଖେଳି ପଞ୍ଜାବ ସ୍କୋର୍ ୨୦୦ ରନ୍‌ରେ ପହଞ୍ଚାଇଥିଲେ। ପ୍ରଭସିମ୍‌ରନ୍ ଓ ପ୍ରିୟାଂଶ ଆର୍ଯ୍ୟଙ୍କ ମଧ୍ୟରେ ପ୍ରଥମ ଉଇକେଟ୍ ପାଇଁ ୫୦ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ପ୍ରିୟାଂଶ ୧୭ ବଲ୍‌ରେ ୨୨ ରନ୍ କରି ଦୀପକ ଚହର୍‌ଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହାପରେ ପ୍ରଭସିମ୍‌ରନ୍ ଦ୍ୱିତୀୟ ଉଇକେଟ୍ ପାଇଁ କୁପର୍ କୋନୋଲୀ (୨୧ ରନ୍)ଙ୍କ ସହ ୫୭ ରନ୍‌ର ପାର୍ଟନରଶିପ୍ କରିଥିଲେ। ବିଷ୍ଣୁ ବିନୋଦ ୧୫ ରନ୍ କରି ଅପରାଜିତ ଫେରିଥିଲେ। କ୍ୟାପ୍‌ଟେନ୍ ଶ୍ରେୟସ୍ ଆୟର୍ (୪), ସୂର୍ଯ୍ୟାଂଶ ଶେଗ୍‌ଡ଼େ (୮) ଓ ଶଶାଙ୍କ ସିଂହ (୨) ଶସ୍ତାରେ ଆଉଟ୍ ହୋଇଥିଲେ। ଏହା ସତ୍ତ୍ୱେ ଉମରଜଇ ଓ ବାର୍ଟଲେଟ୍‌ଙ୍କୁ ଦ୍ରୁତ ଇନିଂସ୍ ଟିମ୍‌କୁ ମଜଭୁତ ସ୍କୋର୍‌ରେ ପହଞ୍ଚାଇଥିଲେ। ମୁମ୍ବାଇ ପକ୍ଷରୁ ଶାର୍ଦ୍ଦୁଳ ଠାକୁର ୪ଟି ଏବଂ ଦୀପକ ଚହର ଦୁଇଟି ଉଇକେଟ୍ ନେଇଥିବା ବେଳେ କର୍ବିନ୍ ବଶ୍ ଓ ରାଜ୍ ବାୱାଙ୍କୁ ୧-୧ ସଫଳତା ମିଳିଥିଲା।

# ରାଜ୍ୟଗୋଷ୍ଠୀ ଓ ଏସିଆନ୍ ଗେମ୍ସ ଦୌଡ଼ରୁ ନିକହତ ବାଦ୍



**ପାଟିଆଲା,୧୪।୫/ଏଜେନ୍ସି:** ଦୁଇଥରର ବିଶ୍ୱ ଚାମ୍ପିଅନ୍ ନିକହତ ଜରୀନ୍ ଏଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ୍ ଗେମ୍ସ ଟ୍ରାଏଲ୍ସରେ ବିପର୍ଯ୍ୟୟର ଶିକାର ହୋଇ ବାଦ୍ ପଡ଼ିଛନ୍ତି। ୨୦୨୨ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିଅନ୍ ଏବଂ ୨୦୨୩ ହାଙ୍ଗଝୋଉ ଏସିଆନ୍ ଗେମ୍ସ ବ୍ରୋଞ୍ଜ୍ ପଦକ ବିଜେତା ନିକହତ ଗୁରୁବାର ୫୧ କେଜି ବର୍ଗର ପ୍ରଥମ ମୁକାବିଲାର ସେମିଫାଇନାଲ୍‌ରେ ସାକ୍ଷୀ ଚୌଧୁରୀଙ୍କଠାରୁ ୧-୪ ବିଭାଜିତ ନିଷ୍ପତ୍ତିରେ ହାରି ଯାଇଛନ୍ତି। ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ରବିବାର ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍‌ଆଇ)ର ମୂଲ୍ୟାଙ୍କନ ଆଧାରିତ ପ୍ରଣାଳୀକୁ 'ଅପାରଦର୍ଶୀ' କହି ଏହାକୁ ନିଲମ୍ବିତ କରିଥିଲା। ଫଳରେ ବିଏଫ୍‌ଆଇକୁ ଟ୍ରାଏଲ୍ ଆଧାରିତ ଚୟନ ପ୍ରକ୍ରିୟାକୁ ଫେରିବା ପାଇଁ ବାଧ ହୋଇଥିଲା। ପୂର୍ବତନ ହାଇପରଫର୍ମାନ୍ସ ନିର୍ଦ୍ଦେଶକ ଦ୍ୱାରା ଆରମ୍ଭ ହୋଇଥିବା ମୂଲ୍ୟାଙ୍କନ ଆଧାରିତ ଚୟନ ପ୍ରଣାଳୀ ୨୦୨୩ରେ ଆରମ୍ଭରୁ ହିଁ ତଦନ୍ତ ପରିସରରେ ରହିଥିଲା। ଏହାକୁ ନେଇ ବହୁ ବକ୍ସର୍ କଥିତ ଭେଦଭାବ ଏବଂ ପାରଦର୍ଶିତାର ଅଭାବ ଉପରେ ଚିନ୍ତାବ୍ୟକ୍ତ କରିଥିଲେ। ଏବେ ଅଧିକାଂଶ ବକ୍ସର୍ ଟ୍ରାଏଲ୍ ଆଧାରିତ ଚୟନ ପ୍ରଣାଳୀର ପ୍ରତ୍ୟାବର୍ତ୍ତନକୁ ସ୍ୱାଗତ କରିଛନ୍ତି। ସାଇ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ଟ୍ରାଏଲ୍ ଅନୁଷ୍ଠିତ ହୋଇଥିଲା। ଏବେ ସେନା ବକ୍ସର୍ ସାକ୍ଷୀ ୫୪ କେଜି ତଳକୁ ଆସିଛନ୍ତି। ସେ ଏବେ ଫାଇନାଲ୍‌ରେ ବର୍ତ୍ତମାନର ୪୮ କେଜି ବିଶ୍ୱ ଚାମ୍ପିଅନ୍ ମୀନାକ୍ଷୀଙ୍କୁ ଭେଟିବେ। ମୀନାକ୍ଷୀ ପୂର୍ବତନ ବିଶ୍ୱକପ୍ ସ୍ୱର୍ଣ୍ଣ ବିଜେତା ନିତୁ ଘଙ୍ଘାସ୍‌କୁ ସର୍ବସମ୍ମତ ନିଷ୍ପତ୍ତିରେ ହରାଇଥିଲେ। ବର୍ତ୍ତମାନ ସୁଦ୍ଧା ସଚିନ୍ ସିୱାଚ୍ (୬୦ କେଜି), ପ୍ରୀତି ପୱାର୍ (୫୪ କେଜି) ଏବଂ ପ୍ରିୟା ଘଙ୍ଘସ୍ (୬୦ କେଜି) ରାଜ୍ୟଗୋଷ୍ଠୀ ଓ ଏସିଆନ୍ ଗେମ୍ସ ପାଇଁ କ୍ୱାଲିଫାଏ କରିଛନ୍ତି। ଅନ୍ୟପକ୍ଷରେ ଜାସ୍ମିନ୍ ଲମ୍ବୋରିୟା (୫୭ କେଜି) ଏବଂ ଅରୁନ୍ଧତି ଚୌଧୁରୀ (୭୦ ଜେକି) କେବଳ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ସ୍ଥାନ ପକ୍କା କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଜୁଲାଇ-ଅଗଷ୍ଟରେ ଗ୍ଲାସ୍‌ଗୋରେ ଏବଂ ଏହାପରେ ସେପ୍ଟେମ୍ବର-ଅକ୍ଟୋବରରେ ଏସିଆନ୍ ଗେମ୍ସ ଜାପାନରେ ଆୟୋଜିତ ହେବ।

**ମହିଳା ଟି-୨୦ ବିଶ୍ୱକପ୍ ୨୦୨୬**

# ୱାର୍ମଅପ୍ ମ୍ୟାଚ୍ କାର୍ଯ୍ୟସୂଚୀ ଘୋଷିତ

**କାର୍ଡିଫ୍‌ରେ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ୍‌କୁ ଭେଟିବ ଭାରତ**

**ଜୁନ୍ ୬ରୁ ଆରମ୍ଭ ହେବ ଅଭ୍ୟାସ ମ୍ୟାଚ୍**

**ଲଣ୍ଡନ,୧୪।୫/ଏଜେନ୍ସି:** ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ୨୦୨୬ର ୱାର୍ମଅପ୍ ମ୍ୟାଚ୍‌ର କାର୍ଯ୍ୟସୂଚୀ ଜାରୀ କରାଯାଇଛି। ମୁଖ୍ୟ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ସମସ୍ତ ୧୨ ଟିମ୍ ଜୁନ୍ ୬ରୁ ୧୦ ତାରିଖ ମଧ୍ୟରେ ଅଭ୍ୟାସ ମ୍ୟାଚ୍ ଖେଳିବେ। ଭାରତୀୟ ଟିମ୍ ନିଜର ଦୁଇଟି ୱାର୍ମଅପ୍ ମ୍ୟାଚ୍ କାର୍ଡିଫ୍‌ରେ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳିବ। ମୁଖ୍ୟ ଟୁର୍ଣ୍ଣାମେଣ୍ଟ ଜୁନ୍ ୧୨ରୁ ଏଜ୍‌ବାଷ୍ଟନ୍‌ରେ ଆରମ୍ଭ ହେବ। ଭାରତ ନିଜର ପ୍ରଥମ ଗ୍ରୁପ୍ ମ୍ୟାଚ୍ ଜୁନ୍ ୧୪ରେ ପାକିସ୍ତାନ ବିପକ୍ଷରେ ଖେଳିବ। ଭାରତୀୟ ମହିଳା ଟିମ୍ ପାଇଁ ଏହି ୱାର୍ମ-ଅପ୍ ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ ହେବ। ଭାରତ ଜୁନ୍ ୮ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ପ୍ରଥମ ଅଭ୍ୟାସ ମ୍ୟାଚ୍ ଖେଳିବ। ଏହାପରେ ଜୁନ୍ ୧୦ରେ ଟିମ୍ ଆୟୋଜକ ଇଂଲଣ୍ଡକୁ ଭେଟିବ। ଏହା ଭାରତୀୟ ଖେଳାଳିଙ୍କ ପାଇଁ ଇଂଲଣ୍ଡର ପରିସ୍ଥିତି ଏବଂ ପିଚ୍‌କୁ ବୁଝିବା ପାଇଁ ଏହା ଉନ୍ନତ ସୁଯୋଗ ହେବ। ଆଇସିସି ଅଭ୍ୟାସ ମ୍ୟାଚ୍ ପାଇଁ ଇଂଲଣ୍ଡର ଡର୍ବି, ଲଫ୍‌ବରୋ ଏବଂ କାର୍ଡିଫ୍‌କୁ ଚୟନ କରିଛି। ଜୁନ୍ ୬ରୁ ଆରମ୍ଭ ହେବାକୁ ଥିବା ୱାର୍ମ-ଅପ୍ ମ୍ୟାଚ୍‌ର ପ୍ରଥମ ଦିନ ଆଠ ଟିମ୍ ପଡ଼ିଆକୁ ଓହ୍ଲାଇବେ। ଏହା ମଧ୍ୟରେ ଗତ ଫାଇନାଲିଷ୍ଟ ଟିମ୍ ସାଉଥ୍ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ମଧ୍ୟ ସାମିଲ ଅଛନ୍ତି। ନେଦରଲାଣ୍ଡସ ଟିମ୍ ଚଳିତ ଥର ଡେବ୍ୟୁ କରିବ ଏବଂ ପ୍ରଥମ ଅଭ୍ୟାସ ମ୍ୟାଚ୍‌ରେ ସ୍କଟ୍‌ଲାଣ୍ଡ୍‌କୁ ଭେଟିବ। ୨୦୨୬ ବିଶ୍ୱକପ୍ ଇଂଲଣ୍ଡ ଓ ୱେଲ୍ସରେ ଖେଳାଯିବାକୁ ଥିବା ବେଳେ ଭାରତକୁ ଗ୍ରୁପ୍-୧ରେ ରଖାଯାଇଛି। ଏହି ଗ୍ରୁପ୍‌ରେ ପାକିସ୍ତାନ, ଅଷ୍ଟ୍ରେଲିଆ, ସାଉଥ୍ ଆଫ୍ରିକା, ବାଂଲାଦେଶ ଏବଂ ନେଦରଲାଣ୍ଡ୍‌ସ ଟିମ୍ ମଧ୍ୟ ସ୍ଥାନ ପାଇଛନ୍ତି। ଗ୍ରୁପ୍-୨ରେ ୱେଷ୍ଟଇଣ୍ଡିଜ୍, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ଆୟର୍ଲାଣ୍ଡ ଏବଂ ସ୍କଟ୍‌ଲାଣ୍ଡ ସାମିଲ ଅଛନ୍ତି। ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଏକମାସରୁ କମ୍ ସମୟ ବାକିଥିବା ବେଳେ ପାକିସ୍ତାନ, ଆୟର୍ଲାଣ୍ଡ, ଶ୍ରୀଲଙ୍କା ଏବଂ ୱେଷ୍ଟଇଣ୍ଡିଜ୍ ଏପର୍ଯ୍ୟନ୍ତ ନିଜର ଆଧିକାରିକ ସ୍କ୍ୱାଡ୍ ଘୋଷଣା କରିନାହାନ୍ତି। ଆଇସିସି ନିୟମ ଅନୁସାରେ ଟୁର୍ଣ୍ଣାମେଣ୍ଟର ଏକମାସ ପୂର୍ବରୁ ଟିମ୍ ଘୋଷଣା କରିବା ଅନିବାର୍ଯ୍ୟ ହୋଇଥାଏ। ତେବେ ବିଶେଷ ପରିସ୍ଥିତିରେ ପରେ ପରିବର୍ତ୍ତନ କରିବାର ସୁଯୋଗ ରହିଛି। ଭାରତ ନିଜର ଟିମ୍ ପୂର୍ବରୁ ଘୋଷଣା କରିସାରିଛି।

# ଇଣ୍ଡିଆ-ଏ' ଟିମ୍‌ରେ ବୈଭବ ସୂର୍ଯ୍ୟବଂଶୀ



**ମୁମ୍ବାଇ,୧୪।୫/ଏଜେନ୍ସି:** ୧୫ ବର୍ଷୀୟ ଓପ୍ନର୍ ବୈଭବ ସୂର୍ଯ୍ୟବଂଶୀଙ୍କୁ ଶ୍ରୀଲଙ୍କାରେ ଜୁନ୍‌ରେ ହେବାକୁ ଥିବା ଆଗାମୀ ତ୍ରିକୋଣୀୟ ଦିନିକିଆ ସିରିଜ୍ ପାଇଁ ଇଣ୍ଡି-ଏ' ଟିମ୍‌ରେ ସାମିଲ କରାଯାଇଛି। ତିଳକ ବର୍ମାଙ୍କୁ ଟିମ୍‌ର କ୍ୟାପ୍‌ଟେନ୍ ନିଯୁକ୍ତ କରାଯାଇଥିବା ବେଳେ ରିୟାନ୍ ପରାଗ ତାଙ୍କ ଡେପୁଟୀ ହେବେ। ଭାରତ-ଏ' ଟୁର୍ଣ୍ଣାମେଣ୍ଟରେ ଶ୍ରୀଲଙ୍କା-ଏ' ଏବଂ ଆଫଗାନିସ୍ତାନ-ଏ' ସହିତ ମ୍ୟାଚ୍ ଖେଳିବ। ପ୍ରଥମ ଥର ଗତବର୍ଷ ଆଇପିଏଲ୍ ଖେଳି ଗୁଜରାଟ ଟାଇଟନ୍ସ ବିପକ୍ଷରେ ୩୫ ବର୍ଷରେ ଶତକ ହାସଲ ସହିତ ବଡ଼ ମଞ୍ଚରେ ନିଜକୁ ସାବ୍ୟସ୍ତ କରିବାର ଗୋଟିଏ ବର୍ଷ ପରେ ୧୫ ବର୍ଷୀୟ ବୈଭବଙ୍କୁ ଏ' ଟିମ୍‌ରେ ଡାକରା ମିଳିଛି। ଚଳିତ ଆଇପିଏଲ୍‌ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଆସିଥିବା ପ୍ରିୟାଂଶ ଆର୍ଯ୍ୟ, ପ୍ରଭସିମ୍‌ରନ୍ ସିଂହ, ଅଂଶୁଲ କମ୍ବୋଜ ଏବଂ ସୂର୍ଯ୍ୟାଂଶ ଶେଗ୍‌ଡେ ମଧ୍ୟ ଇଣ୍ଡିଆ-ଏ' ଟିମ୍‌ରେ ସ୍ଥାନ ପାଇଛନ୍ତି।

ତ୍ରିକୋଣୀୟ ସିରିଜ୍ ଜୁନ୍ ୯ ତାରିଖରୁ ଆୟୋଜକ ଶ୍ରୀଲଙ୍କା ଏବଂ ଇଣ୍ଡିଆ-ଏ' ମ୍ୟାଚ୍‌ରୁ ଆରମ୍ଭ ହେବ। ଡବଲ୍ ରାଉଣ୍ଡର୍-ରବିନ୍ ଫର୍ମାଟ୍‌ରେ ଖେଳାଯିବାକୁ ଥିବା ଟୁର୍ଣ୍ଣାମେଣ୍ଟର ଶୀର୍ଷ ଦୁଇ ଟିମ୍ ଜୁନ୍ ୨୧ର ଫାଇନାଲ୍‌ରେ ପରସ୍ପରକୁ ଭେଟିବେ। ଏହି ଗସ୍ତ ଅବସରରେ ଇଣ୍ଡିଆ-ଏ ଆୟୋଜକ ଶ୍ରୀଲଙ୍କା-ଏ' ବିପକ୍ଷରେ ଦୁଇଟି ବହୁଦିବସୀୟ ମ୍ୟାଚ୍ ମଧ୍ୟ ଖେଳିବ। ଏଥିପାଇଁ ପରେ କାର୍ଯ୍ୟସୂଚୀ ଘୋଷଣା କରାଯିବ। ଦିନିକିଆ ସିରିଜ୍ ଦାମ୍ବୁଲାରେ ଏବଂ ରେଡ୍ ବଲ୍ ମ୍ୟାଚ୍ ଗାଲେରେ ଖେଳାଯିବ।

**ଇଣ୍ଡିଆ-ଏ' ଟିମ୍:** ତିଳକ ବର୍ମା (କ୍ୟାପ୍‌ଟେନ୍), ପ୍ରିୟାଂଶ ଆର୍ଯ୍ୟ, ବୈଭବ ସୂର୍ଯ୍ୟବଂଶୀ, ରିୟାନ୍ ପରାଗ (ଭାଇସ୍ କ୍ୟାପ୍‌ଟେନ୍), ଆୟୁଷ ବଡ଼ୋନୀ, ନିଶାନ୍ତ ସିନ୍ଧୁ, ହର୍ଷ ଦୁବେ, ସୂର୍ଯ୍ୟାଂଶ ଶେଗ୍‌ଡ଼େ, ପ୍ରଭସିମ୍‌ରନ୍ ସିଂହ (ଉଇକେଟ୍‌କିପର୍), କୁମାର କୁଶାଗ୍ର (ଉଇକେଟ୍‌କିପର୍), ବିପରାଜ୍ ନିଗମ୍, ୟଶ୍ ଠାକୁର, ଯୁଦ୍ଧବୀର ସିଂହ, ଅଂଶୁଲ କମ୍ବୋଜ, ଅର୍ଶଦ୍ ଖାନ୍।

# ସାଉଦୀ ଆରବରେ ଖେଳାଯିବ ଟି-୨୦ ଲିଗ୍

**୬ ଟିମ୍‌ଙ୍କୁ ନେଇ ଅକ୍ଟୋବରରେ ଆରମ୍ଭ ହେବ**

**ଯୁବରାଜ ସିଂହ ଲିଗ୍‌ର ବ୍ରାଣ୍ଡ ଆମ୍ବାସଡର୍**




**ନୂଆଦିଲ୍ଲୀ,୧୪।୫/ଏଜେନ୍ସି:** ସାଉଦୀ ଆରବ ଚଳିତ ବର୍ଷ ଅକ୍ଟୋବରରେ ନିଜର ପ୍ରଥମ ଫ୍ରାଞ୍ଚାଇଜି କ୍ରିକେଟ୍ ଲିଗ୍ ଆରମ୍ଭ କରିବାକୁ ଯାଉଛି। ଡ୍ୟୁନ୍ସ ଲିଗ୍ ଟି-୨୦ ନାମକ ଏହି ଲିଗ୍‌ରେ ୬ ଟିମ୍ ଭାଗନେବେ। ଇଏସ୍‌ପିଏନ୍ କ୍ରିକ୍‌ଇନ୍‌ଫୋ ରିପୋର୍ଟ ଅନୁସାରେ, ନିକଟରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିବା ଏବଂ ବର୍ତ୍ତମାନ ଅନ୍ୟ ଫ୍ରାଞ୍ଚାଇଜ୍ ଲିଗ୍‌ରେ ଖେଳୁଥିବା ଖେଳାଳି ଏଥିରେ ଭାଗ ନେଇପାରିବେ। ଲିଗ୍‌କୁ ସାଉଦୀ ଆରବ କ୍ରିକେଟ୍ ଫେଡେରେସନ୍ (ଏସ୍‌ଏସିଏଫ୍)ର ମଞ୍ଜୁରୀ ମିଳିସାରିଛି। ମ୍ୟାଚ୍ ଜେଦ୍ଦା ନିକଟସ୍ଥ ତାଇଫ୍ ସହରରେ ଖେଳାଯିବ। ଏହି ଲିଗ୍‌କୁ ସ୍ପୋର୍ଟ୍ସ ଏସିଆନ୍ ନେଟ୍‌ୱର୍କ ଏବଂ ଅନ୍ୟ ଦୁଇ ପ୍ରତିଭାସମ୍ପନ୍ନ ଏଜେନ୍ସି ୟୁନିକ୍ ସ୍ପୋର୍ଟ୍ସ କ୍ଲବ୍ ଓ ପ୍ରୋଲିଥିକ୍ ମିଳିତ ଭାବେ ପ୍ରସ୍ତୁତ କରିଛନ୍ତି। ୟୁନିକ୍ ସ୍ପୋର୍ଟ୍ସ ଇଂଲଣ୍ଡର ଫାଷ୍ଟ ବୋଲର୍ ଜୋଫ୍ରା ଆର୍ଚର୍‌ଙ୍କ ପରି ଖେଳାଳିଙ୍କୁ ମ୍ୟାନେଜ୍ କରିଥାଏ। ଅନ୍ୟପକ୍ଷରେ ପ୍ରୋଲିଥିକ୍ ଭାରତୀୟ ବ୍ୟାଟର୍ ଅଭିଷେକ ଶର୍ମାଙ୍କ ସହିତ କାମ କରୁଛି। ପୂର୍ବତନ ଭାରତୀୟ ଅଲ୍‌ରାଉଣ୍ଡର୍ ଯୁବରାଜ ସିଂହଙ୍କୁ ଲିଗ୍‌ର ଆମ୍ବାସଡର୍ ନିଯୁକ୍ତ କରାଯାଇଛି। ଏସ୍‌ଏସିଏଫ୍ ଗତବର୍ଷ ଏହି ଲିଗ୍‌ର ଆରମ୍ଭ ଯୋଜନା ଘୋଷଣା କରିଥିଲା। ବୋର୍ଡର କହିବା ଅନୁସାରେ ସାଉଦୀ ଆରବକୁ ଗ୍ଲୋବାଲ୍ ମ୍ୟାପ୍‌ରେ ସ୍ଥାନୀତ କରିବା ସହିତ ସ୍ଥାନୀୟ ଖେଳାଳିଙ୍କୁ ଆଗକୁ ବଢ଼ାଇବା ଏହାର ଉଦ୍ଦେଶ୍ୟ। ରିପୋର୍ଟ ଅନୁସାରେ ଗତ ଦୁଇବର୍ଷରେ କୌଣସି ପୂର୍ଣ୍ଣ ସଦସ୍ୟ ଦେଶ ପାଇଁ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିଥିବା ସର୍ବାଧିକ ଚାରିଜଣ ଖେଳାଳି ଲିଗ୍‌ରେ ଖେଳିପାରିବେ। ଫଳରେ ଆଇସିସିର ଅଲଗା ମଞ୍ଜୁରୀ ଆବଶ୍ୟକ ନଥିବା ସୀମା ମଧ୍ୟରେ ଲିଗ୍ ରହିବ। ସେହିପରି ଖେଳାଳିଙ୍କ ସର୍ବାଧିକ ସାଲାରୀ ପ୍ରାୟ ଏକ ଲକ୍ଷ ଡଲାର ପର୍ଯ୍ୟନ୍ତ ହେବ।

# ଥାଇଲାଣ୍ଡ ଓପନ୍ କ୍ୱାର୍ଟର୍‌ରେ ସିନ୍ଧୁ, ଲକ୍ଷ୍ୟ

## ଶ୍ରୀକାନ୍ତ ବାଦ୍, ଅନ୍ତିମ ୮ରେ ସାତ୍ତ୍ୱିକ୍-ଚିରାଗ





**ବ୍ୟାଙ୍କକ୍,୧୪।୫/ଏଜେନ୍ସି:** ଭାରତୀୟ ଶଟ୍‌ଲର୍ ପିଭି ସିନ୍ଧୁ ଏବଂ ଲକ୍ଷ୍ୟ ସେନ୍ ଗୁରୁବାର ସିଧା ଗେମ୍‌ରେ ଜିତି ଏଠାରେ ଚାଲିଥିବା ପାଞ୍ଚ ଲକ୍ଷ ଡଲାର ପୁରସ୍କାର ରାଶି ବିଶିଷ୍ଟ ଥାଇଲାଣ୍ଡ ଓପନ୍ ସୁପର୍ ୫୦୦ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଭାରତର ଶୀର୍ଷ ପୁରଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକ୍‌ସାଇରାଜ ରାଙ୍କୀରେଡ୍ଡୀ ଏବଂ ଚିରାଗ ସେଟୀ ମଧ୍ୟ ଅନ୍ତିମ ୮ରେ ସ୍ଥାନ ପକ୍କା କରିଛନ୍ତି। ତେବେ ପୂର୍ବତନ ବିଶ୍ୱ ନମ୍ବର-୧ କିଦାମ୍ବୀ ଶ୍ରୀକାନ୍ତ ଦ୍ୱିତୀୟ ରାଉଣ୍ଡରେ ହାରି ବାଦ୍ ପଡ଼ିଛନ୍ତି।

ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ଏବଂ ୬ଷ୍ଠ ସିଡ୍ ସିନ୍ଧୁ ମହିଳା ସିଙ୍ଗଲ୍ସର ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ୨୮ ମିନିଟ୍ ମଧ୍ୟରେ ଡେନ୍‌ମାର୍କର ଅମିଲୀ ଶୁଲ୍‌ଜଙ୍କୁ ୨୧-୧୩, ୨୧-୧୫ରେ ହରାଇ ଦେଇଛନ୍ତି। ସିନ୍ଧୁ କ୍ୱାର୍ଟର୍ ଫାଇନାଲ୍‌ରେ ଶୀର୍ଷ ସିଡ୍ ଜାପାନର ଅକାନେ ୟାମାଗୁଚିଙ୍କୁ ଭେଟିବେ। ସେହିପରି ସପ୍ତମ ସିଡ୍ ଲକ୍ଷ୍ୟ ସେନ୍ ପୁରୁଷ ସିଙ୍ଗଲ୍ସରେ ଚୀନ୍‌ର ଝୁ ଶୁଆନ୍ ଚେନ୍‌ଙ୍କୁ ୨୧-୧୨, ୨୧-୧୩ରେ ହରାଇ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ପରବର୍ତ୍ତୀ ମ୍ୟାଚ୍‌ରେ ଲକ୍ଷ୍ୟ ଥାଇଲାଣ୍ଡର ଦ୍ୱିତୀୟ ସିଡ୍ କୁନ୍‌ଲାଭୁତ୍ ଭିତିଦ୍‌ସର୍ନ ଏବଂ ଚୀନା ତାଇପେଇର ଲି ଚିଆ ହାଓଙ୍କ ମ୍ୟାଚ୍‌ର ବିଜେତାଙ୍କୁ ଭେଟିବେ। ପୂର୍ବତନ ବିଶ୍ୱ ନମ୍ବର-୧ ଶ୍ରୀକାନ୍ତ କଡ଼ା ସଂଘର୍ଷ କରି ଚୀନା ତାଇପେଇର ସୁ ଲୀ ୟାଙ୍ଗଙ୍କ ଠାରୁ ୧୬-୨୧, ୨୧-୧୧, ୧୮-୨୧ରେ ହାରି ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଚଳିତ ବର୍ଷ ଥାଇଲାଣ୍ଡ ମାଷ୍ଟର୍ସ ସୁପର୍ ୩୦୦ ଟାଇଟଲ୍ ଜିତିଥିବା ଦେବିକା ସିହାଗ୍ ମଧ୍ୟ ଥାଇଲାଣ୍ଡର ପିଚାମୋନ ଓପାଟ୍ନିପୁତ୍‌ଙ୍କ ଠୁ ୨୩-୨୧, ୨୧-୧୧ରେ ହାରିଯାଇଛନ୍ତି।

ଭାରତର ଷ୍ଟାର୍ ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକ୍‌ସାଇରାଜ ରାଙ୍କୀରେଡ୍ଡୀ ଓ ଚରାଗ ସେଟ୍ଟୀ ମାଲେସିଆର ବ୍ରାୟନ୍ ଜେରେମି ଗୁଣ୍ଟିଙ୍ଗ୍ ଏବଂ ମହମ୍ମ ହେକାଲ୍‌ଙ୍କୁ ୨୧-୧୨, ୨୧-୧୯ରେ ହରାଇ ଅନ୍ତିମ ଆଠରେ ସ୍ଥାନ ହାସଲ କରିଛନ୍ତି। ଭାରତୀୟ ଯୋଡ଼ି କ୍ୱାର୍ଟର୍ ଫାଇନାଲ୍‌ରେ ଜାପାନର ତାକୁମୀ ନୋମୁରା ଓ ୟୁଇଚୀ ଶିମୋଗାମୀଙ୍କ ଯୋଡ଼ିକୁ ଭେଟିବ। ସାତ୍ତ୍ୱିକ୍-ଚିରାଗ ଏହି ଟୁର୍ଣ୍ଣାମେଣ୍ଟ ଟପ୍-ସିଡ୍ ଖେଳାଳି ହୋଇଥିବା ବେଳେ ପୂର୍ବରୁ ୨୦୧୯ ଏବଂ ୨୦୨୪ରେ ଟାଇଟଲ୍ ଜିତିଥିଲେ।

# ଫ୍ରେଡ୍‌ରିକ୍ ସୋୟେଜ୍ ଜୁନିୟର୍ ପୁରୁଷ ହକି ଟିମ୍ ମୁଖ୍ୟ କୋଚ୍

## ପୂର୍ବତନ ଭାରତୀୟ ଗୋଲ୍‌କିପର୍ ଶ୍ରୀଜେଶ୍‌ଙ୍କ ସ୍ଥାନ ନେବେ



**ନୂଆଦିଲ୍ଲୀ,୧୪।୫/ଏଜେନ୍ସି:** ହକି ଇଣ୍ଡିଆ ଗୁରୁବାର ଫ୍ରାନ୍ସର ଫ୍ରେଡ୍‌ରିକ୍ ସୋୟଜ୍‌ଙ୍କୁ ଜାତୀୟ ଜୁନିୟର୍ ପୁରୁଷ ହକି ଟିମ୍‌ର ନୂଆ ମୁଖ୍ୟ କୋଚ୍ ନିଯୁକ୍ତ କରିଛି। ସୋୟେଜ୍ ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ପିଆର୍ ଶ୍ରୀଜେଶ୍‌ଙ୍କ ସ୍ଥାନ ନେବେ। ପୂର୍ବତନ ଷ୍ଟାର୍ ଗୋଲ୍‌କିପର୍ ଶ୍ରୀଜେଶ୍‌ଙ୍କ ଚୁକ୍ତି ଗତର୍ଷ ଚେନ୍ନାଇ ଏବଂ ମଦୁରାଇରେ ଏଫ୍‌ଆଇଏଚ୍ ଜୁନିୟର୍ ବିଶ୍ୱକପ୍‌ରେ ବ୍ରୋଞ୍ଜ୍ ପଦକ ଜିତିବା ପରେ ଶେଷ ହୋଇଯାଇଥିଲା। ଏହାପରେ ହକି ଇଣ୍ଡିଆ ତାଙ୍କ ଚୁକ୍ତି ନବୀକରଣ କରିନାହିଁ। ୟୁରୋପୀୟ ହକିର ଅନ୍ୟତମ ଉନ୍ନତ କୋଚ୍ ସୋୟେଜ୍‌ଙ୍କ ପାଖରେ ଶୀର୍ଷ ସ୍ତରରେ ୧୫ ବର୍ଷର କୋଚିଂ ଅନୁଭବ ରହିଛି। ସେ ୧୯୯୫ରୁ ୨୦୧୦ ପର୍ଯ୍ୟନ୍ତ ଫ୍ରାନ୍ସ ପାଇଁ ୧୯୬ ଅନ୍ତର୍ଜାତୟ ମ୍ୟାଚ୍ ଖେଳି ୧୯୫ ଗୋଲ୍ କରିଥିଲେ। ଏହାପରେ ଫ୍ରାନ୍ସ ଏବଂ ସ୍ପେନ୍‌ର କୋଚ୍ ଥିଲେ। ତାଙ୍କ କୋଚିଂରେ ସ୍ପେନ୍ ରିଓ ଅଲିମ୍ପିକ୍‌ରେ ପଞ୍ଚମ ସ୍ଥାନରେ ରହିଥିଲା। ସେହିପରି ଟୋକିଓ ଅଲିମ୍ପିକ୍‌ରେ ମଧ୍ୟ ସ୍ପେନ୍‌ର କୋଚ୍ ଏବଂ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍‌ରେ ଫ୍ରାନ୍ସର ମୁଖ୍ୟ କୋଚ୍ ଥିଲେ। ସ୍ପେନ୍‌ର କୋଚ୍ ଥିବାବେଳେ ସେ ଟିମ୍‌କୁ ୨୦୧୯ ୟୁରୋପୀୟ ଚାମ୍ପିଅନ୍‌ଶିପ୍‌ରେ ରୌପ୍ୟ ପଦକ ଜିତାଇଥିଲେ। ସୋୟଜ୍‌ଙ୍କ କୋଚିଂରେ ଫ୍ରାନ୍ସର ଅଣ୍ଡର-୧୮ ଟିମ୍ ୨୦୨୫ ୟୁରୋପୀୟ ଚାମ୍ପିଅନ୍‌ରେ ରୌପ୍ୟ ପଦକ ଜିତିଥିଲା। ଏହା ବ୍ୟତୀତ ସେ ୨୦୨୧ରୁ ୨୦୨୪ ପର୍ଯ୍ୟନ୍ତ ଫ୍ରାନ୍ସ ହକି ମହାସଂଘର ହାଇ ପରଫର୍ମାନ୍ସ ନିର୍ଦ୍ଦେଶକ ମଧ୍ୟ ଥିଲେ। ସେ ତିନି ଅଲିମ୍ପିକ୍ (୨୦୧୬, ୨୦୨୦, ୨୦୨୪) ବ୍ୟତୀତ ଦୁଇଟି ବିଶ୍ୱକପ୍ (୨୦୧୮, ୨୦୨୩)ରେ କୋଚ୍ ଭୂମିକା ତୁଲାଇଥିଲେ। ଏହା ବ୍ୟତୀତ ଛଅ ୟୁରୋପୀୟ ଚାମ୍ପିଅନ୍‌ରେ ମଧ୍ୟ କୋଚ୍ ଭୂମିକାରେ ରହିଥିଲେ। ହାଇ ପରଫର୍ମାନ୍ସ ସିଷ୍ଟମ୍, ଖେଳାଳିଙ୍କ ବିକାଶ ଏବଂ ପେନାଲ୍ଟି କର୍ଣ୍ଣର୍ ରଣନୀତି ପାଇଁ ପ୍ରସିଦ୍ଧ ସୋୟେଜ୍ ଲଗାତାର ଏପରି ଟିମ୍ ପ୍ରସ୍ତୁତ କରିଆସିଛନ୍ତି, ଯେଉଁଥିରେ ସମସ୍ତ ସ୍ତରରେ ସୁଦୃଢ଼ ରଣନୈତିକ ସଂରଚନା ଏବଂ ପ୍ରତିଦ୍ୱନ୍ଦ୍ୱିତାମୂଳକ ନିରନ୍ତରତା ଦେଖିବାକୁ ମିଳିଛି। ତାଙ୍କ ନିଯୁକ୍ତିର ସ୍ୱାଗତ କରି ହକି ଇଣ୍ଡିଆ ସଭାପତି ଦିଲୀପ୍ ତିର୍କୀ କହିଛନ୍ତି, ଆମେ ହକି ଇଣ୍ଡିଆ ପରିବାରରେ ସୋୟେଜ୍‌ଙ୍କ ସ୍ୱାଗତ କରୁଛୁ। ଆମେ ୨୦୨୩୬ ଅଲିମ୍ପିକ୍‌ର ଦୀର୍ଘକାଳୀନ ଭିଜନ୍ ନେଇ ଚାଲୁଥିବାରୁ ତାଙ୍କ ପାଖରେ ଥିବା ଚମତ୍କାର ଅନ୍ତର୍ଜାତୀୟ ଅନୁଭବ ତଥା କୌଶଳ ଭାରତୀୟ ହକିକୁ ଲାଭାନ୍ୱିତ କରିବ। ତେବେ ବିଦେଶୀ କୋଚ୍ ନିଯୁକ୍ତିକୁ ନେଇ ପିଆର୍ ଶ୍ରୀଜେଶ୍ ପ୍ରଶ୍ନ ଉଠାଇଛନ୍ତି। ବୁଧବାର ସୋସିଆଲ୍ ମିଡିଆ ପୋଷ୍ଟରେ ସେ ନିଜର ନୈରାଶ୍ୟ ବ୍ୟକ୍ତ କରିଛନ୍ତି। ଏଥିରେ ସେ କହିଛନ୍ତି, ତାଙ୍କ କାର୍ଯ୍ୟକାଳରେ ଟିମ୍ ପାଞ୍ଚ ଟୁର୍ଣ୍ଣାମେଣ୍ଟରେ ପାଞ୍ଚ ପଦକ ଜିତିବା ସତ୍ତ୍ୱେ ତାଙ୍କ ଚୁକ୍ତି ବୃଦ୍ଧି କରାଯାଇ ନାହିଁ। ଅନ୍ୟପକ୍ଷରେ ହକି ଇଣ୍ଡିଆ ତର୍କ ଦେଇଛି ଯେ ଏହି ନିଷ୍ପତ୍ତି ୨୦୨୬ ଅଲିମ୍ପିକ୍ ଆୟୋଜନ ନେଇ ଭାରତର ମହତ୍ତ୍ୱାକାଂକ୍ଷା ଅନୁରୂପ ଏକ ଦୃଢ଼ ଏବଂ ଉଚ୍ଚସ୍ତରୀୟ ପ୍ରଦର୍ଶନକାରୀ ଇକୋସିଷ୍ଟମ୍ ପ୍ରସ୍ତୁତ କରିବାର ଦୀର୍ଘକାଳୀନ ଦୃଷ୍ଟିକୋଣକୁ ଦୃଷ୍ଟିରେ ରଖି ନିଆଯାଇଥିଲା।

ନିତିଦିନ NITIDIN

NEW AGE MEDIA & PUBLICATIONS PVT. LTD.
Shed No.- TS-2/210/A, Zone-B, Sector-A, Mancheswar Industrial Estate,
Bhubaneswar-751010, Khordha, Odisha

Invite application for the following posts:

| Name of the post | Location | Experience |
|---|---|---|
| Manager-HR | Bhubaneswar | Having more than 7 years experience in HR work |
| Layout Designer | Bhubaneswar | Minimum 2-3 years in Layout designing (Print media experience will given preference) |

Interested candidates may submit their Resume/CV through e-mail at hr@nitidin.com or Contact : 7681055980

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra